ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ଜୁଲାଇ ୧/୨୦୨୪ (୧୪ ପୃଷ୍ଠା) Bhubaneswar, Monday, July 1/2024 Page 14 ₹ 7.00 | SAMBALPUR
୫୦ଶ ଭାଗ ୨୧୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 217 ମୂଲ୍ୟ ₹୭/-


# ଆଜିଠୁ ୩ ନୂଆ ଆଇନ

**ନୂଆଦିଲ୍ଲୀ,୩୦।୬**

ସାରା ଦେଶରେ ୩ଟି ନୂଆ ଆପରାଧିକ ଆଇନ ସୋମବାରଠାରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହା ବ୍ରିଟିଶ ଅମଳର ଆଇନର ଅନ୍ତ ଘଟାଇବା ସହ ଭାରତର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିବ। ବ୍ରିଟିଶ ଅମଳରୁ ଚାଲିଆସିଥିବା ଭାରତୀୟ ଦଣ୍ଡ ସଂହିତା(ଆଇପିସି), ଫୌଜଦାରି ଅପରାଧ ସଂହିତା (ସିଆର୍‌ପିସି) ଏବଂ ଭାରତୀୟ ସାକ୍ଷ୍ୟ ଆଇନ ସ୍ଥାନରେ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହେବ। ନୂଆ ଆଇନ ଏକ ଆଧୁନିକ ନ୍ୟାୟିକ ବ୍ୟବସ୍ଥା ଆଣିବ, ଯେଉଁଥିରେ ଜିରୋ ଏଫ୍‌ଆଇଆର୍ ଅର୍ଥାତ୍ ଯେକୌଣସି ଥାନାରେ ଏତଲା ଦାଏର କରାଯାଇପାରିବ। ଏପରିକି ଅନ୍‌ଲାଇନରେ ପୋଲିସରେ ଅଭିଯୋଗ ଦାଏର କରାଯିବା ସହ ଏସ୍‌ଏମ୍‌ଏସ୍ ଭଳି ଅନ୍‌ଲାଇନ ମୋଡ୍‌ରେ ସମନ ଜାରି କରାଯିବ। ସମସ୍ତ ଜଘନ୍ୟ ଅପରାଧ କ୍ରାଇମ୍ ସିନ୍‌ର ଭିଡିଓଗ୍ରାଫିକୁ ବାଧ୍ୟତାମୂଳକ କରାଯିବ। ବର୍ତ୍ତମାନର ସମାଜରେ ପ୍ରଚଳିତ ଥିବା କେତେକ ସାମାଜିକ ବାସ୍ତବତା ଏବଂ ଅପରାଧକୁ ରୋକିବାରେ ଏହା ସହାୟକ ହେବା ସହ ନ୍ୟାୟପାଳିକାକୁ ପ୍ରଭାବୀ କରିବାରେ ଉପଯୁକ୍ତ ବ୍ୟବସ୍ଥା ଯୋଗାଇଦେବ। ଗତବର୍ଷ ଡିସେମ୍ବର ୨୧ରେ ୩ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ☞ପୃଷ୍ଠା-୪




### ପ୍ରମୁଖ ପରିବର୍ତ୍ତନ

- ଅପରାଧ ତାଲିକାରୁ ରାଜଦ୍ରୋହ ହଟିଲା
- ପୃଥକୀକରଣ, ବିଚ୍ଛିନ୍ନତାବାଦ, ବିଦ୍ରୋହ, ଭାରତର ସାର୍ବଭୌମତ୍ୱ, ଏକତା ଏବଂ ସଂହତି ଉପରେ ଆକ୍ରମଣ ମାମଲାରେ ସ୍ୱତନ୍ତ୍ର ଦଣ୍ଡବ୍ୟବସ୍ଥା
- ନାବାଳିକାଙ୍କୁ ଗଣବଳାତ୍କାର, ଭିଡ଼ ହିଂସା ପାଇଁ ମୃତ୍ୟୁଦଣ୍ଡ
- ପ୍ରଥମ ଥର ପାଇଁ କମ୍ୟୁନିଟି ସେବା ଏକ ଦଣ୍ଡ ଭାବେ ସ୍ଥାନିତ
- ଶୁଣାଣି ଶେଷ ହେବାର ୩୦ ଦିନ ମଧ୍ୟରେ ତଦନ୍ତ, ବିଚାର ଓ ରାୟ
- ବଳାତ୍କାର ପୀଡ଼ିତାଙ୍କ ବୟାନର ଭିଡିଓ ରେକର୍ଡିଂ ବାଧ୍ୟତାମୂଳକ
- ସମ୍ପତ୍ତି ବାଜ୍ୟାପ୍ତ ଏବଂ ଅପରାଧ ପ୍ରୋସଡ୍ୟୁର ନୂଆ ବ୍ୟବସ୍ଥା
- କାଗଜପତ୍ରରେ ରେକର୍ଡ ଭଳି ଇଲେକ୍ଟ୍ରୋନିକ୍ ବା ଡିଜିଟାଲ ରେକର୍ଡର ସମାନ ଆଇନଗତ ପ୍ରଭାବ, ବୈଧତା ଏବଂ ପ୍ରବର୍ତ୍ତନୀୟତା ରହିବ

## ମୁଖ୍ୟ ଶାସନ ସଚିବ ଦାୟିତ୍ୱ ନେଲେ ମନୋଜ ଆହୁଜା



**ଭୁବନେଶ୍ୱର, ୩୦।୬(ଅସମାପିକା ସାହୁ)**

ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବେ ବରିଷ୍ଠ ଆଇଏଏସ୍ ଅଧିକାରୀ ମନୋଜ ଆହୁଜା ରବିବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଧ୍ୟ ସରକାରୀ କାର୍ଯ୍ୟରୁ ଅବସର ନେଇଛନ୍ତି। ଲୋକସେବା ଭବନସ୍ଥିତ ☞ପୃଷ୍ଠା-୪

## ଭାରତୀୟ ଦଳକୁ ୧୨୫ କୋଟି

**ନୂଆଦିଲ୍ଲୀ,୩୦।୬(ପି.ଟି.)**

ଟି୨୦ ବିଶ୍ୱକପରେ ଚାମ୍ପିୟନ ଭାରତୀୟ କ୍ରିକେଟ ଦଳ ପାଇଁ ୧୨୫ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛି ବିସିସିଆଇ। ବ୍ରିଜଟାଉନ୍‌ର କେନ୍‌ସିଂଟନ ଓଭାଲ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକାକୁ ୭ ରନରେ ହରାଇ ଭାରତ ଦ୍ୱିତୀୟ ଥର ପାଇଁ ଟି୨୦ ବିଶ୍ୱକପ ବିଜୟୀ ହୋଇଥିଲା। ରବିବାର ବିସିସିଆଇ ସମ୍ପାଦକ ଜୟ ଶାହା ଏହି ଘୋଷଣା କରିଛନ୍ତି। ଭାରତ ଦୀର୍ଘ ୧୧ ବର୍ଷ ପ୍ରତୀକ୍ଷା ପରେ ଏକ ଆଇସିସି ଟ୍ରଫି ହାତେଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଭୋଟ ହେଉଛି ଗଙ୍ଗା ସ୍ନାନ

# ରତ୍ନଭଣ୍ଡାର ଖୁବ୍‌ଶୀଘ୍ର ଖୋଲିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୬(ଅସମାପିକା ସାହୁ)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବ ଏବଂ ଗଣତି ହେବ। ଯଦି କିଛି ଗଡ଼ବଡ଼ ହୋଇଥାଏ, ଦୋଷୀକୁ ଦଣ୍ଡ ବିଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ରବିବାର ଭାଜପାର ନୂତନ ବିଧାୟକ ଓ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଆମର କାର୍ଯ୍ୟ ଖସଡ଼ା ହେଉଛି ଆମ ସଂକଳ୍ପ ପତ୍ର। ଏବେ ଶ୍ରୀମନ୍ଦିରର ୪ ଦୁଆର ଖୋଲିଛି। ୫୦୦ କୋଟିର କର୍ପସ ଫଣ୍ଡ୍ ମହାପ୍ରଭୁଙ୍କ ପାଇଁ ସମର୍ପିତ ହୋଇସାରିଛି। ଆଗକୁ ରତ୍ନଭଣ୍ଡାର ଖୋଲାଯାଇ ଗଣତି ହେବ। ମହାପ୍ରଭୁଙ୍କ ରତ୍ନରେ ଯଦି ଟିକିଏ ଗଡ଼ବଡ଼ ଥାଏ, ତା'ହେଲେ ଦୋଷୀଙ୍କୁ ଖୋଜି ଦଣ୍ଡ ଦିଆଯିବ। ଗତ ଶାସନରେ ଓଡ଼ିଶାର ☞ପୃଷ୍ଠା-୪


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ







# ବାଇଡେନ୍ ଓହରିଲେ କିଏ ହେବେ



ଆମେରିକା ପ୍ରେସିଡେନ୍ସିଆଲ ଡିବେଟ୍‌ରେ ଗୁରୁବାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦୁର୍ବଳ ପ୍ରଦର୍ଶନ ଡେମୋକ୍ରାଟ୍ସଙ୍କ ମଧ୍ୟରେ ପରାଜୟର ଭୟ ସୃଷ୍ଟି କରିଛି। ୨୦୨୪ ନଭେମ୍ବରରେ ହେବାକୁ ଥିବା ନିର୍ବାଚନରେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପଙ୍କୁ ଟକ୍କର ଦେବା ପାଇଁ ୮୧ ବର୍ଷୀୟ ବାଇଡେନ୍ ସକ୍ଷମ ନୁହନ୍ତି ବୋଲି ଶାସକ ଡେମୋକ୍ରାଟିକ୍ ପାର୍ଟି ଏକପ୍ରକାର ଧରିନେଇଛି। ତେଣୁ ବାଇଡେନ୍‌ଙ୍କ ବଦଳରେ ଜଣେ ନୂଆ ନେତାଙ୍କୁ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ କରାଯାଇପାରେ। ଏହି ଦୌଡ଼ରେ ଉପରାଷ୍ଟ୍ରପତି କମଲା ହାରିସ୍ ସବା ଆଗରେ ରହିଛନ୍ତି। ଏଯାଏ ବାଇଡେନ୍‌ଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଆସିଥିବା କାଲିଫର୍ନିଆର ଗାଭିନ୍ ନ୍ୟୁସୋମ୍ ଏବଂ ମିଶିଗାନ୍‌ର ଗ୍ରେଟ୍‌ଚେନ୍ ହ୍ୱିଟ୍‌ମେରଙ୍କ ଭଳି କେତେଜଣ ଡେମୋକ୍ରାଟିକ୍ ଗଭର୍ନର ମଧ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ସାମିଲ ହୋଇଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି। ଏହି ତାଲିକାରେ ଥିବା ଶାସକ ଦଳର ଏହି ତାଲିକାରେ ଥିବା ଅନ୍ୟମାନେ ହେଲେ ପାରମ୍ପରିକ ରିପବ୍ଲିକାନ୍ ଷ୍ଟେଟ୍‌ଗୁଡ଼ିକର ଆଣ୍ଡି ବେଶିଅର(କେଣ୍ଟୁକି) ଏବଂ ରୋୟ୍ କୁପେର (ନର୍ଥ କ୍ୟାରୋଲିନା)ଙ୍କ ଭଳି ଡେମୋକ୍ରାଟିକ୍ ଗଭର୍ନର, ପରିବହନ ସଚିବ ପେଟେ ବୁଟ୍ଟିଗିଏଗ୍, ବାଣିଜ୍ୟ ସଚିବ ଜିନା ଓ ଅହିଓ ସିନେଟର ଶେରୋଡ୍ ବ୍ରାଉନ୍।

## ରାଷ୍ଟ୍ରପତିଙ୍କ ଉପରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଚାପ

### କମଲା ହାରିସ୍, ଉପରାଷ୍ଟ୍ରପତି



ବାଇଡେନ୍ ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରୁ ଓହରିଲେ ଡେମୋକ୍ରାଟିକ୍ ପାର୍ଟିରୁ କମଲା ହାରିସ୍‌ଙ୍କୁ ପ୍ରାର୍ଥୀ କରାଯାଇପାରେ। କିନ୍ତୁ ୫୯ ବର୍ଷୀୟା ଭାଇସ୍ ପ୍ରେସିଡେଣ୍ଟ ବାଇଡେନ୍‌ଙ୍କ ଭଳି ଲୋକପ୍ରିୟ ନୁହନ୍ତି। ଟ୍ରମ୍ପଙ୍କ ବିରୋଧରେ ଲଢ଼ି ନିର୍ବାଚନ ଜିତିବା ତାଙ୍କ ପକ୍ଷେ ସହଜ ହୋଇ ନ ପାରେ ବୋଲି ଡେମୋକ୍ରାଟ୍ସ ସନ୍ଦେହ କରୁଛନ୍ତି। କ୍ୟାରୋଲିନାର ପୂର୍ବତନ ଆର୍ଟର୍ନି ଜେନେରାଲ ହାରିସ୍ ୨୦୨୦ରେ ଆମେରିକାର ପ୍ରଥମ ମହିଳା ଉପରାଷ୍ଟ୍ରପତି ହୋଇଥିଲେ। ଏହି ପଦ ଅଳଙ୍କୃତ କରିବାରେ ସେ ହେଉଛନ୍ତି ପ୍ରଥମ ଦକ୍ଷିଣ ଭାରତୀୟ ବଂଶୋଦ୍ଭବ। ସିନେଟ୍‌କୁ ନିର୍ବାଚିତ ହେବାରେ ମଧ୍ୟ ସେ ଦ୍ୱିତୀୟ କୃଷ୍ଣକାୟ ମହିଳା। କିନ୍ତୁ ବାଇଡେନ୍‌ଙ୍କ ପ୍ରଶାସନ ଆରମ୍ଭରେ ସେ କେତେକ ଭୁଲ୍ ପଦକ୍ଷେପ ନେଇଥିବାରୁ ତାଙ୍କ ରେଟିଂ ଦୁର୍ବଳ ରହିଛି। ଫାଇଭ୍ ଥାର୍ଟି ଏଇଟ୍‌ର ସଦ୍ୟ ସର୍ଭେରେ ହାରିସ୍‌ଙ୍କ ସପକ୍ଷରେ ୩୯%ରୁ ସାମାନ୍ୟ ଅଧିକ ଭୋଟର ରହିଥିବାବେଳେ ପ୍ରାୟ ୫୦% ତାଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତେବେ ବାଇଡେନ୍‌ଙ୍କ ତୁଳନାରେ ହାରିସ୍‌ଙ୍କ ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିଛି। ଆଟ୍‌ଲାଣ୍ଟାରେ ଅନୁଷ୍ଠିତ ପ୍ରଥମ ପ୍ରେସିଡେନ୍ସିଆଲ ଡିବେଟ୍ ବେଳେ ବାଇଡେନ୍‌ଙ୍କ ସହ ଉପସ୍ଥିତ ଥିବା ହାରିସ୍ ତାଙ୍କୁ ହଟାଇବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ସିଏନ୍‌ଏନ୍‌କୁ କହିଥିଲେ ରାଷ୍ଟ୍ରପତି 'ଦୁର୍ବଳ ଆରମ୍ଭ' କରିଥିଲେ ମଧ୍ୟ ବିତର୍କର ସମାପନ ବେଳେ ଦୃଢ଼ତା ଦେଖାଇଥିଲେ।

### ଗାଭିନ୍ ନ୍ୟୁସୋମ୍, କାରୋଲିନା ଗଭର୍ନର



ଡେମୋକ୍ରାଟ୍‌ମାନେ ଗୁରୁବାର ରାତିରେ ବାଇଡେନ୍‌ଙ୍କ ରାଷ୍ଟ୍ରପତି ପ୍ରାର୍ଥିତ୍ୱକୁ ନେଇ ଚିନ୍ତିତ ହୋଇପଡ଼ିଥିବାବେଳେ ସେଠାରେ ଉପସ୍ଥିତ କାରୋଲିନା ଗଭର୍ନର ନ୍ୟୁସୋମ୍ ରାଷ୍ଟ୍ରପତିଙ୍କ ପାଇଁ ଦୃଢ଼ ଭାବେ ଓକିଲାତି କରିଥିଲେ। ନ୍ୟୁସୋମ୍‌ଙ୍କ ଜାତୀୟ ଉପସ୍ଥିତି ଯୋଗୁ ଅନେକ ଡେମୋକ୍ରାଟ୍ ତାଙ୍କୁ ୨୦୨୮ ରାଷ୍ଟ୍ରପତି ନିର୍ବାଚନ ପାଇଁ ଉପଯୁକ୍ତ ପ୍ରାର୍ଥୀ ବିବେଚନା କରନ୍ତି। ଗତବର୍ଷ ବାଇଡେନ୍‌ଙ୍କ ବୟସକୁ ନେଇ କଥା ଉଠିବା ପରେ ନ୍ୟୁସୋମ୍ ପ୍ରାର୍ଥୀ ହେବା ପାଇଁ ଏକ ଛାୟା କ୍ୟାମ୍ପେନ୍ ଚଳାଇଥିବା ନେଇ ରିପବ୍ଲିକାନ୍‌ମାନେ ସମାଲୋଚନା କରିଥିଲେ। ସାନ୍ ଫ୍ରାନ୍‌ସିସ୍କୋର ୫୬ ବର୍ଷୀୟ ପୂର୍ବତନ ମେୟର ବନ୍ଧୁକ ନିୟନ୍ତ୍ରଣ, ଏଲ୍‌ଜିବିଟି+, ଗର୍ଭପାତ ଅଧିକାର ଆଦି ପ୍ରସଙ୍ଗରେ ଖୋଲାଖୋଲି ସମର୍ଥନ କରି ଚର୍ଚ୍ଚାରେ ରହିଆସିଛନ୍ତି।

### ଜୋଶ୍ ଶାପିରୋ, ପେନ୍‌ସିଲଭାନିଆ ଗଭର୍ନର



୨୦୦୦ ଦଶକରୁ ରାଜନୀତିରେ ସକ୍ରିୟ ଥିବା ପେନ୍‌ସିଲଭାନିଆ ଗଭର୍ନର ଜୋଶ୍ ଶାପିରୋ ୨୦୨୦ରେ ସର୍ବାଧିକ ଭୋଟ ପାଇ ପୁନଃ ନିର୍ବାଚିତ ହୋଇଥିଲେ। ପରିବେଶ ସୁରକ୍ଷା ଓ ଇସ୍ରାଏଲକୁ ସମର୍ଥନକୁ ନେଇ ସେ ବେଶ୍ ଜଣାଶୁଣା। ଫ୍ରାଙ୍କ୍‌ଲିନ୍ ଆଣ୍ଡ୍ ମାର୍ଶାଲ କଲେଜ ପକ୍ଷରୁ ଗତ ଏପ୍ରିଲରେ କରାଯାଇଥିବା ସର୍ଭେରେ ତାଙ୍କୁ ୫୪% ସମର୍ଥନ ମିଳିଥିଲା। ଏପରି କି ୨୯% ରିପବ୍ଲିକାନ୍ ମଧ୍ୟ ଜୋଶ୍‌ଙ୍କ ପ୍ରାର୍ଥିତ୍ୱକୁ ଅନୁମୋଦନ କରିଥିବା ଏହି ସଂସ୍ଥା ପକ୍ଷରୁ କୁହାଯାଇଛି।

### ଗ୍ରେଟ୍‌ଚେନ୍ ହ୍ୱିଟ୍‌ମେର, ମିଶିଗାନ୍ ଗଭର୍ନର



ମିଶିଗାନ୍ ଗଭର୍ନର ଗ୍ରେଟ୍‌ଚେନ୍‌ଙ୍କୁ ବାଇଡେନ୍‌ଙ୍କ ଜଣେ ସମ୍ଭାବ୍ୟ ଉତ୍ତରାଧିକାରୀ ଭାବେ ବିବେଚନା କରାଯାଏ। କୋଭିଡ୍-୧୯ ମହାମାରୀ ବେଳେ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁକାବିଲା ବିଫଳତା ଯୋଗୁ ହ୍ୱାଇଟ୍ ହାଉସ୍ ସହ ମୁହାଁମୁହିଁ ହୋଇ ଚର୍ଚ୍ଚାକୁ ଆସିଥିଲେ ହ୍ୱିଟ୍‌ମେର। ୨୦୨୦ ଅକ୍ଟୋବରରେ ଏକ ଟ୍ରମ୍ପ ସମର୍ଥକ ଗୋଷ୍ଠୀ ତାଙ୍କୁ ଅପହରଣ ଉଦ୍ୟମ କରିଥିବା ଆଇନ ପ୍ରବର୍ତ୍ତନକାରୀ ଅଧିକାରୀମାନେ ପ୍ରଘଟ କରିଥିଲେ। ହ୍ୱିଟ୍‌ମେର ୨୦୨୮ରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବିଷୟ ପୂର୍ବରୁ ଏକାଧିକ ଥର ଦୋହରାଇ ସାରିଛନ୍ତି।

## ଟ୍ରମ୍ପ ରାଷ୍ଟ୍ରପତି ହେଲେ ପୂର୍ଣ୍ଣକାଳୀନ ଫାଷ୍ଟ ଲେଡି ହେବେନି ମେଲାନିଆ



ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ୨୦୨୪ ନିର୍ବାଚନରେ ବିଜୟୀ ହୋଇ ଆଉ ଥରେ ଆମେରିକାର ରାଷ୍ଟ୍ରପତି ହେଲେ ତାଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପଙ୍କୁ ପୂର୍ଣ୍ଣକାଳୀନ ଫାଷ୍ଟ ଲେଡି ଭାବେ ଦେଖିବାକୁ ମିଳି ନ ପାରେ। ମେଲାନିଆ ଏହି ଦାୟିତ୍ୱ ତୁଲାଇବେ ନାହିଁ, ବରଂ ନିଜ ୧୮ ବର୍ଷୀୟ ପୁତ୍ର ବାରୋନ୍ ଟ୍ରମ୍ପଙ୍କୁ ଅଧିକ ସମୟ ଦେବେ। ୭୮ ବର୍ଷୀୟ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ମେଲାନିଆ ରବିବାର ଏଭଳି ଡିଲ୍ କରିଛନ୍ତି। ବାରୋନ୍ ନ୍ୟୁୟର୍କସ୍ଥିତ ଏକ ୟୁନିଭର୍ସିଟିରେ ପାଠ ପଢ଼ିବାକୁ ଯିବେ। ମେଲାନିଆ ପୁଅଙ୍କ ସହ ରହି ତାଙ୍କୁ ସାହାଯ୍ୟ କରିବେ ବୋଲି ଆମେରିକା ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

## ବାଇଡେନ୍‌ଙ୍କୁ ନ ଲଢ଼ିବାକୁ ଜିଲ୍ କାହିଁକି କହୁନାହାନ୍ତି: ପୂର୍ବତନ ସ୍ୱାମୀ

ଜୋ ବାଇଡେନ୍‌ଙ୍କ ଡିବେଟ୍ ପ୍ରଦର୍ଶନକୁ ନେଇ ତାଙ୍କୁ ସମାଲୋଚନା କରାଯାଉଥିବାବେଳେ ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ନିଜ ସ୍ୱାମୀଙ୍କୁ ସର୍ବସାଧାରଣରେ ସମର୍ଥନ ଜଣାଇଛନ୍ତି। ଏହାକୁ ନେଇ ଡେମୋକ୍ରାଟ୍ସଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଡେମୋକ୍ରାଟ୍‌ମାନେ ରାଷ୍ଟ୍ରପତି ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଖୋଲାଖୋଲି କହିଲେଣି। ଏଭଳି ସ୍ଥଳେ ପ୍ରାର୍ଥିତ୍ୱରୁ ଓହରିଯିବା ପାଇଁ ରାଷ୍ଟ୍ରପତିଙ୍କୁ ଜିଲ୍ ପରାମର୍ଶ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜିଲ୍‌ଙ୍କ ପୂର୍ବତନ ସ୍ୱାମୀ ବିଲ୍ ଷ୍ଟିଭେନ୍‌ସନ୍ କହିଛନ୍ତି, ଜିଲ୍ ବାଇଡେନ୍ ବଦଳିଯାଇଛନ୍ତି। ୫ ବର୍ଷ ହେଲା ଟିଭିରେ ଯେଉଁ ଜିଲ୍‌ଙ୍କୁ ଦେଖୁଛନ୍ତି, ତାଙ୍କୁ ସେ ବିବାହ କରି ନ ଥିଲେ। ବାଇଡେନ୍ ୨୦୨୦ରେ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କଲାବେଳେ ଷ୍ଟିଭେନ୍‌ସନ ତାଙ୍କୁ 'ଘରଭଙ୍ଗା' କହି ସମାଲୋଚନା କରିଥିଲେ।

## ଦକ୍ଷିଣ କୋରିଆର ଗୀତ ଶୁଣିବାରୁ ଉତ୍ତର କୋରିଆ ଯୁବକଙ୍କୁ ମୃତ୍ୟୁଦଣ୍ଡ

ପ୍ୟାଙ୍ଗୋୟାଙ୍ଗୋ, ୩୦।୬

ଉତ୍ତର କୋରିଆର ଜଣେ ଯୁବକ(୨୨) ଦକ୍ଷିଣ କୋରିଆର ଗୀତ ଶୁଣିବାରୁ ୨୦୨୨ରେ ସର୍ବସମ୍ମୁଖରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ରବିବାର ଦକ୍ଷିଣ କୋରିଆ ଏକୀକରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ମାନବାଧିକାର ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ରିପୋର୍ଟ ଅନୁଯାୟୀ ଉତ୍ତର କୋରିଆର ଏହି ଯୁବକ ଦକ୍ଷିଣ କୋରିଆର ୭୦ରୁ ଅଧିକ ଗୀତ ଶୁଣିବା ସହ ୩ଟି ଫିଲ୍ମ ଦେଖିଥିଲେ। ଉତ୍ତରକୋରିଆର ଆଇନରେ ପ୍ରତିକ୍ରିୟାବାଦୀ ସଂସ୍କୃତି ଓ ବିଚାରଧାରା ପ୍ରତି ପ୍ରତିବନ୍ଧ ଥିବାରୁ ଏହି ଯୁବକଜଣକ ଦେଶର ଆଇନକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ।

## ଭାରତୀୟ ସଂସ୍କୃତି ବିଶ୍ୱରେ ଗୌରବ ଅର୍ଜନ କରିଛି

ନୂଆଦିଲ୍ଲୀ, ୩୦।୬ (ପି.ଟି.)

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ଭାରତୀୟ ସଂସ୍କୃତି ସାରା ବିଶ୍ୱରେ ଗୌରବ ଅର୍ଜନ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତ ସହ ଜଡ଼ିତ ପରମ୍ପରା ଓ ଉତ୍ପାଦର ଗ୍ରହଣୀୟତା ବିଦେଶରେ ବଢ଼ିଛି। ଭାରତୀୟ ସଂସ୍କୃତି, କଳା ଓ ଚଳଚ୍ଚିତ୍ର ଉପରେ କୁଏଟ୍ ରେଡିଓରେ ପ୍ରତି ରବିବାର ଅଧଘଣ୍ଟା ହିନ୍ଦୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରିତ ହେଉଛି। ତୁର୍କମେନିସ୍ତାନରେ ଗତ ମେ'ରେ ଜାତୀୟ କବିଙ୍କ ଜନ୍ମବାର୍ଷିକୀ ପାଳନ ବେଳେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ସମେତ ୨୪ ପ୍ରସିଦ୍ଧ କବିଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ସୁରିନାମ୍, ସେଣ୍ଟ ଭିନ୍‌ସେଣ୍ଟ ଏବଂ ଗ୍ରେନାଡାଇନ୍ସ ଜନସାଧାରଣ ଜୁନ୍‌ରେ ସେମାନଙ୍କ ଭାରତୀୟ ଐତିହ୍ୟକୁ ବହୁ ଉତ୍ସାହ ଓ ଆଡମ୍ବର ସହ ପାଳନ କରିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ମନ୍ କୀ ବାତ୍‌ରେ ମୋଦି କହିଥିଲେ, ଦେଶବାସୀ ଭାରତର ସମ୍ବିଧାନ ଓ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଗଭୀର ଆସ୍ଥା ପ୍ରକଟ କରି ବହୁସଂଖ୍ୟାରେ ନିର୍ବାଚନରେ ଭାଗ ନେଇଥିଲେ। ଏଥିପାଇଁ ସେ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆସନ୍ତା ମାସରେ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସରେ ଭାଗନେବାକୁ ଥିବା ଭାରତୀୟ କ୍ରୀଡ଼ାବିତମାନଙ୍କୁ ପ୍ରଧାନମନ୍ତ୍ରୀ ପ୍ରୋତ୍ସାହିତ କରିବା ସହ ଜନସାଧାରଣ 'ଚିୟର ଫର୍ ଭାରତ' ହାସ୍‌ଟ୍ୟାଗ୍ ବ୍ୟବହାର କରି ସେମାନଙ୍କୁ ଉତ୍ସାହିତ କରିବାକୁ ଆହ୍ୱାନ ଦେଇଛନ୍ତି।

## ସାମନ୍ତବାଦୀଙ୍କ ବିରୋଧରେ ହେମନ୍ତଙ୍କ ବିଦ୍ରୋହ ଘୋଷଣା

ଭୋଗ୍‌ନାଡିହ, ୩୦।୬

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ରବିବାର ସାରା ଦେଶରେ ସାମନ୍ତବାଦୀ ତତ୍ତ୍ୱଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିଛନ୍ତି। ୧୮୫୫ରେ ବ୍ରିଟିଶଙ୍କ ବିରୋଧରେ ସାନ୍ତାଳଙ୍କ ବିଦ୍ରୋହର ବର୍ଷପୂର୍ତ୍ତି ଅବସରରେ 'ହୁଲ୍ ଦିବସ' ପାଳନ କରାଯାଇଛି। ଜେଲ୍‌ରୁ ମୁକୁଳିବା ପରେ ପ୍ରଥମ ଥର ପାଇଁ ଏକ ସଭାକୁ ସମ୍ବୋଧିତ କରି ହେମନ୍ତ କହିଛନ୍ତି, ତାଙ୍କୁ ଏକ ମିଥ୍ୟା ମାମଲାରେ ଫସାଇ ଦିଆଯାଇଥିଲା। କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଲୋକଙ୍କ ପଛରେ ସରକାର ନିଜ ଏଜେନ୍ସିଗୁଡ଼ିକୁ ଲଗାଉଛନ୍ତି। ସେ ଶୁକ୍ରବାର ବିର୍ସା ମୁଣ୍ଡା ଜେଲରୁ ମୁକ୍ତ ହୋଇଥିବାବେଳେ ଭାଜପା ଆତଙ୍କିତ ହୋଇଯାଇଛି। ଭାଜପାର ବଡ଼ ନେତାମାନେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଚଳାଇଛନ୍ତି। ଜେଲ୍, ଲାଠି କିମ୍ବା ମୃତ୍ୟୁଦଣ୍ଡକୁ ଆମେ ଭୟ କରୁନାହୁଁ। କେନ୍ଦ୍ର ବିରୋଧରେ ହୁଲ୍ ବିଦ୍ରୋହ କରାଯିବ। ଏହି ଦଳ ଦେଶରୁ ମୂଳପୋଛ ହୋଇଯିବ ବୋଲି ହେମନ୍ତ କହିଛନ୍ତି। ପ୍ରକାଶ ଯେ, ଗତ ଜାନୁୟାରୀ ୩୧ରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ଜମି ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଗିରଫ କରିଥିଲା।



## ସଂରକ୍ଷଣ ବଢ଼ାଇବା ପାଇଁ ଆଇନ ଅଣାଯାଉ: କଂଗ୍ରେସ

ନୂଆଦିଲ୍ଲୀ, ୩୦।୬ (ପି.ଟି.)

ଶିକ୍ଷାନୁଷ୍ଠାନ ଏବଂ ସରକାରୀ ନିଯୁକ୍ତି କ୍ଷେତ୍ରରେ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗଙ୍କ ନିମନ୍ତେ ରହିଥିବା ସଂରକ୍ଷଣ ସୀମାକୁ ୫୦ ପ୍ରତିଶତରୁ ବଢ଼ାଇବା ପାଇଁ ପାର୍ଲାମେଣ୍ଟରେ ଆଇନ ଅଣାଯିବାକୁ କଂଗ୍ରେସ ରବିବାର ଦାବି କରିଛି। ସୂଚନାଯୋଗ୍ୟ, ବିହାର ସରକାର ସଂରକ୍ଷଣ ସୀମାକୁ ୬%କୁ ବୃଦ୍ଧି କରିଥିବାବେଳେ, ଏହାକୁ ବଜାୟ ରଖିବା ନିମନ୍ତେ ସମ୍ବିଧାନର ନବମ ଅନୁଚ୍ଛେଦରେ ସାମିଲ କରିବାକୁ ଦିନକ ପୂର୍ବରୁ ଜେଡିୟୁ ଦାବି କରିଥିଲା। ସଂରକ୍ଷଣ ସୀମାକୁ ୫୦ ପ୍ରତିଶତରୁ ଅଧିକ କରାଯାଇପାରିବ ନାହିଁ। ତଦନୁଯାୟୀ ବିହାର ସରକାରଙ୍କ କୋଟା ସୀମା ବୃଦ୍ଧି ନିଷ୍ପତ୍ତିକୁ ପାଟନା ହାଇକୋର୍ଟ ନିକଟରେ ରଦ୍ଦ କରିଦେଇଥିଲେ।

## ଭାଜପା ନେତାଙ୍କ ଧମକ, ଶୋ ବାତିଲ କଲେ ହାସ୍ୟାଭିନେତା

ହାଇଦ୍ରାବାଦ, ୩୦।୬

ଷ୍ଟାଣ୍ଡଅପ୍ ହାସ୍ୟ ଅଭିନେତା ଡାନିଏଲ ଫର୍ନାଡିଜ୍ ରବିବାର ହାଇଦ୍ରାବାଦରେ ହେବାକୁ ଥିବା ତାଙ୍କର ଶୋ'କୁ ସୁରକ୍ଷା ଜନିତ କାରଣରୁ ବାତିଲ କରିଛନ୍ତି। ହାଇଦ୍ରାବାଦରେ ଡାନିଏଲଙ୍କୁ ଷ୍ଟାଣ୍ଡ ଅପ୍ କମେଡି ଶୋ କରାଇଦିଆଯିବ ନାହିଁ ବୋଲି ପୂର୍ବରୁ ସ୍ଥାନୀୟ ଘୋଶାମହଲ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ଟି. ରାଜା ଧମକ ଦେଇଥିଲେ। ଡାନିଏଲ ତାଙ୍କ ପୂର୍ବ ଶୋ'ରେ ଜୈନ ସମ୍ପ୍ରଦାୟକୁ ନେଇ ଥଟ୍ଟା ଓ ପରିହାସ କରିଥିବା ଅଭିଯୋଗ କରି ରାଜା ସିଂଙ୍କ ପକ୍ଷରୁ ଡାନିଏଲଙ୍କୁ ଏହି ଧମକ ଦିଆଯାଇଥିଲା। ବିଧାୟକ ରାଜା ସିଂ ଏକ ଭିଡିଓ ମେସେଜ ଜାରି କରି ପୂର୍ବରୁ କହିଥିଲେ, ଯଦି ଡାନିଏଲ ରବିବାର ନିଜ ଶୋ'କୁ ରଦ୍ଦ ନ କରନ୍ତି ତେବେ ତାଙ୍କ ସମର୍ଥକମାନେ ଜବରଦସ୍ତ ଏହାକୁ ବନ୍ଦ କରାଇବେ। ତେବେ ସମ୍ପୂର୍ଣ୍ଣ ଘଟଣାକୁ ନେଇ ରବିବାର ଡାନିଏଲ ନିଜ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ମେସେଜ ଜାରି କରିଛନ୍ତି। ତାଙ୍କୁ, ତାଙ୍କ ଟିମ୍ ଓ ଦର୍ଶକଙ୍କୁ ସୁରକ୍ଷା ଯୋଗାଇଦେବାକୁ ସ୍ଥାନୀୟ ପୋଲିସ ପକ୍ଷରୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ମିଳିବାରୁ ସେ ରବିବାର ହାଇଦ୍ରାବାଦରେ ହେବାକୁ ଥିବା ତାଙ୍କ ଶୋ'କୁ ବାତିଲ କରିବାକୁ ବାଧ୍ୟ ହୋଇଥିବା କହିଛନ୍ତି। ତାଙ୍କର ପୂର୍ବ ଶୋ'ରେ ଜୈନ ଧର୍ମକୁ ନେଇ ସେ ଦେଇଥିବା କିଛି ମନ୍ତବ୍ୟକୁ ଭିତ୍ତି କରି ଅଶାନ୍ତି ଦେଖାଦେଇଥିଲା, ତେଣୁ ଏଥିପାଇଁ ସେ କ୍ଷମାପ୍ରାର୍ଥନା କରିବା ସହ ଉକ୍ତ ଭିଡିଓକୁ ଡିଲିଟ୍ କରିଦେଇଥିଲେ। ଏହାସତ୍ତ୍ୱେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କୁ ଧମକପୂର୍ଣ୍ଣ ଓ ହିଂସାତ୍ମକ କଲ୍ ଓ ଇମେଲ ଆସୁଥିବା ଡାନିଏଲ କହିଛନ୍ତି। ତେବେ ସୁରକ୍ଷା ଜନିତ କାରଣରୁ ଡାନିଏଲଙ୍କ ଷ୍ଟାଣ୍ଡଅପ୍ କମେଡି ଶୋ' ରଦ୍ଦ ନେଇ ହାଇଦ୍ରାବାଦ ପୋଲିସ ପକ୍ଷରୁ କୌଣସି ଆଧିକାରିକ ପ୍ରତିକ୍ରିୟା ମିଳିପାରିନାହିଁ।



ଡାନିଏଲ ଫର୍ନାଡିଜ୍

## କେଦାରନାଥ ମନ୍ଦିର ନିକଟରେ ହିମସ୍ଖଳନ

ଡେରାଡୁନ, ୩୦।୬

ଉତ୍ତରାଖଣ୍ଡରେ ୪ ଧାମ ଯାତ୍ରା ଆରମ୍ଭ ହେବା ପରଠାରୁ କେଦାରନାଥ ମନ୍ଦିରରେ ବାବା ଭୋଲେନାଥଙ୍କ ଦର୍ଶନ କରିବାକୁ ଭକ୍ତଙ୍କ ଭିଡ଼ ଲାଗିରହିଛି। ଏହାରି ମଧ୍ୟରେ କେଦାରନାଥ ମନ୍ଦିରକୁ ଆସିଥିବା ଶ୍ରଦ୍ଧାଳୁ ଏକ ବଡ଼ ବିପର୍ଯ୍ୟୟରୁ ବର୍ତ୍ତି ଯାଇଛନ୍ତି। ରବିବାର ସକାଳେ ମନ୍ଦିର ପଛ ପାର୍ଶ୍ୱରେ ଥିବା ଏକ ପାହାଡ଼ରେ ହିମସ୍ଖଳନ ଘଟିବାରୁ ଭକ୍ତଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ପର୍ବତରୁ ବରଫ ଖଣ୍ଡଗୁଡ଼ିକ ତୀବ୍ର ବେଗରେ ଖସୁଥିବା ଦେଖିବାକୁ ମିଳିଛି। ତେବେ ଗାନ୍ଧୀ ସରୋବରଠାରେ ହିମ ସ୍ଖଳନ ବନ୍ଦ ହୋଇଥିଲା, ଫଳରେ କେଦାରନାଥ ଧାମ୍‌ରେ ଦର୍ଶନ କରୁଥିବା ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ରକ୍ଷା ପାଇଯାଇଥିଲେ।

## ନୂଆ ସେନାମୁଖ୍ୟଙ୍କ ଆଗରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୩୦।୬

ଭାରତ ଅନେକ ସୁରକ୍ଷା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବାବେଳେ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ରବିବାର ୩୦ତମ ସେନାମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚାଇନା ଏବଂ ପାକିସ୍ତାନ ଫ୍ରଣ୍ଟିୟର ସହ ତାଙ୍କର ପର୍ଯ୍ୟାପ୍ତ ଅଭିଯାନ ଅଭିଜ୍ଞତା ରହିଛି। ପ୍ରଭାବୀ ପ୍ଲାନିଂ ଏବଂ ଏହାକୁ କାର୍ଯ୍ୟକାରୀ କରିବାରେ ତାଙ୍କର ଭଲ ଟ୍ରାକ୍ ରେକର୍ଡ ମଧ୍ୟ ରହିଛି। ଫେବୃଆରୀ ୧୯ରୁ ସେ ସ୍ଥଳସେନାର ଉପମୁଖ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ଏହା ପୂର୍ବରୁ ସେ ନର୍ଦର୍ନ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ ଇନ୍ ଚିଫ୍ ରହିଥିଲେ। ମଧ୍ୟପ୍ରଦେଶର ରେୱାସ୍ଥିତ ସୈନିକ ସ୍କୁଲ୍‌ରୁ ଶିକ୍ଷା ସମାପ୍ତ ପରେ ସେ ୧୯୮୪ରେ ଜମ୍ମୁ-କଶ୍ମୀରର ରାଇଫଲ୍ସ ରେଜିମେଣ୍ଟରେ ସାମିଲ ହୋଇଥିଲେ। ପ୍ରଯୁକ୍ତିଗତ ଅଗ୍ରଗତି ଏବଂ ଆଧୁନିକ ଯୁଦ୍ଧ ଧାରାରେ ବ୍ୟାପକ ପରିବର୍ତ୍ତନ ଯୋଗୁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ସେନାମୁଖ୍ୟ ଭାବେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ତାଙ୍କୁ ନୌସେନା ଏବଂ ବାୟୁସେନା ସହ ସମନ୍ୱୟ ରକ୍ଷା କରିବାକୁ ହେବ। ଦେଶର ସୁରକ୍ଷା ପ୍ରତି ରହିଥିବା ବିପଦର ମୁକାବିଲା ପାଇଁ ପ୍ରସ୍ତୁତିକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ। ଜବାବୀ ରଣନୀତି, ଅଣପାରମ୍ପରିକ ସୁରକ୍ଷା ଚ୍ୟାଲେଞ୍ଜକୁ ପ୍ରାଥମିକତା ଦେବାକୁ ହେବ ବୋଲି କୁହାଯାଇଛି।



ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ

# ହାଲୁଆ ପ୍ୟାକେଟରେ ପୋକ ସାଲୁବାଲୁ

ଯାଜପୁର,୩୦।୬(ହର୍ଷବର୍ଦ୍ଧନ ବେହେରା)

ଶିଶୁମାନଙ୍କ ମାନସିକ ଓ ଶାରୀରିକ ବିକାଶ ଲାଗି ସରକାର ସମନ୍ୱିତ ଶିଶୁ ବିକାଶ ଯୋଜନାରେ ହାଲୁଆ ପ୍ୟାକେଟ ବଣ୍ଟନ କରିବାର ବ୍ୟବସ୍ଥା କରିଛନ୍ତି। ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ସାଧାରଣ ଶିଶୁଙ୍କ ପାଇଁ ଏହା ଉଦ୍ଦିଷ୍ଟ। ଯୋଜନା ଆରମ୍ଭ ହେବାର ପ୍ରାୟ ୧୦ବର୍ଷ ବିତିଯାଇଥିଲେ ହେଁ ସରକାରଙ୍କ ଏହି ଲକ୍ଷ୍ୟ ଏଠାରେ ପଥଭ୍ରଷ୍ଟ ହୋଇଛି। ହାଲୁଆ ପ୍ୟାକେଟ ଖୋଲିଲେ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲା ବରୀ ବ୍ଲକ ଅଲ୍ଲୀପୁର ଗ୍ରାମର ଏକ ମହିଳା ମହାସଂଘ ପକ୍ଷରୁ ପ୍ରସ୍ତୁତ ହାଲୁଆ ପ୍ୟାକେଟରେ ଏଭଳି ପୋକ ଦେଖିବାକୁ ମିଳିଛି। ଉକ୍ତ ପ୍ୟାକେଟ ପ୍ରସ୍ତୁତିର ୧ ମାସ ମଧ୍ୟରେ ପୋକ ଲାଗିଥିବା ଦୃଶ୍ୟ ଶିଶୁଙ୍କ ଜୀବନ ପ୍ରତି ବିପଦ ବୋଲି ଜଣେ ପ୍ରସୂତି ମହିଳା ଏକ ଭିଡିଓ ମାଧ୍ୟମରେ ପ୍ରକାଶ କରିଛନ୍ତି।

ଶିଶୁ ପୁଷ୍ଟିକର ଖାଦ୍ୟ ଅଭାବ ହେତୁ ରୁଗ୍ଣ ହୋଇ ରକ୍ତହୀନତା ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। କାହାର ଗୋଡହାତ କ୍ଷୀଣ ହୋଇଯାଉଛି ତ କାହାର ପେଟ ଫୁଲି ଯାଉଛି। ଆଉ କାହାର ଶରୀର ତୁଳନାରେ ମୁଣ୍ଡ ବଡ ଦିଶୁଛି। ଏମାନଙ୍କୁ ସହଜରେ ସୁଷମ ଖାଦ୍ୟ



ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ପ୍ରାୟ ୧୦ ବର୍ଷ ହେଲା ହାଲୁଆ ଓ ଛତୁଆ ପ୍ରସ୍ତୁତିରେ ନିମ୍ନମାନର ଯୋଗୁ ଯାଜପୁର ଜିଲାର ଶତାଧିକ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ବିପଦରେ ପଡିଛି ବୋଲି ମତପ୍ରକାଶ ପାଇଛି। ହାଲୁଆ ପ୍ରସ୍ତୁତି ପାଇଁ ସୁଜି ୭୬୦ ଗ୍ରାମ, ବେସନ ୨୬୦ ଗ୍ରାମ, ଚିନି ୪୦୦ ଗ୍ରାମ ଓ ତେଲ ୮୦ ଗ୍ରାମ ମିଶାଇ ମୋଟ ୧୫୦୦ ଗ୍ରାମର ପ୍ୟାକେଟ ହେଉଛି। ପରିଷ୍କାର ପାଣି ବା

## ବିପଦରେ ଶିଶୁଙ୍କ ଜୀବନ, କାହାର ନିଘା ନାହିଁ

କ୍ଷୀର ଗରମ କରି ଶୁଖିଲା ହାଲୁଆ ସହିତ ମିଶାଇ ହାଲୁଆ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ରହିଛି। ତେଲ ଏଥିରେ ମିଶିଥିବାରୁ ଭାଜିବାର କିମ୍ୱା ଚିନି ମିଶିଥିବାରୁ ଆଉ ଚିନି ଦେବାର ଆବଶ୍ୟକତା ନାହିଁ ବୋଲି ପ୍ୟାକେଟରେ ଦର୍ଶାଯାଉଛି। ଶିଶୁ ଦିନକୁ ୬୦ ଗ୍ରାମ ହାଲୁଆ ଖାଇବା ଆବଶ୍ୟକ ବୋଲି ପରାମର୍ଶ ଦିଆଯାଇଛି। କିନ୍ତୁ ହାଲୁଆରେ ଚିନି, ବେସନ କିମ୍ୱା ତେଲର ସ୍ୱାଦ ମିଳୁନାହିଁ। ଫଳରେ ଅସ୍ୱାଦ ହାଲୁଆ ଖାଇବାକୁ ପ୍ରାୟ କୌଣସି ଶିଶୁ ମନ ବଳାଉ ନାହାନ୍ତି। ଏହି କ୍ରମରେ ଗ୍ରାମାଞ୍ଚଳର ଲୋକେ କହୁଛନ୍ତି, ସରକାରଙ୍କ ପୂର୍ବ ଡାଲି ଯୋଗାଣ ଯୋଜନା ଠିକ୍ ଥିଲା। ଏଥିରେ ପିଲାମାନେ କିଛି ତ ଖାଇବାକୁ ପାଉଥିଲେ। ଏବେ କିନ୍ତୁ ଯେଉଁ ଛତୁଆ ଓ ହାଲୁଆ ପ୍ରସ୍ତୁତ ହୋଇ ଆସୁଛି ସେଥିରେ ଗହମ ଓ ସୁଜି କେବଳ ଅଧିକ ରହୁଥିବା ଦେଖିବାକୁ ମିଳୁଛି। ଗରିବ ଶିଶୁମାନେ ବାଧ୍ୟ ହୋଇ ଖାଉଥିଲେ ହେଁ ସେଥିରେ ସୁଷମ ଖାଦ୍ୟ ମିଳୁ ନାହିଁ। ଏପରିଭାବେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରି ମାସିକ ଲକ୍ଷାଧିକ ଟଙ୍କାର ବିଲ ତିଆରି କରି ହଡପ ହେଉଥିବା ଅଭିଯୋଗ ହେଉଛି। ଦାୟିତ୍ୱରେ ଥିବା କର୍ମଚାରୀ ଉପଯୁକ୍ତ ଭାବେ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି। କିମ୍ବା ମାସିକ ମୋଟା ଅଙ୍କର ପିସି ପହଞ୍ଚି ଯାଉଥିବାରୁ ଜାଣିଶୁଣି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ମତପ୍ରକାଶ ପାଉଛି।

ଯାଜପୁର ଜିଲା ବଡ଼ଚଣା ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ କୁନ୍ଦଳ ଓ ଦାଣ୍ଡ ହରିପୁର ଅଙ୍ଗନୱାଡି କେନ୍ଦ୍ରରେ ଛତୁଆ ବଣ୍ଟନ ସମୟରେ ଗତ ୧।୧୧।୨୦୧୯ରେ ଡିଏସ୍‌ଡବ୍ଲ୍ୟୁଓ ପରିଦର୍ଶନରେ ଯାଇ ନିମ୍ନମାନର ଛତୁଆ ସମେତ ବିଭିନ୍ନ ତ୍ରୁଟି ଦେଖିବାକୁ ପାଇଥିଲେ। ଏହାପରେ ଡିଏସ୍‌ଡବ୍ଲ୍ୟୁଓ ସଂପୃକ୍ତ ପ୍ରସ୍ତୁତିକାରୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ଜବାବ୍ ତଲବ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ସମସ୍ତ କାର୍ଯ୍ୟାନୁଷ୍ଠାନ ଦବି ଯାଇଥିଲା। ସେହିଦିନ ଠାରୁ କୌଣସି ନିମ୍ନମାନର ଛତୁଆ ଓ ହାଲୁଆ ପ୍ରସ୍ତୁତି ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବା ମତପ୍ରକାଶ ପାଉଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲା ସମାଜ କଲ୍ୟାଣ ଅଧିକାରୀ(ଡିଏସ୍‌ଡବ୍ଲ୍ୟୁଓ) ସବିତା ଚ୍ୟାଉପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏଯାଏ ତାଙ୍କ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ତଥାପି ହାଲୁଆ ପ୍ୟାକେଟରେ ପୋକ ସାଲୁବାଲୁ ହେଉଥିବା ଭିଡିଓର ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବଣଭୋଜିକୁ ଆସି ଗୋଷ୍ଠୀ ସଂଘର୍ଷ, ଜଣେ ମୃତ

ଗୋପାଳପୁର,୩୦।୬(ନବୀନ ରାଜ ଆଚାରୀ)

ଆନ୍ଧ୍ରରୁ ଗଞ୍ଜାମ ଜିଲା ଗୋଳନ୍ଥରା ଅଞ୍ଚଳକୁ ବଣଭୋଜି କରିବାକୁ ଆସିଥିବା ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଗୋଟିଏ ଗୋଷ୍ଠୀର ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଆନ୍ଧ୍ର ଇଚ୍ଛାପୁର ଥାନା କେଦାରପୁର ଗ୍ରାମର ଏ. ବାଲୁ ରେଡ୍ଡୀ।

ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଇଚ୍ଛାପୁର ଥାନା ଅଧିନସ୍ଥ କେଦାରପୁର ଗ୍ରାମ ଏ. ବାଲୁ ରେଡ୍ଡୀଙ୍କ ସମେତ ୨୦ ଜଣରୁ ଉର୍ଦ୍ଧ୍ୱ ସୁନାପୁର ବେଳାଭୂମିକୁ ବଣଭୋଜି କରିବାକୁ ଆସିଥିଲେ। ସେଠାକୁ ଇଚ୍ଛାପୁର ବେଲପଡାରୁ ଆସିଥିବା କେତେଜଣ ଯୁବକଙ୍କ ସହିତ କୌଣସି କଥାକୁ ନେଇ ବାଲୁଙ୍କ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ବଣଭୋଜି ସାରି ସନ୍ଧ୍ୟାରେ ବାଲୁ ଓ ଅନ୍ୟମାନେ ଗ୍ରାମକୁ ଫେରୁଥିଲେ। ବାଦି ଛକ ନିକଟରେ ଅନ୍ୟ ଗୋଷ୍ଠୀର ଯୁବକମାନେ ବାଲଙ୍କୁ ଗୋଡେଇ ଗୋଡେଇ ଗୋଡାଇ ଆକ୍ରମଣ କରିଥିଲେ। ଫଳରେ ବାଲୁ ଚେତା ଶୂନ୍ୟହୋଇ ଓଡିଆରପି କଲୋନୀରେ ପଡିଯାଇଥିବା ବେଳେ ଅନ୍ୟ ୩ ଜଣ ଆହତ ହୋଇଥିଲେ। ଖବରପାଇ ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ବାଲୁଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ଆଣିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।




# ସାରା ରାଜ୍ୟରେ ବର୍ଷିଲା

ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳ ଓ ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ପ୍ରବଳ ବର୍ଷା ଲାଗି ରହିଛି। ବଲାଙ୍ଗୀର, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଯାଜପୁର, ଭଦ୍ରକ, ଖୋର୍ଦ୍ଧା ଆଦି ଜିଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ସୋମବାର ମଧ୍ୟ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ଲାଗି ରହିବ। ଭୁବନେଶ୍ୱର ପାଣିପାଗ କେନ୍ଦ୍ର ସୂଚନାନୁସାରେ, ରବିବାର ନବରଙ୍ଗପୁରରେ ସର୍ବାଧିକ ୪୭ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ବାରିପଦାରେ ୨୭.୨ ମି.ମି., ଖୋର୍ଦ୍ଧାରେ ୨୫ ମି.ମି., ମାଲକାନଗିରିରେ ୨୧ ମି.ମି. ବର୍ଷା ହୋଇଛି। କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦିନତମାମ ବର୍ଷା ଲାଗିରହିଥିଲା।

# ନିକୁଞ୍ଜ ବିହାରୀ ଧଳ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, ୩୦।୬(ଅସମାପିକା ସାହୁ)

ବରିଷ୍ଠ ପ୍ରଶାସକ ନିକୁଞ୍ଜ ବିହାରୀ ଧଳ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଏ ନେଇ ରବିବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯିବା ସହ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୯୩ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ନିକୁଞ୍ଜ ବିହାରୀ ଧଳ ବର୍ତ୍ତମାନ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସହିତ ସ୍ୱତନ୍ତ୍ର ରିଲିଫ କମିଶନର ମଧ୍ୟ ଥିଲେ। ସେହିପରି ଅବକାରୀ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗ୍ରୀଡ୍‌କୋ ଚେୟାରମ୍ୟାନ, ଓଏସ୍‌ବିସି ଚେୟାରମ୍ୟାନ ଭାବେ କାର୍ଯ୍ୟ କରିଛନ୍ତି। ତେବେ ରାଜ୍ୟରେ କରୋନା ମହାମାରୀ ସମୟରେ ସେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ନିଜ ବାପାଙ୍କ ଦେହାନ୍ତ ହୋଇଥିଲା। ସେ ଛୁଟିରେ ଯାଇ ମାତ୍ର ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟରେ ଯୋଗଦେଇଥିଲେ, ଯେଉଁଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ମିଳିଥିଲା।

# ଆଜିଠୁ ଖୋଲିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

ଭୁବନେଶ୍ୱର,୩୦।୬(ଅସମାପିକା ସାହୁ)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସୋମବାରଠାରୁ ସାଧାରଣ ଜନତାଙ୍କ ପାଇଁ ଖୋଲିବ। ପ୍ରତି ସୋମବାର ଏଠାରେ ମୁଖ୍ୟମନ୍ତ୍ରୀ ସାଧାରଣ ଜନତାଙ୍କ ଅଭିଯୋଗ ଶୁଣିବେ। ଏହି ସମୟରେ ମୁଖ୍ୟମନ୍ତ୍ରୀ କେଉଁଠି ବସିବେ, କେଉଁ ସ୍ଥାନରେ ଲୋକଙ୍କ ଅଭିଯୋଗ ଶୁଣିବେ, ସେନେଇ ରବିବାର ସାଧାରଣ ପ୍ରଶାସନ ବିଭାଗ ସଚିବ ସୁରେନ୍ଦ୍ର କୁମାର ସ୍ଥିତି ପରଖିଥିଲେ। ଅଧିକାରୀଙ୍କ ସହ ଆଲୋଚନା କରିବା ସହ ବ୍ୟାରିକେଡ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। କ୍ରମାନ୍ୱୟ ମାଧ୍ୟମରେ ଲୋକେ କିପରି ଆସିବେ ସେନେଇ ଅଧିକାରୀଙ୍କ ସହିତ କଥା ହୋଇଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ସମୟରେ ୩୦ଜଣ ବସିବା ପାଇଁ ବ୍ୟବସ୍ଥା ମଧ୍ୟ ରହିବ। ଅଭିଯୋଗ ପ୍ରକୋଷ୍ଠରେ ପାନୀୟ ଜଳ ସହ ଅନ୍ୟାନ୍ୟ ବ୍ୟବସ୍ଥା ୨ ଦିନରେ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସଚିବ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ବୁଲି ଦେଖିଛନ୍ତି। ଖୁବ୍‌ଶୀଘ୍ର ବାସଭବନ କାମ ସାରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ତାଙ୍କ ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଭିଯୋଗ ପ୍ରକୋଷ୍ଠ ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବୁଲି କାମ ତଦାରଖ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ପୂର୍ବାହ୍ନ ୧୧ଟାରୁ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଉକ୍ତଦିନ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସେଠାରେ ଥିବା କାଉଣ୍ଟରରେ ପଞ୍ଜୀକରଣ କରିବାକୁ ପଡ଼ିବ।

# ଟ୍ରାଫିକ୍ ପୋଲିସ୍ ମଧୁସୂଦନ କିର୍ସାନୀଙ୍କୁ ଗାର୍ଡ ଅଫ୍ ଅନର



ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ମାଥିଲି, ୩୦।୬(ସୁବାସ ଚନ୍ଦ୍ର ଖୁଡୁପିଆ)

ଭୁବନେଶ୍ୱରରେ ଅଜଣା ଗାଡିଧକ୍କାରେ ଶନିବାର ରାତିରେ ପ୍ରାଣ ହରାଇଥିବା ଟ୍ରାଫିକ କନ୍‌ଷ୍ଟେବଲ୍ ମଧୁସୂଦନ କିର୍ସାନୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପ୍ରଥମେ ଟ୍ରାଫିକ ଥାନା ପରେ ପୋଲିସ ରିଜର୍ଭ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାର ଶେଷ ଦର୍ଶନ ସହ ଗାର୍ଡ ଅଫ ଅନର ଦିଆଯାଇଥିଲା। ଡିସିପି ପ୍ରତୀକ ସିଂ, ଟ୍ରାଫିକ ଏସିପି ଜୟନ୍ତ ଦୋରାଙ୍କ ସହ ବହୁ ପୋଲିସ ଅଧିକାରୀ, ମଧୁସୂଦନଙ୍କ ସ୍ତ୍ରୀ ଓ ପରିବାର ଲୋକେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ମଧୁସୂଦନଙ୍କ ପାର୍ଥିବ ଶରୀରକୁ ଜନ୍ମମାଟି ମାଲକାନଗିରି ଜିଲା ମାଥିଲି ବ୍ଲକ ନନ୍ଦିନୀଗୁଡାକୁ ପଠାଯାଇଥିଲା। ମାଲକାନଗିରି ପୋଲିସ ମୁଖ୍ୟାଳୟରେ ଗାର୍ଡ ଅଫ୍ ଅନର ଦିଆଯିବା ପରେ ନିଜ ଗାଁରେ ଅନ୍ତିମ ସଂସ୍କାର କରାଯିବ। ଅନ୍ୟପଟେ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ତାହାକୁ ନେଇ ତନାଘନା ଆରମ୍ଭ ହୋଇଛି। ଏନେଇ ନୟାପଲ୍ଲୀ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଡିସିପି ସିଂ କହିଛନ୍ତି। ଯିଏ ବି ଏଭଳି ଦୁର୍ଘଟଣା କରିଛି, ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୃତ ମଧୁସୂଦନଙ୍କ ପରିବାରକୁ କମିଶନରେଟ ପୋଲିସ ପକ୍ଷରୁ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଡିସିପି ପ୍ରତିଶ୍ରୁତି ଦେଇଛନ୍ତି।

ମଧୁସୂଦନ ୨୦୦୯ରେ ଏସ୍‌ପିଓ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ୨୦୧୧ରୁ ଓଏପିଏଫ୍‌ରେ ଯୋଗଦେଇ ଭୁବନେଶ୍ୱର ଟ୍ରାଫିକ ବିଭାଗରେ କର୍ତ୍ତବ୍ୟ ସମ୍ପାଦନ କରି ଆସୁଥିଲେ। ଶନିବାର ପ୍ରବଳ ବର୍ଷା ସତ୍ତ୍ୱେ ରାମ ମନ୍ଦିର ଛକରେ ଡ୍ୟୁଟି ସାରି ରାତି ୧୦ଟାରେ ନିଜ ବାଇକ ଯୋଗେ ଖଣ୍ଡଗିରିସ୍ଥିତ ଭଡ଼ା ଘରକୁ ଫେରୁଥିବା ସମୟରେ ରାତି

## ଅଜଣା ଗାଡି ଧକ୍କାରେ ପ୍ରାଣ ହରାଇଥିଲେ

### ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ

ପ୍ରାୟ ୧୦ଟା ୧୫ରେ କ୍ରାଉନ୍ ହୋଟେଲ ସମ୍ମୁଖ ଜାତୀୟ ରାଜପଥରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ତାଙ୍କ ମୁଣ୍ଡ ଉପରେ ଗାଡି ଚଢ଼ିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ଭୁବନେଶ୍ୱର ଡିସିପି ସିଂ ଓ ଟ୍ରାଫିକ ଏସିପି ଦୋରା ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ରାସ୍ତାରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ନିଜେ ଡିସିପି ରାସ୍ତାରୁ ମୃତ ମଧୁସୂଦନଙ୍କ ରକ୍ତମାଂସ ଓ ଖପୁରିକୁ ଆଞ୍ଜୁଳା କରି ରାସ୍ତାରୁ ଗୋଟାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ମୃତ ମଧୁସୂଦନଙ୍କ ୩ ସନ୍ତାନ ଅଛନ୍ତି। ମୃତ୍ୟୁ ଖବର ପହଞ୍ଚିବା ପରେ ନନ୍ଦିନୀଗୁଡାରେ ଶୋକର ଛାୟା ଖେଳିଯାଇଛି।

## ବର୍ଷକରେ ୨୦୪୩ ଜୀବନ ନେଇଛି ଜାତୀୟ ରାଜପଥ

ଜନଗହଳିପୂର୍ଣ୍ଣ ଭୁବନେଶ୍ୱର ଦେଇ ଯାଇଛି ୧୬ ନମ୍ବର ଜାତୀୟ ରାଜପଥ। ଟ୍ରକ, ବସ୍, ଡମ୍ପର ଆଦି ଭାରିଯାନ ନିର୍ଦ୍ଧାରିତ ଗତି ଠାରୁ ଅଧିକ ବେଗରେ ଚଳାଚଳ କରୁଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି। ହେଲେ ଏହାକୁ ରୋକିବାକୁ ସେପରି ସଫଳ ପଦକ୍ଷେପ ହୋଇ ନ ଥିବାବେଳେ ଜାତୀୟ ରାଜପଥ ଜଗିବାକୁ ଟ୍ରାଫିକ କର୍ମଚାରୀ ମୁତୟନ କରାଯାଉନାହିଁ। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପରିବହନ ବିଭାଗ ଓ ପୋଲିସ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଦୁର୍ଘଟଣା ବା ଶୂନ ମୃତ୍ୟୁକୁ ନିଶ୍ଚିତ କରାଯାଇପାରୁନାହିଁ। ଏନ୍‌ସିଆରବି ରିପୋର୍ଟ ଅନୁସାରେ, ୨୦୨୨ରେ ରାଜ୍ୟର ଜାତୀୟ ରାଜପଥରେ ୪ ହଜାର ୩୧୭ ଦୁର୍ଘଟଣା ଘଟିଛି। ଏଥିଯୋଗୁ ୨ ହଜାର ୪୩ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଭୁବନେଶ୍ୱରରେ ଅଧିକାଂଶ ଦୁର୍ଘଟଣା ଜାତୀୟ ରାଜପଥରେ ଘଟୁଥିବାବେଳେ ମୃତାହତଙ୍କ ସଂଖ୍ୟା ମଧ୍ୟ ଅଧିକ ରହୁଛି, ଯାହାକୁ ନେଇ ସଡକ ସୁରକ୍ଷା ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୯୬ତମ ପୁଣ୍ୟତିଥି, ସ୍ଥାନ: ମେଫେୟାର ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସମୟ: ସକାଳ ୮ଟା।
- ସାମାଜିକ ଅନୁଷ୍ଠାନ ସବୁଜ ଭାରତ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭିଏସ୍ଏସ୍ ନଗର ଜିଏ କଲୋନୀ ପାର୍କ, ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ସମୟ: ସକାଳ ୯ଟା।
- ଓୟୁଏଟି ୱାର୍କସ ୟୁନିଅନ(ସିଆଇଟିୟୁ)ପକ୍ଷରୁ ଇପିଏଫ୍ ଅଫିସ ଘେରାଉ, ସ୍ଥାନ: ଶହୀଦନଗର ଜନପଥ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡା.ଅଭିନଚନ୍ଦ୍ର ହୋମିଓପାଥି ଭେଷଜ ମହାବିଦ୍ୟାଳୟର ୫୬ତମ ପ୍ରତିଷ୍ଠା ଦିବସ ଏବଂ ୬ଷ୍ଠ ତମ ଆଲୁମ୍ନି ଆସୋସିଏଶନ ମିଟ୍, ସ୍ଥାନ: କଲେଜ ପରିସର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ଆପରାଧିକ ଆଇନ ଲାଗୁକୁ ଘୁଞ୍ଚାଇବା ଉଦ୍ଦେଶ୍ୟରେ ସିପିଆଇ(ଏମ୍-ଏଲ୍) ଲିବରେସନ ପକ୍ଷରୁ ପ୍ରତିବାଦ ଦିବସ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ସଭାପତି ଅଖିଳେଶ ଯାଦବଙ୍କ ୫୦ତମ ଜନ୍ମଦିନ ପାଳନ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: କେଶରୀ ହୋଟେଲ ସଭାଗୃହ, ମାଷ୍ଟରକ୍ୟାଣ୍ଟିନ ଛକ, ଷ୍ଟେଶନ ରୋଡ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସିପିଆଇ(ଏମ୍) ଭୁବନେଶ୍ୱର ଲୋକାଲ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ମଧ୍ୟାହ୍ନ ୧୨ଟା।
- ସରସ୍ୱତୀ ଶିକ୍ଷା ମନ୍ଦିରର ୨୪ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ବିଦ୍ୟାଳୟ ପରିସର, ନହରକଣ୍ଟା, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- କଟକ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତିଗିରିଆ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ପୁରୀ

- ସତ୍ୟବାଦୀ ବିଧାୟକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଶ୍ରୀଜୀଉଙ୍କର ଦଶମୂଳି ଓ ଚକାଲାଗି, ସ୍ଥାନ: ଜଗନ୍ନାଥ ମନ୍ଦିର, ନୀଳଗିରି, ସମୟ: ସକାଳ ୯ଟା।
- ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଶୁଣାଣି ଶିବିର, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବନ ମହୋତ୍ସବ ଉଦ୍‌ଘାଟନୀ ସମାରୋହ-୨୦୨୪, ସ୍ଥାନ: କୈଳାସ ଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନୀଳଗିରି, ସମୟ: ଅପରାହ୍ନ ୨ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ସିଦ୍ଧେଶ୍ୱର ଏବଂ ସପ୍ତେଶର ମନ୍ଦିରରେ ଶିବ ସହସ୍ର ନାମପାଠ, ଅଭିଷେକ ଏବଂ ପୂଜାର୍ଚ୍ଚନା, ସ୍ଥାନ: ଶାଳନିଆ, ହାଟଡିହୀ, ସମୟ: ସକାଳ ୬ ଟା।
- ଆନନ୍ଦପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ଆନନ୍ଦପୁର, ସମୟ:୧୦ ଘଟିକା
- ବନପାଳ କାର୍ଯ୍ୟାଳୟ ସମ୍ମୁଖରେ ଫଳଗଛ ବିତରଣ, ସ୍ଥାନ: ଯୋଡ଼ା, ସମୟ: ପୂର୍ବାହ୍ନ ୧୧ ଟା।
- ହରିହାଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଜଳକଳଙ୍ଗ, ହାଟଡ଼ିହୀ, ସମୟ: ଅପରାହ୍ନ ୪ଟା।
- ଆନନ୍ଦପୁର ବିଧାୟକଙ୍କ ପଞ୍ଚାୟତସ୍ତରୀୟ ବୈଠକ, ସ୍ଥାନ: ହାଟଡ଼ିହୀ ବ୍ଲକ୍, ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ

- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ:ସାଇ ବିଦ୍ୟାମନ୍ଦିର ରଙ୍ଗଲାଲ ହାଇସ୍କୁଲ ନିକଟ, ସମୟ: ସକାଳ ୮ଟା।
- ଡକ୍ଟରର୍ସ ଡେ ପାଳନ ଓ ରକ୍ତଦାନ ଶିବିର, ସ୍ଥାନ: ପିଆର୍ଏମ୍ ମେଡିକାଲ କଲେଜ, ବାରିପଦା, ସମୟ: ସକାଳ ୯ଟା।
- ଭଞ୍ଜସେନା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ,ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ବିଭିନ୍ନ ଦେବାଦେବୀ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେଶନ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମୋରଡ଼ା ଥାନା,ସମୟ: ପୂର୍ବାହ୍ନ ୧୦ଟା୩୦।
- ଆମ ପୋଲିସ ସମିତି ବୈଠକ, ସ୍ଥାନ: ଥାନା ପରିସର ସଭାଗୃହ, ଉଦଳା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ନେଇ କଳସ ଶୋଭାଯାତ୍ରା, ସ୍ଥାନ: ଶିଳ୍ପାଞ୍ଚଳ ସୁବାସ ନଗର-୧, ସମୟ: ସକାଳ ୭ଟା ୧୫।
- ଚାରାରୋପଣ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆ,ସମୟ: ସକାଳ ୭ଟା।
- ଜାତୀୟ ଡାକ୍ତର ଦିବସ, ସ୍ଥାନ: ସିଟି ହସ୍ପିଟାଲ ନିକଟ ଜେଭି ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ବନ ମହୋତ୍ସବ ସପ୍ତାହ ପାଳନ, ସ୍ଥାନ: ଆସିକା ବିଜ୍ଞାନ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ସଭା, ସ୍ଥାନ: ଭଞ୍ଜନଗର ବ୍ଲକ ଦୋମୁହାଁଣି, ସମୟ: ପୂର୍ବାହ୍ନ ୧୧ଟା।
- ବନ ବିଭାଗ ପକ୍ଷରୁ ମା ପାଇଁ ଗଛ ଟିଏ ଚାରାରୋପଣ କାର୍ଯ୍ୟକ୍ରମ,ସ୍ଥାନ: କଇଠଖଣ୍ଡି ଗ୍ରାମ,ସମୟ : ଅପରାହ୍ନ ୪ଟା।
- ପୌରାଣିକ ମହାଭାରତ ନାଟକ ଉଦ୍‌ଘାଟନ କାର୍ଯ୍ୟକ୍ରମ,ସ୍ଥାନ:ବମୋକେଇ ଗ୍ରାମ, ସମୟ: ଅପରାହ୍ନ ୫ଟା।

## ଢେଙ୍କାନାଳ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ମ୍ୟୁନିସିପାଲିଟି ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର, ସ୍ଥାନ: ରସୁଲପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଚଣ୍ଡିଖୋଲ ବରିଷ୍ଠ ନାଗରିକ ମଞ୍ଚ, ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ ପକ୍ଷରୁ ସମବାୟ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ଚଣ୍ଡିଖୋଲ ଛକ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା ।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସଦ୍‌ଭାବନା ଗୃହ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଇନ ସଚେତନତା ଶିବିର, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ପାପଡାହାଣ୍ଡି, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

ନୂତନ ଆଇନ ଲାଗୁ ନେଇ ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପୋଲିସ କାର୍ଯ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୪୫।

## ମାଲକାନଗିରି

- ନୂଆ ଆଇନ କାର୍ଯ୍ୟକାରିତା ଉପରେ ସଚେତନତା ଶିବିର, ସ୍ଥାନ - ଚିତ୍ରକୋଣ୍ଡା ଥାନା, ସମୟ- ପୂର୍ବାହ୍ନ ୧୧.୩୦

## ସମ୍ବଲପୁର

- ରୋଟାରୀ କ୍ଲବ ଗ୍ରେଟର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ : ରୋଟାରୀ କ୍ଲବ ସଭାକକ୍ଷ, ସମୟ : ସକାଳ ୮ଟା।
- ସମ୍ବଲପୁର ଆଇଆଇଏମ୍ ଦଶମ ବ୍ୟାଚର ଉଦ୍‌ଘାଟନୀ ସମାରୋହ, ସ୍ଥାନ : ଆଇଏମଏମ କୋଣାର୍କ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ସାଇ ଶିକ୍ଷା ପରିଷଦର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ କାର୍ଯ୍ୟାଳୟ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ନ୍ୟାୟ ସଂହିତା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଲୋଇସିଂହା ଥାନା ଅଭ୍ୟର୍ଥନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଗୁଡଭେଲ ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ କିଶନ ସବୁଜ ସପ୍ତାହର ଶୁଭାରମ୍ଭ, ସ୍ଥାନ: ପଥରଚେପା, ବଲାଙ୍ଗୀର ସହର ଉପକଣ୍ଠ, ସମୟ: ଅପରାହ୍ଣ ୫ଟା।

## ରାଉରକେଲା

- ଏନ୍ଆଇଟିଏମଏମ୍ଇ ପକ୍ଷରୁ ୫ଦିବସୀୟ ପାଣିପାଗ କର୍ମଶାଳା, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍ଆଇଟି ମାଇକ୍ରୋସ୍କୋପି କର୍ମଶାଳା, ସ୍ଥାନ : ଏନ୍ଆଇଟି୍ ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଆମ ପୋଲିସ ବୈଠକ, ସ୍ଥାନ : ଝିରପାଣି, ସମୟ: ସନ୍ଧ୍ୟା ୬ଟା।
- ଆମ ପୋଲିସ ବୈଠକ,ସ୍ଥାନ: ସେକ୍ଟର--୧୯ଥାନା, ସମୟ: ସନ୍ଧ୍ୟା ୭ଟା୩୦।
- ଡ୍ରେନେଜ ସଫେଇକୁ ନେଇ ଆରଏମ୍ସି କମିସନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ଆସର ଉଦ୍‌ଯାପିତ, ସ୍ଥାନ: ନୋବୋଲ ଆସୋସିଏନ ସମୟ: ସନ୍ଧ୍ୟା ୭ଟା ୩୦।

## ସୁନ୍ଦରଗଡ଼

- ବନାଞ୍ଚଳ ସ୍ତରୀୟ ବନ ମହୋତ୍ସବ ଶୁଭାରମ୍ଭ ଓ ଶ୍ରମଦାନ ମାଧ୍ୟମରେ ବୃକ୍ଷରୋପଣ,ସ୍ଥାନ: ସାଗରପାଲି ବନ ସୁରକ୍ଷା ସମିତି, ଉଜ୍ଜଳପୁର ବନାଞ୍ଚଳ, ସମୟ: ସକାଳ ୯ଟା।

## ବରଗଡ଼

- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କୌଶଳୀ), ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା(କୌଶଳୀ), ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରୋଟାରୀ ପବ୍ଲିକ ସ୍କୁଲ, ବରଗଡ଼ ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଅମ୍ବାଭୋନା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳ, ଏସ୍ପିଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଦ୍ମଶ୍ରୀ ବାବା ବଳିଆଙ୍କ ସତସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ନର୍ଲା,ବିକ୍ରମ ଲଜ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ,ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ।
- ନୂତନ ଆଇନ ସଚେତନତା ଶିବିର, ସ୍ଥାନ: ଘଣ୍ଟାପଡା ଥାନା ପରିସର, କଣ୍ଟାମାଳ, ସମୟ : ପୂର୍ବାହ୍ନ ୧୦ଟା ।
- ନୂତନ ଆଇନ ନେଇ ଆଲୋଚନା, ସ୍ଥାନ: ବୌଦ୍ଧ ଆଦର୍ଶ ଥାନା ପରିସର , ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ଉପ କାରାଗାରରେ ୩ଟି ନୂଆ କ୍ରିମିନାଲ ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସ୍ୱତନ୍ତ୍ର ଉପ କାରାଗାର, ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ବନ ଉତ୍ସବ ସପ୍ତାହ ପାଳନ, ମା'ଙ୍କ ନାମରେ ଗଛ ଟିଏ, ସ୍ଥାନ: ରିଆମାଳ ବ୍ଲକ ବନାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡ଼େନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ରଜନା ଗାଁ, ସମୟ: ସକାଳ ୮ଟା ୩୦ ।

## ଝାରସୁଗୁଡ଼ା

- ଶିବାଳୟରେ ପୂଜା ଅର୍ଚ୍ଚନା ସହିତ ଜଳାଭିଷେକ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ସହରସ୍ଥିତ ମାଳିମୁଣ୍ଡା ଗ୍ରାମ ଉଚ୍ଚ ବିଦ୍ୟାଳୟ ପାଖ, ସମୟ: ସକାଳ ୯ଟା।
- ଡାକ୍ତର ଦିବସ ପାଳନ, ସ୍ଥାନ: ସହରସ୍ଥିତ ଏଲଏନ କଲେଜ ପରିସର, ସମୟ: ଅପରାହ୍ନ ୫ଟା।
- ଶ୍ରଦ୍ଧାଞ୍ଜଳୀ ସଭା, ସ୍ଥାନ: ସହରସ୍ଥିତ ମୋଇନି ରୟାଲ ହୋଟେଲ ସଭା ଗୃହରେ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରାଶିରେ ଚନ୍ଦ୍ରମଙ୍ଗଳ ଯୋଗ ଥିବାରୁ ଅର୍ଥ, ସମ୍ମାନ ଓ ପ୍ରତିଷ୍ଠାର୍ଜନ କରିବେ। ବିରୋଧ କରୁଥିବା ବ୍ୟକ୍ତି ନୀରବ ସମର୍ଥନ ଦେଇ କାମରେ ସାହାଯ୍ୟ କରିବେ। ବନ୍ଧୁଙ୍କ ପରାମର୍ଶରେ କର୍ମାରମ୍ଭ ସକାଶେ ପୁଞ୍ଜିବିନିଯୋଗ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସଭାସମିତି ଓ ସଂଗଠନ କ୍ଷେତ୍ରରେ ପ୍ରଶଂସିତ ହେବେ।

**ବୃଷ**
ଦେବଗୁରୁଙ୍କ ପ୍ରସାଦରୁ ସାହାଯ୍ୟକାରୀ ମନୋଭାବ ଓ ସହୃଦୟତା ହେତୁ ଅଧସ୍ତନ କର୍ମଚାରୀଙ୍କ ଶ୍ରଦ୍ଧାଭାଜନ ହେବେ। ଘର ସକାଶେ, ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ପଡ଼ିପାରେ। ମାଲିମକଦ୍ଦମା, ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇପାରିବେ।

**ମିଥୁନ**
ଶୁକ୍ରଙ୍କ କୃପାରୁ ଆଜି ଯେଉଁ ନିଷ୍ପତ୍ତି ନେବେ ସେଥିରେ ସଫଳତା ନିଶ୍ଚିତ ମିଳିବ। କିନ୍ତୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ହଠାତ୍ ନିଜର ମତ ବଦଳାଇ ଅସହଯୋଗ କରିପାରନ୍ତି। ପୂର୍ବନିର୍ଦ୍ଧାରିତ ପ୍ରକାରେ ଘରେ ବନ୍ଧୁ ମିଳନ ସାଙ୍ଗକୁ ଆମୋଦ ପ୍ରମୋଦର ସୁଅ ଛୁଟିବ। କର୍ମ କ୍ଷେତ୍ରର ଅସ୍ୱାଭାବିକ ପରିସ୍ଥିତି କ୍ରମଶଃ ବଦଳି ଯିବାର ସମ୍ଭାବନା ରହିଛି।

**କର୍କଟ**
ରାଶିରେ ବୁଧ କର୍ମସ୍ଥ ମଙ୍ଗଳଙ୍କ ଦୃଷ୍ଟିରେ ଥିବାରୁ ଭ୍ରାତୃ ସମ୍ପର୍କ ଦୃଢ଼ ରହିବ। ପରିବାରରେ ଶାନ୍ତି ଅବ୍ୟାହତ ରହିବ। ସବୁ କଥାରେ ନରମିଗଲେ ସୁଫଳ ପାଇବେ। ପ୍ରକୃତ ଘଟଣା ନ ବୁଝି ପଡୋଶୀ କିମ୍ବା ସହକର୍ମୀ ମିଥ୍ୟାରୋପ ଲଗାଇ ପାରନ୍ତି। ବନ୍ଧୁ ପରିଜନଙ୍କ ସହିତ କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି।

**ସିଂହ**
ଧନାଧିପ ଦ୍ୱାଦଶସ୍ଥ ଯୋଗୁ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିପାରନ୍ତି। ଏକାଦଶରେ ରବି ସହ ଶୁକ୍ର ଥିବା କାରଣରୁ ଆପଣଙ୍କ ବିଜୟ ଲାଭ ଅବଶ୍ୟମ୍ଭାବୀ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ହେବେ। ବାଣିଜ୍ୟ, ପରିବହନ, ହୋଟେଲ, ରେଷ୍ଟୁରାଣ୍ଟ ପ୍ରଭୃତିରୁ ଲାଭବାନ୍ ହୋଇପାରନ୍ତି।

**କନ୍ୟା**
ଅଷ୍ଟମସ୍ଥ ମଙ୍ଗଳ ଭାଇ, ବନ୍ଧୁ କିମ୍ବା ପଡୋଶୀଙ୍କ ସହ ମତପାର୍ଥକ୍ୟ ହୋଇପାରେ। ନିଜ ଲୋକ ପଛରେ ବହୁତ କଥା କହୁଥିବା ଶୁଣି ଖରାପ ଲାଗିପାରେ। ଶନିଙ୍କ ହେତୁ ଆଇନର ସହାୟତା ପାଇବେ ଓ ମାଲିମକଦ୍ଦମାରେ ରାୟ ସପକ୍ଷରେ ଯିବାର ସୂଚନା ରହିଛି। ବ୍ୟବସାୟିକ ସ୍ଥିତି, ଯାତ୍ରା, ପ୍ରଶାସନ ଓ ଆନୁଷ୍ଠାନିକ କାମ ପାଇଁ ଦିନଟି ଭଲ।

**ତୁଳା**
କେନ୍ଦ୍ରସ୍ଥ ଶୁଭଯୋଗ ପ୍ରଭାବରୁ ଯାତ୍ରା, ବାଣିଜ୍ୟ, ବନ୍ଧୁଙ୍କ ସହଯୋଗ ଲାଭ ସହ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ। ନୀରବତା ଅନ୍ତର୍ଦ୍ୱନ୍ଦ୍ୱର କାରଣ ହେଲେ ମଧ୍ୟ ସମସ୍ୟା ସମାଧାନର ମାଧ୍ୟମ ହେବ। ସମ୍ପର୍କୀୟଙ୍କ ସହ ତର୍କର ସମ୍ମୁଖୀନ ହୋଇପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା**
ଅନୁକୂଳ ଗ୍ରହସ୍ଥିତିରୁ ବନ୍ଧୁମିଳନ ସାଙ୍ଗକୁ ଆପଣଙ୍କ ସୁଚିନ୍ତିତ ବିଚାର, ପ୍ରଶଂସା ଓ ପ୍ରତିଷ୍ଠା ଆଣିବାରେ ସହାୟକ ହେବ। ସମସ୍ୟା ରହିଲେ ମଧ୍ୟ ଦୁଃସ୍ଥିତି ସୁଧୁରି ଯିବ, ଯାହାର ଝଲକ ଆଜି ପାଇଯିବେ। କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ**
ରବି ଓ ଶୁକ୍ର ରାଶିକୁ ଦେଖୁଥିବାରୁ ସବୁ ସୁବିଧା ଥିଲେ ମଧ୍ୟ କୌଣସି ଜିନିଷ ହାତମୁଠାରୁ ଖସି ଯାଇପାରେ। ଆପଣଙ୍କ କୃତିତ୍ୱ ଲୋକ ପ୍ରିୟତାକୁ ବୃଦ୍ଧି କରିବା ଦିଗରୁ ଊଣା ହେବନାହିଁ। ନୂତନ କାମର ପରିକଳ୍ପନା ସାଙ୍ଗକୁ ଖର୍ଚ୍ଚଭାର ଯୋଗୁ ଚିନ୍ତା କରିପାରନ୍ତି। ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ମକର**
ବୁଧଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଆପଣ ଯୁକ୍ତିଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। ବନ୍ଧୁଙ୍କ ସହ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ କମିଯିବ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ।

**କୁମ୍ଭ**
ମୁଖଭାବରେ ରାହୁଙ୍କ ଯୋଗୁ ମନକଥା ମନରେ ରଖି ଉପରେ ହସିବାର ଅଭିନୟ କରିବାକୁ ପଡିପାରେ। ପିଲାମାନଙ୍କର କିଛି ସମସ୍ୟା ମନକୁ ବିଚଳିତ କରିବ। ଏଣେ ଅଫିସ୍‌ରେ ମଧ୍ୟ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିବାର ଆଶଙ୍କା ରହିଛି। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରିବା ଦ୍ୱାରା ସମାଲୋଚିତ ହୋଇପାରନ୍ତି।

**ମୀନ**
ଭାଗ୍ୟସ୍ଥାନକୁ ଗୁରୁଦୃଷ୍ଟି ଥିବାରୁ ଯେମିତି ମନକୁ ଆସୁଛି ସେମିତି କରି ଚାଲନ୍ତୁ କିଛି ଅସୁବିଧା ହେବନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଆଜି ଆପଣଙ୍କ କଥା ଓ କାମରେ ସମସ୍ତଙ୍କୁ ଖୁସି କରାଇବାରେ ସମର୍ଥ ହେବେ। ଦିନ ଭିତରେ ଅର୍ଥଲାଭ, ସମ୍ମାନ, ବନ୍ଧୁତ୍ୱଲାଭର ସୂଚନା ପୂର୍ଣ୍ଣମାତ୍ରାରେ ଦେଖାଦେବ।

ଆଜି ଜୁଲାଇ ୧ ତାରିଖ, ଚିକିତ୍ସକ ଦିବସ, ଜିଏସ୍‌ଟି ଦିବସ, ବନ ମହୋତ୍ସବ ସପ୍ତାହ ଆରମ୍ଭ (ଜୁଲାଇ ୧ରୁ ୭), ଆଷାଢ଼ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ସୋମବାର, ଶ୍ରୀମନ୍ଦିରରେ ଚକାବିଜେ/ଅଣସର ଦଶମୀ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮।୪୬ ଗତେ, ଘ.୧୦।୩୧ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ.୦୬।୫୪ ଗତେ, ଘ.୦୮।୩୨ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଆଜିଠୁ ୩ ନୂଆ ...

ହେବା ପରେ ଡିସେମ୍ବର ୨୬ରେ ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଆଇନରେ ପରିଣତ ହୋଇଥିଲା। ନୂଆ ଆଇନ ଅନୁଯାୟୀ ଆପରାଧିକ ମାମଲାରେ ଶୁଣାଣି ଶେଷ ହେବାର ୪୫ ଦିନ ମଧ୍ୟରେ ରାୟ ଆସିବ। ପ୍ରଥମ ଶୁଣାଣିର ୬୦ ଦିନ ମଧ୍ୟରେ ଚାର୍ଜଫ୍ରେମ୍ ହେବା ବାଧ୍ୟତାମୂଳକ ହେବ। ବଳାତ୍କାର ପୀଡ଼ିତାଙ୍କ ବୟାନ ଜଣେ ମହିଳା ପୋଲିସ ଅଫିସର ରେକର୍ଡ କରିବେ। ଏହି ସମୟରେ ପୀଡ଼ିତାଙ୍କ ଅଭିଭାବକ କିମ୍ବା ସମ୍ପର୍କୀୟ ଉପସ୍ଥିତ ରହିବେ। ଡାକ୍ତରୀ ରିପୋର୍ଟ ୭ ଦିନ ମଧ୍ୟରେ ଦେବାକୁ ହେବ। ନୂଆ ଆଇନରେ ସଂଗଠିତ ଅପରାଧ ଏବଂ ଆତଙ୍କବାଦୀ କାର୍ଯ୍ୟର ସଂଜ୍ଞା ନିରୂପଣ କରାଯାଇଛି। ଏଥିରେ ରାଜଦ୍ରୋହ ସ୍ଥାନରେ ଦେଶଦ୍ରୋହ ଶବ୍ଦ ବ୍ୟବହାର କରାଯାଇଛି ଏବଂ ସମସ୍ତ ତଲାସି ତଥା ଜବତ ଘଟଣାର ଭିଡିଓ ରେକର୍ଡିଂ ବାଧ୍ୟତାମୂଳକ ହୋଇଛି। ନୂଆ ଆଇନରେ ମହିଳା ଏବଂ ଛୋଟ ପିଲାଙ୍କ ପ୍ରତି ଅପରାଧକୁ ଏକ ନୂଆ ଅଧ୍ୟାୟରେ ସାମିଲ କରାଯାଇଛି। ଶିଶୁ କିଣାବିକାକୁ ଏଥିରେ ଜଘନ୍ୟ ଅପରାଧ ଦର୍ଶାଯାଇଛି। ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ମୃତ୍ୟୁଦଣ୍ଡ କିମ୍ବା ଆଜୀବନ ଜେଲଦଣ୍ଡର ବ୍ୟବସ୍ଥା ରହିଛି। ମହିଳା ଓ ଶିଶୁଙ୍କ ପ୍ରତି ଅପରାଧ, ହତ୍ୟା ଏବଂ ରାଷ୍ଟ୍ର ବିରୋଧୀ ଅପରାଧକୁ ନୂଆ ଆଇନରେ ପ୍ରାଧାନ୍ୟ ଦିଆଯାଇଛି।

ମିଥ୍ୟା ବିବାହ ପ୍ରତିଶ୍ରୁତି, ନାବାଳିକା ଗଣବଳାତ୍କାର, ଭିଡ଼ହିଂସା, ଛିନ୍ତାଇ ଆଦିର ବିଚାର ଲାଗି ଆଇପିସିରେ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିଲା, ଯାହା ନୂଆ ଆଇନରେ ରହିଛି। ପୁରୁଣା ଆଇନ ଭାରତୀୟ ଦଣ୍ଡ ସଂହିତା (ଆଇପିସି)ରେ ୫୧୧ ଧାରା ରହିଥିବାବେଳେ ନୂଆ ଆଇନରେ କେତେକ ଧାରାକୁ ଏକତ୍ର ଏବଂ ସରଳ କରାଯାଇ ମୋଟ ଧାରା ସଂଖ୍ୟା ୩୫୮ରେ ସୀମିତ କରାଯାଇଛି। ୩ ଆଇନ ନ୍ୟାୟ, ସ୍ୱଚ୍ଛତା ଓ ନିରପେକ୍ଷତା ଆଧାରରେ ହୋଇଛି। ଜିରୋ ଏଫ୍ଆଇଆର୍ ବ୍ୟବସ୍ଥାରେ ଜଣେ ଯେକୌଣସି ଥାନାରେ ଏତଲା ଦାଏର କରିପାରିବେ। ଏହା ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅପରାଧର ତୁରନ୍ତ ରିପୋର୍ଟିଂ ହୋଇପାରିବ। ଜଣେ ବ୍ୟକ୍ତି ଗିରଫ ହେବା ପରେ ସେ ତାଙ୍କ ସ୍ଥିତି ସମ୍ପର୍କରେ ନିଜର କାହାକୁ ମଧ୍ୟ ଜଣାଇପାରିବାର ଅଧିକାର ନୂଆ ଆଇନରେ ରହିଛି। ଫଳରେ ଗିରଫ ବ୍ୟକ୍ତିଙ୍କୁ ତୁରନ୍ତ ସହାୟତା ମିଳିପାରିବ। ଗିରଫ ସମ୍ପର୍କିତ ବିବରଣୀ ଥାନା ଏବଂ ଜିଲା ମୁଖ୍ୟାଳୟଗୁଡ଼ିକରେ ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବ। ଫଳରେ ତାଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟ ଗିରଫ ବ୍ୟକ୍ତିଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ସହଜରେ ପାଇପାରିବେ। ଗମ୍ଭୀର ଅପରାଧ ମାମଲାରେ ଫୋରେନ୍‌ସିକ ବିଶେଷଜ୍ଞ ଅପରାଧ ସ୍ଥଳକୁ ଯାଇ ତଥ୍ୟପ୍ରମାଣ ସଂଗ୍ରହ କରିବା ବାଧ୍ୟତାମୂଳକ କରାଯାଇଛି। ଏହା ମାମଲା ଏବଂ ତଦନ୍ତକୁ ଅଧିକ ବଳିଷ୍ଠ କରିବ। ନୂତନ ଆଇନରେ ମହିଳା ଓ ଶିଶୁଙ୍କ ପ୍ରତି ଅପରାଧ ମାମଲାରେ ପୀଡ଼ିତାଙ୍କୁ ମାଗଣାରେ ଡାକ୍ତରୀ ଚିକିତ୍ସା ସମସ୍ତ ହସ୍ପିଟାଲରେ ଯୋଗାଇଦିଆଯିବାର ଗ୍ୟାରେଣ୍ଟି ରହିଛି।

ଇଲେକ୍ଟ୍ରୋନିକ୍ ମୋଡ୍‌ରେ ସମନ ଦ୍ୱାରା ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ କାଗଜପତ୍ର କାମ ହ୍ରାସ ପାଇବ ଏବଂ ସବୁ ପକ୍ଷଙ୍କ ମଧ୍ୟରେ ଯୋଗାଯୋଗ ଅଧିକ ପ୍ରଭାବୀ ହୋଇପାରିବ। କେତେକ ମହିଳା ଅପରାଧ ମାମଲାରେ ମହିଳା ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏବଂ ତାଙ୍କ ଅନୁପସ୍ଥିତିରେ ଜଣେ ପୁରୁଷ ମାଜିଷ୍ଟ୍ରେଟଙ୍କ ଆଗରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ। ସେହି ସମୟରେ ପୀଡ଼ିତାଙ୍କ ଜଣେ ମହିଳା ସମ୍ପର୍କୀୟ ଉପସ୍ଥିତ ରହିବେ। ଉଭୟ ପୀଡ଼ିତା ଏବଂ ଅଭିଯୁକ୍ତ ୧୪ ଦିନ ମଧ୍ୟରେ ଏତଲା, ପୋଲିସ ରିପୋର୍ଟ, ବୟାନ, ସ୍ୱୀକାରୋକ୍ତି ଓ ଅନ୍ୟାନ୍ୟ ଡକ୍ୟୁମେଣ୍ଟର ନକଲ ପାଇବାକୁ ହକ୍‌ଦାର। ଠିକ୍ ସମୟରେ ନ୍ୟାୟ ପ୍ରଦାନକୁ ସୁନିଶ୍ଚିତ କରାଇବା ପାଇଁ ଅଦାଲତ ସର୍ବାଧିକ ୨ ଥର ଶୁଣାଣି ଘୁଞ୍ଚାଇପାରିବେ।

ନୂଆ ଆଇନ ଅନୁଯାୟୀ ସାକ୍ଷୀଙ୍କ ସୁରକ୍ଷା ଓ ସହଯୋଗକୁ ସୁନିଶ୍ଚିତ କରିବା ଏବଂ ନ୍ୟାୟିକ ବିଚାର ପ୍ରକ୍ରିୟାର ବିଶ୍ୱସନୀୟତା ଏବଂ ପ୍ରଭାବଶାଳିତାକୁ ବଢ଼ାଇବା ପାଇଁ ସମସ୍ତ ରାଜ୍ୟ ସରକାର ସାକ୍ଷୀ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବେ। ସମାବେଶୀ ଏବଂ ସମାନତା ବଢ଼ାଇବା ପାଇଁ 'ଲିଙ୍ଗ' ସଂଜ୍ଞାରେ କିନ୍ନରଙ୍କୁ ସାମିଲ କରାଯାଇଛି। ମହିଳା, ୧୫ ବର୍ଷରୁ କମ୍ ବୟସର ପିଲା, ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ଭିନ୍ନକ୍ଷମ କିମ୍ବା ଅତ୍ୟଧିକ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ଥାନାରେ ହାଜର ହେବାରୁ ବାଦ୍ ଦିଆଯାଇଥିବାବେଳେ ସେମାନେ ନିଜ ଘରେ ରହି ପୋଲିସ ସହାୟତା ପାଇପାରିବେ।

## ମୁଖ୍ୟ ଶାସନ ସଚିବ ...

କାର୍ଯ୍ୟାଳୟରେ ବିଦାୟୀ ମୁଖ୍ୟ ଶାସନ ସଚିବ ଜେନାଙ୍କଠାରୁ ନୂତନ ମୁଖ୍ୟ ଶାସନ ସଚିବ ଆହୁଜା ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କିଛି ସମୟ ପାରସ୍ପରିକ ସାକ୍ଷାତ ଆଲୋଚନା କରିଥିଲେ। ଏହି ଅବସରରେ ନୂତନ ମୁଖ୍ୟ ଶାସନ ସଚିବ ଆହୁଜାଙ୍କୁ ଲୋକସେବା ଭବନର ଅଧିକାରୀ ଓ କର୍ମଚାରୀ ସ୍ୱାଗତ କରିଥିବାବେଳେ ପୂର୍ବତନ ମୁଖ୍ୟ ଶାସନ ସଚିବ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ୧୯୯୦ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀ ମନୋଜ ଆହୁଜା ଏଠାରେ ପ୍ରଥମେ ଉପଜିଲାପାଳ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଓଡ଼ିଶା ସରକାରଙ୍କ ସମବାୟ, ଖଣି ଓ ଇସ୍ପାତ, କ୍ରୀଡ଼ା ଓ ଯୁବ ବ୍ୟାପାର ଆଦି ବିଭିନ୍ନ ବିଭାଗରେ କାର୍ଯ୍ୟ କରିଛନ୍ତି। ୨୦୧୭ରେ ଡେପୁଟେଶନରେ କେନ୍ଦ୍ରକୁ ଯାଇଥିଲେ। ତାଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ ରାଜ୍ୟ ସରକାର କରିଥିବା ଅନୁରୋଧକୁ କେନ୍ଦ୍ର ସରକାର ଗ୍ରହଣ କରିଥିଲେ। ତେବେ ଓଡ଼ିଶା ଫେରିବା ପୂର୍ବରୁ ଆହୁଜା କେନ୍ଦ୍ର କୃଷି ମନ୍ତ୍ରଣାଳୟ ସଚିବ ଭାବେ କାର୍ଯ୍ୟ କରିଥିଲେ।

## ଭାରତୀୟ ଦଳକୁ ...

ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଅସୀମ ଧୈର୍ଯ୍ୟ ଓ ସାହସର ପରିଚୟ ଦେଇଥିଲା। ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିବା ସହ ବିଶ୍ୱର ପ୍ରଥମ ଦଳ ଭାବରେ ଅପରାଜେୟ ରହି ଟି୨୦ ବିଶ୍ୱକପ ହାସଲ କରିଛି ବୋଲି କହିଛନ୍ତି ଶାହା। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଶାହା ଏହି ଘୋଷଣା କରିଛନ୍ତି। ଚମତ୍କାର ପ୍ରଦର୍ଶନ ଜରିଆରେ ଭାରତ ଏହାର ସମସ୍ତ ସମାଲୋଚକଙ୍କ ମୁହଁ ବନ୍ଦ କରି ଦେଇଛି। ଭାରତୀୟ ଖେଳାଳିଙ୍କ ଏହି ଯାତ୍ରା ଅନ୍ୟ ମାନଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ ବୋଲି ଶାହା ଉଲ୍ଲେଖ କରିଥିଲେ। ତେଣୁ ଟି୨୦ ବିଶ୍ୱକପ ବିଜେତା ଭାରତୀୟ ଦଳ ପାଇଁ ୧୨୫ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଉଛି ବୋଲି ଶାହା ଉଲ୍ଲେଖ କରିଥିଲେ। ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଶାହା ଧନ୍ୟବାଦ ଜଣାଇବା ସହ ଭାରତୀୟ ଦଳର କାର୍ଯ୍ୟଶୈଳୀକୁ ପ୍ରଶଂସା କରିଛନ୍ତି। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ କ୍ରିକେଟ ଦଳ ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନକୁ ପୂରଣ କରିଛି ବୋଲି ଶାହା କହିଛନ୍ତି। ୨୦୦୭ରେ ଭାରତ ଟି୨୦ ଚାମ୍ପିୟନ ହୋଇଥିବା ବେଳେ ପ୍ରତ୍ୟେକ ଖେଳାଳିଙ୍କୁ ବିସିସିଆଇ ପକ୍ଷରୁ ୧.୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟ ପକ୍ଷରେ ୨୦୧୧ ଦିନିକିଆ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସମସ୍ତ ସଦସ୍ୟଙ୍କୁ ୧ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରାଯାଇଥିଲା।

## ରତ୍ନଭଣ୍ଡାର ଖୁବ୍‌ଶୀଘ୍ର ...

ସମ୍ପଦକୁ ଏବଂ ଓଡ଼ିଆଙ୍କ ଝାଳବୁହା ଅର୍ଥକୁ ଯେଉଁମାନେ ଲୁଟ୍ କରିଛନ୍ତି, ସେମାନଙ୍କୁ ଅଦାଲତ ନିୟମାନୁଯାୟୀ ଦଣ୍ଡିତ କରାଯିବ। ଓଡ଼ିଆ ଲୋକଙ୍କ ଜନାଦେଶକୁ ପାଳନ କରିବାରେ ଆମେ କେବଳ ମାଧ୍ୟମ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ରାଜ୍ୟରେ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ହଜାର ଟଙ୍କାର ଭାଉଚର ପ୍ରଦାନ କରାଯିବ। ଚାଷୀମାନଙ୍କୁ ବିନା କଟ୍‌ନୀ ଛଟ୍‌ନୀରେ ବୋନସ୍ ଦିଆଯିବ। ଧାନର ସହାୟକ ମୂଲ୍ୟ ୩,୧୦୦ ଟଙ୍କାକୁ ବୃଦ୍ଧି କରାଯିବ। ଯୁବପିଢ଼ିଙ୍କ ରୋଜଗାର ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ଭାଜପାର ବିଜୟ ସାଢ଼େ ୪ କୋଟି ଓଡ଼ିଆଙ୍କର ବିଜୟ। ଏହାକୁ ସେ ଓଡ଼ିଆ ବରପୁତ୍ରଙ୍କୁ ସମର୍ପଣ କରିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ମୋଦି ସରକାରର ୧୦ ବର୍ଷରେ ଗତି ଧରିଛି ଓଡ଼ିଶାବାସୀଙ୍କ ରେଳ ସ୍ୱପ୍ନ। ଗତ ତିନିବର୍ଷ ହେଲା ରେଳପଥ ପାଇଁ ପ୍ରତିବର୍ଷ ରାଜ୍ୟକୁ ୧୦ ହଜାର କୋଟିର ଅନୁଦାନ ମିଳୁଛି। ସେହିଭଳି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ନିଜ ବ୍ୟବହାର, ଆଚରଣ, ସ୍ୱଭାବରେ ପରିବର୍ତ୍ତନ ନ ଆଣି ନମ୍ରତାର ସହିତ ଓଡ଼ିଶାବାସୀଙ୍କ ସେବା କାର୍ଯ୍ୟ କରିବା ହେଉଛି ଆମ ସମସ୍ତଙ୍କ ପାଇଁ ଆହ୍ୱାନ। ବିକଶିତ ଓଡ଼ିଶା ଗଠନ ଆମ ସମସ୍ତଙ୍କ ମୂଳ ଲକ୍ଷ୍ୟ ହେବା ଉଚିତ ବୋଲି ସେ କହିଛନ୍ତି। ଏହି ଅବସରରେ ଭାଜପାକୁ ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ସଂକଳ୍ପ ପତ୍ରର ପ୍ରତି ପ୍ରତିଶ୍ରୁତି ପାଳନ ହେବ। ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବାକୁ ୫ବର୍ଷ ଦିନ ରାତି ପରିଶ୍ରମ କରିବାକୁ ମନମୋହନ ଆହ୍ୱାନ ଦେଇଛନ୍ତି। ଅପରପକ୍ଷେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ରବିବାର ପ୍ରଥମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଏକାଠି ହୋଇ ଶୁଣିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟର ଉପ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଭାଜପା ସଭାପତି ସାମଲ ବୃକ୍ଷଚାରା, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ଏମ୍‌ପି ଓ ବିଧାୟକମାନଙ୍କୁ ଦଳ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଡ. ଯତୀନ ମହାନ୍ତି, ସୀମାଞ୍ଚଳ ଖଟେଇ, ସାରଦା ପ୍ରସାଦ ଶତପଥୀ, ପୂର୍ଣ୍ଣିମା କେରକେଟା, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

**ସାଇବର ଠକେଇ**

# ଭଦ୍ରକରୁ ୫ ଯୁବକଙ୍କୁ ଗିରଫ କଲା ମୁମ୍ବାଇ ପୋଲିସ

**ଭଦ୍ରକ,୩୦।୬(ସନାତନ ରାଉତ)**

ଠକେଇ ଅଭିଯୋଗରେ ମୁମ୍ବାଇ ସାଇବର ପୋଲିସ ରବିବାର ଭଦ୍ରକରୁ ୫ ଯୁବକଙ୍କୁ ଗିରଫ କରି ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚରମ୍ପା ଏରେଇଁର ପ୍ରମୋଦ କୁମାର ରବୀନ୍ଦ୍ର ବେହେରା(୨୬), କୁଆଁସର ରାକେଶ କୁମାର ହରିରାମ ଚୌଧୁରୀ(୨୫), ଚରମ୍ପା ବରାଳପୋଖରୀର ଶୁଭେନ୍ଦୁ ନିରାକାର ଦାସ(୩୦), ଭଦ୍ରକ ବ୍ଲକ ମୌଦା ବାସହପୁର ଅଞ୍ଚଳର ଜୟଦୀପ ଅମର କୁମାର ପରିଡ଼ା(୨୪) ଓ ମୌଦା ବାଲିପାଟଣାର ମନୋଜ କୁମାର ଅନାଦି ଚରଣ ରାଉତ(୨୯)। ସମସ୍ତଙ୍କୁ ରିମାଣ୍ଡରେ ମୁମ୍ବାଇ ନିଆଯିବ ବୋଲି ଭଦ୍ରକ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି।

ସୂଚନା ଅନୁଯାୟୀ, ସାଇବର ଠକେଇର ଶିକାର ହୋଇଥିବା ମୁମ୍ବାଇ ଅନ୍ଧେରୀ ଅଞ୍ଚଳର ବୀରଦେଶାଇ ରୋଡ୍‌ସ୍ଥିତ ନିଉ ଚନ୍ଦ୍ରା ହାଉସିଂ ସୋସାଇଟିର ୭୩ ବର୍ଷୀୟ ମୋସେସ୍ ଭିନ୍‌ସେଣ୍ଟ କାର୍ଡୋଜ୍ ବିକେସି ସାଇବର ପୋଲିସ ଥାନାରେ ଅଭିଯୋଗ କରିଥିଲେ। ଋଣ କରାଇ ଦେବାକୁ କହି ସମସ୍ତ ବ୍ୟାଙ୍କ କାଗଜପତ୍ର ନେବା ପରେ ତାଙ୍କ ଆକାଉଣ୍ଟ ହ୍ୟାକ୍ କରି ପ୍ରାୟ ୫୬ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ସେ ଦର୍ଶାଇଥିଲେ। ସେହି ଟଙ୍କାକୁ ଅଭିଯୁକ୍ତମାନଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିବା ଜଣାପଡ଼ିଛି। ଏନେଇ ମାମଲା (ନଂ. ୭/୨୪) ରୁଜୁ କରି ସାଇବର ପୋଲିସ ତଦନ୍ତ ଆରମ୍ଭ କରିଥିଲା। ମାମଲାର ତଦନ୍ତଭାର ନେଇଥିବା ସାଇବର ଥାନା ଇନ୍ସପେକ୍ଟର ସବିତା ସିନ୍ଦେ ଓ ଆସିଷ୍ଟାଣ୍ଟ ପୋଲିସ ଇନ୍ସପେକ୍ଟର ପୁନମ୍ ଯାଦବଙ୍କ ସହ ୫ଜଣିଆ ଟିମ୍ ଭଦ୍ରକରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ଜଣଙ୍କୁ ଧରିଛି।



ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରବିବାର ଉତ୍ତ୍ୟକ୍ତ ଲୋକେ ପିତାମହଲ ପଞ୍ଚାୟତ ନିକଟରେ ରାୟଗଡ଼ା-ବିଶାଖାପାଟଣା ରାସ୍ତା ଅବରୋଧ କରିଛନ୍ତି।

# ସିରିଜ୍ ଦୁର୍ଘଟଣା: ୨ ମୃତ, ୧୪ ଆହତ

**ରାୟଗଡ଼ା,୩୦।୬ (ଆଶିଷ ରଞ୍ଜନ ପଣ୍ଡା)**

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ରାୟଗଡ଼ାରୁ ବିଶାଖାପାଟଣା ରାସ୍ତାର ମଝିଘରିଆଣୀ ମନ୍ଦିର ପୋଲ ଅପରପାର୍ଶ୍ୱ ପିତାମହଲ ପଞ୍ଚାୟତ ନିକଟରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସିରିଜ୍ ଦୁର୍ଘଟଣା ଘଟିଛି। ଏକ ବୋଲେରୋ, ଅଟୋ ଏବଂ ୨ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି, ୧୪ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ପିତାମହଲ ପଞ୍ଚାୟତ ବେହେରାଗୁଡ଼ା ଗ୍ରାମର ଗଣେଶ ପିଡିକା (୨୫) ଏବଂ ଗାଜିଗାଁ ପଞ୍ଚାୟତ ଢେକାଗୁଡା ଗ୍ରାମର ସତ୍ୟ ମାଣ୍ଡାଙ୍ଗି (୪୦)। ସେମାନଙ୍କ ମଧ୍ୟରେ ଜଣେ ମୋଟରସାଇକେଲ ଚାଳକ ଥିବାବେଳେ ଅନ୍ୟ ଜଣେ ଅଟୋଚାଳକ ଥିବା ଜଣାପଡ଼ିଛି। ଅନ୍ୟପଟେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସନ୍ଧ୍ୟା ୬ଟାରେ ରାସ୍ତାରୋକ ହଟିଥିଲା ।

ଘଟଣାରୁ ପ୍ରକାଶ, କେରେଡ଼ା ପଞ୍ଚାୟତ ଅନ୍ତର୍ଗତ ଅତଡ଼ା ଗ୍ରାମରୁ ଏକ ଯାତ୍ରୀବାହୀ ଅଟୋ (ଏପି ୩୫ ଡବ୍ଲ୍ୟୁ୨୬୮୩) ୧୧ଜଣ ଯାତ୍ରୀଙ୍କୁ ଧରି ରାୟଗଡ଼ା ଅଭିମୁଖେ ଆସୁଥିଲା। ତେବେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ (ଓଡି୧୮ଏମ୬୩୫୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ସମୟରେ ରାୟଗଡ଼ାରୁ ଯାଉଥିବା ଏକ ବୋଲେରୋ (ଏପି୩୦ଏଜି୨୮୨୮) ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋ ଓଲଟି ପଡ଼ିବାରୁ ବାଇକ୍ ଚାଳକ ଗଣେଶ ଛିଟିକି ଅନ୍ୟ ଏକ ମୋଟରସାଇକେଲ ଉପରେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ସମୟରେ ଅଟୋରେ ବସିଥିବା ୧୧ ଯାତ୍ରୀଙ୍କ ସହ ବାଇକ୍‌ରେ ଯାଉଥିବା ଜଗନ୍ନାଥପୁର ଦମ୍ପତି ମଧୁସୂଦନ ସାରକା ଓ ଜୟନ୍ତୀ ସାରକା ଆହତ ହୋଇଥିଲେ। ଖବରପାଇ ରାୟଗଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ମୋଟରସାଇକେଲରେ ବସିଥିବା ଅନ୍ୟ ଜଣେ ଆହତ ଦେବରାଜ ମାଣ୍ଡାଙ୍ଗିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ଶେଷଖାଲ ଥାନା ଅଧୀନ ହୋଇଥିବାରୁ ଶେଷଖାଲ ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ଖବରପାଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ହରିଶ ପଟ୍ଟନାୟକ ଓ ଅନ୍ୟମାନେ ଘଟଣାସ୍ଥଳକୁ ଯାଇ ପୋଲିସ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ସହିତ ମେଡିକାଲକୁ ଯାଇ ଆହତଙ୍କ ଉତ୍ତମ ଚିକିତ୍ସା ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ।

## ସମୁଦ୍ରରେ ବୁଡ଼ି ବଙ୍ଗୀୟ ପର୍ଯ୍ୟଟକ ମୃତ, ୩ ଉଦ୍ଧାର

**ଭୋଗରାଇ,୩୦।୬(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର ବେଳାଭୂମିସ୍ଥିତ ସମୁଦ୍ରରେ ବୁଡ଼ି ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ଭାସି ଯାଇଥିବା ଅନ୍ୟ ୩ ଜଣଙ୍କୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଅଚେତ ଅବସ୍ଥାରେ ଉଦ୍ଧାର କରି ଦୀଘା ଷ୍ଟେଟ ଜେନେରାଲ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ତାଳସାରୀ ମେରାଇନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲା ପଲବା ଥାନା ଅଧୀନ ବାରଲ ଗ୍ରାମର ସୌଭିକ ମଲ୍ଲିକ (୨୨)। ସୂଚନାଯୋଗ୍ୟ, ରବିବାର ପଶ୍ଚିମବଙ୍ଗର ୧୦ ପର୍ଯ୍ୟଟକ ଉଦୟପୁର ବେଳାଭୂମିକୁ ବୁଲିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ସମୁଦ୍ରକୁ ଗାଧୋଇବାକୁ ଯାଇଥିବାବେଳେ ଉତ୍ତାଳ ଢେଉରେ ଭାସି ଯାଉଥିଲେ। ସେଠାରେ ଉପସ୍ଥିତ ମତ୍ସ୍ୟଜୀବୀମାନେ ୩ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସୌଭିକଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ସମ୍ପର୍କୀୟ ଅନୁପମ ମଲ୍ଲିକଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪/୨୪) ରୁଜୁ କରିଛି।

# ଜମିବାଡ଼ି ବିବାଦରୁ ବୃଦ୍ଧାଙ୍କୁ ହତ୍ୟା

**କେନ୍ଦ୍ରାପଡ଼ା,୩୦।୬(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସଦର ଥାନା ସାହସପୁର ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ପଡୋଶୀଙ୍କ ଆକ୍ରମଣରେ ହେମଲତା ସେଠୀ(୬୦)ଙ୍କ ମୃତ୍ୟୁ ଘଟିଛି। ହେମଲତାଙ୍କ ବୋହୂ ବିନି ସେଠୀ ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପୂର୍ବରୁ ଜମିବାଡ଼ି ବିବାଦକୁ ନେଇ କୋର୍ଟରେ ମାମଲା ଚାଲୁଥିଲା। ସାହସପୁର ଗାଁର ୭ଜଣ ବ୍ୟକ୍ତି ଶନିବାର ଅପରାହ୍ନରେ ବିବାଦୀୟ ଜମି ଉପରେ ଜୋରଜବରଦସ୍ତ ଘର କରିବାକୁ ପ୍ରୟାସ କରିଥିଲେ। ଏଥିରେ ବାଧା ଦେବାରୁ ହେମଲତାଙ୍କୁ ସେମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ହେମଲତା ଗୁରୁତର ହୋଇ ପଡିଥିଲେ। ପରିବାର ଲୋକ ହେମଲତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ପହଞ୍ଚି ହେମଲତାଙ୍କ ମୃତଦେହକୁ ଜବତ କରିଛି। ରାତି ହୋଇଯାଇଥିବାରୁ ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ପାରି ନ ଥିଲା। ରବିବାର ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ହେମଲତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିନିଙ୍କ ଅଭିଯୋଗକୁ ଭିତ୍ତିକରି କେନ୍ଦ୍ରାପଡ଼ା ସଦର ଥାନାରେ ଆଇପିସିର ୩୪୧, ୪୪୮, ୨୯୪, ୩୨୩, ୩୩୭, ୩୦୭, ୩୦୨, ୩୯୫, ୪୨୭, ୫୦୬, ୩୪ ଦଫାରେ ଓ ୩(୧)(ଆର)ଏସ(୨)(ଭି)(ଭିଏ)(ଏ) ଏସ୍‌ସି ଏସ୍‌ଟି ପିଓ ଆକ୍ଟରେ ନଂ.୩୭୫/୨୦୨୪ରେ ମାମଲା ରୁଜୁ କରିଛି। ଏହି ଘଟଣାରେ ପୋଲିସ ଗାଁର ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଆଇଆଇସି ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

## ଚକ୍ଷୁ ଚିକିତ୍ସା: ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳ ସାମନ୍ତ ଭୁବନେଶ୍ୱର ସ୍ଥାନାନ୍ତର

**ବଲାଙ୍ଗୀର,୩୦।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜେଲରେ ଥିବା ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟର୍ ସୁଶାନ୍ତ ଧଳସାମନ୍ତଙ୍କ ଆଖିରେ ସମସ୍ୟା ଦେଖାଦେବାରୁ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ସକାଳେ ବଲାଙ୍ଗୀର ଜିଲା କାରାଗାର ଭିତରେ ଥିବା ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳସାମନ୍ତଙ୍କ ଆଖିରେ ବ୍ଲିଡିଂ ହୋଇଥିଲା। ଫଳରେ ତାଙ୍କୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କ ଆଖି ପରୀକ୍ଷା କରି ଉଚ୍ଚତର ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ସୁଶାନ୍ତଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ଭୁବନେଶ୍ୱରସ୍ଥିତ ଏକ ଚକ୍ଷୁ ହସ୍ପିଟାଲକୁ ନିଆଯାଇଥିଲା। ଅପରାହ୍ଣ ପ୍ରାୟ ୨ଟା ବେଳେ ତାଙ୍କୁ ଭୁବନେଶ୍ୱର ନିଆଯାଇଥିବା ସମ୍ପର୍କରେ ବଲାଙ୍ଗୀର ଜିଲା କାରାଗାର ଅଧୀକ୍ଷକ ସର୍ବେଶ୍ୱର ସାହୁ ସୂଚନା ଦେଇଛନ୍ତି।



ଓଡ଼ିଶାର ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରବିବାର ଶ୍ରୀମନ୍ଦିରରେ ପଟିଦିଅଁଙ୍କ ଦର୍ଶନ ସାରି ଫେରୁଛନ୍ତି। ନିକଟରେ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର ଏବଂ ଅନ୍ୟମାନେ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ପଟିଦିଅଁଙ୍କୁ ଦର୍ଶନ କଲେ ମୁଖ୍ୟ ଶାସନ ସଚିବ

**ପୁରୀ,୩୦।୬(ଅଜିତ କୁମାର ମହାନ୍ତି)**

ଓଡ଼ିଶାର ନୂତନ ମୁଖ୍ୟ ଶାସନ ସଚିବ ଭାବେ ବରିଷ୍ଠ ଆଇଏଏସ୍ ଅଧିକାରୀ ମନୋଜ ଆହୁଜା ଦାୟିତ୍ୱ ନେବା ପରେ ରବିବାର ସନ୍ଧ୍ୟାରେ ପ୍ରଥମେ ପୁରୀ ଆସି ଶ୍ରୀମନ୍ଦିରରେ ପଟିଦିଅଁଙ୍କ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ମୁଖ୍ୟ ଶାସନ ସଚିବ ଆହୁଜା ପହଞ୍ଚିବା ପରେ ତାଙ୍କୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ଶ୍ରୀମନ୍ଦିର ଅଧିକାରୀ ଏବଂ ସେବାୟତମାନେ ସ୍ୱାଗତ କରିଥିଲେ। ଶ୍ରୀମନ୍ଦିରରୁ ଫେରିବା ପରେ ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି, ସମ୍ପ୍ରତି ପଟିଦିଅଁ ରୂପରେ ପୂଜା ପାଉଥିବା ମହାପ୍ରଭୁଙ୍କ ଦର୍ଶନ କରି ମୁଁ ବେଶ୍ ଆନନ୍ଦିତ। ଆଗାମୀ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବ ଓ ରାଷ୍ଟ୍ରପତିଙ୍କ ଗସ୍ତ କିଭଳି ସଫଳ ହେବ ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଖୁବ୍‌ଶୀଘ୍ର ବୈଠକ କରାଯିବ। ସେହିପରି ନୂଆ ଦାୟିତ୍ୱ ନେଇଥିବାରୁ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରି ସେ ପଦକ୍ଷେପ ନେବେ ବୋଲି ଆହୁଜା କହିଛନ୍ତି।

ଉଲ୍ଲେଖ ଥାଉ କି, ସ୍ନାନପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡ଼ିତ ହେବା ପରେ ଦାରୁବିଗ୍ରହଙ୍କର ଅଣସର ଘରେ ଉପଚାର ଚାଲିଛି। ତେଣୁ ସମ୍ପ୍ରତି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଟିଦିଅଁ ରୂପେ ଅନନ୍ତ ନାରାୟଣ, ପ୍ରଭୁ ବଳଭଦ୍ରଙ୍କ ରୂପରେ ଅନନ୍ତ ବାସୁଦେବ ଓ ଦେବୀ ସୁଭଦ୍ରାଙ୍କ ରୂପରେ ମା' ଭୁବନେଶ୍ୱରୀ ପୂଜା ପାଉଛନ୍ତି। ତେଣୁ ସମ୍ପ୍ରତି ଭକ୍ତମାନେ ପଟିଦିଅଁଙ୍କୁ ଦର୍ଶନ କରିବାର ସୌଭାଗ୍ୟଲାଭ କରୁଛନ୍ତି।

# ସପ୍ତଶଯ୍ୟାରେ ୫ ଛାତ୍ର ନିଖୋଜ

**ଢେଙ୍କାନାଳ,୩୦।୬(ରତନ ନାୟାର)**

ଢେଙ୍କାନାଳର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସବୁଜିମା ଜଙ୍ଗଲ ସପ୍ତଶଯ୍ୟା ବୁଲିବାକୁ ଆସିଥିବାବେଳେ ୫ଜଣ ଛାତ୍ର ରବିବାର ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ସହିତ ଆସିଥିବା ଅନ୍ୟ ଦୁଇଜଣ ଛାତ୍ରଙ୍କଠାରୁ ଖବରପାଇ ସଦର ଥାନା ପୋଲିସ ଓ ବନବିଭାଗ ପକ୍ଷରୁ ଛାତ୍ରମାନଙ୍କୁ ଜଙ୍ଗଲ ମଧ୍ୟରେ ଖୋଜା ଜାରି ରହିଛି। ଘଟଣାରୁ ଜଣାପଡିଛି, ରବିବାର କଟକ ଲିଙ୍କ୍ ରୋଡ ଅଞ୍ଚଳରୁ ୭ଜଣ ଛାତ୍ର ସପ୍ତଶଯ୍ୟା ବୁଲିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୫ଜଣ ସପ୍ତଶଯ୍ୟା ଜଙ୍ଗଲ ମଧ୍ୟରେ ବୁଲିବା ଭିତରେ ଜଙ୍ଗଲ ମଧ୍ୟରେ ଅଧିକ ଦୂରବାଟ ପଳାଇ ଯାଇଥିବାବେଳେ ସନ୍ଧ୍ୟା ସୁଦ୍ଧା ସେମାନଙ୍କ କୌଣସି ପତ୍ତା ମିଳି ପାରିନାହିଁ। ଉକ୍ତ ଛାତ୍ରମାନଙ୍କ ସହଯୋଗୀଙ୍କଠାରୁ ଖବରପାଇ ସଦର ଥାନା ପୋଲିସ, ଗୋବିନ୍ଦପୁର ଫାଣ୍ଡି ପୋଲିସ ଏବଂ ବନବିଭାଗର ୩ଟି ଦଳ ଜଙ୍ଗଲ ମଧ୍ୟରେ ଛାତ୍ରମାନଙ୍କୁ ଖୋଜାଖୋଜି ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ସଦର ଥାନା ଅଧିକାରୀ ଦୀପକ ଲେଙ୍କା କହିଛନ୍ତି, ଜଙ୍ଗଲରେ ବୁଲୁଥିବାବେଳେ ଉକ୍ତ ଛାତ୍ରମାନେ ବେଶୀ ଦୂରକୁ ପଳାଇଥିବା ସନ୍ଦେହ କରାଯାଉଛି। ପୋଲିସ ଓ ବନବିଭାଗ ପକ୍ଷରୁ ମିଳିତ ଭାବେ ଖୋଜାଖୋଜି ଜାରି ରହିଛି। ଏ ସଂକ୍ରାନ୍ତରେ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର କହିଛନ୍ତି, ଜଙ୍ଗଲ ଭିତରେ ଉକ୍ତ ଛାତ୍ରମାନେ ବହୁ ଦୂରକୁ ପଳାଇଛନ୍ତି। ପୋଲିସ ସହ ବନବିଭାଗର ୩ଟି ଦଳ ସେମାନଙ୍କୁ ଖୋଜାଖୋଜି କରୁଛନ୍ତି।

# ସୁକ୍‌ମା ପୋଲିସ ଦ୍ୱାରା ଜବତ ନକଲି ନୋଟ୍ ଛପା ମେଶିନ ମନଗଢ଼ା: ସିପିଆଇ ଏମ୍ ସଚିବ ମଙ୍ଗୁଡୁ

**ମାଲକାନଗିରି, ୩୦।୬ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ସୁକ୍‌ମା ଜିଲା କୋଣ୍ଟା ଏରିଆ କମିଟି ସଚିବ ମଙ୍ଗୁଡୁ ରବିବାର ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି, ସୁକ୍‌ମା ପୋଲିସ ଦ୍ୱାରା ଜବତ ହୋଇଥିବା ନକଲି ନୋଟ୍ ଛପା ମେଶିନ ଓ ମାଓବାଦୀ ସାମଗ୍ରୀ ପୋଲିସର ମନଗଢ଼ା। ଉକ୍ତ ପ୍ରେସ୍ ଇସ୍ତାହାରରେ ଆହୁରି କହିଛନ୍ତି, ସୁକ୍‌ମା ଜିଲାର ଭେଜି ଓ ଚନ୍ତାଗୁଫା ଥାନା ଅନ୍ତର୍ଗତ କେରୋସଗୁଡା, ଦନ୍ତେସ୍ପୁରମ୍, ମେଲାସୁର, ତୁମାଲପାଡ ଓ ସିଙ୍ଗନମଡଗୁ ଗ୍ରାମଗୁଡିକରେ ନକଲି ପୋଲିସକୁ ମୁତୟନ କରି ଆକ୍ରମଣ କରାଯାଇଥିଲା। ଏଥିରେ ଏହି ଗ୍ରାମରେ ଥିବା ମାଓବାଦୀ କ୍ୟାମ୍ପ ଉପରେ ଆକ୍ରମଣକରି ଦୈନିକ ବ୍ୟବହାର ସାମଗ୍ରୀ, ସହ ନକଲି ନୋଟ ତିଆରି ମେଶିନ ଜବତ କରିଥିବା ସୁକ୍‌ମା ଏସ୍‌ପି କିରଣ ଚୌହାନଙ୍କ ମନଗଢ଼ା ଏବଂ ଏହାକୁ ମଧ୍ୟ ଗଣମାଧ୍ୟମକୁ ଦିଆଯାଇଥିଲା। ଏହି ସମସ୍ତ ଘଟଣା ପ୍ରକୃତରେ ମିଥ୍ୟା। ଏଥିରେ ମିଥ୍ୟା ସଫଳତା ଦର୍ଶାଇ ଟଙ୍କା ରୋଜଗାର କରିବା ପାଇଁ ପୋଲିସ ଅଧିକାରୀଙ୍କ ଦ୍ୱାରା ରଚା ଯାଇଥିବା ଚାଲ୍। ପ୍ରକୃତରେ ଏହି ଗ୍ରାମଗୁଡିକରେ ଆକ୍ରମଣ କରାଯାଇଥିଲା। ଏଥିସହ ବହୁ ଲୋକଙ୍କ ଘର ଭିତରେ ପ୍ରବେଶ କରି ତାଙ୍କ ସାମଗ୍ରୀଗୁଡିକ ଫିଙ୍ଗା ଫୋପଡା କରିବା ସହ ଟଙ୍କା ଲୁଟି ନେଇଥିଲେ। ମେଲାସୁର ଗ୍ରାମର ବେକୋ ହୁଙ୍ଗା ଓ ଜଗା ନାମକ ବ୍ୟକ୍ତିଙ୍କୁ ମାରପିଟ କରି ୧୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଛଡେଇ ନେଇଥିଲେ। ଏହି ପାଞ୍ଚ ଗ୍ରାମରୁ ଧନୁ ତୀର ମଧ୍ୟ ଚୋରିକରି ନେଇଥିଲେ। ତେବେ ମାଓବାଦୀଙ୍କ କ୍ୟାମ୍ପ ଉପରେ ଆକ୍ରମଣ କରି ପ୍ରିଣ୍ଟର, ଧଳା କାଗଜ, ବିଭିନ୍ନ ରଙ୍ଗର କାଳି ସହ ପ୍ରଚାର ସାମଗ୍ରୀ ଲୁଟି ନେଇଥିଲେ। ଏହି ସାମଗ୍ରୀଗୁଡିକ ଜବତ କରିବା ପରେ ନକଲି ନୋଟ ଛପାଇବା ମେଶିନ ବୋଲି ଏସ୍‌ପି କିରଣ ଚୌହାନ ପ୍ରଚାର କରିବା ସହ ମନଗଢା କାହାଣୀ ଗଣମାଧ୍ୟମକୁ କହଥିଲେ। ଏପରି ମିଥ୍ୟା ପ୍ରଚାରକୁ କମ୍ୟୁନିଷ୍ଟ ପାର୍ଟି କୋଣ୍ଟା ଏରିଆ କମିଟି ଘୋର ନିନ୍ଦା କରୁଛି। ଏଥିସହ ସମସ୍ତ ଜନତା ଓ ସାମାଜିକ ସଂଗଠନ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କୁ ଅବଗତ କରାଉଛୁ ଏହାର ଉଚିତ ତଦନ୍ତ କରି ସତ୍ୟାସତ୍ୟ ଲୋକଲୋଚନକୁ ଆଣନ୍ତୁ ବୋଲି ଉଲ୍ଲେଖ ରହିଛି।

# ଲୁଣା ଜଙ୍ଗଲ ସଂରକ୍ଷଣ କରିବେ ଉପକୂଳ ଅଞ୍ଚଳର ଖବରଦାତା

**ଅସ୍ତରଙ୍ଗ,୩୦।୬ (ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ)**





ଦେବୀ ନଦୀ ମୁହାଣ ଓ ଲୁଣା ଜଙ୍ଗଲ ପରିଦର୍ଶନ ଅବସରରେ ଉପସ୍ଥିତ ଖବରଦାତା ଏବଂ ଅନ୍ୟମାନେ।

- **ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଗଣମାଧ୍ୟମ ସହଭାଗିତାକୁ ଗୁରୁତ୍ୱ**
- **ହେନ୍ତାଳ ବନର ସୁରକ୍ଷା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପ୍ରୟାସ ଜାରି**

ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷା କବଚ ସାଜୁଥିବା ହେନ୍ତାଳ ବନ ଧୀରେ ଧୀରେ ନଷ୍ଟ ହେବାକୁ ବସିଥିବାବେଳେ ବ୍ୟାପକ ସଚେତନତା ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଏହାର ସୁରକ୍ଷା ଲାଗି ପ୍ରୟାସ ଜାରି ରଖିଛନ୍ତି। ଏଥିଯୋଗୁ ଏବେ ଏହି ଜଙ୍ଗଲର ଆୟତନ ଆଶାତୀତ ଭାବେ ବୃଦ୍ଧି ପାଇଛି। ହେନ୍ତାଳ ବନ ଅନେକ ଜୀବଜନ୍ତୁଙ୍କ ସୁରକ୍ଷିତ ଆବାସସ୍ଥଳୀ ପାଲଟିବା ସହ ବଙ୍ଗୋପସାଗର ଉପକୂଳବର୍ତ୍ତୀ ଏକାଧିକ ଗାଁକୁ ଜୁଆର ଦାଉରୁ ସୁରକ୍ଷା ଦେଉଛି ବୋଲି ଲୁଣା ଜଙ୍ଗଲ ପରିଦର୍ଶନ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ସେହିପରି ଲୁଣା ଜଙ୍ଗଲ ଓ ଦେବୀ ନଦୀ ମୁହାଣ ସଂରକ୍ଷଣ କ୍ଷେତ୍ରରେ ସହଭାଗୀ ହେବାକୁ ଉପକୂଳ ଅଞ୍ଚଳର ଖବରଦାତାମାନେ ଆଗେଇ ଆସିଛନ୍ତି।

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଦେବୀ ନଦୀ ମୁହାଣଠାରେ ରବିବାର ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନର ମୁଖ୍ୟ ତଥା ମିଳିତ ଜାତିସଂଘର ଯୁବ ଅଧିବକ୍ତା ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଜଳବାୟୁ ପରିବର୍ତ୍ତନ ପ୍ରଶମନ ସମ୍ପର୍କିତ ଲୁଣା ଜଙ୍ଗଲ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୋରମ୍ ଫର୍ ଇଣ୍ଟେଗ୍ରେଟେଡ୍ ଡେଭେଲପ୍‌ମେଣ୍ଟ ଆଣ୍ଡ୍ ରିସର୍ଚ୍ଚ (ଏଫ୍‌ଆଇଡିଆର୍), ଭୁବନେଶ୍ୱର ଏବଂ ଯୁକ୍ତରାଷ୍ଟ୍ର ଆମେରିକା ବାଣିଜ୍ୟ ଦୂତାବାସ, ହାଇଦ୍ରାବାଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପକୂଳ ଅଞ୍ଚଳର ଖବରଦାତାମାନେ ସାମିଲ ହୋଇ ଦେବୀ ନଦୀ ମୁହାଣ ଓ ଲୁଣା ଜଙ୍ଗଲ ପରିଦର୍ଶନ କରିବା ସହ ଏହାର ସଂରକ୍ଷଣ ବିଷୟରେ ଆଲୋଚନା କରିଥିଲେ। ଅଭିଯାନର ଟ୍ରଷ୍ଟି ବାବୁ ବେହେରା ଏବଂ ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ବିଚିତ୍ରାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବିଭିନ୍ନ ସ୍ଥାନର ଅବକ୍ଷୟ ଓ ଲୁଣା ଜଙ୍ଗଲର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଉଚ୍ଚ ଜୁଆର ଯୋଗୁ ମୃତ୍ତିକା କ୍ଷୟ, ଜଙ୍ଗଲ ସମ୍ପଦ ନଷ୍ଟ ସମେତ ଲୁଣା ଜଙ୍ଗଲର ଭୂମିକା, ସ୍ଥିତି, ଅବସ୍ଥିତି, ସୁରକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ପ୍ରତିକୂଳ ପରିସ୍ଥିତିରେ ଲୁଣା ଜଙ୍ଗଲର ଅଭିବୃଦ୍ଧି ପାଇଁ ଚାରା ରୋପଣ, ସଂରକ୍ଷଣ, ବନ୍ୟଜନ୍ତୁ ଓ ଜଳଚର ଜୀବଙ୍କୁ ସୁରକ୍ଷା ଦିଗରେ ଉଦ୍ୟମ ଜାରି ରଖିଥିବା ଏହି ସଂଗଠନକୁ ଉପସ୍ଥିତ ଖବରଦାତାମାନେ ପ୍ରଶଂସା କରିଥିଲେ। ଲୁଣା ଜଙ୍ଗଲ ପରିଦର୍ଶନ ଓ ଜଳବାୟୁ ପରିବର୍ତ୍ତନର ସଚେତନତା ପାଇଁ ଗଣମାଧ୍ୟମ ସହଭାଗିତାକୁ ଗୁରୁତ୍ୱ ଦିଆଯାଇଛି। ଲୁଣା ଜଙ୍ଗଲର ଆବଣ୍ଟନ, ପ୍ରକାରଭେଦ, ପ୍ରାକୃତିକ ଓ ମନୁଷ୍ୟକୃତ ଚାପ, ସାମୁଦ୍ରିକ ପରିସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଉପକୂଳର ଜୀବନଜୀବିକା, ବନ୍ୟା, ବାତ୍ୟା, ସୁନାମି ଆଦି ପ୍ରାକୃତିକ ବିପର୍ଯ୍ୟୟବେଳେ ପ୍ରତିରୋଧକ ଭାବେ ଲୁଣା ଜଙ୍ଗଲ ଜଳ ଓ ସ୍ଥଳଭାଗକୁ ରକ୍ଷା କରେ ବୋଲି ଟ୍ରଷ୍ଟ ପକ୍ଷରୁ ଅବଗତ କରାଯାଇଥିଲା। ସମୁଦ୍ର ଜଳପତ୍ତନ ବୃଦ୍ଧିରେ ଆର୍ଦ୍ରଭୂମି ଉପରେ ଚାପ ପଡ଼ି ଜଙ୍ଗଲ କ୍ଷୟ ହେବା, ବାଘେଟା, ଜଳ ଓଧ ଆଦି ବିରଳ ପ୍ରଜାତି ପ୍ରାଣୀଙ୍କ ଆବାସସ୍ଥଳୀ ପ୍ରଦୂଷଣ ପ୍ରଭାବରେ ବିପଦରେ ପଡ଼ିଛି। ସମୁଦ୍ର ଭିତରେ ଥିବା ଟାପୁ, ସମୁଦ୍ରକୂଳ, ଆର୍ଦ୍ର ଭୂମିରେ ଧାନୀ ନାମକ ଉଦ୍ଭିଦ (ଧାନଗଛ ଭଳି ଗୁଳ୍ମ)ର ସଂରକ୍ଷଣ, ଉପକୂଳ ଅଞ୍ଚଳର ପ୍ରାକୃତିକ ଲୁଣା ଜଙ୍ଗଲ ସଂରକ୍ଷଣ ଓ ସଚେତନତା ଦିଗରେ ମତ ପ୍ରକାଶ ପାଇଥିଲା। ଏ ନେଇ ଖବରଦାତାମାନଙ୍କ ସହିତ ଆଲୋଚନା କରାଯିବା ସହ ସହଯୋଗ ଲୋଡ଼ାଯାଇଛି। କାର୍ଯ୍ୟକ୍ରମରେ ବିପିନ ବିହାରୀ ଦାସ, ନିରଞ୍ଜନ ଦାଶ, ପ୍ରସାର ଖୁଣ୍ଟିଆ, ବିଜୟ ବେହେରା, ମାନସ ଖଣ୍ଡୁଆଳ, ଲୋକନାଥ ସ୍ୱାଇଁ, ଆର୍ଯ୍ୟ ବିଶ୍ୱାଳ ଏବଂ ପ୍ରକାଶ କୁମାର ବେହେରା ପ୍ରମୁଖ ଖବରଦାତା ଉପସ୍ଥିତ ରହି ଆଲୋଚନା କରିବା ସହିତ ଲୁଣା ଜଙ୍ଗଲ ସଂରକ୍ଷଣ କ୍ଷେତ୍ରରେ ସାମୂହିକ ସହଯୋଗ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।



ଆମ ହୃଦୟରେ କୃତଜ୍ଞତାର ଶୁଦ୍ଧ ଅଗ୍ନିଶିଖା ସର୍ବଦା ପ୍ରଜ୍ୱଳିତ ରହିବା ଉଚିତ। ତା'ହେଲେ ସେହି ଶିଖାର ଉଷ୍ମ, ଉଜ୍ଜ୍ୱଳ ଓ ମଧୁର ଆଲୋକରେ ଆମର ସମସ୍ତ ଅହଂକାର ଓ ଅଜ୍ଞାନ ମିଳେଇ ଯିବ। -ଶ୍ରୀମା



# ଭୋଟ ହେଉଛି ଗଙ୍ଗାସ୍ନାନ

୨୦୨୪ ଲୋକ ସଭା ନିର୍ବାଚନ ସରି ସରକାର ଗଠନ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପରମ୍ପରା ଅନୁଯାୟୀ ପାର୍ଲାମେଣ୍ଟରେ ତାଙ୍କ ଅଭିଭାଷଣ ରଖିସାରିଛନ୍ତି। ସେଥିରେ ସେ ୧୯୭୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଦେଶରେ ଲାଗୁ କରାଯାଇଥିବା ଜରୁରିକାଳୀନ ପରିସ୍ଥିତି ବିଷୟରେ ଅବତାରଣା କରି ତାହା ସମ୍ବିଧାନ ଉପରେ ସିଧାସଳଖ ଆକ୍ରମଣ ଥିଲା ବୋଲି ବର୍ଣ୍ଣନା କରିଛନ୍ତି। ଏହି ଘଟଣାର ୪୯ ବର୍ଷ ପରେ ପୁରୁଣା କଥାକୁ ରାଷ୍ଟ୍ରପତି କାହିଁକି ତାଙ୍କ ଭାଷଣରେ ଦୋହରାଇଲେ ତାହାକୁ ନେଇ ବିରୋଧୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସ୍ୱାଭାବିକ ଭାବେ ଦେଖିଲେ ବର୍ତ୍ତମାନର ନାଗରିକଙ୍କ ମଧ୍ୟରୁ ଯେଉଁମାନେ ଅତୀତରେ କ'ଣସବୁ ଘଟିଥିଲା ସେଥିରେ ଆଗ୍ରହ ରଖୁଥିବେ, ତାହା ଇତିହାସରୁ ଜାଣିବା କଷ୍ଟକର ନୁହେଁ।

ଗଣତନ୍ତ୍ରରେ ଲୋକମତ ସବୁଠାରୁ ଊର୍ଦ୍ଧ୍ୱସ୍ଥାନ ପାଇଥାଏ। ଏହି କଥାରେ ଯେଉଁମାନେ ବିଶ୍ୱାସ ରଖନ୍ତି, ସେମାନେ ବୁଝନ୍ତି ଯେ ଭୋଟ ପାଇବା ହେଉଛି ଗଣତନ୍ତ୍ରର ଗଙ୍ଗାସ୍ନାନ। ଏହି ଦୃଷ୍ଟିରୁ ଦେଖିଲେ ଜରୁରିକାଳୀନ ପରିସ୍ଥିତି ପରେ ଇନ୍ଦିରା ଗାନ୍ଧୀ ଓ ତାଙ୍କ ପୁତ୍ର ସଞ୍ଜୟ ଗାନ୍ଧୀ ଏବଂ ତାଙ୍କ ଦଳର ବଡ଼ ନେତାଙ୍କୁ ୧୯୭୭ ସାଧାରଣ ନିର୍ବାଚନରେ ଉତ୍ତର ଭାରତର ଲୋକମାନେ ପରାସ୍ତ କରିଦେବା ପରେ ଇନ୍ଦିରା ସରକାରର ପତନ ଘଟିଲା ଓ ଜନତା ପାର୍ଟିର ସରକାର ଆସିଲା। ଏହି ସରକାରରେ ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରିତ୍ୱରେ ଚରଣ ସିଂ, ଅଟଳ ବିହାରୀ ବାଜପେୟୀ, ଲାଲ୍‌କୃଷ୍ଣ ଆଡ଼ଭାନୀ, ଜର୍ଜ ଫର୍ଣ୍ଣାଣ୍ଡିଜ୍, ବିଜୁ ପଟ୍ଟନାୟକ, ରାଜ ନାରାୟଣଙ୍କ ଭଳି ଅନେକ ନେତା ମନ୍ତ୍ରୀ ହୋଇଥିଲେ। ପୁନର୍ବାର ଜନତା ପାର୍ଟିର ଅନ୍ତର୍ଦ୍ୱନ୍ଦ୍ୱରୁ ଚରଣ ସିଂଙ୍କ ଷଡ଼ଯନ୍ତ୍ରରେ ମୋରାରଜୀଙ୍କ ସରକାର ଗଲା। ଆଜି ଚରଣ ସିଂଙ୍କ ନାତି ମୋଦିଙ୍କ ସରକାରରେ ମନ୍ତ୍ରୀ ହୋଇଛନ୍ତି। ୧୯୮୦ରେ ଯେତେବେଳେ ପୁନର୍ବାର ନିର୍ବାଚନ ହେଲା ସେଥିରେ ଇନ୍ଦିରାଙ୍କ ସମେତ ସଞ୍ଜୟ ଓ କଂଗ୍ରେସର ଅଧିକାଂଶ ନେତା ପାର୍ଲାମେଣ୍ଟକୁ ଫେରିଲେ ଓ କଂଗ୍ରେସ ସରକାର ଗଢ଼ିଲା। ମନେପଡ଼େ ଗତ ଦଶନ୍ଧି ମଧ୍ୟରେ ବିରୋଧୀଙ୍କ ଅନେକ ଟିପ୍ପଣୀ ମୋଦିଙ୍କ ବିରୋଧରେ ବାରମ୍ବାର ଶୁଣିବାକୁ ମିଳୁଥିଲା। ୨୦୨୪ ନିର୍ବାଚନରେ ସେହି ଉତ୍ତର ଭାରତୀୟ ଭୋଟର ସଂସଦରେ ମୋଦିଙ୍କ ସଂଖ୍ୟା ହ୍ରାସ କରାଇଦେଲେ। ତାହା ସତ୍ତ୍ୱେ ମୋଦିଙ୍କ ସରକାର ହେବା ଫଳରେ ଏବେ ନୂଆ ମେଣ୍ଟ ପର୍ଯ୍ୟାୟ ଆରମ୍ଭ ହୋଇଛି, ଯାହାକୁ ମଧ୍ୟ ଏକପ୍ରକାର ଗଙ୍ଗାସ୍ନାନ ବୋଲି କୁହାଯାଇପାରେ। ତେବେ ଏଠାରେ ଭୁଲିଯିବା ଉଚିତ ନୁହେଁ, ଦୀର୍ଘ ୧୦ ବର୍ଷଧରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ ସରକାର ଚାଲିଆସୁଛି। ୨୦୨୪ ମସିହାରେ ହୋଇଥିବା ଲୋକ ସଭା ନିର୍ବାଚନରେ ଭାଜପାର ଆସନ ସଂଖ୍ୟା ବହୁମାତ୍ରାରେ ହ୍ରାସ ପାଇଥିବାରୁ ମୋଦିଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରାଇବାରେ ବିହାରର ନୀତୀଶ କୁମାର ଓ ଆନ୍ଧ୍ରର ଚନ୍ଦ୍ରବାବୁ ନାଇଡୁ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ସେମାନେ ମଧ କୌଣସି ଭାବେ ସାହାଯ୍ୟ କରିପାରି ନ ଥାନ୍ତେ ଯଦି ଓଡ଼ିଶାରୁ ଭାଜପା ୨୦ଟି ଆସନ ହାସଲ କରିପାରି ନ ଥାନ୍ତା। ହୁଏତ ସେଥିପାଇଁ ପ୍ରଥମ ଦଳୀୟ ସଭାରେ ପ୍ରଧାନମନ୍ତ୍ରୀ ମୋଦି 'ଜୟଶ୍ରୀରାମ' ପରିବର୍ତ୍ତେ 'ଜୟ ଜଗନ୍ନାଥ' ଉଚ୍ଚାରଣ କରିଥିଲେ।

ଆଜିର ପିଢ଼ି ପାଇଁ ଯେଉଁସବୁ ପ୍ରସଙ୍ଗ ଓ ସମସ୍ୟା ଯଥା ଶିକ୍ଷା, ନିଯୁକ୍ତି, ଭବିଷ୍ୟତର ଚିନ୍ତା ସହିତ ଜାତୀୟ ସୁରକ୍ଷା ଭଳି ବିଷୟ ରହିଛି, ତାହାକୁ ରାଷ୍ଟ୍ରପତି ତାଙ୍କ ଭାଷଣରେ ଉଲ୍ଲେଖ କରିବାର ଥିଲା। ଏହା ଜଣାଶୁଣା ଯେ ସରକାରରେ ଥିବା ଦଳର କହିବା ଅନୁଯାୟୀ ରାଷ୍ଟ୍ରପତିଙ୍କ ଭାଷଣ ପ୍ରସ୍ତୁତ ହୋଇଥାଏ। ତେଣୁ ଭାଜପା ପରିଚାଳିତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଥିବା ପ୍ରସଙ୍ଗକୁ ଲୋକଲୋଚନରୁ ଦୂରେଇ ରଖିବା ପାଇଁ ଅତୀତର ସାହାରା ନିଆଯାଇଥିବା ରାଷ୍ଟ୍ରପତିଙ୍କ ଅଭିଭାଷଣରୁ ପ୍ରତୀୟମାନ ହେଉଛି ବୋଲି ବିରୋଧୀ କହୁଛନ୍ତି। ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ବର୍ଷେ ହେବ ଲାଗି ରହିଥିବା ହିଂସାଠାରୁ ଆରମ୍ଭକରି ଏବର ଏନ୍‌ଇଇଟି-ୟୁଜି ଓ ୟୁଜିସି-ନେଟ୍ ବିବାଦ ଓ ଦରଦାମ ବୃଦ୍ଧି ଆଦି ବିଷୟ ସମସ୍ତେ ହୃଦୟଙ୍ଗମ କରୁଛନ୍ତି। କିନ୍ତୁ ସରକାର ଏହିସବୁ ଜ୍ୱଳନ୍ତ ପ୍ରସଙ୍ଗ ସମ୍ପର୍କରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ମାଧ୍ୟମରେ ଆଲୋଚନା କରିବା ପାଇଁ ଇଚ୍ଛୁକ ନୁହନ୍ତି ବୋଲି ବୋଲି ବିରୋଧୀ ମତ ଦେଉଛନ୍ତି।

ରାଷ୍ଟ୍ରୀୟ ଜନତା ଦଳ ସଭାପତି ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ଜୀବନୀ ଲେଖକ ତଥା ସାମ୍ବାଦିକ ନଳିନୀ ବର୍ମାଙ୍କ ଦ୍ୱାରା 'ଦି ସଂଘ ସାଇଲେନ୍ସ ଅନ୍ ୧୯୭୫' ଲେଖାରେ ଉଠାଇଥିବା ପ୍ରସଙ୍ଗର ସାରାଂଶକୁ ଏଠାରେ ଅବତାରଣା କରାଯାଇପାରେ। ଲାଲୁ ପ୍ରସାଦ ଯାଦବ କହିଛନ୍ତି ଯେ ତାଙ୍କ ଭଳି ବହୁ ରାଜନେତାଙ୍କୁ ଇନ୍ଦିରା ଗାନ୍ଧୀ ସେତେବେଳେ ଜେଲ୍‌ରେ ଭର୍ତ୍ତି କରିଥିଲେ। ଜରୁରିକାଳୀନ ପରିସ୍ଥିତି କିଭଳି ଥିଲା ସେହି ସମୟକୁ ଦେଖିଥିବା ବ୍ୟକ୍ତି ଭଲ ଭାବେ କହିପାରିବେ। ବର୍ତ୍ତମାନ ମୋଦି, ନଡ୍ଡା ଓ ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ରାଜନେତା, ଯେଉଁମାନେ ଜରୁରିକାଳୀନ ପରିସ୍ଥିତି ବିଷୟରେ ଲମ୍ବା ଭାଷଣ ଦେଉଛନ୍ତି, ସେମାନଙ୍କ ନାମ ସେତେବେଳେ କେହି ଶୁଣି ନ ଥିଲେ କିମ୍ବା ସେମାନେ ସରକାର ବିରୋଧୀ ଭୂମିକା ଗ୍ରହଣ କରି ନ ଥିଲେ ବୋଲି ଲାଲୁ କହିଛନ୍ତି। ସେ ପୁଣି ଉଲ୍ଲେଖ କରିଛନ୍ତି, ସେତେବେଳେ ଇନ୍ଦିରା ଗାନ୍ଧୀ ସେମାନଙ୍କୁ ଜେଲରେ ଭର୍ତ୍ତି କରିଥିବା ସତ୍ତ୍ୱେ ସେ କିମ୍ବା ତାଙ୍କ ମନ୍ତ୍ରୀମାନେ ସେମାନଙ୍କୁ କଦାପି 'ଦେଶଦ୍ରୋହୀ' ଆଖ୍ୟା ଦେଇ ନ ଥିଲେ। ଲାଲୁଙ୍କ ଲେଖା ପଢ଼ିଲେ ବୁଝାପଡୁଛି ଯେ ଜରୁରିକାଳୀନ ପରିସ୍ଥିତି ନ ଥିଲେ ମଧ ସାମ୍ପ୍ରତିକ ପରିସ୍ଥିତିକୁ ଦେଖିଲେ ଅନେକ କଡ଼ା ଅଗଣତାନ୍ତ୍ରିକ ପଦକ୍ଷେପ ଏହି ସରକାର ଦ୍ୱାରା ନିଆଯାଉଛି।

# ଆମ ଭାରତୀୟ ରେଳପଥ



ସୌଭାଗ୍ୟ ସୁନ୍ଦରରାୟ

ଓଡ଼ିଶାରେ ବାହାନଗା ରେଳ ଦୁର୍ଘଟଣାକୁ ବର୍ଷେ ପୂରିବା ବେଳକୁ ପଶ୍ଚିମବଙ୍ଗରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଦୁର୍ଘଟଣାରେ ଗତ ୧୭ ତାରିଖ ସକାଳେ ୯ଜଣ ଯାତ୍ରୀ ପ୍ରାଣ ହରାଇବା ସହ ଅନେକେ ଆହତ ହୋଇଛନ୍ତି। ୨୦୨୩ ଜୁନ୍ ୩ରେ ବାଲେଶ୍ୱର ଜିଲା ବାହାନଗାଠାରେ କରମଣ୍ଡଳ ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣାରେ ୩୦୦ରୁ ଅଧିକ ଯାତ୍ରୀ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣାରେ ସମଗ୍ର ବିଶ୍ୱ ଚକିତ ହୋଇଯାଇଥିଲା। ଦେଶ ବିଦେଶରୁ ସମବେଦନାର ବାର୍ତ୍ତା ଆସି ପହଞ୍ଚିଥିଲା। ୧୯୯୫ ପରେ ଏହା ଥିଲା ବଡ଼ ଦୁର୍ଘଟଣା। ଫିରୋଜାବାଦଠାରେ ୧୯୯୫ ରେ ବିଳମ୍ବିତ ରାତ୍ରିରେ କାଳିନ୍ଦୀ ଏକ୍ସପ୍ରେସ୍ ଓ ପୁରୁଷୋତ୍ତମ ଏକ୍ସପ୍ରେସ୍ ମଧ୍ୟରେ ଧକ୍କାହୋଇ ୩୫୮ ଯାତ୍ରୀ ପ୍ରାଣ ହରାଇଥିବା ସରକାରୀ ସୂତ୍ରରୁ ଜଣାଯାଏ। ବାହାନଗାର ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣା ପରେ ଦେଶର ବିଭିନ୍ନ ଭାଗରେ ରେଳ ଦୁର୍ଘଟଣା ଘଟି ଚାଲିଛି। ୨୦୨୪ ମାର୍ଚ୍ଚ ୩ରେ ହାଓଡା-ଚେନ୍ନାଇ ରେଳମାର୍ଗରେ ରାୟଗଡ଼ା ପାସେଞ୍ଜର ଟ୍ରେନ୍ ବିଶାଖାପାଟଣା-ପଲାସା ଟ୍ରେନ୍‌କୁ ପଛପଟୁ ଧକ୍କାଦେବା ଫଳରେ ୧୪ ଯାତ୍ରୀଙ୍କର ପ୍ରାଣହାନି ଘଟିଥିଲା। ଗତ ଏପ୍ରିଲ ୨୯ରେ କେନ୍ଦ୍ର ରେଳପଥର ସିଏସ୍‌ଏମ୍‌ଟି ଷ୍ଟେଶନରେ ଏକ ସ୍ଥାନୀୟ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା। ୨୦୨୪ ମାର୍ଚ୍ଚ ୧୮ରେ ସାବରମତୀ ଏକ୍ସପ୍ରେସ୍ ଆଜ୍‌ମେର ନିକଟରେ ଏକ ମାଲବାହୀ ଟ୍ରେନ୍‌କୁ ଧକ୍କାଦେଇଥିଲା। ଫଳରେ ୪ଟି କୋଚ୍ ଲାଇନଚ୍ୟୁତ ହୋଇଥିଲା ଓ ଏହି ରାସ୍ତାରେ ରେଳସେବା ବାଧାପ୍ରାପ୍ତ ହୋଇଥିଲା। ବହୁ ସମୟରେ ଇଞ୍ଜିନରୁ ବଗି ବିଚ୍ଛିନ୍ନହୋଇ ଦୀର୍ଘ ପଥ ଗଡ଼ି ଚାଲୁଥିବା ଦେଖାଯାଉଛି। ୨୦୨୩ ଜୁନ୍ ୫ରେ ସମ୍ବଲପୁର ନିକଟରେ ଏକ ମାଲବାହୀ ଗାଡ଼ିର ୧୦ଟି ବଗି ଇଞ୍ଜିନରୁ ବିଚ୍ଛିନ୍ନ ହୋଇ ଦୀର୍ଘ ପଥ ରେଳଧାରଣା ଉପରେ ଗଡ଼ିଥିଲା। ଉପରୋକ୍ତ ଘଟଣାଗୁଡ଼ିକୁ ଦେଖିଲେ ଭାରତୀୟ ରେଳପଥରେ ସୁରକ୍ଷା ବ୍ୟବସ୍ଥାରେ ସେଭଳି ସୁଧାର ଆସିପାରୁ ନ ଥିବା ମନେହୁଏ। କିଛି ଦୁର୍ଘଟଣା ମନୁଷ୍ୟକୃତ ହୋଇଥିବାବେଳେ ବୈଷୟିକ ତ୍ରୁଟିଜନିତ ଦୁର୍ଘଟଣା ସଂଖ୍ୟା ଅଧିକ ଥିବା ଜଣାପଡୁଛି। ଅମୃତ ଭାରତ ରେଳ ଷ୍ଟେଶନ ରୂପାନ୍ତରୀକରଣ ଓ ବନ୍ଦେ ଭାରତ ରେଳ ଚଳାଚଳ ନିମନ୍ତେ ରେଳପଥ ସମ୍ପ୍ରତି ସମସ୍ତ ସମୟ ଓ ସମ୍ବଳ ବିନିଯୋଗକରି ରେଳ ଓ ଯାତ୍ରୀ ସୁରକ୍ଷାକୁ ସମ୍ପୂର୍ଣ୍ଣ ଅଣଦେଖା କରିଦେଇଛି।

ଭାରତୀୟ ରେଳପଥ ବିଶ୍ୱର ୩ୟ ବୃହତମ ଯାତ୍ରୀ ଓ ମାଲ ପରିବହନକାରୀ ବ୍ୟବସ୍ଥା। ବାର୍ଷିକ ଏହା ପ୍ରାୟ ୮୦ କୋଟି ଯାତ୍ରୀ ପରିବହନ କରିଥାଏ। ପ୍ରାୟ ୧ ଲକ୍ଷ ୧୪ ହଜାର କି.ମି. ରେଳଧାରଣାରେ ଦୈନିକ ପ୍ରାୟ ୨୦ହଜାର ରେଳ ଚଳାଚଳ କରିଥାଏ। କିନ୍ତୁ ରେଳମାର୍ଗର ରକ୍ଷଣାବେକ୍ଷଣ ଓ ନବୀକରଣ କାର୍ଯ୍ୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଥିବା ବିଷୟ ବାହାନଗା ରେଳ ଦୁର୍ଘଟଣାରୁ ସ୍ପଷ୍ଟ ହେଉଛି। ରେଳ ବଜେଟ ବୃଦ୍ଧି ପାଉଛି। କିନ୍ତୁ ବଜେଟର ଅଧିକାଂଶ ଭାଗ ନୂତନ ରେଳଲାଇନ ବିଛାଇବା, ବିଦ୍ୟୁତୀକରଣ, ଷ୍ଟେଶନ ନବୀକରଣ ଆଦି କାର୍ଯ୍ୟରେ



ବିନିଯୋଗ ହେଉଥିବା ଜଣାପଡ଼ିଛି। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ପରିମାଣର ପୁରୁଣା ରେଳଧାରଣା ପରିବର୍ତ୍ତନ ଓ ନବୀକରଣ ପାଇଁ ନିୟମ ରହିଥିଲେ ମଧ୍ୟ ତାହା କଡ଼ାକଡ଼ି ପାଳନ କରାଯାଉ ନାହିଁ। ରେଳଧାରଣା ସହ ସିଗ୍‌ନାଲିଂ ଓ ଅନ୍ୟାନ୍ୟ ସୁରକ୍ଷା ଦିଗ ପ୍ରତି ସେତେଟା ଦୃଷ୍ଟି ଦିଆଯାଉ ନାହିଁ।

ଭାରତରେ ଯେତେ ରେଳ ଦୁର୍ଘଟଣା ଘଟିଛି ସେଥିମଧ୍ୟରୁ ଅଧିକାଂଶ ପ୍ରଯୁକ୍ତିଗତ ବୋଲି ଜଣାପଡ଼ିଛି। ରେଳ ସୁରକ୍ଷାରେ ଟ୍ରାକ୍, ସିଗ୍‌ନାଲ ଓ ଟେଲି ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ। ଏଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ନ ଦେଇ ଦୀର୍ଘଦିନ ହେଲା ନୂଆ ଟ୍ରାକ୍ ବିଛାଇବା ଓ ନୂଆ ରେଳଗାଡ଼ି ଚଳାଇବା ପାଇଁ ଦୃଷ୍ଟି ଦିଆଗଲା। ରେଳର ବେଗ ନିୟନ୍ତ୍ରଣ କରିବା ନିମନ୍ତେ ଟ୍ରେନ୍ କୋଲିଜନ ଆଭଏଡାନ୍ସ ସିଷ୍ଟମ (ଟିସିଏଏସ୍) ରହିଛି। ଏହାକୁ କବଚ କୁହାଯାଉଛି। ଏହି ବ୍ୟବସ୍ଥା ଅଦ୍ୟାବଧି ଦେଶର ମାତ୍ର ୧୪୪୫ କି.ମି. ରେଳପଥରେ ରହିଥିବାବେଳେ ୧ ଲକ୍ଷ ୧୨ ହଜାର କି.ମି. ରେଳପଥ ମୁକୁଳା ପଡ଼ିଛି। କବଚ ସହ ସଂଶ୍ଳିଷ୍ଟ ଏଚ୍‌ବିଏଲ୍ ପାୱାର ସିଷ୍ଟମର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଏ.ଜେ.ପ୍ରସାଦଙ୍କ କହିବାନୁଯାୟୀ ଯଦି ତ୍ୱରାନ୍ୱିତ ବେଗରେ କାର୍ଯ୍ୟ ହୁଏ ତେବେ ସମସ୍ତ ରେଳମାର୍ଗରେ କବଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପାଇଁ ଅନ୍ତତଃ ୧୫ ବର୍ଷ ଲାଗିବ। କେଉଁଠି ଟ୍ରେନ୍ ବଗିରୁ ଧୂଆଁ ବାହାରିବାର ଖବର ଆସିଲାଣି ତ କେଉଁଠି ଗୋଟିଏ ଟ୍ରାକ୍‌ରେ ୨ଟି ଟ୍ରେନ୍ ଆସିବା ଦେଖାଗଲାଣି।

ରେଳପଥର ଯାତ୍ରୀ ସେବା ଓ ସୁରକ୍ଷା ବ୍ୟବସ୍ଥା ମଧ୍ୟ ନିମ୍ନଗାମୀ ହେବାରେ ଲାଗିଛି। ଆବଶ୍ୟକ ସଂଖ୍ୟକ ସିଟ୍ ନ ଥାଇ ରେଳପଥ ଗତ କିଛି ବର୍ଷ ହେଲା ମନମୁଖି ଭାବେ ୱେଟିଂ ଲିଷ୍ଟ ଟିକେଟଧାରୀଙ୍କ ସଂଖ୍ୟା ବୃଦ୍ଧି କରିଚାଲିଛି। ଏହା ରେଳପଥର ଲାଭଖୋର ମନୋଭାବ। ଏପରି କରାଯିବା ଦ୍ୱାରା ବଗି ମଧ୍ୟରେ କନ୍‌ଫର୍ମ ଟିକେଟ ଥିବା ଯାତ୍ରୀ ଗୁରୁତର ଅସୁବିଧା ମଧ୍ୟରେ ଯାତ୍ରା କରୁଛନ୍ତି। ୱେଟିଂ ଲିଷ୍ଟ ଟିକେଟଧାରୀଙ୍କ ଦ୍ୱାରା କୋଚ୍ ଭର୍ତ୍ତି ହୋଇଯାଉଛି। ଶୌଚାଳୟ ଯିବା ନିମନ୍ତେ ମଧ୍ୟ ବାଟ ମିଳୁନାହିଁ। ଭିଡ଼ କାରଣରୁ ଗତ ଏପ୍ରିଲ ୨୭ ତାରିଖରେ ମୁମ୍ବାଇ ସହରତଳି ଅଞ୍ଚଳ ଟ୍ରେନ୍‌ରୁ ମୁମ୍ବ୍ରା-ଡମଭିଲ ମଧ୍ୟରେ ୩ ଜଣ ଯାତ୍ରୀ ପଡ଼ିଯାଇ ଆହତ ହୋଇଥିଲେ। ଦିଲ୍ଲୀ- ସରାଇ ରୋହିଲା ସୁପରଫାଷ୍ଟ ଏକ୍ସପ୍ରେସ୍‌ର ପ୍ରଥମ ଶ୍ରେଣୀ ବାତାନୁକୂଳ ବଗିରେ ଶୌଚାଳୟ ଅବରୋଧକରି କେତେଜଣ ଯାତ୍ରୀ ବସି ରହିଥିବା ଗତ ମେ' ୨ରେ ଦେଖାଯାଇଥିଲା। ବଗିର କନ୍‌ଫର୍ମ ଟିକେଟଧାରୀ ଯାତ୍ରୀ ଟିଟିଇଙ୍କୁ ଏ ବିଷୟରେ କହିବାରୁ କୌଣସି ସହାୟତା ମିଳିପାରି ନ ଥିଲା। ପରେ କେତେଜଣ ଯାତ୍ରୀ ଏହି ଘଟଣାର ଫଟୋ ସାମାଜିକ ଗଣମାଧ୍ୟମରେ ରେଳମନ୍ତ୍ରୀଙ୍କୁ ଟ୍ୟାଗ୍‌କରି 'ଏକ୍ସ'ରେ ପୋଷ୍ଟ କରିବା ଫଳରେ ଶୌଚାଳୟ ଅବରୋଧ ଉଠିଥିଲା। ଟ୍ରେନ୍‌ରେ ବହୁ ସମୟରେ ଟିଟିଇଙ୍କର ଦେଖାମିଳୁନାହିଁ। ଫଳରେ ଅଣକନ୍‌ଫର୍ମ ଟିକେଟଧାରୀ ଓ ବିନା ଟିକେଟ ଯାତ୍ରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। କେତେଜଣ ଯାତ୍ରୀ ନିଜ ସୁବିଧା ଅନୁଯାୟୀ ଅନ୍ୟ ଯାତ୍ରୀଙ୍କ ଆସନ ଦଖଲ କରୁଛନ୍ତି। ସେମାନଙ୍କୁ ଉଠିବାକୁ ଅସଲ ଯାତ୍ରୀ କହିଲେ ମଧ୍ୟ ସେମାନେ ତାହା ପାଳନ କରୁନାହାନ୍ତି। ଏଥିରେ ତତ୍କାଳ ସହାୟତା ପାଇଁ ରେଳ କର୍ମଚାରୀ ଉପଲବ୍ଧ ନାହାନ୍ତି।

ଖାଦ୍ୟ ଯୋଗାଣ ଘରୋଇକରଣ ହେବା ପରେ ରେଳପଥରେ ବାସି,ଅସ୍ୱାସ୍ଥ୍ୟକର ଖାଦ୍ୟ ବୃଦ୍ଧି ପାଇଛି। ଗତ ଜାନୁୟାରୀ ୧୧ ରେ କରମାଲି- ମୁମ୍ବାଇ ତେଜସ୍ ଏକ୍ସପ୍ରେସ୍‌ରେ ରାତ୍ରି ଭୋଜନରେ ବାସି ପଲାଉ ଖାଇ ୫ ଜଣ ଯାତ୍ରୀ ଅସୁସ୍ଥ ହୋଇଥିଲେ। ସେହି ମାସ ଜାନୁୟାରୀ ୨୪ରେ ମୁମ୍ବାଇ-ଅହମ୍ମଦାବାଦ ଜନଶତାବ୍ଦୀ ଏକ୍ସପ୍ରେସ୍‌ରେ ପ୍ରାତଃ ଭୋଜନ ସମୟରେ ବାସି ପାଉଁରୁଟି ଖାଇ ୩୬ ଯାତ୍ରୀ ଅସୁସ୍ଥ ହୋଇଥିଲେ। କେଉଁ ଟ୍ରେନ୍‌ର ଏସି ମଧ୍ୟରେ ମୂଷା ଚାଲୁଛି ତ କେଉଁଠି ରୋଷଶାଳାରେ ମୂଷା ସାଲୁବାଲୁ ହେଉଛନ୍ତି। ବନ୍ଦେ ଭାରତ ଭଳି ଟ୍ରେନ୍‌ରେ ବାସି ଖାଦ୍ୟ ଯୋଗାଣ ଯୋଗୁ ନିକଟରେ ଆକାଶ କେଶରୀ ନାମକ ଜଣେ ଯାତ୍ରୀ ନୂଆଦିଲ୍ଲୀ- ବାରାଣସୀ ଟ୍ରେନ୍‌ର ଖାଦ୍ୟ ଫେରସ୍ତ କରି ଏ ବାବଦ ଦେୟ ଫେରସ୍ତ ଆଣିଥିଲେ। ଏହାକୁ ସେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ବହୁ ସଂଖ୍ୟକ ଖାଦ୍ୟ ଯୋଗାଣକାରୀ କର୍ମଚାରୀଙ୍କ ଆତଯାତ ଯୋଗୁ ବଗିରେ ଯାତ୍ରୀଙ୍କ ସ୍ୱାଚ୍ଛନ୍ଦ୍ୟ ଚଳପ୍ରଚଳ ବାଧାପ୍ରାପ୍ତ ହେଉଛି। ବଗିରେ ସହାୟତା ପାଇଁ ଆର୍‌ପିଏଫ୍‌ଙ୍କ ମଧ୍ୟ ଦେଖା ମିଳୁନାହିଁ। ଶୌଚାଳୟ, ବଗି ନିୟମିତ ସଫା କରାଯାଉ ନାହିଁ। ଏଥିପାଇଁ ୧୩୯କୁ ଫୋନକରି ଜଣାଇବାକୁ କୋଚ୍ ମଧ୍ୟରେ ବିଜ୍ଞାପନ ଲଗାଇ ଦିଆଯାଇଛି।

ବିଭିନ୍ନ ସମୟରେ କିଛି ତଥାକଥିତ ସଫଳତାର କାହାଣୀ ରେଳପଥ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିବା ବେଳେ ଏହାର ସମୟାନୁବର୍ତ୍ତିତା ହ୍ରାସ ପାଇଚାଲିଛି। ଏହି ସମୟାନୁବର୍ତ୍ତିତା ସାଧାରଣ ଭାବେ ୯୫% ହେବା ଆବଶ୍ୟକ। ୨୦୨୨-୨୩ରେ ଏହା ୮୩.୬୯%କୁ ଖସି ଆସିଥିବାବେଳେ ଏବେ ୬୯.୨୩%କୁ ରହିଛି। ସେହିପରି ବନ୍ଦେ ଭାରତ ୨୦୨୦-୨୧ରେ ଘଣ୍ଟା ପ୍ରତି ୮୪.୪୮ କି.ମି. ଥିବାବେଳେ ଏବେ ୭୬.୨୫ କି.ମି.କୁ ହ୍ରାସ ପାଇଛି। ରେଳପଥର ବିଭିନ୍ନ ସ୍ତରରେ ଏବେ ୩ ଲକ୍ଷ ପଦବୀ ଖାଲି ପଡ଼ିଛି। କମ୍ ସଂଖ୍ୟକ କର୍ମଚାରୀରେ ଅଧିକ କାମ ଆଦାୟ କରି ରେଳପଥ ଲାଭ କରିବାକୁ ଚାହୁଁଛି। ଫଳରେ କାର୍ଯ୍ୟରତ କର୍ମଚାରୀଙ୍କ ଉପରେ ମାନସିକ ଓ ଶାରୀରିକ ଚାପ ସୃଷ୍ଟି ହେଉଛି। ଏଣୁ ସାଧାରଣ ଜନତାଙ୍କ ନିମନ୍ତେ ସେବା ଓ ସୁରକ୍ଷାକୁ ରେଳପଥ ପ୍ରଥମେ ବ୍ୟବସ୍ଥିତ କରିବା ଆବଶ୍ୟକ। ଏହା ପରକୁ ବିକାଶମୂଳକ କାର୍ଯ୍ୟ ବିଷୟ ଚିନ୍ତା କରାଯାଇପାରେ।

ମୋ: ୯୪୩୭୨୨୯୨୩୩

# ଉପେକ୍ଷିତ ଜନମତ



ରବିନାରାୟଣ ସାମଲ

ଗତ ସାଧାରଣ ନିର୍ବାଚନରେ ସୁରଟ ଲୋକ ସଭା ନିର୍ବାଚନମଣ୍ଡଳୀରେ ୧୦ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ୮ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିଲେ, କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଥିଲା। ଏହି ଘଟଣାଟି ଏକରକମ ନାଟକୀୟ ଥିଲା। ବିରୋଧୀ ଦଳମାନେ ଅଭିଯୋଗ ଆଣିଲେ। ତା'ସତ୍ତ୍ୱେ ଅଭିଯୋଗ ଗ୍ରହଣ କରାଗଲା ନାହିଁ। ଭାଜପା ଦଳର ପ୍ରାର୍ଥୀ ମୁକେଶ ଦଲାଲ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ସଂସଦକୁ ନିର୍ବାଚିତ ହୋଇଗଲେ। ଏହି ନିର୍ବାଚନମଣ୍ଡଳୀର ୧୬ ଲକ୍ଷରୁ ଊର୍ଦ୍ଧ୍ୱ ମତଦାତା ହାତବାନ୍ଧି ଘରେ ବସିଲେ। ସେମାନେ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିପାରିଲେ ନାହିଁ। ବିନା ନିର୍ବାଚନରେ ସଂସଦକୁ ନିର୍ବାଚିତ ହେବା ଭାରତ ଇତିହାସରେ ଏକ ବିରଳ ଘଟଣା ଥିଲା।

ମୁମ୍ବାଇ ଉତ୍ତର-ପଶ୍ଚିମ ନିର୍ବାଚନମଣ୍ଡଳୀରେ ୨୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଶିବସେନାର ପ୍ରାର୍ଥୀ ରବୀନ୍ଦ୍ର ଦତ୍ତରାମ ୱାଇକର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ମାତ୍ର ୪୮ ଖଣ୍ଡ ଅଧିକ ଭୋଟ ପାଇ ସଂସଦକୁ ନିର୍ବାଚିତ ହେଲେ। ସେଠାରେ ମତଦାନ ହୋଇଥିଲା ୧୩,୮୨,୩୧୮। ରବୀନ୍ଦ୍ର ଦତ୍ତରାମ ପାଇଥିଲେ ମାତ୍ର ୪,୫୨,୬୪୪, ଅର୍ଥାତ୍ ଏକ-ତୃତୀୟାଂଶ ଭୋଟ। ଅବଶିଷ୍ଟ ଦୁଇ-ତୃତୀୟାଂଶ ଭୋଟ ତାଙ୍କ ବିପକ୍ଷରେ ପଡ଼ିଥିଲା। ଫଳରେ ୯,୨୯,୬୭୪ ଖଣ୍ଡ ଭୋଟର କିଛି ମୂଲ୍ୟ ରହିଲା ନାହିଁ। ଆମ ଓଡ଼ିଶା ବିଧାନସଭା ନିର୍ବାଚନର ଫଳାଫଳ ଆହୁରି ବିଚିତ୍ର। ଭାଜପା କମ୍ ଭୋଟ ପାଇ ସରକାର ଗଠନ କଲା, ବିଜୁ ଜନତା ଦଳ ଅଧିକ ଭୋଟ ପାଇ ବିରୋଧୀ ଦଳ ଆସନରେ ବସିଲା। ଭାଜପା ପାଇଥିଲା ୧କୋଟି ୬୪ ହଜାର ୮୨୭ (୪୦.୦୭%) ଭୋଟ୍ ଏବଂ ବିଜେଡି ପାଇଥିଲା ୧ କୋଟି ୧ ଲକ୍ଷ ୨ ହଜାର ୪୫୪ (୪୦.୨୨%) ଭୋଟ୍। ଭାଜପାର ଆସନ ସଂଖ୍ୟା ଥିଲା ୭୮ ଏବଂ ବିଜେଡିର ଆସନ ସଂଖ୍ୟା ୫୧।

ଆମ ଲୋକ ପ୍ରତିନିଧି ଆଇନ ଅନୁଯାୟୀ ଜଣେ ପ୍ରାର୍ଥୀ ଖଣ୍ଡେ ମାତ୍ର ଭୋଟ୍ ଅଧିକ ପାଇଲେ ବି ସେ ନିର୍ବାଚିତ ହେଲେ ବୋଲି ଘୋଷଣା କରାଯିବ। ବିପକ୍ଷରେ ଯେତେ ଥାଉ ବା ନ ଥାଉ ସେଥିରେ କିଛି ଯାଏ ଆସେ ନାହିଁ। ସୁରଟରେ ଆଦୌ ଭୋଟ ନ ହୋଇ ଜଣେ ନିର୍ବାଚିତ ହୋଇଯିବା ମଧ୍ୟ ଆମ ଗଣତାନ୍ତ୍ରିକ ପଦ୍ଧତିର ଏକ ଦୁର୍ବଳ ଦିଗ। ଆମ ଦେଶରେ ସାବାଳକ ମତଦାତାଙ୍କ ସଂଖ୍ୟା ପ୍ରାୟ ୯୬ କୋଟି। ସେମାନଙ୍କ ମଧ୍ୟରୁ ମତଦାନ ସାବ୍ୟସ୍ତ କଲେ ଶତକଡ଼ା ୬୫ ଭାଗ। ଅବଶିଷ୍ଟ ଶହକେ ୩୫ ଜଣ ଭୋଟ ଦେଲେ ନାହିଁ। ମତଦାନ ହୋଇଥିବା ଶହକେ ୬୫ ଜଣଙ୍କ ମଧ୍ୟରୁ ଭାଜପା ଭାଗରେ ପଡ଼ିଲା ଶତକଡ଼ା ୩୬। ଅର୍ଥାତ୍ ୧୦୦ ଜଣ ଭୋଟରଙ୍କ ମଧ୍ୟରୁ ଭାଜପା ସପକ୍ଷରେ ୨୩ ଜଣ ଭୋଟ ଦେଲେ। ବିପକ୍ଷରେ ଭୋଟ୍ ପଡ଼ିଲା ୭୭ ଖଣ୍ଡ। ୨୩ ଜଣଙ୍କ ଭୋଟ ପାଇ ଶାସକ ଭାଜପା ଅବଶିଷ୍ଟ ୭୭ ଜଣଙ୍କ ଉପରେ ଶାସନ କରିବାକୁ ଯୋଗ୍ୟ ବିବେଚିତ ହେଲା। ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ ଏହା ସମ୍ଭବ ହୋଇ ନଥାନ୍ତା। ଏହି ବ୍ୟବସ୍ଥାରେ ଶତକଡ଼ା ୩୬ ଭାଗ ଭୋଟ ପାଇ ଭାଜପା ୫୪୩ଟି ଆସନରୁ ୧୯୫ଟି ଆସନ ପାଇବାକୁ ହକ୍‌ଦାର ହୋଇଥାନ୍ତା। କିନ୍ତୁ ଭାଜପା ପାଇଛି ୨୪୦ଟି



ଆସନ। ସେହିପରି କଂଗ୍ରେସ ଶତକଡ଼ା ୨୧ ଭାଗ ପାଇଥିବାରୁ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ ସେ ୧୧୪ ଜଣ ପ୍ରତିନିଧିଙ୍କୁ ପଠାଇଥାନ୍ତା। କିନ୍ତୁ କଂଗ୍ରେସ ଭାଗରେ ପଡ଼ିଛି ମାତ୍ର ୯୯ଟି ଆସନ। ଆମର ପ୍ରଚଳିତ ଲୋକ ପ୍ରତିନିଧି ଆଇନ ଏକ ଅସମ ବଣ୍ଟନ ବ୍ୟବସ୍ଥା ଉପରେ ଯେ ପର୍ଯ୍ୟବସିତ, ଏଥିରେ କେହି ଦ୍ୱିମତ ହେବେ ନାହିଁ। ଏହି ବ୍ୟବସ୍ଥାରେ ପରାଜିତ ପ୍ରାର୍ଥୀଙ୍କ ସପକ୍ଷରେ ପଡ଼ିଥିବା ଭୋଟ୍‌ର କୌଣସି ମୂଲ୍ୟ ରହେ ନାହିଁ। ଅନ୍ୟପକ୍ଷରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ ପ୍ରତ୍ୟେକଟି ଭୋଟ୍‌ର ମୂଲ୍ୟ ରହିଥାଏ ଏବଂ ଗଣତାନ୍ତ୍ରିକ ଧାରାକୁ ଏହା ଅଧିକ ସୁଦୃଢ଼ କରେ।

ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ କୌଣସି ପ୍ରାର୍ଥୀ ନ ଲଢ଼ି ପାର୍ଟି ଲଢ଼ିଥାନ୍ତି। ନିର୍ବାଚନ ପୂର୍ବରୁ ପ୍ରତ୍ୟେକଟି ଦଳ ନିଜ ନିଜର ଯୋଗ୍ୟ ପ୍ରତିନିଧିଙ୍କ ଏକ ତାଲିକା ନିର୍ବାଚନ କମିଶନଙ୍କ ପାଖରେ ଦାଖଲ କରନ୍ତି। ଯେଉଁ ଦଳ ଯେତେ ଭୋଟ୍ ପାଏ ଶତକଡ଼ା ହିସାବରେ ସେହି ଦଳ ଦାଖଲ କରିଥିବା ତାଲିକାରୁ ନିର୍ବାଚନ କମିଶନ ସେତେ ଜଣ ପ୍ରତିନିଧି ଗ୍ରହଣ କରିଥାନ୍ତି। ପ୍ରତିନିଧିଙ୍କ ସଂଖ୍ୟାକୁ ବିଚାର କରି ସରକାର ଗଠନ କରିବାକୁ ନିର୍ବାଚନ କମିଶନ ଆମନ୍ତ୍ରଣ କରିଥାନ୍ତି। ସରକାର ଏକକ ହୋଇପାରେ କିମ୍ବା ମିଳିତ ବି ହୋଇପାରେ। କୌଣସି ପ୍ରତିନିଧି ଇସ୍ତଫା ଦେଲେ କିମ୍ବା ତାଙ୍କର ମୃତ୍ୟୁ ଘଟିଲେ ନିର୍ବାଚନ କମିଶନ ପୂର୍ବ ପ୍ରଦତ୍ତ ତାଲିକାରେ ଥିବା ପରବର୍ତ୍ତୀ ବ୍ୟକ୍ତିଙ୍କୁ ପ୍ରତିନିଧି ରୂପେ ଗ୍ରହଣ କରିଥାନ୍ତି। ଫଳରେ କୌଣସି ଆସନ ଫାଙ୍କା ପଡ଼େ ନାହିଁ କି ଉପନିର୍ବାଚନର ଆବଶ୍ୟକତା ପଡ଼େ ନାହିଁ। ମନ୍ତ୍ରିମଣ୍ଡଳ ପୂରା ଅବଧି ପୂର୍ଣ୍ଣ କରେ। ମଧ୍ୟବର୍ତ୍ତିକାଳୀନ ନିର୍ବାଚନର ମଧ୍ୟ ଆବଶ୍ୟକତା ନ ଥାଏ।

ସୁଇଡେନ୍, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ସମେତ ବିଶ୍ୱର ୯୩ଟି ଦେଶ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଆସୁଛନ୍ତି। ୧୯୯୬ରେ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳ ଏହି ବ୍ୟବସ୍ଥାକୁ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିଲା। ୧୯୯୯ରେ ଲ' କମିଶନ ମଧ୍ୟ ଏହାକୁ ଅନୁମୋଦନ କରିଥିଲା। ମାତ୍ର ଅଦ୍ୟାବଧି ଏହାକୁ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଏହାକୁ କାର୍ଯ୍ୟକାରୀ କରିବାକୁ ସମ୍ବିଧାନ ସଂଶୋଧନର ଆବଶ୍ୟକତା ମଧ୍ୟ ନାହିଁ। କେବଳ ପାର୍ଲାମେଣ୍ଟରେ ସଂଖ୍ୟାଧିକ ଭୋଟ୍‌ର ଆବଶ୍ୟକତା ରହିଛି।

ଚିରାଚରିତ ଭାବେ ପାର୍ଟି ଟିକେଟରେ ଲଢ଼ି ଆସିଥିବା ରାଜନେତାମାନେ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ନୁହନ୍ତି। ଏହା ହେଲେ ହୁଏତ ସେମାନଙ୍କ ଜମିଦାରି ଚାଲିଯିବ। ଦଳର ତାଲିକାରେ ଏମାନଙ୍କ ନାମ ରହିବାର କୌଣସି ଗ୍ୟାରେଣ୍ଟି ରହିବ ନାହିଁ। ଅସାଧୁ ଓ ଅପରାଧୀମାନେ ନିର୍ବାଚନ ଲଢ଼ିବାର ସୁଯୋଗ ପାଇବେ ନାହିଁ। ମହିଳା ସଂରକ୍ଷଣ ବିଲ୍ ଆଇନରେ ପରିଣତ ହେବାକୁ ଯେପରି ପ୍ରତିବନ୍ଧକ ରହିଆସିଛି ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ବର୍ତ୍ତମାନ ସମଦଶା ଭୋଗୁଛି। 'ଏକ ଦେଶ, ଏକ ନିର୍ବାଚନ' ନାରା ଭିତର ଦେଇ ଏହାର ପଥ ଆହୁରି ସଂକୁଚିତ ହୋଇଯାଇଛି। ଆମ ଦେଶର ନିର୍ବାଚନଟା ଅର୍ଥବଳ ଓ ବାହୁବଳ ଦ୍ୱାରା କବଳିତ। ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ ଆମକୁ ଅନେକ ତିକ୍ତ-ମଧୁର ଅନୁଭୂତି ଆଣି ଦେଇଛି। ଗଣତାନ୍ତ୍ରିକ ବ୍ୟବସ୍ଥାଟି ଅତ୍ୟନ୍ତ କଳୁଷିତ ହୋଇଯାଇଛି।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ବର୍ଜ୍ୟ ପରିଚାଳନା ଏବଂ ପରିବେଶ ପ୍ରଦୂଷଣ କମ୍ କରିବାରେ ଦିନକୁ ଦିନ ନୂଆ ନୂଆ ଉପାୟ ନେଇ ଅନେକ ବ୍ୟକ୍ତି ସାମ୍ନାକୁ ଆସୁଥିବା ବେଳେ ପଶ୍ଚିମବଙ୍ଗର ଦମ୍ପତି ସୁନୀତା ଓ ସୁବାସ ରାମଗୌଡ ସେମାନଙ୍କ ସହ ସାମିଲ ହୋଇଛନ୍ତି। ସେମାନେ 'ଗୁଡ୍ ଗିଫ୍ଟ' ଷ୍ଟାର୍ଟ ଅପ୍ ଗଠନ କରି ବର୍ଜ୍ୟ କନାରୁ ସୁନ୍ଦର ରଙ୍ଗିନ କଣ୍ଢେଇ ତିଆରି କରୁଛନ୍ତି। ଏଭଳି କଣ୍ଢେଇ ତିଆରି କରି ସେମାନେ ୮୦୦୦ କେଜି ବର୍ଜ୍ୟ କନା ରିସାଇକେଲ କରି ସାରିଲେଣି। ଏହି କାମରେ ସେମାନେ ନୀଳଗିରିର ୨୩୦ ଆଦିବାସୀ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି, ଯେଉଁମାନେ ମାସକୁ ୮ରୁ ୧୦,୦୦୦ ଟଙ୍କା ରୋଜଗାର କରିପାରୁଛନ୍ତି। କଣ୍ଢେଇ ତିଆରି କରି ଏବେ ସୁଦ୍ଧା ସେମାନେ ୭୫ ଲକ୍ଷ ଟଙ୍କା ରୋଜଗାର କରିସାରିଲେଣି। ପ୍ରତି ମାସରେ ସେମାନେ ପାଖାପାଖି ୩,୦୦୦ କଣ୍ଢେଇ ବିକ୍ରି କରୁଛନ୍ତି। ସୁନୀତାଙ୍କ ବିବାହ ପରେ ସେ ଓ ତାଙ୍କ ସ୍ୱାମୀ ବେଙ୍ଗାଲୁରୁରେ କର୍ପୋରେଟ ସେକ୍ଟରରେ ୧୫ ବର୍ଷ କାମ କରିବା ପରେ ତାହାକୁ ଛାଡ଼ି ନୀଳଗିରିକୁ ଫେରି ଏହି କାମରେ ଲାଗିଛନ୍ତି। କେବଳ ଏତିକି ନୁହେଁ ସେମାନେ ଆଦିବାସୀ ଲୋକଙ୍କୁ ସଶକ୍ତ କରିବା ଲାଗି ଏକ ସାମାଜିକ ସଂଗଠନ ଇଣ୍ଡିଆନ ୟାର୍ଡସ ଫାଉଣ୍ଡେଶନ ଗଠନ କରିଛନ୍ତି। ଏହା ମାଧ୍ୟମରେ ସେ ସ୍ଥାନୀୟ ହସ୍ତକଳାର ଉନ୍ନତି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଜୁଲାଇ ୧୯୭୫

- ପାଟନା ଜିଲାର ପୁଣ୍ଡାରକ ବ୍ଲକ୍‌ରେ ୧୦୦ ଜଣ ଲୋକଙ୍କୁ ନେଇ ଯାଉଥିବା ଏକ ନୌକା ଗଙ୍ଗାନଦୀରେ ବୁଡ଼ିଯିବା ଫଳରେ ଅନ୍ୟୁନ ୮୦ ଜଣଙ୍କ ମୃତ୍ୟୁ।
- ଗୁରୁତର ବିଶୃଙ୍ଖଳା ଏବଂ ଦଳୀୟ ନୀତି ନିୟମ ଅମାନ୍ୟ କରିବା ଅଭିଯୋଗରେ କର୍ନାଟକର ୬ ଜଣ କଂଗ୍ରେସ ବିଧାୟକ ଦଳରୁ ସସ୍‌ପେଣ୍ଡ।

## ଚିରନ୍ତନୀ

ଦୁହେଁ ଚାହାଁ ଚାହିଁ ହୋଇ ରହନ୍ତି ଅଚଳ
ହାୟ କି ବିକଳ !
ଭରସି ନ ପାରେ କିନ୍ତୁ କେହି
ଯିବ ଉଡ଼ି ଆର ପାରେ, ନିଶାର ବିଦାୟ
ମାଗି ନେଇ !

-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 5 | | | | 9 | |
| | | 6 | | | 7 | | | 3 |
| | | | | 8 | | 1 | 2 | |
| | | 2 | | | 6 | | | 4 |
| | | 7 | | | | | | 9 |
| | | 3 | 2 | | | 8 | | |
| | | | | | | | 7 | |
| | 5 | 8 | | 4 | 3 | | | |
| | | | | | 8 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 3 | 2 | 7 | 4 | 1 | 6 | 9 |
| 7 | 6 | 1 | 5 | 3 | 9 | 8 | 2 | 4 |
| 4 | 2 | 9 | 1 | 8 | 6 | 3 | 7 | 5 |
| 9 | 4 | 8 | 3 | 1 | 7 | 6 | 5 | 2 |
| 1 | 5 | 6 | 9 | 2 | 8 | 7 | 4 | 3 |
| 3 | 7 | 2 | 4 | 6 | 5 | 9 | 1 | 8 |
| 8 | 3 | 5 | 6 | 4 | 1 | 2 | 9 | 7 |
| 6 | 9 | 7 | 8 | 5 | 2 | 4 | 3 | 1 |
| 2 | 1 | 4 | 7 | 9 | 3 | 5 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଗର ଆବଶ୍ୟକତା

ମହାଶୟ,

ଶରୀରକୁ ସୁସ୍ଥ ରଖିବାକୁ ହେଲେ ଯୋଗର ଆବଶ୍ୟକତା ନିହାତି ଜରୁରୀ। ଭାରତରୁ ସୃଷ୍ଟି ହୋଇଥିବା ଯୋଗ ଏବେ ବିଶ୍ୱର ଅନେକ ରାଷ୍ଟ୍ରରେ ଲୋକପ୍ରିୟ। ଶାନ୍ତ ଓ ଧୈର୍ଯ୍ୟର ସହ କାର୍ଯ୍ୟ କରିବା ପାଇଁ ଯୋଗ ହିଁ ମଣିଷକୁ ସାହାଯ୍ୟ କରେ। ଯୋଗଦ୍ୱାରା ଶରୀରର ଅନେକ ରୋଗ ଦୂର ହୋଇଥାଏ। ଆଜିର ଦିନରେ ଯୁବଗୋଷ୍ଠୀ ଯୋଗର ମହତ୍ତ୍ୱ ଉପଲବ୍ଧି କଲେଣି। ଏଣୁ ଆଗାମୀ ଦିନରେ ପ୍ରାୟ ପ୍ରତ୍ୟେକ ପିଲା ଏହାକୁ ଆପଣାଇବେ। ଏଣୁ ଯୋଗକୁ ବିଦ୍ୟାଳୟଗୁଡ଼ିକରେ ବାଧ୍ୟତାମୂଳକ କରାଗଲେ ଭଲ ହୁଅନ୍ତା।

-ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାବାଳକ ଦାଦନ ଶ୍ରମିକଙ୍କ ମୃତଦେହ ଫେରିଲା



ମୃତ ନାବାଳକଙ୍କ ପରିବାରବର୍ଗଙ୍କୁ ବିଜେଡ଼ି ନେତା ଓ ଆଦିବାସୀ କଲ୍ୟାଣ ସଂଘର କର୍ମକର୍ତ୍ତା ଭେଟି ଘଟଣା ବିଷୟରେ ପଚାରି ବୁଝୁଛନ୍ତି।

■ଘରୁ ଯିବାର ୭ ଦିନ ପରେ ଅକାଳ ମୃତ୍ୟୁ
■ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି
■ନ୍ୟାୟ ନ ମିଳିଲେ ଆନ୍ଦୋଳନ ଚେତାବନୀ

ଲାଠୋର,୩୦।୬(ଭୁବନେଶ୍ୱର ବାରିକ)

ତେଲେଙ୍ଗାନା ରାଜ୍ୟର ଏକ ଇଟାଭାଟିରେ କାମ କରିବାକୁ ଯାଇଥିବା ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ କୁସପାଲି ଗ୍ରାମର ନାବାଳକ ଦାଦନ ଶ୍ରମିକ ତୋଷଧର ବରିହା(୧୬)ଙ୍କ ଅକାଳ ମୃତ୍ୟୁ ଘଟିଛି । ସେଠାରୁ ତାଙ୍କ ମୃତଦେହ ଏକ ଆମ୍ବୁଲାନ୍ସ ଯୋଗେ କୁସପାଲିସ୍ଥିତ ତାଙ୍କ ଘରେ ଶନିବାର ସକାଳେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଷ ସୃଷ୍ଟି ହୋଇଛି। ପରିବାର ପ୍ରତିପୋଷଣ ପାଇଁ କାମ କରିବାକୁ ଯିବାର ୭ ଦିନ ପରେ ଶବ ହୋଇ ଫେରିବା ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି । ଅପରପକ୍ଷରେ ସ୍ଥାନୀୟ ବିଜେଡ଼ି ନେତା ଅଜୟ ଦାସ ଏବଂ ବ୍ଲକ ଆଦିବାସୀ କଲ୍ୟାଣ ସଂଘର କର୍ମକର୍ତ୍ତା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, ଗତ ୨୦ ତାରିଖରେ ତୁରେକେଲା ବ୍ଲକ ଡ଼େବ୍ରିଆମୁଣ୍ଡା ଗ୍ରାମର ଦାଦନ ସର୍ଦ୍ଦାର ରସିକ ବାଗ କିଛି ଟଙ୍କା ଅଗ୍ରୀମ ଦେଇ ସଂପୃକ୍ତ ନାବାଳକ ଏବଂ ତାଙ୍କ ସମ୍ପର୍କୀୟ ମାମୁଁ ସାଧୁ ବରିହାଙ୍କ ପରିବାରବର୍ଗଙ୍କୁ ତେଲେଙ୍ଗାନା ରାଜ୍ୟର କାରିମନଗର ଜିଲା ଅଧୀନ ପାରେଲା ଅଞ୍ଚଳର ସନ୍ତୋଷ ରାଓ ନାମକ ଏକ ଇଟାଭାଟି ମାଲିକଙ୍କ ଇଟାଭାଟିକୁ କାମ କରିବାକୁ ନେଇଥିଲେ। ସେଠାରେ ପହଞ୍ଚି ସମସ୍ତେ ଠିକା କାମ କରୁଥିଲେ। କିନ୍ତୁ ଗୁରବାର ରାତି ପ୍ରାୟ ସାଢେ ୯ଟାରେ ନାବାଳକ ତୋଷଧର ରୋଷେଇ ଘର ଭିତରେ ଅଚେତ ଅବସ୍ଥାରେ ପଡ଼ିଥିବାର ତାଙ୍କ ସମ୍ପର୍କୀୟ ମାମୁଁ ଦେଖିବାକୁ ପାଇଥିଲେ। କିନ୍ତୁ ରୋଷେଇ ଘର ଭିତରକୁ ଯିବା ପାଇଁ ଇଟାଭାଟିର ମୁନସୀ (ସୁପରଭାଇଜର) ତାଙ୍କୁ ବାରଣ କରିଥିଲେ। ଏହାର କିଛି ସମୟ ପରେ ଇଟାଭାଟି ମାଲିକ ପହଞ୍ଚି ମୃତକଙ୍କ ମାମୁଁଙ୍କୁ ଥାନାକୁ ନେଇ ମୃତଦେହ ବ୍ୟବଚ୍ଛେଦ ହେବ ଦସ୍ତଖତ କର ବୋଲି ବାଧ୍ୟ କରିଥିଲେ। ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ତାଙ୍କ ଘରକୁ ପଠାଇ ଥିଲେ। ବିଦ୍ୟୁତ ଆଘାତରେ ତୋଷଧରଙ୍କ ମୃତ୍ୟୁ ଘଟିଥିବା ଇଟାଭାଟି ମାଲିକ ଜଣକ ଫୋନ ଯୋଗେ ପରିବାରବର୍ଗଙ୍କୁ କହିଥିଲେ। ତେବେ ମୃତଦେହ ପହଞ୍ଚିବାର ଦିନକ ପୂର୍ବରୁ ସଂପୃକ୍ତ ସର୍ଦ୍ଦାର ଜଣକ ଅଞ୍ଚଳର କେତେଜଣ ଜଣାଶୁଣା ବ୍ୟକ୍ତିଙ୍କୁ ଧରି କୁସପାଲି ଗ୍ରାମକୁ ଯାଇ ଘଟଣାକୁ ଚପାଇ ଦେବା ଉଦ୍ଦେଶ୍ୟରେ ଉକ୍ତ ଗ୍ରାମର କେତେକ ଲୋକଙ୍କୁ ନେଇ ଗ୍ରାମରେ ଏକ ସଭା କରିଥିଲେ। ପରେ ମୃତକଙ୍କ ମା'ଙ୍କୁ କିଛି ଟଙ୍କା ଦେଇ ଏକ ସାଧା କାଗଜରେ ଦସ୍ତଖତ ନେଇ ଘଟଣାକୁ ପ୍ରଘଟ ନ କରିବାକୁ କହିଥିବା ଗ୍ରାମରେ ଚର୍ଚ୍ଚା ହେଉଛି। ହେଲେ ଘଟଣା ପ୍ରଘଟ ହେବା ପରେ ବିଜେଡ଼ି ନେତା ଦାସ ମୃତକଙ୍କ ଘରେ ପହଞ୍ଚି ଥିଲେ। ତାଙ୍କ ସହ ଜିଲା ଆଦିବାସୀ କଲ୍ୟାଣ ସଂଘ ତୁରେକେଲା ବ୍ଲକର ଉପସଭାପତି ଅମର ସିଂ ମାଝୀ ଓ ଡୋଲମାନ୍ଦଲ ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଶ୍ୱାମିତ୍ର ଛତ୍ରିଆ ମଧ ଥିଲେ। ସେମାନେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇ ନ୍ୟାୟ ପାଇଁ ଲଢ଼େଇ କରାଯିବା ବୋଲି ଆଶ୍ୱସନା ଦେଇଥିଲେ । ଏଥିସହ ଟଙ୍କାର ପ୍ରଲୋଭନ ଦେଖାଇ ଏକ ଆଦିବାସୀ ପରିବାରର ଜଣେ ନାବାଳକଙ୍କୁ ଦାଦନ ଶ୍ରମିକ ଭାବେ ପଠାଇବା ଓ ନାବାଳକଙ୍କ ମୃତ୍ୟୁ ପରେ ବ୍ୟବଚ୍ଛେଦ ନାଁରେ ଜୋରଜବରଦସ୍ତ ସମ୍ପର୍କୀୟ ମାମୁଁଙ୍କ ଠାରୁ ଦସ୍ତଖତ ନେବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ।ଏପରି ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଦାଦନ ସର୍ଦ୍ଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ମୃତକଙ୍କ ପରିବାରବର୍ଗଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଛନ୍ତି। ଏ ନେଇ ଉଚିତ୍ ନ୍ୟାୟ ନ ମିଳିଲେ ଆନ୍ଦୋଳନ ଜୋରଦାର ହେବ ବୋଲି ବ୍ଲକ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ରାଜପଥରେ ବିପଦପୂର୍ଣ୍ଣ ଅବସ୍ଥାରେ ଶୁଖିଲା ଗଛ



ଦେଓଗାଁ ଏଟିଏମ୍ ଛକ ନିକଟରେ ବିପଦପୂର୍ଣ୍ଣ ଅବସ୍ଥାରେ ଶୁଖିଲା ଗଛ।

ଦେଓଗାଁ,୩୦।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବରଗଡ-ବୋରିଗୁମ୍ମା ୨୬ନଂ ଜାତୀୟ ରାଜପଥର ଦେଓଗାଁ ଏଟିଏମ ଛକ ନିକଟରେ ଏକ ଶୁଖିଲା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ରାସ୍ତାରେ ଲୋକେ ଯାତାୟତ କଲାବେଳେ ଶୁଖିଲା ଗଛଟି କେତେବେଳେ କାହା ଉପରେ ପଡ଼ି ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁ ଏଥିପ୍ରତି ରାଜପଥ ବିଭାଗ ଓ ଜଙ୍ଗଲ ବିଭାଗ ଦୃଷ୍ଟି ଦେଇ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପୂର୍ବତଟ ରେଳବାଇ ଶ୍ରମିକ ସଂଘର ବୈଠକ




ବୈଠକରେ ଉପସ୍ଥିତ ଅତିଥି।

ଟିଟିଲାଗଡ଼,୩୦।୬(ଶରତ ମିଶ୍ର)

ପୂର୍ବତଟ ରେଳବାଇ ଶ୍ରମିକ ସଂଘ ରବିବାର କର୍ମଚାରୀଙ୍କ ସ୍ୱାର୍ଥ ନେଇ ରଣହୁଙ୍କାର ଦେଇଛି। ଶତାଧିକ କର୍ମଚାରୀ ଟିଟିଲାଗଡ ରେଳ ଜଙ୍କସନ୍‌ରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ରେଳବାଇ ଇନଷ୍ଟିଚ୍ୟୁଟରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବୈଠକରେ ସଂଘର ନେତାମାନେ ରେଳବାଇ ଶ୍ରମିକଙ୍କୁ ଅଣଦେଖା କରାଯାଉଥିବା ଓ କର୍ମଚାରୀ ନିଯୁକ୍ତି ବନ୍ଦ ହେବା ନେଇ ବର୍ଷିଥିଲେ। ରେଳବାଇ ସଂଘର ପୂର୍ବତଟ ସାଧାରଣ ସମ୍ପାଦକ ପି.କେ. ପାଟଶାଣୀ, ଜୋନାଲ ଉପସଭାପତି ବି.କେ. ମୁଣ୍ଡ, ପି.କେ. ବନଛୋର, ଡେପୁଟି ଡିଭିଜନାଲ କୋ ଅର୍ଡିନେଟର ବିନି ପଡିଆରୀ, ସହକାରୀ ସାଧାରଣ ସମ୍ପାଦକ ଏସ.କେ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହାଛଡା ପୂର୍ବତଟ ରେଳବାଇ ଶ୍ରମିକ ସଂଘ ଟିଟିଲାଗଡ ଶାଖାର ସଭାପତି ଜି.ଏସ. ମିଶ୍ର, ସମ୍ପାଦକ ଏମ.ଆର. ରାଣା, କୋଷାଧକ୍ଷ ଏମ. ପାଶ୍ୱାନ, କାର୍ଯ୍ୟକାରୀ ସଭାପତି ଅନ୍ଦୀପ ସିଂ, ଉପସଭାପତି ପି.ସି. ମିଶ୍ର, ସାଙ୍ଗଠନିକ ସମ୍ପାଦକ ଏସ.କେ. ବର୍ମା, ସହକାରୀ ସମ୍ପାଦକ ହିମସାଗର ତାଣ୍ଡି, ଆର ଆର କୁମାର, ଗୁପ୍ତେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରମିକ ତଥା ରେଳବାଇ କର୍ମଚାରୀଙ୍କ ସ୍ୱାର୍ଥ ଲାଗି ଲଢୁଥିବା ବରିଷ୍ଠ ନାଗରିକଙ୍କୁ ରେଳଯାତ୍ରା ନେଇ ପୂର୍ବପରି ରିହାତି ପ୍ରଦାନ ପାଇଁ ଦାବି ରହିଥିବା ଶ୍ରମିକ ନେତା ଗଣମାଧ୍ୟମକୁ କହିଛନ୍ତି।

# ସିସିଟିଭି ଯାଞ୍ଚ କଲା ପୋଲିସ

## ହସ୍ପିଟାଲରେ ଯୁବକଙ୍କ ମୃତଦେହ ଛାଡ଼ି ଦେଇ ପଳାଇବା ଘଟଣା

ବଲାଙ୍ଗୀର,୩୦।୬(ବୀରେନ୍ଦ୍ର କୁମାର ଝାଙ୍କର)

ଶନିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ସମୟରେ ୪ ଜଣ ଯୁବକ ଅନ୍ୟ ଜଣେ ଯୁବକଙ୍କ ମୃତଦେହକୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଶୁ ଆରୋଗ୍ୟ ବିଭାଗରେ ଛାଡି ଦେଇ କୁଆଡେ ଚାଲି ଯାଇଥିଲେ। ରବିବାର ଟାଉନ ଥାନା ପୋଲିସ ହସ୍ପିଟାଲର ସିସି ଟିଭି ଯାଞ୍ଚ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ତଦନ୍ତରୁ ପୋଲିସ ମୃତଦେହ ଛାଡିଥିବା ୪ ଜଣ ଯୁବକଙ୍କୁ ଥାନାକୁ ଡାକି ପଚରାଉଚରା କରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ୪ ଜଣ ଯୁବକ ପ୍ରଶାନ୍ତ ପରିଆଲ (୪୩)ଙ୍କୁ ଏକ ଅଟୋରିକ୍ସାରେ ଆଣି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଶୁ ଆରୋଗ୍ୟ ବିଭାଗକୁ ଆଣିଥିଲେ। ଯୁବକ ଜଣକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିବାରୁ ଚେତାଶୂନ୍ୟ ହୋଇଯାଇଥିବା ସେମାନେ ଡାକ୍ତରଙ୍କୁ କହିଥିଲେ। ସଂପୃକ୍ତ ଯୁବକଙ୍କ ଚିକିତ୍ସା ପାଇଁ ପଞ୍ଜୀକରଣ କେନ୍ଦ୍ରରୁ ଟିକେଟ ଆଣିବାକୁ ଡାକ୍ତର ପରାମର୍ଶ ଦେବା ପରେ ୪ ଜଣ ଯୁବକ ଟିକେଟ ଆଣିବାକୁ ଯାଇ ସେଠାରୁ କୁଆଡେ ଚାଲି ଯାଇଥିଲେ। ଦୀର୍ଘ ସମୟ ପରେ ମଧ କେହି ନ ଆସିବାରୁ ସନ୍ଦେହ ଘନୀଭୂତ ହୋଇଥିଲା। ଡାକ୍ତର ଚେତାଶୂନ୍ୟ ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ପ୍ରଶାନ୍ତ ହାତୀଶାଳପଡାର ବୋଲି ପରେ ଚିହ୍ନଟ ହୋଇଥିଲା। ରବିବାର ଟାଉନ ପୋଲିସ ହସ୍ପିଟାଲ ସିସି ଟିଭି ଯାଞ୍ଚ କରିବା ପରେ ହସ୍ପିଟାଲ ଆଣିଥିବା ୪ ଜଣ ଯୁବକଙ୍କୁ ଚିହ୍ନଟ କରି ଥାନାକୁ ଡାକିଥିଲେ। ସେମାନଙ୍କୁ ପଚରାଉଚରା ପରେ ପେଲେସ ଲାଇନ୍‌ରେ ଜଣେ ବ୍ୟକ୍ତିଙ୍କ ଘରେ ବିଦ୍ୟୁତ୍ ସମସ୍ୟା ଦେଖାଦେବାରୁ ସେ ତିନିଜଣ ଯୁବକଙ୍କୁ ସଜାଡିବା ପାଇଁ ଡାକିଥିଲେ। ବିଦ୍ୟୁତ୍ ଖୁଣ୍ଟରେ ସମସ୍ୟା ଥିବା ଜାଣିବା ପରେ ପ୍ରଶାନ୍ତ ପରିଆଲ ବିଦ୍ୟୁତ୍ ଖୁଣ୍ଟକୁ ଚଢ଼ିଥିଲେ। ସେଠାରେ ସେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ଖୁଣ୍ଟରୁ ପଡି ଯାଇଥିଲେ। ତାଙ୍କୁ ସେଠାରୁ ଉଠାଇ ଏକ ଅଟୋରିକ୍ସା ଜରିଆରେ ହସ୍ପିଟାଲକୁ ଆଣିଥିଲେ। ତେବେ ଟିକେଟ କାଉଣ୍ଟରରୁ ଟିକଟ ଆଣୁଛୁ କହି ସେମାନେ କୁଆଡେ ଚାଲିଯାଇଥିଲେ। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ବଡ଼ଭାଇ ଆକ୍ରମଣରେ ସାନଭାଇ ମୃତ

## ଜମିବାଡ଼ି ବିବାଦର କୁପରିଣତି

ବଲାଙ୍ଗୀର/ଦେଓଗାଁ,୩୦।୬ (ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅଧୀନ ବ୍ରାହ୍ମଣୀଯୋର ଗାଁରେ ଜମିବାଡି ସଂକ୍ରାନ୍ତୀୟ ବିବାଦ ଶେଷରେ ହତ୍ୟାକାଣ୍ଡର ରୂପ ନେଇଛି। ବଡ଼ଭାଇ ଆକ୍ରମଣରେ ସାନଭାଇ ମୃତ୍ୟୁବରଣ କରିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତ ଯୁବକଙ୍କ ନାମ ପରମ ଭୋଇ (୪୫) ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ବ୍ରାହ୍ମଣୀଯୋର ଗ୍ରାମର ପରମ ଭୋଇ ବଲାଙ୍ଗୀର ରାଜୀବ ନଗରରେ ରହୁଥିଲେ। ସେ ଆୟକର ବିଭାଗ ଅଫିସରେ ପିଅନ ଭାବେ କାମ କରୁଥିଲେ। ରବିବାର ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗ ଦେବାକୁ ପରିବାର ସହ ଗାଁକୁ ଯାଇଥିଲେ। ସେଠାରେ ତାଙ୍କ ବଡ଼ଭାଇଙ୍କ ସହ ପୂର୍ବରୁ ରହି ଆସିଥିବା ଜମିବାଡ଼ି ବିବାଦକୁ ନେଇ ଝାମେଲା ସୃଷ୍ଟି ହୋଇଥିଲା। ଫଳରେ ଉତ୍ତ୍ୟକ୍ତ ହୋଇ ବଡ଼ଭାଇ ଆକ୍ରମଣ କରିବାରୁ ପରମ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଆହତ ପରମଙ୍କୁ ସେଠାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାରରେ ରଖାଯାଇଛି। ଏନେଇ ବଲାଙ୍ଗୀର ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କୁ ପଚରାଯିବାରେ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ତଦନ୍ତ କରାଯିବ ବୋଲି କହିଛନ୍ତି।

# ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ କିଶନ ସବୁଜ ସପ୍ତାହ



ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କୁ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ଚାରାବଣ୍ଟନ କରାଯାଉଛି।

ବଲାଙ୍ଗୀର,୩୦।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ବିଶିଷ୍ଟ ସମାଜବାଦୀ ଚିନ୍ତକ ସ୍ୱର୍ଗତ କିଶନ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରବିବାର ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ଚାରା ବଣ୍ଟନ କରାଯାଇଥିଲା। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଡା. ବୁଦ୍ଧଦେବ ମିଶ୍ର ଓ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଆବାହକ ପ୍ରକୃତିବନ୍ଧୁ ସୁନୀଲ କୁମାର ମହାନ୍ତି ସ୍ୱେଚ୍ଛାସେବୀଙ୍କୁ ଚାରା ବଣ୍ଟନ କରିଥିଲେ। ଜୁଲାଇ ୧ ତାରିଖରୁ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ସ୍ୱତନ୍ତ୍ର ପରିବେଶ ସଚେତନତା ଅଭିଯାନ କିଶନ ସବୁଜ ସପ୍ତାହ ପାଳନ କରାଯିବ। ଏହି ଏକ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ଜଙ୍ଗଲ ଜୀବନ ଅଭିଯାନ ପକ୍ଷରୁ ବଲାଙ୍ଗୀର ସହର ଏବଂ ସନ୍ନିକଟ ଗାଁରେ ପରିବେଶ ସଚେତନତା କାର୍ଯ୍ୟକ୍ରମ, ଚାରାବଣ୍ଟନ, ବୃକ୍ଷରୋପଣ କରାଯିବ। ଅବିଚାରିତ ଖଣି ଉତ୍ତୋଳନ, ବିକାଶ ନାଁରେ ପ୍ରାକୃତିକ ଜଙ୍ଗଲ ନଷ୍ଟ, ବିଶ୍ୱତାପନର କୁପ୍ରଭାବ ସମ୍ପର୍କରେ ୯୦ ଦଶକରୁ ସଚେତନତା ସୃଷ୍ଟିକରିଆସିଥିବା ସମାଜବାଦୀ ଚିନ୍ତକ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମରଣରେ କିଶନ ସବୁଜ ସପ୍ତାହ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ପ୍ରକୃତି ବନ୍ଧୁ ମହାନ୍ତି କହିଛନ୍ତି।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟିଟିଲାଗଡ,୩୦।୬(ଶରତ ମିଶ୍ର)

ଟିଟିଲାଗଡ ବ୍ଲକ ସିହିନୀ କ୍ଲଷ୍ଟର କେନ୍ଦୁମୁଣ୍ଡି ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସଂଯୁକ୍ତା ପଟ୍ଟନାୟକ ଅବସର ଗ୍ରହଣ କରିଛନ୍ତି। ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ତାଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିନ୍ନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଶିକ୍ଷକ ସମାଜର ପଥ ପ୍ରଦର୍ଶକ। ଶିଶୁକୁ ମହାନ କରି ସେ ଗଢି ତୋଳିଥାଏ । ସଭାରେ ସିଆରସିସି ବବ୍‌ଲୁ ଜାଲ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ବାଳକୃଷ୍ଣ ଚନ୍ଦନ, ପ୍ରଧାନ ଶିକ୍ଷକ ବିଶମ୍ଭର ବରଗ୍ରି, ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଅବସରପ୍ରାପ୍ତ ସୈନିକ ଦୟାସାଗର ପଟ୍ଟନାୟକ, ହେମରାଜ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗେଶ୍ୱର ପୀଠ ଉନ୍ନତୀକରଣରେ ଅନିୟମିତତା ଅଭିଯୋଗ

## ସୌନ୍ଦର୍ଯ୍ୟକରଣ କାମ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ

ଲୋଇସିଂହା,୩୦।୬(ସୁଶାନ୍ତ ବାରିକ)






ପ୍ରକଳ୍ପର ସୂଚନା ଫଳକ ଓ ଚଟାଣରେ ବ୍ୟବହୃତ ହେଉଥିବା ନିମ୍ନମାନର ପ୍ଲେଟ।

ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଲାଭ କରିଛି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ଯୋଗେଶ୍ୱର ପୀଠ। ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ପ୍ରସିଦ୍ଧ ଶୈବପୀଠର ଉନ୍ନତୀକରଣ କରାଯାଉଛି। ୨୦୨୩ ଜୁନ ପ୍ରଥମ ସପ୍ତାହରେ ଏହାର କାର୍ଯ୍ୟ ଶେଷ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ଅନେକ କାମ ଅଧାପନ୍ତରିଆ ହୋଇପଡିଛି । ଅପରପକ୍ଷେ ରବିବାର ଯୋଗୀସର୍ଡା ଗ୍ରାମବାସୀ ଉନ୍ନତୀକରଣ କାମ ତଦାରଖ କରିଥିବା ବେଳେ ଏହି କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର ସାଙ୍ଗକୁ ଅନିୟମିତତା ହେଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ବଲାଙ୍ଗୀର ପୂର୍ତ୍ତ ବିଭାଗ ପକ୍ଷରୁ ୩ କୋଟି ୪ ଲକ୍ଷ ବ୍ୟୟରେ ମନ୍ଦିର ଉନ୍ନତୀକରଣ କାମ ହାତକୁ ନିଆଯାଇଛି। ଏହି କ୍ରମରେ ମନ୍ଦିର ପରିସରରେ ଶିବରାତ୍ରି ସମୟରେ ହେଉଥିବା ଶିବପୁରାଣ ଯଜ୍ଞ ସ୍ଥଳରେ ଏକ ମଣ୍ଡପ ନିର୍ମାଣ ହେଉଛି । ମନ୍ଦିର ପରିସରରେ ଚଟାଣ କାମ କରାଯାଉଛି। ଭୋଗଶାଳା ଓ କଲ୍ୟାଣମଣ୍ଡପ ପାର୍ଶ୍ୱରେ ସିଲେଟ ପଥର ବସାଯାଇଛି । କିନ୍ତୁ ମାଟି ଖୋଳା ନ ଯାଇ ପଥର ବସାଯିବା ଫଳରେ ଚଟାଣ ଆବଡା ଖାବଡା ଦେଖାଯାଉଛି। ଏହାବ୍ୟତୀତ ମନ୍ଦିରର ପ୍ରବେଶ ପଥ ଏବଂ ମନ୍ଦିର ସଂଲଗ୍ନରେ ପୂର୍ବରୁ ଲାଗିଥିବା ମାର୍ବଲ ପ୍ଲେଟକୁ ହଟାଇ ନିମ୍ନମାନର ପ୍ଲେଟ ବସାଯାଇଛି। କେତେକ ସ୍ଥାନରେ ଫଟା ପ୍ଲେଟ ମଧ ବସା ଯାଇଥିବା ତଦାରଖ କରୁଥିବା ଗ୍ରାମବାସୀ ରବିବାର ଦେଖିବାକୁ ପାଇଥିଲେ। ଲାଭଖୋର ମନୋବୃତ୍ତି ନେଇ ବିଭାଗ ପକ୍ଷରୁ ଏପରି ନିମ୍ନମାନର ପ୍ଲେଟ ବ୍ୟବହାର କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମନ୍ଦିର ପାଚେରି କାମକୁ ନେଇ ମଧ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଥିବା ଉଚ୍ଚତାକୁ ଭାଙ୍ଗି ଲୁହା ଗ୍ରୀଲ ଦେଇ ସୌନ୍ଦର୍ଯ୍ୟକରଣ କରାଯାଇଛି। ତେବେ ମନ୍ଦିର ପଛପଟେ ଦେଉଳ ପୋଖରୀ ରହିଛି। ପୋଖରୀରେ ଗ୍ରାମବାସୀ ସ୍ନାନ କରିଥାନ୍ତି । ତେବେ ମନ୍ଦିର ପାଚେରି ଉଚ୍ଚତା କମାଇ ଦିଆଯାଇଥିବାରୁ ମନ୍ଦିର ପରିସରରୁ ପୋଖରୀର ମହିଳାଙ୍କ ଗାଧୁଆ ଘାଟ ଦେଖାଯାଉଛି। ଏପରି ସୌନ୍ଦର୍ଯ୍ୟକରଣ କାମ ମନ୍ଦିର ଗୌରବ ବଢାଇବା ବଦଳରେ ନଷ୍ଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୌନ୍ଦର୍ଯ୍ୟକରଣ କାମ କରାଯାଉଥିବା କୁହାଯାଉଥିଲେ ସୁଦ୍ଧା ମନ୍ଦିର ଚଟାଣର ଚତୁଃପାର୍ଶ୍ୱରେ ପ୍ଲେଟ ବସୁଥିବା ସ୍ଥଳେ ମୁଖ୍ୟ ମନ୍ଦିର ତଳଭାଗ ଚତୁଃପାର୍ଶ୍ୱ ଏବେ ବି ସିମେଣ୍ଟ ପ୍ଲାଷ୍ଟର ହୋଇଛି। ଯାହାକି ସମସ୍ତଙ୍କୁ ଚକିତ କରିଛି। ଏ ନେଇ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଗ୍ରାମର ଅନିରୁଦ୍ଧ ପଧାନ,ସଚ୍ଚିଦାନନ୍ଦ ମିଶ୍ର, ଜିତୁ ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି।

OFFICE OF THE PRINCIPAL
GOVT. AUTONOMOUS COLLEGE, ANGUL
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ
Hakimpada, Angul (Odisha) - 759143
Ph - 06764-230342, Email - principalgaca@gmail.com
No.CAD-396

Letter No. 1473 Date - 29.06.2024

Walk-in-Interview / Certificate Verification

Walk-in-Interview / Certificate Verification for empanelment of Guest Faculties in different subjects in Govt. Higher Secondary School, Angul for the Session 2024-25 will be held in respective Departments from dt. 05.07.2024 to dt.06.07.2024 from 10 A.M. onwards.
Visit college website www.gaca.nic.in for details.

Sd./- Principal,
Government Autonomous College,
Angul

OIPR-11025/11/0004/2425

FORM NO. 14
[See Regulation 33(2)]
By Regd. A/D, Dasti failing which by Publication

OFFICE OF THE RECOVERY OFFICER-I/II
DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014, ODISHA

DEMAND NOTICE

NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/5/2018 27-06-2024

STATE BANK OF INDIA
Versus
SHRI ASWINI KUMAR BEHERA AND OTHERS

To
(CD 1) Shri Aswini Kumar Behera & Others, S/o: Shri Krushna Chandra Behera, Plot No. 508, Bhoinagar bayabada, Matha Road, Unit No. 9 Bhubaneswar, Khordha- 751010, Also at: 751022

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/470/2013** an amount of Rs. **1865242.00 (Rupees Eighteen Lakhs Sixty Five Thousands Two Hundred Forty Two Only)** along with pendentellite and future interest @ % w.e.f. // till realization and costs of Rs. **0 (Only)** has become due against you (Jointly and severally/Fully/Limited).
2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **02/09/2024** at **10:30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **27/06/2024.**

Sd/- Recovery Officer
DEBTS RECOVERY TRIBUNAL, CUTTACK

**ବୀରନରସିଂହପୁରରେ ମେଗା ରକ୍ତଦାନ ଶିବିର**

ବୌଦ୍ଧ,(ଅଜିତ କୁମାର ବାରିକ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିରନରସିଂହପୁର ବନ ବିଭାଗ ନର୍ସରୀଠାରେ ଗହଜାତ ସାଂସ୍କୃତିକ ପରିଷଦ ପକ୍ଷରୁ ରବିବାର ଦିନ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଜିଲା ପରିଷଦ ସଭ୍ୟ ତଥା ଅନୁଷ୍ଠାନର ସଭାପତି ବିଶ୍ୱଜିତ ମିଶ୍ର ଉଦ୍‌ଘାଟନ କରିଥିଲେ । ଶିବିରରେ ୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅନୁଷ୍ଠାନର ନରେନ୍ଦ୍ର କୁମାର ସାହୁ, ଦେବାଶିଷ ମହାକୁଳ, ସୁଜ୍ଞାନ ପ୍ରଧାନ, ଦେବେନ୍ଦ୍ର ସାହୁ, ଦୁଃଖୀଶ୍ୟାମ ଗାଇଗୌରିଆ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ୧୧୦ ପ୍ରତିଯୋଗୀ

**ସୋନପୁର,୩୦।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମ ପରିସରରେ ଥିବା ବିଜୁ ପଟ୍ଟନାୟକ ସନ୍ତରଣାଗାରଠାରେ ତୃତୀୟ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲା ସନ୍ତରଣ ସଂଘ ପକ୍ଷରୁ ସକାଳ ୮ଟାରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ୪ଟି ବିଭାଗରେ ବିଭିନ୍ନ ବୟସର ପ୍ରତିଯୋଗୀଙ୍କ ମଧ୍ୟରେ ଫ୍ରିଷ୍ଟାଇଲ, ବଟର ଫ୍ଲାଏ, ବେକ ଷ୍ଟ୍ରୋକ ଓ ବ୍ରେଷ୍ଟ ଷ୍ଟ୍ରୋକ୍ ଆଦି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା । ମୋଟ ୧୧୦ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ । ବାଳିକା ବିଭାଗରେ ଗେଟେରି ବାଗ, ରୁକ୍ମଣୀ ନାଗ, ଦମୟନ୍ତୀ ସୁନା, ଶିବାନୀ କୁଶଳ ଓ ସରସ୍ୱତୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ବାଳକ ବିଭାଗରେ ସ୍ୱପ୍ନଜିତ ମିଶ୍ର, ଦେବାଂଶ ସାହୁ, ବିକ୍ରମ ବାଗ, ଶୀଧେଶ୍ୱର ବାଗ, ମହାଦେବ ଜଗଦଳା ଓ ଆଦ୍ୟାଶମାନ ମେଣ୍ଡିଲି ପ୍ରମୁଖ କୃତିତ୍ୱ ଅର୍ଜନ କରିଥିଲେ । ପ୍ରତିଯୋଗିତାର ଶ୍ରେଷ୍ଠ ଟାଇମରମାନେ ଆସନ୍ତା ଜୁଲାଇ ୯, ୧୦ ଓ ୧୧ ତାରିଖରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ୬୪ତମ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ଜିଲା ସନ୍ତରଣ ସଂଘ ସମ୍ପାଦକ ଜୟନାରାୟଣ ମେଣ୍ଡଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରିଜର୍ଭ ଇନ୍ସପେକ୍ଟର ସରୋଜ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ସଂଘର ବରିଷ୍ଠ ସଦସ୍ୟ ତଥା ସୁଇମର ସୁରଜ ବାଗ, ଜିଲା ହାବିଲଦାର-କନେଷ୍ଟବଳ ସଂଘର ସଭାପତି ଦିନେଶ ମିଶ୍ର, ବିଦ୍ୟାଧର ମିଶ୍ର ଓ ଜିଲା ସନ୍ତରଣ ସଂଘର ସଭାପତି ପ୍ରଦୀପ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ସଂଘର ସଦସ୍ୟ ଦିଗାମ୍ବର ଶତପଥୀ ସଭା ପରିଚାଳନା କରିଥିଲେ । ସଭ୍ୟ ମନୋରଞ୍ଜନ ମିଶ୍ର, ବିଶ୍ୱରଞ୍ଜନ ଦଳାଇ ଓ ପ୍ରକାଶ ମେହେର ସହଯୋଗ କରିଥିଲେ ।



କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ ଜିଲା ସନ୍ତରଣ ସଂଘର କର୍ମକର୍ତ୍ତା ।

**ସଂକ୍ଷେପରେ**

## ରାଣିପଥର ଘାଟିରେ ଦୁର୍ଘଟଣା: ୪ ଆହତ

**ବୌଦ୍ଧ,୩୦।୬(ଅଜିତ କୁମାର ବାରିକ)**

ବୌଦ୍ଧ-କନ୍ଧମାଳ ଜିଲା ସୀମାନ୍ତ ରାଣିପଥର ଘାଟିରେ ରବିବାର ଅପରାହ୍ନରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଗୋଟିଏ ପରିବାରର ୪ ଜଣ ଆହତ ହୋଇଥିବା ଜଣାପଡିଛି । ପ୍ରକାଶ ଯେ, ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳର ଧର୍ମୁ ମେହେରଙ୍କ ପରିବାର ରବିବାର ଦିନ କୌଣସି କାମରେ ଏକ କାର୍‌ରେ ଫୁଲବାଣୀ ଯାଇ ଫେରୁଥିବା ବେଳେ କାରଟି ରାଣିପଥର ଘାଟିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ କାରରେ ବସିଥିବା ପରିବାରର ୪ ଜଣ ଆହତ ହୋଇଥିଲେ । ସେମାନେ ହେଲେ ଧର୍ମୁ ମେହେର(୬୬), ଗାୟତ୍ରୀ ମେହେର (୬୦), ତନ୍ମୟ ମେହେର (୩୨) ଓ ପ୍ରୀତି ମେହେର (୧୨) । ସେହି ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ଆହତ ମାନଙ୍କୁ ଉଦ୍ଧାର କରି ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୌଦ୍ଧ ମେଡିକାଲକୁ ପଠାଯାଇଥିବା ଜଣାଯାଇଛି ।

## ଚକ୍ଷୁ ଚିକିତ୍ସା ଆଲୋଚନାଚକ୍ର

**ବରଗଡ଼,୩୦।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଚକ୍ଷୁରୋଗ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ର ସୁନୟନା ଚକ୍ଷୁ ଚିକିତ୍ସା କେନ୍ଦ୍ର ଦ୍ୱାରା ଆୟୋଜିତ ଆଲୋଚନାଚକ୍ରରେ ଓଡ଼ିଶା ରାଜ୍ୟ ଚକ୍ଷୁ ଚିକିତ୍ସକ ସଂଘର ସଭାପତି ସୁବଳ କଶୋର କର ଅଧ୍ୟକ୍ଷତା କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୭୦ଜଣ ଚକ୍ଷୁ ବିଶେଷଜ୍ଞ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ଆଜରବାଇଜାନରୁ ଚକ୍ଷୁରୋଗ ବିଶେଷଜ୍ଞ ଡା. ରାମିଲୋଭ ଆସି ତାଙ୍କ ବକ୍ତବ୍ୟ ରଖିଥିଲେ । ସେହିପରି ଭୁବନେଶ୍ୱରରୁ ଡା. ଅଶୋକ କୁମାର ନନ୍ଦ, ବ୍ରହ୍ମପୁରରୁ ଡା. ପ୍ରବୀଣ ସୁବୁଦ୍ଧି, ସମ୍ବଲପୁରରୁ ଡା. ଶିବପ୍ରସାଦ ସାହୁ, ଡା. ଚିତ୍ତରଞ୍ଜନ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଡା. ସୁଶିଲ କୁମାର କର, ଡା. ସୁରେଶ ଦାନୀ, ଡା. ଦିଲୀପ ପଟ୍ଟନାୟକ, ପ୍ରଫେସର ଗୁଣସାଗର ଦାଶ, ପ୍ରଫେସର ଜୟଶ୍ରୀ ଦୋରା, ସସ୍ମିତା ବେହେରା, ଡା. ସମୀର ପାତ୍ର, ଡା. ଶ୍ରୀମନ୍ତ ବେହେରା, ଡା. ପ୍ରଦୀପ ବର୍ମା, ଡା. ସୁକାନ୍ତ ପାଣିଗ୍ରାହୀ, ଡା. ଜଗଦିଶ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସୁନୟନା ଚକ୍ଷୁ ଚିକିତ୍ସା କେନ୍ଦ୍ରର ଡାଇରେକ୍ଟର ସୁନୀତା କର, ଡା. ଗୀତା କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସିଆର୍‌ପିଏଫ୍ ଯବାନଙ୍କ ପରଲୋକ



**ବୌଦ୍ଧ,୩୦।୬( ଅଜିତ କୁମାର ବାରିକ)**

ଅନୁଗୋଳ ଜିଲା କିଆକଟା ଥାନା ଅନ୍ତର୍ଗତ ଝୁରିକଟା ଗ୍ରାମର ସିଆର୍‌ପିଏଫ ଜବାନ ନରେନ୍ଦ୍ର କୁମାର ରାଜଙ୍କ ଶନିବାର ରାତିରେ କଟକ ବଡ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ହେବ ପରିବାର ସହ ବୌଦ୍ଧ ସହରର ଆନନ୍ଦ ବିହାର ଅଞ୍ଚଳରେ ରହୁଥିଲେ । ତାଙ୍କର ପରଲୋକ ଖବର ପ୍ରଚାରିତ ହେବା ପରେ ନିଜ ପୈତୃକ ଗ୍ରାମ ଝୁରିକଟା ସହ ଆନନ୍ଦ ବିହାର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ସେ ସମ୍ବଲପୁର ଜିଲାରେ କାର୍ଯ୍ୟରତ ଥିବା ବେଳେ କିଛିଦିନ ହେବ ଅସୁସ୍ଥ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । କଟକରେ ଶନିବାର ରାତିରେ ତାଙ୍କର ପରଲୋକ ହୋଇଯାଇଥିଲା । ସିଆର୍‌ପିଏଫ ପକ୍ଷରୁ ତାଙ୍କ ମରଶରୀରକୁ ବୌଦ୍ଧ ଆନନ୍ଦ ବିହାରକୁ ଅଣାଯାଇଥିଲା । ବୌଦ୍ଧ ପୋଲିସ ପକ୍ଷରୁ ତାଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ବୌଦ୍ଧ ରାଜଘାଟଠାରେ ସ୍ୱର୍ଗତ ରାଜଙ୍କୁ ସିଆରପିଏଫ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଥିଲା । ଏହାପରେ ପରିବାର ପକ୍ଷରୁ ଅନ୍ତିମ ସଂସ୍କାର କରାଯାଇଥି । ତାଙ୍କର ଦୁଇଟି ଝିଅ ଥିବା ବେଳେ ବଡ ଝିଅ ଦିପ୍ତୀମୟୀ ମୁଖାଗ୍ନି ଦେଇଥିଲେ ।

## ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର

**ବୌଦ୍ଧ,୩୦।୬(ଅଜିତ କୁମାର ବାରିକ)**

ବୌଦ୍ଧଜିଲା କଲଚରାଲ ଏକାଡେମୀର ସାହିତ୍ୟ ଆଲୋଚନାଚକ୍ର ଓ କବିତା ଆସର ରବିବାର ଦିନ କେଉଟସାହିସ୍ଥିତ ବୀର ବଜରଙ୍ଗ ବାଲି କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏକାଡେମୀର ସଭାପତି ଧ୍ରୁବଚରଣ ଘିବେଲା ସଭାପତିତ୍ୱ କରିବା ସହ ନିଜର ଅନୁଭୂତି ନେଇ ମତବ୍ୟକ୍ତ କରିଥିଲେ । ଲେଖିବା ପାଇଁ ପଢିବା ଦରକାର, କମ ଲେଖିବା ଗୁଣାତ୍ମକ ଲେଖିବା, ଲେଖିବା ଧାରା ଜାରି ରଖିବା , ଲେଖା ସାମାଜିକ ଧର୍ମୀ ହେବା ଆବଶ୍ୟକ, କୁସଂସ୍କାର ଦୂର କରିବା, ସମସ୍ତଙ୍କୁ ଏକାଠି ଯୋଡିବା ଦରକାର ଓ ବୟସର ଛାପ ମଧ୍ୟ ଲେଖା ଉପରେ ପଡିଥାଏ ବୋଲି ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବରାଜ ନାୟକ, ଅଧ୍ୟାପକ ପ୍ରତାପ କୁମାର ରଥ, କବି କିଶୋର ମିଶ୍ର, କବି ଚନ୍ଦ୍ରକାନ୍ତ ନାୟକ, କାର୍ତ୍ତିକେଶ୍ୱର ନାୟକ, ରମେଶ ମେହେର, ରାଜକୁମାର ପ୍ରଧାନ, ଦେବବ୍ରତ ପଶାୟତ, ଗୋଲକ ବିହାରୀ ସାହୁ, ବି.କେ. ନିର୍ମଳ ନିଜ ନିଜର ମତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ କବି ସ୍ୱରଚିତ କବିତା ପାଠ କରିଥିଲେ ।




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ।

# ପାତାଳି ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଟ୍ରଷ୍ଟ ଓ ସେବାୟତ ସଂଘର କର୍ମକର୍ତ୍ତା ।

**ସୋନପୁର,୩୦।୬(ମୃତ୍ୟୁଞ୍ଜୟ ଶତପଥୀ)**

ମହାପ୍ରଭୁଶ୍ରୀଜଗନ୍ନାଥଙ୍କପାବନଲୀଳାକ୍ଷେତ୍ର ସୁବର୍ଣ୍ଣପୁର ଜିଲାର କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ରଠାରେ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ରବିବାର ପାତାଳି ଶ୍ରୀକ୍ଷେତ୍ର ସଭାଗୃହଠାରେ ଶ୍ରୀ ପାତାଳି କ୍ଷେତ୍ର ଟ୍ରଷ୍ଟ ଏବଂ ସେବାୟତ ସଂଘର ମିଳିତ ପ୍ରସ୍ତୁତି ବୈଠକ ହୋଇଥିଲା । ଟ୍ରଷ୍ଟ ସମ୍ପାଦକ ଉତ୍ତର କୁମାର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଶ୍ରୀ ଗୁଣ୍ଡିଚା ରଥଯାତ୍ରା ପାଇଁ ନୀତି ନିର୍ଘଣ୍ଟ ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ପୂର୍ବାହ୍ନ ୧୧ଟାରୁ ପହଣ୍ଡି ଆରମ୍ଭ ହେବ । ଅପରାହ୍ନ ୧ଟାରେ ଛେରା ପହରା ହୋଇ ୨ଟାରୁ ରଥଯଣା ଆରମ୍ଭ ହେବାର କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି । ପହଣ୍ଡିକୁ ସୁରସ ସୁନ୍ଦର କରିବା ସହିତ ଜୁଲାଇ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ବିଭିନ୍ନ ଅବତାର ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ବିଭାଗର କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ବ୍ୟବହାର ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଆସନ୍ତା ୨ ତାରିଖରେ ସେବାୟତମାନଙ୍କ ସ୍ୱତନ୍ତ୍ର ବୈଠକରେ ଏ ସମସ୍ତ ବିଷୟରେ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଛି । ଟ୍ରଷ୍ଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀ ଏହି ବୈଠକକୁ ପରିଚାଳନା କରିଥିଲେ ।

**ଶ୍ରୀକ୍ଷେତ୍ର ସେବାୟତ ସଂଘ ଗଠିତ**

ସୁବର୍ଣ୍ଣପୁର ଜିଲା କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର ସଭାଗୃହଠାରେ ସେବାୟତ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସମସ୍ତ ସେବାୟତଙ୍କୁ ନେଇ ପାତାଳି ଶ୍ରୀକ୍ଷେତ୍ର ସେବାୟତ ସଂଘ ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବେ ଗୋପାଳ ପଣ୍ଡା, ଆବାହକ ଶ୍ରୀରାମ ପଣ୍ଡା, ସଭ୍ୟ ଭାବେ ଫକିର ମୋହନ ପୁରୋହିତ, ଜଗଦୀଶ ପୁରୋହିତ, ରବିନାରାୟଣ ପୂଝାରୀ, ଅରବିନ୍ଦ ମିଶ୍ର ଓ ପବିତ୍ର ନନ୍ଦଙ୍କୁ ସର୍ବ ସମ୍ମତ କ୍ରମେ ଚୟନ କରାଯାଇଛି । ସେହିପରି ବିଜୟ କୁମାର ହୋତାଙ୍କୁ ସଂଘର ରେକର୍ଡ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## ଶିକ୍ଷକ ଲମ୍ବୋଦର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଅମରପାଲି,୩୦।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଲମ୍ବୋଦର ସାହୁଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ରାଧେଶ୍ୟାମ ପଣ୍ଡା ଓ ବ୍ରଜ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ସମ୍ବର୍ଦ୍ଧନା ସଭାରେ ମାହେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ଭୋଇ, କେନଝିରିଆପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜ ବାରିକ, ଅବସରପ୍ରାପ୍ତ ଶିକ୍ଷକ ଲଳେନ୍ଦ୍ର ତ୍ରିପାଠୀ, ଶିକ୍ଷକ ଦତ୍ତ ମିଶ୍ର, କବି ବେହେରା, ବାଚସ୍ପତି ପଣ୍ଡା, ଆରତୀ ମିଶ୍ର ପ୍ରମୁଖ ସାହୁଙ୍କ କାର୍ଯ୍ୟକୁଶଳତାର ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କର ସୁଖମୟ ଅବସର ଜୀବନ କାମନା କରିଥିଲେ ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୋନପୁର,୩୦।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ଶରଧାପାଲି ସରକାରୀ ଉଚ୍ଚ ପ୍ରାଥମିକବିଦ୍ୟାଳୟରପ୍ରଧାନଶିକ୍ଷୟିତ୍ରୀପ୍ରମିଳା କୁମ୍ଭାରଙ୍କ ଉଦ୍ଦେଶ୍ୟରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଭାରପ୍ରାପ୍ତ ଶିକ୍ଷୟିତ୍ରୀ ରଞ୍ଜିତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୋନପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀଧର ବାଗ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ କୁମ୍ଭାରଙ୍କୁ ଶରଧାପାଲି କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନାରେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶରଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ । ସିଆରସିସି ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାକୁ ପ୍ରତାପପୁର ୟୁପି ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ ସଂଯୋଜନା କରିଥିବା ବେଳେ ଧଉରାଖମନ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁବର୍ଣ୍ଣପୁରର ୮ ସାରସ୍ୱତ ପ୍ରତିଭା ସମ୍ମାନିତ

**ସୋନପୁର,୩୦।୬(ମୃତ୍ୟୁଞ୍ଜୟ ଶତପଥୀ)**

ସାହିତ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସୁବର୍ଣ୍ଣପୁର ଜିଲାର ୮ ଜଣ ସାରସ୍ୱତ ପ୍ରତିଭା ସମ୍ମାନିତ ହୋଇଛନ୍ତି । କଟକ ଶତାବ୍ଦୀ ଭବନଠାରେ ଶନିବାର ୱାର୍ଲଡ ଚାରିଟି ୱେଲଫେୟାର ଫାଉଣ୍ଡେଶନ ସଂସ୍ଥା ପକ୍ଷରୁ ସର୍ବଭାରତୀୟସ୍ତରରେ ଏହି ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ସୁବର୍ଣ୍ଣପୁରର ସାରସ୍ୱତ ପ୍ରତିଭା ସୁଦାମ ନାଏକ, ଆର୍ତ୍ତତ୍ରାଣ ବାବୁ, ଶୁଭେନ୍ଦୁ ମେହେର, ଦ୍ୱିତୀକୃଷ୍ଣ ପଣ୍ଡା, ରାଧେଶ୍ୟାମ ମିଶ୍ର, ଶାନ୍ତନୁ କୁମ୍ଭକାର ଓ ଜିତେନ୍ଦ୍ର ପର୍ଡିଆଙ୍କୁ ମାନପତ୍ର, ଟ୍ରଫି ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନ ଜନକ ଡକ୍ଟରେଟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉତ୍ସବରେ ତାମିଲନାଡୁ ବୈଦିକ ବିଶ୍ୱବିଦ୍ୟାଳୟର କୁଳପତି ତିରୁ ଭାନାମଲାଇ ମୁଖ୍ୟ ଅତିଥି ଓ ଜଗନ୍ନାଥ ସଂସ୍କୃତିର ପ୍ରଖ୍ୟାତ ଗବେଷକ ଡ. ହରିହର କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ।




ସମ୍ବର୍ଦ୍ଧିତ ହୋଇଥିବା କୃତୀ ପ୍ରତିଭା ।

# ବେଆଇନ ବାଲି ଚାଲାଣ ଅଭିଯୋଗ, ୧୩ ଟ୍ରାକ୍ଟର ଅଟକ

**ବାଉଁଶୁଣୀ,୩୦।୬(ଦେବାଶିଷ ନେପାକ)**

ରବିବାର ସନ୍ଧ୍ୟାରେ ବାଉଁଶୁଣୀ ପୋଲିସ ଡମ୍ବରୁଗଡ ନିକଟରୁ ବେଆଇନ ବାଲି ଚାଲାଣ ଅଭିଯୋଗରେ ୧୩ ଗୋଟି ଟ୍ରାକ୍ଟରକୁ ଅଟକ ରଖି ଥାନାକୁ ଆଣିଛି । ମିଳିଥିବା ସୂଚନା ଅନୁଯାୟୀ,ବାଉଁଶୁଣୀ ରାଜସ୍ୱ ସର୍କଲର ଡମ୍ବରୁଗଡ ମହାନଦୀ ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ହେଉଥିବା ଖବର ପାଇ ଜିଲାପାଳ ଜେ ସୋନାଲ ଓ ଏସ୍‌ପି ରାଜପ୍ରସାଦ ଅଚାନକ ଘଟଣାସ୍ଥଳରେ ପହଞ୍ଚି ଥିଲେ । ୧୩ ଗୋଟି ଟ୍ରାକ୍ଟର ବାଲିଘାଟରୁ ବାଲି ବୋଝେଇ କରୁଥିବା ଦେଖିବା ପରେ ସମସ୍ତ ଟ୍ରାକ୍ଟରକୁ ଅଟକ ରଖି କାଗଜପତ୍ର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାଉଁଶୁଣୀ ପୋଲିସ ଟ୍ରାକ୍ଟରଗୁଡିକ ଥାନାକୁ ନେଇ ଅଟକ ରଖିଛି । ଏହି ଚଢାଉରେ ଜିଲାପାଳ ଓ ଏସ୍‌ପିଙ୍କ ସମେତ ଅତିରିକ୍ତ ତହସିଲଦାର ମହମ୍ମଦ ରୋଜାଏ ରସୁଲ ଏବଂ ବାଉଁଶୁଣୀ ଓ ବୌଦ୍ଧ ଥାନାର ପୋଲିସ ଟିମ୍ ସାମିଲ ଥିଲେ ।



ବାଲିଘାଟରେ ଚଢାଉ କରାଯାଉଛି ।

# ଡ୍ରେନେଜ ବ୍ୟବସ୍ଥା ନାହିଁ, ହୋଇପାରୁନି ଜଳ ନିଷ୍କାସନ

**ଅମରପାଲି,୩୦।୬( ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ବାରଝୁଲାରେ ସାମାନ୍ୟ ବର୍ଷାରେ ଗାଁ ଭିତରୁ ବର୍ଷାପାଣି ନିଷ୍କାସନ ହୋଇପାରୁନାହିଁ । ଫଳରେ ଗାଁ ମଝିରେ ପ୍ରାୟ ୨ରୁ ୩ଫୁଟ ପାଣି ଜମି ରହିଛି । ସୂଚନାମତେ ଏକ ୱାର୍ଡ ବିଶିଷ୍ଟ ବାରଝୁଲା ଗ୍ରାମରେ ପ୍ରାୟ ଶହେ ରୁ ଅଧିକ ପରିବାର ବସବାସ କରନ୍ତି । ଗ୍ରାମର ଉଭୟ ପଟେ ଗ୍ରାମବାସୀଙ୍କ ଘରିଥିବା ବେଳେ ଗାଁ ମୁଣ୍ଡରେ ଚାଷ ଜମିଦେଇ ବର୍ଷା ଜଳ ହରିହରଯୋରକୁ ଯାଇଥାଏ । ଗ୍ରାମରେ ଜନସଂଖ୍ୟା ବୃଦ୍ଧି ସହିତ ଗୃହ ନିର୍ମାଣ ଫଳରେ ବର୍ଷା ଜଳ ଗ୍ରାମ ଭିତରୁ ନିଷ୍କାସନ ହୋଇ ନ ପାରି ଦାଣ୍ଡରେ ଜମି ରହିଛି । ଏବେ ଘର ଭିତରୁ ବାହାରିବା ଅସମ୍ଭବ ହୋଇପଡିଛି । ସେପଟ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ଡ୍ରେନେଜ ବ୍ୟବସ୍ଥା ନ କରି ନୂତନ ଭାବେ କଙ୍କ୍ରିଟ କରିଥିବାରୁ ଏହି ସମସ୍ୟା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଧିକ ବର୍ଷା ହେଲେ ବର୍ଷା ଜଳ ଲୋକଙ୍କ ଘର ଭିତରକୁ ଯିବାର ଆଶଙ୍କା ରହିଛି । ଏହି ଗ୍ରାମ ରାସ୍ତା ଦେଇ କର୍ଡାପାଲ, ଲୁଦୁମୁଣ୍ଡା ସହିତ ମୁର୍ଷୁଣି ପଞ୍ଚାୟତ ସମେତ ଖଣ୍ଡହତା ଆଦି ପଞ୍ଚାୟତକୁ ସଂଯୋଗ କରୁଛି । ତେଣୁ ସାଧାରଣେ ଲୋକେ ଯାତାୟତରେ ବହୁ ହଇରାଣ ହେବାକୁ ପଡୁଛି । ଏ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଗାଁ ଭିତରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।



ବାରଝୁଲା ଗ୍ରାମରେ ବର୍ଷାପାଣି ଜମି ରହିଛି ।

**OFFICE OF THE PRINCIPAL**
**GOVT. AUTONOMOUS COLLEGE, ANGUL**
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ
Hakimpada, Angul (Odisha) - 759143
Ph - 06764-230342, Email - principalgaca@gmail.com

No.CAD-396

Letter No. 1473 Date - 29.06.2024

**Walk-in-Interview / Certificate Verification**

Walk-in-Interview / Certificate Verification for empanelment of Guest Faculties in different subjects in Govt. Higher Secondary School, Angul for the Session 2024-25 will be held in respective Departments from dt. 05.07.2024 to dt.06.07.2024 from 10 A.M. onwards.
Visit college website www.gaca.nic.in for details.

Sd./- Principal,
Government Autonomous College,
Angul

OIPR-11025/11/0004/2425

**FORM NO. 14**
[See Regulation 33(2)]
By Regd. A/D, Dasti failing which by Publication

**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014, ODISHA**

**DEMAND NOTICE**

**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

**RC/5/2018** **27-06-2024**

**STATE BANK OF INDIA**
Versus
**SHRI ASWINI KUMAR BEHERA AND OTHERS**

To
(**CD 1**) Shri Aswini Kumar Behera & Others, S/o: Shri Krushna Chandra Behera, Plot No. 508, Bhoinagar bayabada, Matha Road, Unit No. 9 Bhubaneswar, Khordha- 751010, Also at: 751022

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/470/2013** an amount of Rs. **1865242.00 (Rupees Eighteen Lakhs Sixty Five Thousands Two Hundred Forty Two Only)** along with pendentellite and future interest @ % w.e.f. // till realization and costs of Rs. **0 (Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **02/09/2024** at **10:30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **27/06/2024.**

Sd/- Recovery Officer
DEBTS RECOVERY TRIBUNAL, CUTTACK

## ଜିଲା ଲକ୍ଷେଘର ସମାଜର ବୈଠକ

# ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ

ସୁନ୍ଦରଗଡ,୩୦।୬ (ଜୟ ନାରାୟଣ ମେଣ୍ଟୁଳି)

ଜିଲା ଲକ୍ଷେଘର ସମାଜର ଏକ ବୈଠକ ରବିବାର କିରେଇଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ପରିଚାଳନା ବ୍ୟବସ୍ଥା କିପରି ଆହୁରି ଭଲ ଭାବେ ହେବ, ସାମାଜିକ କାମ ଦ୍ୱାରା ଲୋକେ କିପରି ଲାଭବାନ ହେଇ ପାରିବେ, ଯୁବତୀଯୁବକ ମାନେ କିପରି ଯୋଗ୍ୟତା ହିସାବରେ ଆତ୍ମ ନିର୍ଭରଶୀଳ ହୋଇପାରିବେ ସେନେଇ ଆଲୋଚନା ହୋଇଥିଲା। ରାଉରକେଲା ସଦ୍‌ଭାବନା କମିଟିର ନୂତନ ସଭାପତି ଭାବେ ପରଦୀପ ସୂର୍ଜଲିଆଙ୍କୁ ଦାୟିତ୍ୱ ନିର୍ବାହ କରାଯାଇଥିବାରୁ ସମାଜ ପକ୍ଷରୁ ଜିଲା ସଭାପତି ପ୍ରଫୁଲ୍ଲ ସୁନ୍ୟାନି, କାର୍ଯ୍ୟକାରୀ ସଭାପତି ବିଶ୍ୱାମ୍ବର ମହାନନ୍ଦିଆ, ଲବଣୀଧର ବାଗ, ଜିଲା ସାଧାରଣ ସମ୍ପାଦକ ଲଲିନ୍ଦ୍ର ସିଂ, ଉପଦେଷ୍ଟା ବିଶ୍ୱଜିତ ତନ୍ତୀ ଫୁଲ ତୋଡା ଦେଇ ସ୍ୱାଗତ ଜଣାଇଥିଲେ। ଜିଲା ଉପସଭାପତି ରାଜା କାକ, ନଗର ସଭାପତି, ସୁନିଲ ମହାନନ୍ଦିଆ ଆଗାମୀଦିନରେ ସହରରେ କିପରି ନଗର କାର୍ଯ୍ୟକ୍ରମ ହେବ, ସଙ୍ଗଠନର କାର୍ଯ୍ୟାଳୟ ନିର୍ମାଣ କିପରି ହେବ, ପିଲାଙ୍କୁ ରୋଜଗାର ବ୍ୟବସ୍ଥା କିପରି ଯୋଗାଇହେବ, ସଙ୍ଗଠନ ପାଇଁ ଆର୍ଥିକ ବ୍ୟବସ୍ଥା କିପରି ହେଇ ପାରିବ, ସଙ୍ଗଠନ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ରକ୍ତ ଦାନ ଶିବିର ତଥା ଆହୁରି ସାମାଜିକ କାର୍ଯ୍ୟକ୍ରମ କରିବା ଦିଗରେ ଦିଗଦର୍ଶନ ଦେଇଥିଲେ। ଜିଲା ଉପସଭାପତି ଦାମୋଦର ଦେହୁରୀଆ, ରୋହିତ ମହାନନ୍ଦିଆ, ସମ୍ପାଦକ ମୁକ୍ତେଶର ବୁଢ଼ା, ହେମଗିରି ବ୍ଲକ ସଭାପତି ରାଧେଶ୍ୟାମ ଗର୍ଡିଆ, ସଭାପତି ରାଜଗାମ୍ପୁର ବ୍ଲକ ସୁରେନ୍ଦ୍ର ବଞ୍ଛୁର, ଉପସଭାପତି କୌଶଳ ମହାନନ୍ଦିଆ, ସଙ୍ଗଠନ ପରିଚାଳନା କିପରି ହେବ ଓ ମହାସଭାର ବ୍ୟବସ୍ଥା କିପରି ହେବ ସେହି ଦିଗରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ବାଗ, ଟି ରାଜନ, ବିକ୍ରମ ଭାଇନା, ଅଭିନ ରାଜନ, ଲକ୍ଷ୍ମୀଧର ରାଜନ, ଭୋଜରାଜ ସିଂ, ସୁରେନ୍ଦ୍ର ବାଞ୍ଛୁର, କୃଷ୍ଣ ସାରଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

## ମୁକେଶ ସଭାପତି, ମୋହନ ଉପସଭାପତି



ନିର୍ବାଚିତ ରାଉରକେଲା ଟ୍ରକ ମାଲିକ ସଂଘ କର୍ମକର୍ତ୍ତା।

### ରାଉରକେଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ

ରାଉରକେଲା,୩୦।୬ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ରବିବାର ପାୱାର ହାଉସ୍ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସଭାପତି ପଦ ପାଇଁ ରବୀନ୍ଦ୍ର କୁମାର ସିଂ ଓ ମୁକେଶ ସିଂ, ଉପ-ସଭାପତି ପଦ ପାଇଁ ବିଚିତ୍ରା ନନ୍ଦ କର ଓ ମୋହନ ସିଂ,ସାଧାରଣ ସମ୍ପାଦକ ପଦ ପାଇଁ ମନୋଜ କୁମାର ସିଂ ଏବଂ ଜଗଦୀଶ ଯଶୱାଲଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଯୁଗ୍ମ ସମ୍ପାଦକ ନିମନ୍ତେ ଅଶୋକ କୁମାର ସାହୁ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ କରିନଥିବା କାରଣରୁ ଅଶୋକ କୁମାର ସାହୁ ନିର୍ଦ୍ୱନ୍ଦ୍ୱରେ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଅନ୍ୟ ସମସ୍ତ ପଦପଦବୀ ପାଇଁ ରବିବାର ସକାଳ ୮ଟାରୁ ଭୋଟ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୋଟ ୮୬ଜଣ ରାଉରକେଲା ଟ୍ରକ ମାଲିକ ଭୋଟ ଦେଇ ମୁକେଶ ସିଂଙ୍କୁ ସଭାପତି, ମୋହନ ସିଂଙ୍କୁ ଉପ-ସଭାପତି ଏବଂ ଜଗଦୀଶ ଯଶୱାଲଙ୍କୁ ସାଧାରଣ ସମ୍ପାଦକ ଭାବେ ମତ ସାବ୍ୟସ୍ତ କରି ମନୋନୀତ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ରବୀନ୍ଦ୍ର ନାୟକ ପାଲ ମତଦାନ ପରିଚାଳନା କାର୍ଯ୍ୟ ଶୃଙ୍ଖଳାର ସହିତ ସମ୍ପାଦନ କରିଥିଲେ। ତେବେ ନିର୍ବାଚିତ ସଂଘର କର୍ମକର୍ତ୍ତାମାନେ ଆଗକୁ ନିଷ୍ଠାର ସହିତ ରାଉରକେଲା ଟ୍ରକ ମାଲିକ ସଂଘର ସମସ୍ତ ସଦସ୍ୟଙ୍କ ବିଭିନ୍ନ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବା ନେଇ ଶପଥ କରିଥିଲେ।

## ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଡ଼ଗାଁ, ୩୦।୬(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦଶରଥ ନାଏକ ଓ କନିଷ୍ଠ କିରାଣୀ କ୍ଷିରୋଦ ଚନ୍ଦ୍ର ନାୟକଙ୍କୁ ରବିବାର ଚାକିରିରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କାଉନସିଲର ସଭାପତି ତଥା ଅଧ୍ୟାପକ ଧୁଲେଶ୍ୱର୍ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦାୟୀ ଅଧ୍ୟକ୍ଷଙ୍କ ସ୍ତ୍ରୀ ତରୁଲତା ପଟେଲ, ଭାଇ ଏକଲବ୍ୟ, ପୁତ୍ରି ପି.ଏନ.ଜୁହି, ଏବଂ କନିଷ୍ଠ କିରାଣୀଙ୍କ ଜାମାତା ଦେବେନ୍ଦ୍ର ପୁରୋହିତ, ଝିଅ ଶୁଭଶ୍ରୀ, ତୃପ୍ତି ଓ ନାତି ସତ୍ତ୍ୱିକ ଉପସ୍ଥିତ ଥିଲେ। ଉକ୍ତ ସଭାରେ ଅନୁଷ୍ଠାନର ଓଡ଼ିଆ ପ୍ରଧାପିକା ଡ.ସୁପ୍ରିୟା ପାଲ ବିଦାୟୀ ଅଧ୍ୟକ୍ଷା ନାଏକ ଓ କିରାଣୀ ନାୟକଙ୍କ ଜୀବନୀ ଓ ଅନୁଷ୍ଠାନ ପାଇଁ ତାଙ୍କର ଉତ୍ସର୍ଗିକୃତ ଅବଦାନ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଉଭୟ କର୍ମଚାରୀଙ୍କ ଅନୁଷ୍ଠାନ ପ୍ରତି ଦୀର୍ଘ ବର୍ଷ ସେବାର ସ୍ମୃତିଚାରଣ କରିଥିଲେ ଓ ଆଗାମୀ ଦିନରେ ସେମାନଙ୍କ ସୁସ୍ଥ ଜୀବନ କାମନା କରିଥିଲେ। ସୂଚନାଯୋଗ୍ୟ, ଶନିବାର ଛାତ୍ରୀଛାତ୍ର ଓ କର୍ମଚାରୀମାନେ ବିଦାୟୀ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା କରିଥିଲେ। ଏଥିରେ ଛାତ୍ରୀଛାତ୍ର ମାନେ ଉଭୟ ପାଠ ପଢା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କୃଷ୍ଟତା ଆଣିବା ପାଇଁ କର୍ତ୍ତବ୍ୟନିଷ୍ଠା ଉପରେ ଆଲୋଚନା କରିଥିଲେ। ସେହିପରି କିରାଣୀଙ୍କ ସମାୟନୁବର୍ତ୍ତିତା, କର୍ମନିଷ୍ଠା ପାଇଁ ଅନୁଷ୍ଠାନ ସବୁଦିନ ତାଙ୍କୁ ସ୍ମରଣ କରିବ ବୋଲି କହିଥିଲେ। ଉଭୟ ବିଦାୟୀ କର୍ମଚାରୀ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ଯେକୌଣସି ମୁହୂର୍ତ୍ତରେ ଆବଶ୍ୟକତା ଅନୁଯାୟୀ ତାଙ୍କର ସେବା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଦାୟୀ ଅଧ୍ୟକ୍ଷ ନାଏକ ପୁଷ୍ପଗୁଚ୍ଛ ଦେଇ ନୂତନ ଅଧ୍ୟକ୍ଷ ଧୁଲେଶ୍ୱର ସାହୁଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ଇତିହାସ ଅଧ୍ୟାପକ ଡ. ଅରୁଣ ରଞ୍ଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

## ଲାକୋବଦ୍ରାଙ୍କୁ ସ୍ମରଣ କଲା ହୋ ସମାଜ



ହୋ ସମାଜ ପକ୍ଷରୁ ଶପଥ ଗ୍ରହଣ କରାଯାଉଛି।

ଟେନସା,୩୦।୬(ସମୀର କୁମାର ପାଢୀ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକରେ ଗୁରୁ ଲାକୋବଦ୍ରାଙ୍କ ୩୮ତମ ପୁଣ୍ୟତିଥି ରବିବାର ପାଳିତ ହୋଇଯାଇଛି। ଆଦିବାସୀ ହୋ ଭାଷାଭାଷୀଙ୍କ ସ୍ୱତନ୍ତ୍ର ଲିପି ରହିଛି। ଯାହାକି ୱାରାଂଚିତି ଲିପି ରୂପେ ପରିଚୟ ଲାଭ କରିଛି । ଜାତୀୟ ସ୍ତରରେ ହୋ ଭାଷାର ସାମ୍ବିଧାନିକ ମାନ୍ୟତା ଏବଂ ଓଡିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ପାଇଁ ଆନ୍ଦୋଳନ ସହିତ ଲିପି ଆବିଷ୍କାର ପାଇଁ ଦାବି ହୋଇଆସୁଛି। ଯେତେଦିନ ଯାଏ ହୋ ଭାଷା ଏବଂ ଏହାର ଲିପି ୱାରାଂଚିତି ରହିଥିବ ସେତେଦିନ ପର୍ଯ୍ୟନ୍ତ ଲାକୋବଦ୍ରାଙ୍କୁ ହୋ ସମାଜ ସ୍ମରଣ କରୁଥିବ। ଆଦିବାସୀ ହୋ ସମାଜ କମିଟି ତରଫରୁ କୋଇଡା ବ୍ଲକର ପି ବାଲଜୁଡି ଓ ତାଳଡିହି ଠାରେ ଗୁରୁ ଲାକୋବଦ୍ରାଙ୍କ ପୁଣ୍ୟତଥ୍ୟ ପାଳନ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା ଯୋଗଦେଇ ଉପରୋକ୍ତ ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଟାଟାଷ୍ଟିଲ ଫାଉଣ୍ଡେଶନ ଗୁଆଲି ଶାଖାର ମୁଖ୍ୟ ସଞ୍ଜୟ କୁମାର ସରଦାର ଯୋଗ ଦେଇଥିଲେ । ଏଥିରେ ସୁରେଶ ଚନ୍ଦ୍ର ମୁଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ହୋ ଶିକ୍ଷକ ଶୁସମା ମୁଣ୍ଡା ସନାରାମ ସିଂ, ଟିକେଶର ମୁଣ୍ଡା ଏବଂ ବେରଗା ବରଗା ମୁଣ୍ଡା, ବୁଧୁରାମ ହନହାଗା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୂତନ ବାଦ୍ୟ ଯନ୍ତ୍ର ତାଳଡିହି ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥିଲା। ଜିଲା ସଭାପତି ହୋ ଭାଷା ଶିକ୍ଷା, ସଂସ୍କୃତି ଏବଂ ପରମ୍ପରାକୁ ସୁରକ୍ଷା ଏବଂ ଶିକ୍ଷା ଦ୍ୱାରା ମୁଖ୍ୟ ସ୍ରୋତରେ ସାମିଲ ନିମନ୍ତେ କଠିନ ପରିଶ୍ରମ କରିବା ପାଇଁ ଆହ୍ୱାନ ଦେଇଥିଲେ।

## ୧୭୫ ଶଯ୍ୟାବିଶିଷ୍ଟ ଛାତ୍ରାବାସ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି

ରାଉରକେଲା,୩୦।୬(ବିପ୍ଲବ ରଞ୍ଜନ ଦାଶ)

ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ରବିବାର ଜଳଦା ଅଞ୍ଚଳ ଗସ୍ତ କରି ସମସ୍ତ ସରକାରୀ ଅଫିସରେ ଚାଲିଥିବା କାର୍ଯ୍ୟାଦିର ତଦାରଖ କରିଥିଲେ। ପ୍ରଥମେ ସେ ଜଳଦା ପ୍ରିୟଦର୍ଶନୀ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ଅଧ୍ୟକ୍ଷା ଅରୁନ୍ଧତୀ ଦାସ ଏବଂ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହିତ କଲେଜର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ପରେ ଜଳଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ସ୍କୁଲ ଛାତ୍ରାବାସରେ ୭୫ ଜଣ ପିଲା ଶଯ୍ୟା ଅଭାବରୁ ଚଟାଣରେ ଶୋଉଥିବା ଜାଣି ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଛାତ୍ରବାସ ଯେଭଳି ୧୭୫ ଶଯ୍ୟାବିଶିଷ୍ଟ ହେବ, ସେନେଇ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ବିଧାୟକ ବାଲିଯୋଡ଼ିସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଡାକ୍ତର ଷ୍ଟାଫ ଓ କର୍ମଚାରୀଙ୍କୁ ଠିକ୍ ସମୟରେ କେନ୍ଦ୍ର ଖୋଲିବା ସହିତ ଲୋକଙ୍କ ସ୍ୱାସ୍ଥ୍ୟସେବାରେ ଯତ୍ନଶୀଳ ସହକାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ତଦାରଖ କାର୍ଯ୍ୟକ୍ରମରେ ଜିଲା ଭାଜପା ମୁଖପାତ୍ର ଗଙ୍ଗାଧର ଦାଶ, ତରୁଣ ପାଳ, ଶ୍ରୀକାନ୍ତ ରାୟ, ମୁରଲୀ ତନ୍ତୀ ପ୍ରମୁଖ ସାମିଲ ଥିଲେ।



ବିଧାୟକ ଦୁର୍ଗା ଚରଣ ତନ୍ତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

## ଏକମାରେ ଖୋଲିଲା ଯୁକ୍ତ ୨ କଳା କଲେଜ

ବଡ଼ଗାଁ,୩୦।୬(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକର ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତବର୍ତ୍ତୀ ଏକମା ଗ୍ରାମ ସ୍ଥିତ ହାଇସ୍କୁଲ ପରିସରରେ ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ୨ କଳା ବିଭାଗ ଖୋଲିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅନୁମତି ମିଳିଛି। ଏହି ଅବସରରେ ଶନିବାର ସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ସୁରେଶ ମାଝିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ଶିକ୍ଷାବର୍ଷରୁ ମହାବିଦ୍ୟାଳୟରେ ନାମ ଲେଖା ଓ ଅତିଥି ଅଧ୍ୟାପକ ନିଯୁକ୍ତି ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ହାଇସ୍କୁଲର ପ୍ରତିଷ୍ଠାତା ସନ୍ତୋଷ ପୁରୋହିତ, ସ୍ଥାନୀୟ ବରିଷ୍ଠ ଗ୍ରାମବାସୀ ଲକ୍ଷ୍ମଣ ପୁରୋହିତ, ହରେକୃଷ୍ଣ ପୁରୋହିତ, ନିହାର ରଞ୍ଜନ ସାହୁ, ଗଣେଶ ବାରିକ, ଜିଲା ପରିଷଦ ସଭ୍ୟ ସୋନାଲି ହେସ, ଯୁବ କାର୍ଯ୍ୟକର୍ତ୍ତା ନିଳମାଧବ ପୁରୋହିତ, ସନ୍ୟାସୀ ମାଝି, ବିରବର ମହାକୁଡ଼, ରମାକାନ୍ତ ଲାକ୍ରା, ଦେବାଶିଷ ପୁରୋହିତ, ଅନ୍ତର୍ଯ୍ୟାମୀ ବାଗ, ଚିତ୍ରସେନ ମାଝି ପ୍ରମୁଖ ଯୋଗ ଦେଇଥିଲେ।ଏହା ସହିତ ମହାବିଦ୍ୟାଳୟ ପରିଚାଳନା ବିଷୟରେ ଆଲୋଚନା ହୋଇଥିଲା। ବୈଠକକୁ ଶିକ୍ଷକ କ୍ଷୀରୋଦ ବାରିକ ପରିଚାଳନା କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ସରଲିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ କିଶନ ସବୁଜ ସପ୍ତାହ

ବଲାଙ୍ଗୀର,୩୦।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ବିଶିଷ୍ଟ ସମାଜବାଦୀ ଚିନ୍ତକ ସ୍ୱର୍ଗତ କିଶନ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରବିବାର ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ଚାରା ବଣ୍ଟନ କରାଯାଇଥିଲା। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଡା. ବୁଦ୍ଧଦେବ ମିଶ୍ର ଓ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଆବାହକ ପ୍ରକୃତିବନ୍ଧୁ ସୁନୀଲ କୁମାର ମହାନ୍ତି ସ୍ୱେଚ୍ଛାସେବୀଙ୍କୁ ଚାରା ବଣ୍ଟନ କରିଥିଲେ। ଜୁଲାଇ ୧ ତାରିଖରୁ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ସ୍ୱତନ୍ତ୍ର ପରିବେଶ ସଚେତନତା ଅଭିଯାନ କିଶନ ସବୁଜ ସପ୍ତାହ ପାଳନ କରାଯିବ। ଏହି ଏକ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମରେ ଜଙ୍ଗଲ ଜୀବନ ଅଭିଯାନ ପକ୍ଷରୁ ବଲାଙ୍ଗୀର ସହର ଏବଂ ସନ୍ନିକଟ ଗାଁରେ ପରିବେଶ ସଚେତନତା କାର୍ଯ୍ୟକ୍ରମ, ଚାରାବଣ୍ଟନ, ବୃକ୍ଷରୋପଣ କରାଯିବ। ଅବିଚାରିତ ଖଣି ଉତ୍ତୋଳନ, ବିକାଶ ନାଁରେ ପ୍ରାକୃତିକ ଜଙ୍ଗଲ ନଷ୍ଟ, ବିଶ୍ୱତାପନର କୁପ୍ରଭାବ ସମ୍ପର୍କରେ ୯୦ ଦଶକରୁ ସଚେତନତା ସୃଷ୍ଟି କରି ଆସିଥିବା ସମାଜବାଦୀ ଚିନ୍ତକ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମରଣରେ କିଶନ ସବୁଜ ସପ୍ତାହ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ପ୍ରକୃତି ବନ୍ଧୁ ମହାନ୍ତି କହିଛନ୍ତି।



ସ୍ୱେଚ୍ଛାସେବୀଙ୍କୁ ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ଚାରାବଣ୍ଟନ କରାଯାଉଛି।

## ନମ୍ବର ଢାଙ୍କି ରଖିଥିବା ବାଇକ୍ ଧରିଲା ମୋବାଇଲ ପୋଲିସ

ବଡ଼ଗାଁ,୩୦।୬(ଅଶୋକ ଷଡ଼ଙ୍ଗୀ)

ସିସିଟିଭିରେ ଧରା ନ ପଡ଼ିବା ପାଇଁ ବାଇକ ଆରୋହୀମାନେ ନମ୍ବର ପ୍ଲେଟର କିଛି ନମ୍ବରକୁ ଢାଙ୍କି ରଖୁଥିବା ଦେଖାଯାଉଛି। ଏହି ବାଇକ ଗୁଡିକୁ ଧରିବା ପାଇଁ ରବିବାର ମୋବାଇଲ ପୋଲିସ ସୁନ୍ଦରଗଡ ଜିଲା ବଡ଼ଗାଁ ବସଷ୍ଟାଣ୍ଡରେ ଥିବା ବାଇକର ନମ୍ବର ପ୍ଲେଟ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଏକାଧିକ ବାଇକର ନମ୍ବର ପ୍ଲେଟ ଢଙ୍କା ଯାଇଥିବା ପୋଲିସ ଦେଖିବାକୁ ପାଇଲା। ଏହି ବେଆଇନ କାର୍ଯ୍ୟ ପାଇଁ ଅଢେଇ ହଜାର ଟଙ୍କା ଚାଲାଣ କଟା ଯିବ ବୋଲି ପୋଲିସ କହିଛି।

## ଚୋରି ଅଭିଯୋଗ: ୨ଗିରଫ

ରାଉରକେଲା,୩୦।୬(ସଙ୍ଗୀତା ଜେନା)

ସେକ୍ଟର-୧୩, ୧୫ ଏଚ୍ ବ୍ଲକ ଓ ଥାନା ନିକଟରେ ଥିବା ୩ଟି ରେସନ୍ ଦୋକାନରୁ ଚୋରି ହୋଇଥିବା ଅଭିଯୋଗରେ ପୋଲିସ ରବିବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସେକ୍ଟର-୧୫ ଅଞ୍ଚଳର ଏମଡି ସଲମାନ୍ ଓ ସାହାବାଜ ଖାନ୍। ସେମାନଙ୍କ ନିକଟରୁ ବିଭିନ୍ନ ରେସନ ସାମଗ୍ରୀ ଜବତ କରାଯାଇଛି।

## ଇଣ୍ଟରନ୍ୟାଶନାଲ ସୋଶିଆଲ ଅନରେବୁଲ ଆୱାର୍ଡରେ ଦିଗାମ୍ବର ସମ୍ମାନିତ

ସୁନ୍ଦରଗଡ,୩୦।୬ (ଜୟ ନାରାୟଣ ମେଣ୍ଟୁଳି)

ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସୁନ୍ଦରଗଡର ଯୁବ ସାମାଜିକ କର୍ମୀ ଦିଗାମ୍ବର ଉପାଧ୍ୟାୟଙ୍କୁ ଇଣ୍ଟରନ୍ୟାଶନାଲ ସୋଶିଆଲ ଅନରେବୁଲ ଆୱାର୍ଡରେ ସମ୍ମାନିତ କରିଛି ୱାର୍ଲ୍ଡ ଚେରିଟି ୱେଲଫେୟର ଫାଉଣ୍ଡେଶନ। ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସେବକର ବରିଷ୍ଠ କାର୍ଯ୍ୟକ୍ରମ ପ୍ରବନ୍ଧକ ତଥା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ର ଟିମ ଲିଡର ଭାବେ କାର୍ଯ୍ୟରତ ଦିଗାମ୍ବରଙ୍କୁ ଶନିବାର କଟକ ଶତାବ୍ଦୀ ଭବନଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଏହି ମର୍ଯ୍ୟାଦାପୂର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ଜଙ୍ଗଲ ଓ ପିରିବେଶ ସୁରକ୍ଷା, ଶ୍ରମଦାନ ମାଧ୍ୟମରେ ସାମୂହିକ ସମ୍ପତ୍ତି ସୃଷ୍ଟି, ଗରିବ ଓ ଅତି ଗରିବ ଲୋକଙ୍କୁ ଜୀବିକାର ସନ୍ଧାନ ଦେବା ଦିଗରେ ଅନେକ ଅଭିନବ ଲୋକାଭିମୁଖୀ କାର୍ଯ୍ୟକ୍ରମର ସୃଷ୍ଟିକର୍ତ୍ତା ଦିଗାମ୍ବର ଉପାଧ୍ୟାୟଙ୍କ ଏହି ସଫଳତା ଜିଲା ତଥା ରାଜ୍ୟ ପାଇଁ ଗର୍ବ ଓ ସମ୍ମାନ ଆଣିଦେଇଛି। ଉପାଧ୍ୟାୟଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିବା ଅଭିନବ କାର୍ଯ୍ୟକ୍ରମ ମଧ୍ୟରେ ବୃକ୍ଷ ରକ୍ଷାବନ୍ଧନ, ସବୁଜ ସ୍ମୃତି ଅଭିଜାନ, ସାମୂହିକ ନୂଆଁଖାଇ, ଔଷଧୀୟ ଉଦ୍ୟାନ ସଞ୍ଜିବନୀ ବାଟିକାର ବିକାଶ ଜିଲା, ରାଜ୍ୟ ତଥା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛି। ଝୁରିମାଲ ବନ ସୁରକ୍ଷା ସମିତିର ମୁଖ୍ୟ ଉପଦେଷ୍ଟାର ଦାୟିତ୍ୱ ନିର୍ବାହ କରି ଜାତୀୟ ସ୍ତରରେ ବନ ସୁରକ୍ଷା ସମିତିର ପ୍ରଥମ ୱେବସାଇଟ ନିର୍ମାଣ, ଶ୍ରମଦାନ ମାଧ୍ୟମରେ ବୃକ୍ଷରୋପଣ ତଥା ଝୁରିମାଲ ବନ ସୁରକ୍ଷା ସମିତିକୁ ରାଜ୍ୟ ସ୍ତରୀୟ ସର୍ବଶ୍ରେଷ୍ଠ ବନ ସୁରକ୍ଷା ସମିତି ପୁରସ୍କାର ଓ ଅନ୍ତର୍ଜାତିକ ସବୁଜ ସେବା ସମ୍ମାନ ମିଳିବାର ପ୍ରଚ୍ଛଦ ପଟର ମୁଖ୍ୟ ନାୟକ ତଥା ମୁଖ୍ୟ କର୍ଣ୍ଣଧାର ହେଉଛନ୍ତି ଦିଗାମ୍ବର। ତାଙ୍କ ନେତୃତ୍ୱରେ ଶ୍ରମଦାନ, ବୃକ୍ଷରୋପଣ, ରୋଜଗାର ଭିତ୍ତିକ ତାଲିମ କାର୍ଯ୍ୟକ୍ରମରେ ଗ୍ରାମ ତଥା ଆଖପାଖ ଅଞ୍ଚଳର ବେକାର ଯୁବତୀଯୁବକ ମାନେ ସାମିଲ ହୁଅନ୍ତି। ନେହେରୁ ଯୁବ କେନ୍ଦ୍ରରେ ୨ ବର୍ଷ ଜାତୀୟ ସେବା କର୍ମୀ ଓ ୨ ବର୍ଷ ଜାତୀୟ ପୁନଃର୍ଗଠନ ବାହିନୀରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରି ଜିଲାର ଦୁର୍ଗମ ଗ୍ରାମ ଗୁଡିକରେ ଯୁବତୀଯୁବକଙ୍କୁ ସଂଗଠିତ କରି ୧୨୪ ଟି ଯୁବକ ସଂଘ ଓ ମହିଳା ମଣ୍ଡଳ ଗଠନ କରିଥିଲେ। ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସରୋଜଗାର ଯୋଜନାରେ ଜିଲାର ବେକାର ଯୁବତୀଙ୍କୁ ସଚେତନ କରି ୨୨୦ ଜଣଙ୍କୁ ବାଉଁଶ ଶିଳ୍ପ, ୱେଲ୍ଡିଂ, ରାଜମିସ୍ତ୍ରୀ ତାଲିମ ପ୍ରଦାନ କରି ଏକ ଚିରସ୍ଥାୟୀ ଜୀବିକା ଯୋଗାଇ ଥିଲେ ଉପାଧ୍ୟାୟ। ୨୦୧୫ ମସିହାରୁ ୨ ବର୍ଷ ପର୍ଯ୍ୟନ୍ତ ସେବକର ଜୀବନ ଜୀବିକା ବିଭାଗର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୭ ମସିହାରୁ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ର ଟିମଲିଡର ଭାବରେ ୩୧ ଟି ବନ ସୁରକ୍ଷା ସମିତିରେ ଜଙ୍ଗଲ ଉପରେ ନିର୍ଭରଶୀଳ ଅଧିବାସୀ, ପାରମ୍ପରିକ ବନବାସୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କୁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରି ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ତଥା ଜୀବନ ଜୀବିକାର ମାନରେ ଉନ୍ନତି ଆଣିବା ନିମନ୍ତେ କାର୍ଯ୍ୟରତ। ଦିଗାମ୍ବର ଉପାଧ୍ୟାୟଙ୍କ ଏହି ସଫଳତା ଝୁରିମାଲ ଗ୍ରାମବାସୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର କର୍ମକର୍ତ୍ତା ତଥା ସୁନ୍ଦରଗଡ ବନଖଣ୍ଡର ବନ ସୁରକ୍ଷା ସମିତି ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଥିବା ବେଳେ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି।





କଟକର ଶତାବ୍ଦୀ ଭବନରେ ଉପାଧ୍ୟାୟ ସମ୍ମାନିତ ହେଉଛନ୍ତି।

**OFFICE OF THE PRINCIPAL**
**GOVT. AUTONOMOUS COLLEGE, ANGUL**
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ
Hakimpada, Angul (Odisha) - 759143
Ph - 06764-230342, Email - principalgaca@gmail.com
No.CAD-396

Letter No. 1473 Date - 29.06.2024

**Walk-in-Interview / Certificate Verification**

Walk-in-Interview / Certificate Verification for empanelment of Guest Faculties in different subjects in Govt. Higher Secondary School, Angul for the Session 2024-25 will be held in respective Departments from dt. 05.07.2024 to dt.06.07.2024 from 10 A.M. onwards.
Visit college website www.gaca.nic.in for details.

Sd./- Principal,
Government Autonomous College,
Angul

OIPR-11025/11/0004/2425

**FORM NO. 14**
[See Regulation 33(2)]
By Regd. A/D, Dasti failing which by Publication
OFFICE OF THE RECOVERY OFFICER-I/II
**DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014, ODISHA

**DEMAND NOTICE**

NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/5/2018 27-06-2024

STATE BANK OF INDIA
Versus
SHRI ASWINI KUMAR BEHERA AND OTHERS

To
(CD 1) Shri Aswini Kumar Behera & Others, S/o: Shri Krushna Chandra Behera, Plot No. 508, Bhoinagar bayabada, Matha Road, Unit No. 9 Bhubaneswar, Khordha- 751010, Also at: 751022

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/470/2013** an amount of Rs. **1865242.00 (Rupees Eighteen Lakhs Sixty Five Thousands Two Hundred Forty Two Only)** along with pendentellite and future interest @ % w.e.f. // till realization and costs of Rs. **0 (Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **02/09/2024** at **10:30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **27/06/2024.**

Sd/- Recovery Officer
DEBTS RECOVERY TRIBUNAL, CUTTACK

## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେବଗଡ଼,୩୦।୬ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡର ସର୍ବପୁରାତନ ତଥା ଶତାୟୁ ଶିକ୍ଷାନୁଷ୍ଠାନ ରାଜାବାସୁଦେବ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାଶ ଇତିମଧ୍ୟରେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଶନିବାର ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ରାମକୃଷ୍ଣ ସାହୁ, ସତ୍ୟ ପ୍ରକାଶ ମିଶ୍ର, ଶିକ୍ଷୟିତ୍ରୀ ସ୍ମିତାରାଣୀ ପ୍ରଧାନ ଓ ଲୋପାମୁଦ୍ରା ସାହୁଙ୍କ ସମେତ ବିଦ୍ୟାଳୟ ଛାତ୍ର ଶୁଭମ ପ୍ରଧାନ, ପ୍ରିୟବ୍ରତ ସାହୁ ଓ ରାଜକୁମାର ମହାନ୍ତି ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀ ଦାଶଙ୍କ ସୁସ୍ଥ ଏବଂ ନିରାମୟ ଜୀବନ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଦାଶଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଛାତ୍ରମାନେ ତାଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ବିଦାୟ ସଙ୍ଗୀତ ଗାନ କରିଥିଲେ।

### ଚକ୍ଷୁ ଚିକିତ୍ସା ଆଲୋଚନାଚକ୍ର

ବରଗଡ଼,୩୦।୬ (ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଚକ୍ଷୁରୋଗ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ସୁନୟନା ଚକ୍ଷୁ ଚିକିତ୍ସା କେନ୍ଦ୍ର ଦ୍ୱାରା ଆୟୋଜିତ ଆଲୋଚନାଚକ୍ରରେ ଓଡ଼ିଶା ରାଜ୍ୟ ଚକ୍ଷୁ ଚିକିତ୍ସକ ସଂଘର ସଭାପତି ସୁବଳ କଶୋର କର ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୭୦ଜଣ ଚକ୍ଷୁ ବିଶେଷଜ୍ଞ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଆଜରବାଇଜାନରୁ ଚକ୍ଷୁରୋଗ ବିଶେଷଜ୍ଞ ଡା. ରାମିଲୋଭ ଆସି ତାଙ୍କ ବକ୍ତବ୍ୟ ରଖିଥିଲେ। ସେହିପରି ଭୁବନେଶ୍ୱରରୁ ଡା. ଅଶୋକ କୁମାର ନନ୍ଦ, ବ୍ରହ୍ମପୁରରୁ ଡା. ପ୍ରବୀଣ ସୁବୁଦ୍ଧି, ସମ୍ବଲପୁରରୁ ଡା. ଶିବପ୍ରସାଦ ସାହୁ, ଡା. ଚିତ୍ତରଞ୍ଜନ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡା. ସୁଶିଲ କୁମାର କର, ଡା. ସୁରେଶ ଦାନୀ, ଡା. ଦିଲୀପ ପଟ୍ଟନାୟକ, ପ୍ରଫେସର ଗୁଣସାଗର ଦାଶ, ପ୍ରଫେସର ଜୟଶ୍ରୀ ଦୋରା, ସସ୍ମିତା ବେହେରା, ଡା. ସମୀର ପାତ୍ର, ଡା. ଶ୍ରୀମନ୍ତ ବେହେରା, ଡା. ପ୍ରଦୀପ ବର୍ମା, ଡା. ସୁକାନ୍ତ ପାଣିଗ୍ରାହୀ, ଡା. ଜଗଦିଶ ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁନୟନା ଚକ୍ଷୁ ଚିକିତ୍ସା କେନ୍ଦ୍ରର ଡାଇରେକ୍ଟର ସୁନୀତା କର, ଡା. ଗୀତା କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭିଯୋଗ ପାଇ ପରିଦର୍ଶନ କଲେ ବିଧାୟକ

ଝାରସୁଗୁଡ଼ା,୩୦।୬ (ସଞ୍ଜୟ ମାଲି)



ଝାରସୁଗୁଡା ପୌରାଞ୍ଚଳ ୱାର୍ଡ ନମ୍ବର ୧୨ ମାଲିମୁଣ୍ଡା ଗାଁର ପୋଖରୀ କାମ ଚାଲିଛି। ହେଲେ ତାହା ନିମ୍ନମାନର ହେଉଥିବା ଅଭିଯୋଗ ପାଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଶନିବାର ଝାରସୁଗୁଡା ପୌର ପରିଷଦର ମାଲିମୁଣ୍ଡା ଏବଂ ବିଟିଏମଠାରେ ଜଳାଶୟ ପରିଦର୍ଶନ କରିଛନ୍ତି। ଲୋକଙ୍କ ସମସ୍ୟାର ସମାଧାନ ତାଙ୍କର ପ୍ରାଥମିକତା ବୋଲି ବିଧାୟକ ଟଙ୍କଧର କହିଛନ୍ତି । ବିଧାୟକଙ୍କ ଆଗମନ ଜାଣି ଗାଁ ଲୋକେ ଏକତ୍ରିତ ହୋଇ ଫୁଲମାଳା ପିନ୍ଧାଇ ବିଧାୟକଙ୍କୁ ପୋଛୋଟି ନେଇଥିଲେ। ୧ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ପୋଖରୀ ନିମ୍ନମାନର କାମ କରୁଥିବା ସମ୍ପୃକ୍ତ ଠିକାଦାର ବିରୋଧରେ ଅଭିଯୋଗ କରିଥିଲେ ଗାଁ ଲୋକେ। ଅଭିଯୋଗ ପାଇବା ପରେ ବିଧାୟକ ତ୍ରିପାଠୀ ମାଲିମୁଣ୍ଡା ଯାଇ ଗାଁ ଲୋକଙ୍କ ସହିତ ଆଲୋଚନା କରିବା ସହିତ ପୋଖରୀକୁ ନେଇ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପରେ ଉଦ୍‌ବେଗ ପ୍ରକାଶ କରିଥିଲେ। ପୋଖରୀ କାମ ଯେପରି ଉନ୍ନତମାନର ହୋଇପାରିବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ପୋଖରୀ କାମକୁ ନେଇ ଅଭିଯୋଗ ଆସିଲେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗାଁ ଲୋକଙ୍କୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ପରିଦର୍ଶନ ସମୟରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ପୌର ନିର୍ବାହୀ ଯନ୍ତ୍ରୀ ମନୋଜ ପାତ୍ର, ବିଭାଗୀୟ ଅଧିକାରୀଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଧାୟକଙ୍କ ପରିଦର୍ଶନ ଲୋକଙ୍କ ଭିତରେ ଖୁସି ସଞ୍ଚାର କରିଛି।

**ଲୋକଙ୍କ ସମସ୍ୟା ଦୂର କରିବା ପ୍ରଥମ ପ୍ରାଥମିକତା: ଟଙ୍କଧର**

# ଶୋଚନୀୟ ପାୱାର ହାଉସ ରାସ୍ତା, ମରାମତି ଦାବି



ଝାରସୁଗୁଡ଼ା,୩୦।୬ (ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରର ସରାହାଲ ପାୱାର ହାଉସ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ଛୋଟବଡ଼ ଗାତ ହେବା ଫଳରେ ଗାଡ଼ି ଚାଳକ, ଶିଳ୍ପାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକେ ଯିବା ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ଦୀର୍ଘ ବର୍ଷରୁ ହେଉଛନ୍ତି। ଗତ ମାସରେ ରାସ୍ତା ଉପରେ ପିଚୁ ଢ଼ାଳି ତିନି ଫୁଟ ଛାଡି ଦିଆଯାଇଥିଲା। ଫଳରେ ଗତ ମାସରୁ ତିନି ଫୁଟ ଜାଗାରେ ବଡ଼ ଗାତ ସହିତ ଛୋଟ ବଡ଼ ପଥର ରହିବା ଗାଡ଼ି ଚାଳକ, ଶିଳ୍ପାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକେ ଆସିବା ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ପରିଲକ୍ଷିତ ହେଉଛି। ରାତି ସମୟରେ ଲାଇଟ ଜଳୁ ନ ଥିବାରୁ ଗାଡ଼ି ଚାଳକ, ଶିଳ୍ପାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକେ ଯିବା ଆସିବା ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ପାୱର ହାଉସ, ମରାକୁଟା, ଜମେରା, ଜମାପାଲି, ସମେତ ବିଭିନ୍ନ ଗ୍ରାମର ଲୋକେ ସହରକୁ ପ୍ରତିଦିନ ଯିବା ଆସିବା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଏହି ତିନି ଫୁଟ ରାସ୍ତାକୁ ସମତଳ କରି ରାସ୍ତା ନିର୍ମାଣ କରିବା ପାଇଁ ସରାହାଲବାସୀ ଗତ ମାସରୁ ଦାବି କରୁଛନ୍ତି।

## ଅବସରପ୍ରାପ୍ତ ପୋଲିସ କର୍ମଚାରୀ ମୃତ

**ଟ୍ରକ୍-ସ୍କୁଟର ମୁହାଁମୁହିଁ ଧକ୍କା**

ଦେବଗଡ଼,୩୦।୬ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ଅନ୍ତର୍ଗତ ବଳମ ଗ୍ରାମ ଶାସନସାହିରେ ଏକ ଟ୍ରକ ଧକ୍କାରେ ଜଣେ ଅବସର ପ୍ରାପ୍ତ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ସ୍ତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ହୃଦାନନ୍ଦ ପ୍ରଧାନ (୬୨) ଏବଂ ଆହତ ତାଙ୍କର ସ୍ତ୍ରୀ ଲଳିତା ପ୍ରଧାନ (୫୨)। ମିଳିଥିବା ସୂଚନା ଅନୁଯାୟୀ ରବିବାର ଅପରାହ୍ନ ପ୍ରାୟ ୫ଟାରେ ଦେବଗଡ ପୌରାଞ୍ଚଳ ମହୁଲଢିପା ସାହିର ଅବସରପ୍ରାପ୍ତ ହାବିଲଦାର ହୃଦାନନ୍ଦ ତାଙ୍କ ସ୍ତ୍ରୀ ଲଳିତାଙ୍କ ସହିତ ପୁରକୁଣ୍ଡାସ୍ଥିତ ପୈତୃକ ବାସ ଭବନରୁ ଏକ ସ୍କୁଟର (ନଂ.ଓଡି୦୨ବି-ଆର-୪୨୧୪)ଯୋଗେ ଦେବଗଡକୁ ଫେରୁଥିଲେ। ପ୍ରଧାନ ଟୁସୁଲା-ବଳମ ରାସ୍ତାରେ ଆସ ୪୯ ନମ୍ବର ଜାତୀୟ ରାଜପଥରେ ପହଞ୍ଚିବା ପରେ ବାହାନକଡ ରାସ୍ତା ଦେଇ ଦେବଗଡ ଅଭିମୁଖେ ଆସୁଥିବା ବେଳେ ସାମ୍ନା ପଟୁ ଯାଉଥିବା ଏକ ମାଲ ବୋଝେଇ ଟ୍ରକ୍ (ନଂ.ଓଡି୧୫-ଡି-୦୩୫୭)ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସ୍କୁଟର ଚୁରମାର ହୋଇଯିବା ସହ ଟ୍ରକ ରାସ୍ତାର ବାମ କଡକୁ ଓଲଟି ପଡିଥିଲା। ଏଥିରେ ହୃଦାନନ୍ଦ ଓ ସ୍ତ୍ରୀ ଲଳିତା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ହୃଦାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଲଳିତାଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଦେବଗଡ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ସ୍କୁଟର ଓ ଟ୍ରକ ଜବତ କରି ଘଟଣାର ତଦନ୍ତ ଚଳାଇଛି। ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ଶବାଗାରରେ ସଂରକ୍ଷିତ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ନଭେମ୍ବର, ଡିସେମ୍ବର ସୁଦ୍ଧା ପ୍ରତି ଗ୍ରାମରେ ପାନୀୟ ଜଳ ଯୋଗାଣ

ଝାରସୁଗୁଡ଼ା,୩୦।୬ (ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲାର ଗ୍ରାମାଞ୍ଚଳରେ ପ୍ରତି ଗାଁକୁ ନଭେମ୍ବର ମାସ ଶେଷ ଓ ଡିସେମ୍ବର ଆରମ୍ଭ ସୁଦ୍ଧା ପାନୀୟ ଜଳ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ। ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ଗ୍ରାମାଞ୍ଚଳକୁ ପାନୀୟ ଜଳ ଯୋଗାଣରସ୍ଥିତି ନେଇ ସମୀକ୍ଷା କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରତି ଗାଁକୁ ପାନୀୟ ଜଳ ଯୋଗାଇବା ପାଇଁ ବିଭାଗୀୟ ଅଧିକାରୀ ଯତ୍ନବାନ ହେବାକୁ ବିଧାୟକ ସତର୍କ କରାଇଛନ୍ତି। ସେହିପରି ସହରାଞ୍ଚଳର ଯେଉଁ ଯେଉଁ ଅଞ୍ଚଳରେ ପାନୀୟ ଜଳ ଯୋଗାଇବା ପାଇଁ ପାଇପ ନାହିଁ ତଥା ପାଇପ ଯୋଗେ ଜଳ ଯୋଗାଣ ହୋଇନାହିଁ, ସେହି ସବୁ ଅଞ୍ଚଳର ଲୋକେ ପିଏଚଡି କାର୍ଯ୍ୟାଳୟରେ ଆଗାମୀ ୭ଦିନ ମଧ୍ୟରେ ଦରଖାସ୍ତ ଦାଖଲ କରି ଜଣାଇବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଯେପରି ତ୍ୱରାନ୍ୱିତ ହେବ ସେଥି ପାଇଁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆରଡବ୍ଲ୍ୟୁଏସଏସ, ପିଏଚଡି ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୭ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୩୦।୬ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଯାମୁଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ୭ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ରବିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଯାମୁଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚନ୍ଦ୍ରମଣୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମସୁନ୍ଦର ଦାଶ ଯୋଗଦେଇ ଥିଲେ। ଯାମୁଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ, କୁଡାନାଳି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୁଷଭ ସାହୁ, ବାଘବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲମ୍ୱୋଦର ବେହେରା ଏବଂ ଗଣେଶ୍ୱର ପ୍ରଧାନ, କୁଡାନାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅକ୍ଷୟ କୁମାର ବାରିକ, ଅଙ୍ଗାବିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ସାହୁ, ଯାମୁଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶାନ୍ତିଲତା ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅତିଥିମାନେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା ଏବଂ ଶିକ୍ଷାଦାନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଅବସର ପରବର୍ତ୍ତୀ ଜୀବନର ମଙ୍ଗଳ କାମନା କରିଥିଲେ । ଅତିଥିମାନେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟ କ୍ଷେତ୍ରରେ ସହକର୍ମୀ ସହଯୋଗ ଏବଂ ଛାତ୍ରୀଛାତ୍ରମାନଙ୍କର ସମ୍ମାନକୁ ସେମାନେ କେବେ ହେଲେ ଭୁଲି ପାରିବେ ନାହିଁ ବୋଲି ସମ୍ବର୍ଦ୍ଧନାର ଉତ୍ତରରେ ସେମାନେ ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଙ୍ଗାବିରା ବିଦ୍ୟାଳୟ ଶିକ୍ଷକ ଚିତ୍ତରଞ୍ଜନ ସାହୁ। କାର୍ଯ୍ୟକ୍ରମର ସଫଳ ସମାପନରେ ବିଷ୍ଣୁ ଚରଣ ବେହେରା, ହରିହର ଗଡ଼ନାୟକ ସହଯୋଗ କରିଥିଲେ।

# ଜିଲା ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଦେବଗଡ଼,୩୦।୬ (ଶଶାଙ୍କ ଶେଖର ଝାଙ୍କର)

ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ରବିବାର ସମଗ୍ର ଶିକ୍ଷା କନଫରେନ୍ସ ହଲଠାରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ଶକୁନ୍ତଳା ଟେଟେଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପଦାଧିକାରୀ ବେହେରାଙ୍କ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତିତା ଏବଂ ତାଙ୍କର ସମସ୍ତ ସୁଗୁଣ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବେହେରା ସମସ୍ତେ ମିଳିମିଶି ଜିଲାର ଶିକ୍ଷାର ଉନ୍ନତି ନିମନ୍ତେ କାମ କରିବା ପାଇଁ ତାଙ୍କ ବକ୍ତବ୍ୟରେ ମାର୍ଗଦର୍ଶନ କରିଥିଲେ। ଏହାପରେ ଉଭୟ ବିଭାଗ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷଣ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭାଗୀୟ ଅଧିକାରୀ ସୌଭାଗ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


**OFFICE OF THE PRINCIPAL**
**GOVT. AUTONOMOUS COLLEGE, ANGUL**
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ
Hakimpada, Angul (Odisha) - 759143
Ph - 06764-230342, Email - principalgaca@gmail.com
No.CAD-396

Letter No. 1473 Date - 29.06.2024

**Walk-in-Interview / Certificate Verification**

Walk-in-Interview / Certificate Verification for empanelment of Guest Faculties in different subjects in Govt. Higher Secondary School, Angul for the Session 2024-25 will be held in respective Departments from dt. 05.07.2024 to dt.06.07.2024 from 10 A.M. onwards.
Visit college website www.gaca.nic.in for details.

Sd./- Principal,
Government Autonomous College,
Angul

OIPR-11025/11/0004/2425


# ୨ ଦିବ୍ୟାଙ୍ଗ ଝିଅ ସହ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅସହାୟ ଦମ୍ପତି

**ଅଧିକ ଚାଉଳ, ବାସ ଗୃହ ପାଇଁ ଗୁହାରି**



ଦେବଗଡ଼,୩୦।୬ (ଶଶାଙ୍କ ଶେଖର ଝାଙ୍କର)

ସରକାରଙ୍କ ପକ୍ଷରୁ ମିଳୁଥିବା ୫ କିଲୋ ଚାଉଳ ଓ ୧୨ ଶହ ଭତ୍ତା ଟଙ୍କାରେ ବଞ୍ଚିବା ପାଇଁ ଯଥେଷ୍ଟ ହେଉନାହିଁ। ସେହିପରି ମୁଣ୍ଡ ଗୁଞ୍ଜିବା ପାଇଁ ମୁଣ୍ଡ ଉପରେ ଚାଳ ନାହିଁ। ଏଭଳି ପରିସ୍ଥିତିରେ ଦୁର୍ବିସହ ଜୀବନ ବିତାଉଥିବା ଜଣେ ୨୮ ବର୍ଷୀୟା ଏବଂ ଅନ୍ୟ ଜଣେ ୨୬ ବର୍ଷିୟା ମାନସିକ ଅନଗ୍ରସର ତଥା ଦିବ୍ୟାଙ୍ଗ ଝିଅଙ୍କ ସହିତ ରିଆମାଳ ବ୍ଲକ କଣ୍ଟାବାହାଳ ଗ୍ରାମର ଅସହାୟ ଦମ୍ପତି ଦେବଗଡ ଜିଲାପଳଙ୍କ ଦ୍ୱାରସ୍ଥ ହୋଇଥିଲେ। ରିଆମାଳ ବ୍ଲକ କଣ୍ଟାବାହାଳ ଗ୍ରାମର ଧରଣୀ ସାହୁ ଓ ତାଙ୍କ ସ୍ତ୍ରୀ ନିଜର ଦିବ୍ୟାଙ୍ଗ ଝିଅ ଦ୍ୱୟଙ୍କ ସହିତ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ଅବସରରେ ସେମାନେ ସରକାରଙ୍କ ପକ୍ଷରୁ ମାସକୁ ମିଳୁଥିବା ୫ କିଲୋ ଚାଉଳ ଖାଇବା ପାଇଁ ନିଅଂଟ ହେଉଥିବା ଏବଂ ଘର ଖଣ୍ଡିଏ ନ ଥିବାରୁ ମୁଣ୍ଡ ଗୁଞ୍ଜିବା କଷ୍ଟକର ହେଉଥିବା ଦର୍ଶାଇ ସେମାନଙ୍କୁ ଅଧିକ ଚାଉଳ ଏବଂ ଘର ସହିତ ଯୋଗ୍ୟତା ଅନୁଯାୟୀ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ଜଣାଇଥିଲେ। ଏହି ଅବସରରେ ଦେବଗଡ ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା ସେମାନଙ୍କ ସହିତ ଆଲୋଚନା କରିବା ସହ ସରକାରୀ ନିୟମ ଏବଂ ଯୋଗ୍ୟତା ଅନୁଯାୟୀ ସେମାନଙ୍କୁ ଅଧିକ ଚାଉଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ନବନିର୍ବାଚିତ ବିଧାୟକଙ୍କୁ ଜିଲା ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା




ଦେବଗଡ଼,୩୦।୬ (ଶଶାଙ୍କ ଶେଖର ଝାଙ୍କର)

ନବ ନିର୍ବାଚିତ ବିଧାୟକ ରୋମାଞ୍ଚ ରଞ୍ଜନ ବିଶାଳଙ୍କୁ ଜିଲା ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଜିଲା ବିଜେଡି ସଭାପତି ଚିତ୍ତ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ବିଜେଡିର ସମସ୍ତ ପଦାଧିକାରୀ, ନିର୍ବାଚନ ପ୍ରତିନିଧି, ନେତା ଓ କର୍ମୀ ଯୋଗଦେଇ ବିଧାୟକ ବିଶାଳଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ବିଧାୟକ ବିଶ୍ୱାଳ ତାଙ୍କର ବିଜୟ ପାଇଁ ସମସ୍ତ କର୍ମୀଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳ କିପରି ସଙ୍ଗଠିତ ହେବ ସେ ନେଇ ମତ ପ୍ରକାଶ କରିଥିଲେ। ଏଥି ସହିତ ଦେବଗଡ଼ ନିର୍ବାଚନମଣ୍ଡଳୀର ଉନ୍ନତି ପାଇଁ ସମସ୍ତେ ମିଶି କାର୍ଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷା ରାଣୀ ମୁଣ୍ଡା, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ନଗର ସଭାପତି ଶୁକଦେ ଭଞ୍ଜ, ମହିଳା ସଭାନେତ୍ରୀ ଆରୁଣୀ ପ୍ରଧାନ, ଯୁବ ଜିଲା ବିଜେଡି ସଭାପତି ପ୍ରତାପ ଦେ, ବରିଷ୍ଠ ନେତା ଉମାଶଙ୍କର ସାହୁ, କାମାକ୍ଷା ଗଙ୍ଗଦେ, ଲଳିତ ପ୍ରଧାନ, ରଞ୍ଜନ ସାହୁ, ବାପୁ ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ପୌର ଅଧ୍ୟକ୍ଷା ଅନିତା ପାତ୍ର, ପାର୍ବତୀ ସାହୁ, ସୁଜାତା ପ୍ରଧାନ, ଚନ୍ଦ୍ର ଭୁକ୍ତା, ମନୋଜ ପ୍ରଧାନ, ସମୀର ପ୍ରଧାନଙ୍କ ସମେତ ବହୁ ନଗର ଓ ବ୍ଲକ ନେତା, କର୍ମୀ ଯୋଗଦେଇଥିଲେ।


**FORM NO. 14**
[See Regulation 33(2)]
By Regd. A/D, Dasti failing which by Publication

**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014, ODISHA**

**DEMAND NOTICE**

**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

**RC/5/2018** **27-06-2024**

**STATE BANK OF INDIA**
Versus
**SHRI ASWINI KUMAR BEHERA AND OTHERS**

To
(**CD 1**) Shri Aswini Kumar Behera & Others, S/o: Shri Krushna Chandra Behera, Plot No. 508, Bhoinagar bayabada, Matha Road, Unit No. 9 Bhubaneswar, Khordha- 751010, Also at: 751022

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/470/2013** an amount of Rs. **1865242.00 (Rupees Eighteen Lakhs Sixty Five Thousands Two Hundred Forty Two Only)** along with pendentellite and future interest @ % w.e.f. // till realization and costs of Rs. **0 (Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **02/09/2024** at **10:30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **27/06/2024.**

**Sd/- Recovery Officer**
**DEBTS RECOVERY TRIBUNAL, CUTTACK**

## ସଂକ୍ଷେପରେ

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ଆର୍ଥିଙ୍ଗ କରେଣ୍ଟ ଆସି ଗାଈବାଛୁରି ମୃତ

ଖଡ଼ିଆଳ,୩୦।୬(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୁଲିଆସିକୁଆଁ ପଞ୍ଚାୟତର ନୂଆପଡାଗାଁରେ ବିଦ୍ୟୁତ୍ ଟ୍ରାନ୍ସଫରମର ଆର୍ଥିଙ୍ଗ କରେଣ୍ଟରେ ଆସି ଗାଈ ଓ ବାଛୁରିର ମୃତ୍ୟୁ ଘଟିଛି। ପ୍ରାୟ ଛଅ ଶହ ଜନବସତି ଥିବା ନୂଆପଡା ଗାଁର ମଝିରେ ବିଦ୍ୟୁତ୍ ବିଭାଗ ୨୫ କେଭିର ଟ୍ରାନ୍ସଫରମର ସଂଯୋଗ କରିଛି। ଏହି ଟ୍ରାନ୍ସଫରମର ଚାରିଆଡେ ପାଚେରି କିମ୍ବା ତାରବାଡା ଦେଇ ନ ଥିବାବେଳେ ମୁକୁଳା ଭାବରେ ପଡ଼ିରହିଛି। ଟ୍ରାନ୍ସଫରମରକୁ ଅନ୍ୟତ୍ର କରିବା ପାଇଁ ବାରମ୍ବାର ନୂଆପଡ଼ା ଗ୍ରାମବାସୀ ବିଦ୍ୟୁତ୍ ବିଭାଗ ଅଧିକାରୀମାନଙ୍କୁ ଜଣାଇ ଆସୁଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ରବିବାର ସକାଳୁ ବର୍ଷା ହୋଇଥିଲା ଓ ଟ୍ରାନ୍ସଫରମର ଆର୍ଥିଙ୍ଗ କରେଣ୍ଟରେ ଆସି ଗାଈ ଓ ବାଛୁରିର ମୃତ୍ୟୁ ଘଟିଛି ବୋଲି ଗାଈ ମାଲିକ ଅରୁଣ ସୁନା ଅଭିଯୋଗ କରିଛନ୍ତି। କ୍ଷତିପୂରଣ ଯୋଗାଇ ଦେବା ସହ ଟ୍ରାନ୍ସଫରମରକୁ ଅନ୍ୟତ୍ର କରି ତାରବାଡରେ ରଖାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# କଳାହାଣ୍ଡି ଜିଲାରେ ଖାଲିପଡ଼ିଛି ୪୯ ପିଇଓ ପଦବୀ

ଭବାନୀପାଟଣା,୩୦।୬
(ଉତ୍ତମ କୁମାର ଦାଶ)



■ ୩୧୦ ପଞ୍ଚାୟତରେ ୨୬୧ ପିଇଓ
■ ନୂତନ ୯୧ ନିଯୁକ୍ତି ପରେ ବି ଖାଲି

କଳାହାଣ୍ଡି ଜିଲାରେ ୧୩ଟି ବ୍ଲକ ରହିଥିବାବେଳେ ୩୧୦ଟି ପଞ୍ଚାୟତ ରହିଛି। ଏହି ୩୧୦ପଞ୍ଚାୟତରେ ଜଣେ ଲେଖାଏଁ ପିଇଓ(ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ) ରହିବାର ନିୟମ ରହିଥିବାବେଳେ ଜିଲାର ଅନେକ ପଞ୍ଚାୟତରେ ଏବେ ମଧ୍ୟ ପିଇଓ ନାହାନ୍ତି। ସେହିପରି କେତେକ ପିଇଓଙ୍କୁ ପଞ୍ଚାୟତରେ ନିଯୁକ୍ତ କରା ନ ଯାଇ ତାଙ୍କୁ ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ ନିୟୋଜିତ କରାଯାଉଛି। ଫଳରେ ଜଣେ ପିଇଓ ୨/୩ଟି ପଞ୍ଚାୟତର ଦାୟିତ୍ୱ ମଧ୍ୟ ସମ୍ଭାଳୁଛନ୍ତି। ଏହାଦ୍ୱାରା ବିଭିନ୍ନ ପଞ୍ଚାୟରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଜିଲାର ୩୧୦ଟି ପଞ୍ଚାୟତରେ ବର୍ତ୍ତମାନ ୨୬୧ଜଣ ପିଇଓ କାର୍ଯ୍ୟରତ ଅଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଜିଲାରେ ୯୧ଜଣ ନୂତନ ପିଇଓ ଯୋଗଦାନ ଦେବା ପରେ ବି ବର୍ତ୍ତମାନ ୪୯ଟି ପିଇଓ ପଦବୀ ଖାଲିପଡିଛି। ଜିଲାର ଭବାନୀପାଟଣା ବ୍ଲକରେ ୬ଜଣ ପିଇଓ ଖାଲି ପଡିଥିବାବେଳେ ଧର୍ମଗଡରେ ୩, ଗୋଲାମୁଣ୍ଡା ବ୍ଲକରେ ୫, ଜୟପାଟଣାରେ ୫, ଜୁନାଗଡରେ ୪, କଲମପୁରରେ ୧, କର୍ଲାମୁଣ୍ଡାରେ ୩, କେସିଙ୍ଗାରେ ୪, କୋକସରାରେ ୩, ଲାଞ୍ଜିଗଡରେ ୩, ଏମ୍.ରାମପୁରରେ ୩, ନର୍ଲାରେ ୬ ଓ ଥୁଆମୂଳ ରାମପୁର ବ୍ଲକରେ ୩ ପିଇଓ ପଦବୀ ଖାଲିପଡିଛି। ଅନ୍ୟପକ୍ଷରେ, କେତେକ ପିଇଓଙ୍କୁ ପଞ୍ଚାୟତରେ ନିଯୁକ୍ତ କରା ନ ଯାଇ ତାଙ୍କୁ ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ବିଭାଗରେ ନିୟୋଜିତ କରାଯିବା ଦ୍ୱାରା ସମସ୍ୟା ଉପୁଜିଛି। ଜିଲାରେ ଖାଲିପଡିଥିବା ପଦବୀ ପୂରଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଏକ୍ସକ୍ୟାଡର ଶିକ୍ଷକ ସଂଘର ୪ଦଫା ଦାବିପତ୍ର



ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ତରଫରୁ ଦାବିପତ୍ର ଦିଆଯାଉଛି।

ଖଡ଼ିଆଳ,୩୦।୬
(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲ୍ଲା ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡ଼ର ସଂଘ ତରଫରୁ ଜିଲ୍ଲା ସଭାପତି ଅଲେଖ ସାହୁଙ୍କ ନେତୃତ୍ୱରେ ୪ଦଫା ଦାବିପତ୍ର ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ଜରିଆରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀଙ୍କୁ ପ୍ରେରଣ କରାଯାଇଛି। ଦାବିମଧ୍ୟରେ ସମସ୍ତ ଏକ୍ସ କ୍ୟାଡ଼ର ଶିକ୍ଷକମାନଙ୍କୁ କ୍ୟାଡ଼ର ଭୁକ୍ତ କରିବା, ଓସେପରରେ କରାଯାଉଥିବା ଡେପୁଟେସନ ବାତିଲ କରି ଟ୍ରେଜେରୀ ମାଧ୍ୟମରେ ଦରମା ପ୍ରଦାନ, ମୃତ ଏକ୍ସ କ୍ୟାଡ଼ର ପରିବାରକୁ ଫେମେଲୀ ପେନସନ, ଗ୍ରାଚ୍ୟୁଟି ପ୍ରଦାନ ସହିତ ଆରେ ସ୍କିମରେ ଚାକିରି, ଏକ୍ସ କ୍ୟାଡ଼ର ଶିକ୍ଷକଙ୍କୁ ସି.ଆର.ସି.ସିରେ ସୁଯୋଗ ଇତ୍ୟାଦି ଦାବି କରାଯାଇଛି। ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଭୋଜରାମ ଅଗ୍ରଓ, ଉପସଭାପତି ବେଣୁଧର ନାୟକ, କାର୍ଯ୍ୟକାରୀ ସଭାପତି ଓମପ୍ରକାଶ ଦଣ୍ଡସେନା, କୋଷାଧ୍ୟକ୍ଷ ଡ଼ମ୍ବରୁଧର ଗୁଆଳ, ସଙ୍ଗଠନ ସମ୍ପାଦକ ସବ୍ରୁଧର ନାଗଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଗୌର ସାହୁ, ଜୟନ୍ତ ପ୍ରଧାନ, ଅଚ୍ୟୁତ ମେହେର, ଜୟାନନ୍ଦ ଭୋଇ, ସୁରେଶ କ୍ଷେତ୍ରୀ, ନିରୋଜ ଖମାରି ଉପସ୍ଥିତ ଥିଲେ।

### ପମ୍ପ ଗୃହ ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ

ଭବାନୀପାଟଣା,୩୦।୬

■ ଫଟୋ ଉଠାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ଼ ଅଭିଯୋଗ
■ ଥାନାରେ ମାମଲା

(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳଠାରେ ଥିବା ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ନିର୍ମିତ ପମ୍ପ ଗୃହ ଏବେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଠାରେ କାର୍ଯ୍ୟରତ ଜଣେ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହ ମିଶି ଏହି କାରବାରରେ ସାମିଲ ହେଉଥିବାବେଳେ ଏଥିପ୍ରତି କାହାର ଦୃଷ୍ଟି ନ ପଡିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। କର୍ମଚାରୀ ସ୍ଥାନୀୟ ସରପଞ୍ଚଙ୍କ ସମ୍ପର୍କୀୟ ହୋଇଥିବାରୁ କେହି ଅଭିଯୋଗ କରିବାକୁ ମଧ୍ୟ ସାହାସ କରୁ ନ ଥିବା ଜଣାପଡିଛି। ଏ ନେଇ ସ୍ଥାନୀୟ ଜଣେ ଗଣମାଧ୍ୟମ ପ୍ରତିନିଧି ମଦ୍ୟପାନ କରିବାର ଫଟୋଚିତ୍ର ଉତ୍ତୋଳନ କରିବା ପରେ ଆକ୍ରୋଶର ଶିକାର ହୋଇଛନ୍ତି। କର୍ମଚାରୀ ଜଣକ ଗଣମାଧ୍ୟମ ପ୍ରତିନିଧିଙ୍କ ପାଖକୁ ଯାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିବା ଓ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଗଣମାଧ୍ୟମ ପ୍ରତିନିଧି ଜଣକ କଲମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଏକ ମାମଲା(ନଂ.୭୬/୨୪) ରୁଜୁ କରୁଛି। ଏ ନେଇ ତଦନ୍ତ କରୁଥିବା ପୋଲିସ ଅଧିକାରୀ ଡୋଲାମଣି ବିଶିଙ୍କୁ ପଚାରିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରିବା ପରେ ୪୧ସିଆରପିସିରେ ଛାଡି ଦେଇଥିବା ପ୍ରକାଶ କରିଛନ୍ତି। କଳାହାଣ୍ଡି ଏସ୍‌ପି ଏହି ଘଟଣାର ତଦନ୍ତ କରି ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ଜୁନାଗଡ଼ରେ କ୍ରୀଡ଼ାଙ୍ଗନ ତାଲିମ ଶିବିର



କ୍ରୀଡ଼ାଙ୍ଗନ ତାଲିମ ଶିବିରରେ ଶିକ୍ଷୟିତ୍ରୀ, ଶିକ୍ଷକ।

ଜୁନାଗଡ଼, ୩୦।୬
(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମହିଚଲା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କ୍ରୀଡ଼ାଙ୍ଗନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରରେ ଜୁନାଗଡ ଓ କୋକସରା ବ୍ଲକ୍‌ର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ ତଥା ସହକାରୀ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ତିନି ଦିନ ଧରି ଚାଲିଥିବା ଉକ୍ତ ତାଲିମ ଶିବିରକୁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ ମାଝି ଉଦ୍‌ଘାଟନ କରିଥିବାବେଳେ ମାଷ୍ଟର ଟ୍ରେନର ଜୟପ୍ରକାଶ ଜେନା ଓ ଏସ. ଆର.ଜି ଆଲୋକ କୁମାର ବେହେରା ଯୋଗଦେଇ ତାଲିମର ଗୁରୁତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ସ୍ଥାନୀୟ ବିଦ୍ୟାଳୟ ଅଧକ୍ଷ ବାଞ୍ଛାନିଧି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସୂର୍ଯ୍ୟପ୍ରସାଦ ଠାକୁର, ଦେବଦତ୍ତ ପାଢ଼ୀ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଗୋଟିଏ ଦିନରେ ଅବସର ନେଲେ ୪ମୁଖ୍ୟ ଅଧିକାରୀ

ଏମ.ରାମପୁର,୩୦।୬
(ଶଶୀଭୂଷଣ ପ୍ରହରାଜ)

ଗୋଟିଏ ଦିନରେ ରବିବାର ଏକା ଥରକେ ୪ଜଣ ମୁଖ୍ୟ ଅଧିକାରୀ, ଅଧିକାରିଣୀ ଅବସର ନେଇଛନ୍ତି। ଏଭଳି ଘଟଣା ଘଟିଛି କଳାହାଣ୍ଡି ଜିଲା ଏମ.ରାମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ। ଅବସରନେଉଥିବା ଅଧିକାରୀ, ଅଧିକାରିଣୀ ହେଲେ ବିଇଓ ସଙ୍ଗୀତା ମହାନ୍ତି, ଏବିଇଓ ବେଣୁ କୁମାର, ପ୍ରତିଷ୍ଠାନ ଅଧିକାରୀ ବିଶ୍ୱନାଥ ନାୟକ, ହିସାବ ରକ୍ଷକ ଜିତେନ୍ଦ୍ର ମହାନ୍ତି ପ୍ରମୁଖ। ଏହି ସମସ୍ତ ଅଧିକାରୀ, ଅଧିକାରୀଙ୍କ ଚାକିରି କାଳ ରବିବାର ସମାପ୍ତ ହୋଇଛି।

୨୦୨୩ ଅଗଷ୍ଟରେ ପଦୋନ୍ନତି ପାଇ ସଙ୍ଗୀତା ମହାନ୍ତି ଏଠାରେ ବିଇଓ ଭାବେ ଯୋଗଦାନ କରିଥିଲେ। ବିଶ୍ୱନାଥ ନାୟକ ନିଜ ପଦୋନ୍ନତି ପାଇ ପ୍ରତିଷ୍ଠାନ ଅଧିକାରୀ ଭାବେ ଗତବର୍ଷ ଯୋଗଦାନ କରିଥିଲେ। ଜିତେନ୍ଦ୍ର ମହାନ୍ତି ମଧ୍ୟ ଗତବର୍ଷ ଏଠାରେ ଯୋଗଦାନ କରିଥିଲେ। ଗତ ଦେଢ଼ ବର୍ଷ ଧରି ଏହି ବିଇଓ କାର୍ଯ୍ୟାଳୟରେ ପରିଚାଳନାଗତ ଅବ୍ୟବସ୍ଥା ଜାରି ରହିଥିଲା। ବୃତ୍ତିଗତ, ଆର୍ଥିକ, ପରିଚାଳନାଗତ, ସମନ୍ୱୟଗତ ଅବ୍ୟବସ୍ଥା ଲାଗି ରହିଥିବାରୁ ଠିକଣା ସମୟେ ଶିକ୍ଷୟିତ୍ରୀ, ଶିକ୍ଷକ ସରକାରୀ ବ୍ୟବସ୍ଥାଗତ ଲାଭଠାରୁ ଦୂରେଇ ଯାଇଛନ୍ତି। ଅନ୍ୟ ବ୍ଲକରେ ଶିକ୍ଷକମାନଙ୍କୁ ଗ୍ରେଡ ପେ ବୃଦ୍ଧି ହୋଇ ଅନେକ ମାସ ବିତିଯିବା ପରେ ମଧ ଏମ. ରାମପୁରଠାରେ ବ୍ୟତିକ୍ରମ ଘଟିଛି। ସେହିଭଳି ଗତ ଦୁଇ ବର୍ଷ ଧରି ଶିକ୍ଷକଙ୍କ ସେବା ପୁସ୍ତିକା ପରିଚାଳନା ହୋଇନାହିଁ। ଗତବର୍ଷର ସମସ୍ତ ବିଦ୍ୟାଳୟର ପୋଷାକ ବିତରଣର ୪୦ପ୍ରତିଶତ ଅନୁଦାନ ଦିଆଯାଇନାହିଁ। କର୍ତ୍ତୃପକ୍ଷଙ୍କ ସହିତ ଶିକ୍ଷକ ସଂଘର ଗୋପନୀୟ ବୁଝାମଣା ହେତୁ ଶିକ୍ଷକ, ଶିକ୍ଷାନୁଷ୍ଠାନ ସମସ୍ୟାର ସମାଧାନ ବାଟ ବାହାରୁ ନାହିଁ। ନିୟମିତ ଅଧିକାରୀ ଥାଇ ସମସ୍ୟା ସମାଧାନ ହୋଇ ନ ଥିବା ବେଳେ ଆଗକୁ ଭାରପ୍ରାପ୍ତ ସୀମିତ ଅଧିକାରୀଙ୍କୁ ନେଇ ସମସ୍ୟା ସମାଧାନ ଆଶା କ୍ଷୀଣ। ତେଣୁ ଖାଲି ହୋଇଥିବା ୪ଟି ପଦବୀରେ ନିୟମିତ ଅଧିକାରୀ ନିଯୁକ୍ତ କରିବା ବାଞ୍ଛନୀୟ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଯାପିତ



କ୍ରୀଡାଙ୍ଗନମାନଙ୍କୁ ତାଲିମ ଦିଆଯାଉଛି।

ନୂଆପଡ଼ା, ୩୦।୬ (ମକାରୁ ବେମାଲ)

ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ନୂଆପଡ଼ା ଓ କୋମନା ବ୍ଲକର ସମସ୍ତ ଶାରୀରିକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ନେଇ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡାଙ୍ଗନା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କଳ୍ପଲତା ଭୂୟାଙ୍କ ତତ୍ତ୍ୱାବଧାନରେ ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ମାର୍ଗଦର୍ଶନରେ ଉଦ୍‌ଯାପନୀ ଉତ୍ସବ ଆୟୋଜିତ ହୋଇଥିଲା। ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁ ଉତ୍ସବରେ ଅଧକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଏଡିଏସ ଉତ୍କଳମଣି ଅଗସ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଜିଲ୍ଲା ସହାୟକ ଅଧିକାରୀ ବିକାଶ ମେହେର ପର୍ଯ୍ୟବେକ୍ଷକ ଭାବରେ ଉପସ୍ଥିତ ଥିଲେ। ଏହି ଶିବିରରେ ନୂଆପଡ଼ା ଓ କୋମନା ବ୍ଲକର ୬୮ଟି ଉଚ୍ଚ ବିଦ୍ୟାଳୟର କ୍ରୀଡାଙ୍ଗନ ମେଣ୍ଟର ଯୋଗ ଦେଇଥିଲେ। ରାଜ୍ୟ ସମ୍ବଳ ଶିକ୍ଷକ ମହତାବ ଆଡଜୁଆଡ, ମାଷ୍ଟର ଟ୍ରେନର ଶୋଭାରାମ ରାଉତ ଓ ସରୋଜ ପ୍ରଧାନ କ୍ରୀଡାଙ୍ଗନ ମେଣ୍ଟରମାନଙ୍କୁ ତାଲିମ ଦେଇଥିଲେ।

# ଅଙ୍ଗନୱାଡି ଖାଦ୍ୟ ଚୋରାଚାଲାଣ ବେଳେ ଧରିଲେ ଗ୍ରାମବାସୀ

କର୍ଲାମୁଣ୍ଡା, ୩୦।୬(ପ୍ରଦୀପ କୁମାର ସାହୁ)



ଗ୍ରାମବାସୀ ଜବତ କରିଥିବା ଗାଡି ସହ ବିଭିନ୍ନ ସାମଗ୍ରୀ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ତେରେସିଂହା ପଞ୍ଚାୟତ ବେଲପଡା ଅଙ୍ଗନୱାଡି କେନ୍ଦ୍ରରୁ ଶିଶୁ, କିଶୋରୀମାନଙ୍କ ପାଇଁ ଆସୁଥିବା ଖାଦ୍ୟ ସାମଗ୍ରୀର ଚୋରାଚାଲାଣ ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚୋରାଚାଲାଣବେଳେ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଓ ବେପାରୀଙ୍କୁ ଧରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନାମତେ ରବିବାର ଅଙ୍ଗନୱାଡି କେନ୍ଦ୍ରର ଏକ ବସ୍ତାରେ ଛତୁଆ, ନାଗଚଣା, ଖଜୁରିଆ ଆଦି ସାମଗ୍ରୀ ଭର୍ତ୍ତି କରି ଜନୈକ ବ୍ୟକ୍ତି ବାଇକ ନଂ. ଓଡି୦୩ ଏକ୍ସ-୨୦୮୦ରେ ନେଉଥିବା ବେଳେ ଗ୍ରାମବାସୀମାନେ ପହଞ୍ଚି ସାମଗ୍ରୀଗୁଡିକୁ ଜବତ କରିଥିଲେ। ଦୀର୍ଘଦିନରୁ ଏମିତି ଖାଦ୍ୟ ବିକ୍ରି ହେଉଥିବାର ଗ୍ରାମବାସୀ ସନ୍ଦେହ କରିଆସୁଥିଲେ। ତେଣୁ ରବିବାର ଗ୍ରାମବାସୀ ଏହାକୁ ଜବତ କରି ଅଙ୍ଗନୱାଡି କର୍ମୀ ଯଶୋବନ୍ତୀ ସାହୁ ଓ ଉକ୍ତବେପାରୀଙ୍କୁ ଅଟକ ରଖିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ସେମାନେ ବାହାରେ ଥିବା ଦର୍ଶାଇ ଆସି ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ କର୍ମୀ ଜଣକ ଚାଉଳ ମଧ୍ୟ ବିକ୍ରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ର ପାଖରେ ଥିବା ସ୍କୁଲ ସିସିଟିଭି ଯାଞ୍ଚ କରିବାକୁ ସେମାନେ ଦାବି କରିଛନ୍ତି। ଜବତ ସାମଗ୍ରୀ ଅଙ୍ଗନୱାଡି କର୍ମୀଙ୍କ ଘରେ ରଖାଯାଇଛି। ଏନେଇ ଅଙ୍ଗନୱାଡି ସୁପରଭାଇଜର ଗୀତା ହରିଜନଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ବିଷୟରେ ସୂଚନା ପାଇଛି। ତେବେ ସୋମବାର ଅଭିଯୋଗ ତଦନ୍ତ ସହ ଷ୍ଟକ ଯାଞ୍ଚ କରି ହିତାଧିକାରୀ ଓ ଗ୍ରାମବାସୀଙ୍କ ମତାମତ ସହ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

# ବିଧାୟିକାଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା

କେସିଙ୍ଗା, ୩୦।୬(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ଅନ୍ତର୍ଗତ ବେଲଖଣ୍ଡି ଧବଳେଶ୍ୱର ପୀଠରେ ନବନିର୍ବାଚିତ ବିଧାୟିକା ମନୋରମା ମହାନ୍ତିଙ୍କୁ ରବିବାର ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଉପଲକ୍ଷେ ଏକ ସଭା ବିଜୁ ଜନତା ଦଳ ଯୁବ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାଗତ ଓ ସମ୍ବର୍ଦ୍ଧନା ସଭାରେ କେସିଙ୍ଗା ବ୍ଲକର ୯ଟି ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସିର୍ଜାପାଲି, ବେଲଖଣ୍ଡି, ତୁର୍ଲାଖମନ, ନୁନମାଠ ଗ୍ରାମ ପଞ୍ଚାୟତର ସମସ୍ତ ସରପଞ୍ଚ ଏବଂ କେସିଙ୍ଗା ଜୋନ ୧- ଜିଲା ପରିଷଦ ସଦସ୍ୟା ଦୀପାଞ୍ଜଳି ସାହୁଙ୍କ ସମେତ ନର୍ଲା ପଞ୍ଚାୟତ ସମିତି ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ପୂର୍ବତନ କସ୍ତୂପଡ଼ା ସରପଞ୍ଚ ପର୍ଶୁରାମ ପାଢୀ, ପୂର୍ବତନ ନୁନମାଟ ସରପଞ୍ଚ ପ୍ରଶ୍ନ ଭୋଇ, ବରିଷ୍ଠ ବିଜେଡି କର୍ମୀ ଲୋକେଶ ସାହୁ, ପୂଳସ୍ତି ସାହୁ, ଦିଲ୍ଲୀପ କୁମାର ଦୋରା, କୈଳାସ ସାହୁ, ରାଘବ ମିଶ୍ର, ରାଜୀବ ଭୋଇ, ସୁମନ୍ତ ଗହିର, ଅନିଲ କୁମାର ଦାଶ, ଅମିତ କୁମାର ଦାଶ ଉପସ୍ଥିତ ହୋଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଉକ୍ତ ସଭାରେ ସିର୍ଜାପାଲି ସରପଞ୍ଚ ପ୍ରମୋଦ କୁମାର ଦାଶ ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କୋକସରା,୩୦।୬
(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ବଡ଼ପୋଡ଼ାଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟସିଂ ପୂଝାରି ଅବସରଗ୍ରହଣ କରିଛନ୍ତି। ଶନିବାର କାଉଡୋଳା କ୍ଲଷ୍ଟର ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବଡ଼ପୋଡ଼ାଗୁଡ଼ା ସରକାରୀ ୟୁପି ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ କାଉଡୋଳା ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଜୟ ଶଙ୍କର ପାଠୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆମପାଣି ବୁଢ଼ାରଜା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗ, ମୁଖ୍ୟବକ୍ତା ଭାବେ ସିଆରସିସି ସୁମନ୍ତ କୁମାର ଠାକୁର, ସମ୍ମାନିତ ଅତିଥି ଭାବେ ଆମପାଣି ସିଆରସି କେଦାର ନାଏକ, ଭିକାରୀ ଚରଣ ତାଣ୍ଡି, ପ୍ରଶାନ୍ତ ପଣ୍ଡା ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନିଳାମ୍ବର ଦାସ ପରିଚାଳନା କରିଥିଲେ। ଶିକ୍ଷକ ଚନ୍ଦ୍ରମଣି ବେମାଲ, ଉପେନ୍ଦ୍ର କୁମାର ସାହୁ, ଶେଖର ଚନ୍ଦ୍ର ସାହୁ, ଲୋକନାଥ ରାଉତ, ଶିକ୍ଷୟିତ୍ରୀ ବୀଣାପାଣି ମାଝି, ଯଶୋଧାରା ବାଗ, ହୀରଣ୍ୟମୟୀ ପଣ୍ଡା ଓ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀମାନେ ଉପସ୍ଥିତ ରହି ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ।



ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

## ସଂଘ ପକ୍ଷରୁ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭବାନୀପାଟଣା,୩୦।୬(ଉତ୍ତମ କୁମାର ଦାଶ)

ଭବାନୀପାଟଣା ପ୍ରାଥମିକ ଶିକ୍ଷକ ଭବନରେ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଥୁଆମୂଳରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସ୍ଥାନୀୟ ଶିକ୍ଷକ ଉଜ୍ଜଳ କୁମାର ଦଳାଇ ଓ ଭବାନୀପାଟଣା ସଦର ବ୍ଲକ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ସଦର ବ୍ଲକ ସଭାପତି ମଧୁସୂଦନ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ସଦର ବ୍ଲକ ଗୋଷ୍ଠୀଶିକ୍ଷାଅଧିକାରୀ ଆଚାରୀ ଶବର, ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ଜୟକୁମାର ମାଝି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦୀଶ ମୁଣ୍ଡ, ହୃଷିକେଶ ନାଏକ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର କୁମାର ବାଗ, ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଉପଦେଷ୍ଟା ବିନୋଦ ବିହାରୀ ମଣ୍ଡଳ, ଥୁଆମୂଳରାମପୁର ବ୍ଲକ ଶିକ୍ଷକ ସଂଘ ସଭାପତି ଅଜିତ କୁମାର ନାୟକ, ସମ୍ପାଦକ ସୁରେଶ ଚନ୍ଦ୍ର ନାଏକ ନର୍ଲା ସମ୍ପାଦକ ଅମିତ ଶର୍ମା ଯୋଗଦେଇଥିଲେ।

# ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ଶିବିର

ନୂଆପଡା,୩୦।୬ (ମକାରୁ ବେମାଲ)

ସ୍ଥାନୀୟ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଆଦିବାସୀ ଆବାସିକ ବିଦ୍ୟାଳୟଠାରେ ରବିବାର ଯୋଗବେଦାନ୍ତ ସେବା ସମିତି ନୂଆପଡା ତରଫରୁ ଏକ ଦିବସୀୟ ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ରମେଶ ଲାଲ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଣାୟାମ, ବ୍ୟାୟାମ, ଯୋଗ ଆଦି ଶିକ୍ଷା ପ୍ରଦାନ କରାଯାଇଥିଲା। ବୌଦ୍ଧିକ, ଆଧାତ୍ମିକ ବିକାଶ ପାଇଁ ନାମ ସଂକୀର୍ତ୍ତନ, ଧର୍ମଶାସ୍ତ୍ର, ଉପାଖ୍ୟାନ ଉପରେ ଆଧାରିତ ପ୍ରଶ୍ନଉତ୍ତର କରାଯାଇଥିଲା। ମନୁଷ୍ୟ ଜୀବନର ଲକ୍ଷ୍ୟ ଓ ସରଳ ଜୀବନଯାପନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବ୍ରହ୍ମଚାରିଣୀ ସୁଲୋଚନା ମୁଣ୍ଡା, ରେବତି ପଟେଲ ଓ ଜୟଚନ୍ଦ୍ର ଭାଇ ଶିବିରରେ ଛାତ୍ରୀଛାତ୍ରଙ୍କୁ ଯୋଗ, ବ୍ୟାୟାମ, ପ୍ରଣାୟମ ଆଦି ପ୍ରଶିକ୍ଷଣ ଦେଇଥିଲେ। ଦିନନାଥ ସତନାମୀ ଶିବିର ପରିଚାଳନା କରିଥିବାବେଳେ ସୁକାନ୍ତ କୁମାର ଶତପଥି, ତରଙ୍ଗ ପଟେଲ, ପିତାମ୍ବର ସିଂ ମାଝି, ହୃଦକିଶୋର ପଟେଲ,ଦ୍ରୌପଦି ରାଉତ,ବାସନ୍ତି ପଟେଲ, କୌଶଲ୍ୟା ସତନାମୀ, ବିନୋଦିନି ଦାସ ପ୍ରମୁଖ ସମିତିର ସଦସ୍ୟମାନେ ସହଯୋଗ କରିଥିଲେ।



ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ଶିବିରରେ ଯୋଗ ଅଭ୍ୟାସ କରାଯାଉଛି।

## ସଂକ୍ଷେପରେ

### ରକ୍ତଦାନ ଶିବିରରେ ୩୫ ୟୁନିଟ ସଂଗ୍ରହ



ପଦ୍ମପୁର,୩୦।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ଜେନିଥ ଲାୟନ୍ସ ଗୁରୁକୁଳ ଶିକ୍ଷାନୁଷ୍ଠାନର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ କର୍ମଚାରୀ ଓ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିର ମୁଖ୍ୟଅତିଥି ଭାବେ ପଦ୍ମପୁରର ବରିଷ୍ଠ ଡାକ୍ତର ଯଦୁମଣି ସାହୁ, ସମ୍ମାନିତ ଅତିଥି ଭାବେ ଡାକ୍ତର ସୁମିତ ମିଶ୍ର, ସାମାଜିକ କର୍ମୀ ନିରୋଜ ଦୋରା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ଅଧକ୍ଷ ମନୋଜ କୁମାର ପଣ୍ଡା, ସନ୍ତୋଷ କୁମାର ବେହେରା, ପରିଚାଳନା କମିଟି ପ୍ରତାପ ମିଶ୍ର, ଶୁସାନ୍ତ ରଥଙ୍କ ଦ୍ୱାରା ପରିଚାଳିତ ଶିବିରରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପଦ୍ମପୁର ଉପଖଣ୍ଡ ରକ୍ତ ଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ଦୀପକ ସାହୁ, ଜିତେନ୍ଦ୍ରିୟ ଗୁର୍ଲା, ଶ୍ୟାମସୁନ୍ଦର ସାହୁ, ପପୁ ମାଝି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

### ଶିବିରରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ



ବରଗଡ଼,୩୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସମତା ଭବନରେ ସମାଜବାଦୀ ଚିନ୍ତାନାୟକ କିଶନ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସମତା ବିନ୍ଦୁ ରକ୍ତଦାନ ସଂସ୍ଥା ପକ୍ଷରୁ ହୋଇଥିବା ଉକ୍ତ ଶିବିରରେ ୪୫ୟୁନିଟ୍ ରକ୍ତ ସଂଗୃହ ହୋଇଥିଲା। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ଚାଷୀନେତା ଲିଙ୍ଗରାଜ, ଶିବ ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ସତ୍ୟ, ସେବା ଏବଂ ସମତାମୂଳକ ଚିନ୍ତାଧାରାର ଯେଭଳି ବିକଳ୍ପ ନାହିଁ, ସେହିପରି ରକ୍ତର ମଧ୍ୟ ବିକଳ୍ପ ନାହିଁ। ଫଳରେ କିଶନ ପଟ୍ଟନାୟକଙ୍କ ଜୟନ୍ତୀରେ ରକ୍ତଦାନ ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ସେମାନେ ମତପ୍ରକାଶ କରିଥିଲେ। ଉକ୍ତ ଶିବିରରେ ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନର ସଭାପତି ସୁଶିଲ କୁମାର ସାହୁ, ସମ୍ପାଦକ ହର ବଣିଆଁ ଶିବିର ପରିଚାଳନା କରିଥିଲେ। ମହେଶ ପ୍ରଧାନ, ଲଳିତ ସାହୁ, କିଶୋର ସାହୁ, ଅରୁଣ ପ୍ରଧାନ, ଲିପିକା ବଣିଆଁ, ସୌଦା ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ବରଗଡ଼,୩୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରେଳ ଷ୍ଟେଶନ ନିକଟରେ ରହିଥିବା ଏକ ହୋଟେଲ ପରିସରରେ ରବିବାର ବରଗଡ଼ ଲାୟନ୍ସ କ୍ଲବ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଡା. ଓମପ୍ରକାଶ ଅଗ୍ରୱାଲ, ଡା. ସ୍ୱାଧୀନ ଶର୍ମା ଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଡା. ପ୍ରବୀଣ ଅଗ୍ରୱାଲ, ଡା. ଅର୍ଚ୍ଚନା ଅଗ୍ରୱାଲ, ଡା. ପ୍ରଶାନ୍ତ ଅଗ୍ରୱାଲ,ଡା. ପ୍ରଶାନ୍ତ ମୋଟାରୀ, ଡା. ଶକ୍ତି କୁମାର ତ୍ରିପାଠୀ, ଡା. ଇପସିତା ଦେବତା ପ୍ରମୁଖ ଯୋଗଦେଇ ରେଳ ଷ୍ଟେଶନ ପଡ଼ା, ତୋରା, ରୁହୁଣିଆଁ ଆଦି ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବିତରଣ କରିଥିଲେ। ଶିବିରରେ ଯୋଗଦାନ କରିଥିବା ଅତିଥି ଏବଂ ଡାକ୍ତରମାନଙ୍କୁ ଲାୟନ୍ସ କ୍ଲବ ପକ୍ଷରୁ ସ୍ମାରକ ପ୍ରଦାନ କରାଯାଇଥିଲା। ଶିବିର ପରିଚାଳନାରେ ସାଇ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ଚିନ୍ମୟୀ ପଣ୍ଡା, ଗୁନଗୁନ୍ ବେହେରା, ଦୀପା ରଣା, ରାଜ୍ ପାଥୋଲାବ୍‌ର ରାଜକିଶୋର ପାଣିଗ୍ରାହୀ, ଆଲୋକ ପାଣିଗ୍ରାହୀ, ସନ୍ଧ୍ୟାରାଣୀ ବେନିଆଁ ପ୍ରମୁଖ ସହଯୋଗ କରିଥିଲେ। ମୁଖ୍ୟ ସଂଯୋଜକ ଅଭୟ କୁମାର ଭୋଇ ଶିବିର ପରିଚାଳନା କରିଥିଲେ। ଆସନ୍ତା ମାସରୁ ପ୍ରତି ପଞ୍ଚାୟତରେ ଏଭଳି ଶିବିର ଆୟୋଜନ କରାଯିବ ବୋଲି କ୍ଲବ ସଭାପତି କିଶନ ଅଗ୍ରୱାଲ ସୂଚନା ଦେଇଥିଲେ।

# ନିଅଣ୍ଟିଆ ବୃଷ୍ଟିପାତ, ଖରିଫ ଚାଷ ପ୍ରଭାବିତ

ବରଗଡ଼,୩୦।୬(ପ୍ରେମାନନ୍ଦ ଖମାରୀ)



ପାଣି ଅଭାବରୁ ବରଗଡ଼ ବ୍ଲକ କଲାପାଣି ଗ୍ରାମର ଧାନପହ୍ଲା ଉଜୁଡ଼ି ବସିଛି।

ଖରିଫ ଋତୁ ଆରମ୍ଭ ହୋଇଯାଇଛି। ହେଲେ ଆଶାନୁରୂପ ବୃଷ୍ଟିପାତ ନାହିଁ। ନିଅଣ୍ଟିଆ ବୃଷ୍ଟିପାତ ଯୋଗୁ ବରଗଡ଼ ଜିଲାରେ ଖରିଫ ଚାଷ ପ୍ରଭାବିତ ହୋଇଛି। ଜିଲାର ଅନେକ ଚାଷୀ ଚାଷକାର୍ଯ୍ୟ ଆରମ୍ଭ କରି ପାରିନାହାନ୍ତି। ସେହିପରି ଅଳ୍ପ କେତେକ ଚାଷୀ ତଳିପକା କାର୍ଯ୍ୟ ସାରିଥିଲେ ହେଁ ବର୍ଷାଭାବରୁ ତାହା ଉଜୁଡ଼ି ବସିଛି। ଖରିଫ ଚାଷ ଆରମ୍ଭରୁ ଏଭଳି ସ୍ଥିତି ଜିଲାର ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି।

ଜିଲାରେ ସାଧାରଣତଃ ଜୁନ ୧୫ ତାରିଖରୁ ଖରିଫ ଚାଷକାର୍ଯ୍ୟ ଆରମ୍ଭ ହୋଇଥାଏ। ଏହି ଋତୁରେ ଜିଲାର ଉଭୟ ହୀରାକୁଦ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ଚାଷକାର୍ଯ୍ୟ ଆରମ୍ଭ କରିଥାନ୍ତି। ହୀରାକୁଦ ଜଳସେଚିତ ଅଞ୍ଚଳର ଚାଷୀମାନେ କେନାଲ ପାଣି ଏବଂ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ବର୍ଷାପାଣି ଉପରେ ନିର୍ଭର କରି ଚାଷକାର୍ଯ୍ୟ ଆଗେଇ ନେଇଥାନ୍ତି। କିନ୍ତୁ ଏଥର ମରାମତି ପାଇଁ କେନାଲ ପାଣି ବନ୍ଦ ଥିବା ଯୋଗୁ ଜିଲାର ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ସମାନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ଜିଲାର ୧୨ବ୍ଲକ ମଧ୍ୟରୁ ଅତାବିରା, ଭେଡ଼େନ, ବରଗଡ଼, ବରପାଲି ବ୍ଲକ (କିଛି ଅଞ୍ଚଳ ବ୍ୟତୀତ) ହୀରାକୁଦ ଜଳସେଚିତ ହୋଇଥିବାବେଳେ ଅନ୍ୟ ବ୍ଲକଗୁଡ଼ିକ ଅଣଜଳସେଚିତ ଅଟେ। ତେବେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ ଦ୍ୱାରା କିଛି ଅଞ୍ଚଳକୁ ଜଳସେଚନ ବ୍ୟବସ୍ଥା କରାଯାଇ ଥିଲେ ହେଁ ତାହା ମଧ୍ୟ ଧର୍ମକୁ ଆଖିଠାର ଭଳି ବୋଲି ଚାଷୀମାନେ କହିଛନ୍ତି। ଅନ୍ୟଥର ଜୁନ ୧୫ରୁ ୨୦ତାରିଖ ସୁଦ୍ଧା କେନାଲ ପାଣି ଛଡ଼ା ଯାଇଥାଏ। କିନ୍ତୁ ବରଗଡ଼ ମୁଖ୍ୟ କେନାଲ ମରାମତି କାର୍ଯ୍ୟ ଚାଲିଥିବା ଯୋଗୁ ଏପର୍ଯ୍ୟନ୍ତ କେନାଲ ମଧ୍ୟ ଶୁଖିଲା ପଡ଼ିଛି। ସୋମବାର କେନାଲ ପାଣି ଛଡ଼ାଯିବ ବୋଲି କୁହାଯାଉଛି। କିନ୍ତୁ କେନାଲ ପାଣି ଛଡ଼ାଗଲେ ମଧ୍ୟ ତାହା ତଳମୁଣ୍ଡକୁ ପହଞ୍ଚିବା ପାଇଁ ଦିନେ, ୨ ଦିନ ଲାଗିଯିବ। ଫଳରେ ଜଳସେଚିତ ଅଞ୍ଚଳରେ ମଧ୍ୟ ଖରିଫ ଚାଷକାର୍ଯ୍ୟ ଠିକ୍ ଭାବେ ଆରମ୍ଭ ହୋଇପାରି ନାହିଁ। ଏଭଳି ସ୍ଥିତିରେ ବୃଷ୍ଟିପାତ ହିଁ ଚାଷୀଙ୍କ ଭରସା ପାଲଟିଛି। କିନ୍ତୁ ଜିଲାରେ ଆଶାନୁରୂପ ବୃଷ୍ଟିପାତର ମଧ୍ୟ ଦେଖା ନାହିଁ। କାଁ ଭାଁ ବର୍ଷା ହେଉଥିଲେ ହେଁ ତାହା ଜମି ହଳ କରିବାକୁ ପର୍ଯ୍ୟାପ୍ତ ନୁହେଁ ବୋଲି ଚାଷୀମାନେ କହୁଛନ୍ତି। ଜୁନ ମାସର ବୃଷ୍ଟିପାତ ଜିଲାର ସ୍ୱାଭାବିକ ପରିମାଣକୁ ମଧ୍ୟ ଛୁଇଁ ପାରି ନାହିଁ। ଜିଲାରେ ଜୁନ ମାସର ସ୍ୱାଭାବିକ ବୃଷ୍ଟିପାତ ୨୦୩.୬ ମି.ମି.। କିନ୍ତୁ ଏଥର ଏହି ପରିମାଣ ମାତ୍ର ୧୭୯.୭୭ ମି.ମି. ରହିଛି। ଯାହାକି ଗତବର୍ଷଠାରୁ ମଧ୍ୟ ଯଥେଷ୍ଟ କମ୍ ରହିଛି। ଗତବର୍ଷ ଜିଲାରେ ୨୫୨.୮୫ ମି.ମି. ବୃଷ୍ଟିପାତ ହୋଇଥିବା ରେକର୍ଡ଼ କରାଯାଇଥିଲା। ଫଳରେ ଖରିଫ ଚାଷକାର୍ଯ୍ୟ ଆରମ୍ଭରୁ ଗୋଟିଏ ପଟେ କେନାଲ ପାଣି ବନ୍ଦ ଏବଂ ଅନ୍ୟପଟେ ନିଅଣ୍ଟିଆ ବର୍ଷା ଚାଷୀକୁଳଙ୍କୁ ନିରାଶ କରି ଦେଇଛି। ବରଗଡ଼ ବ୍ଲକ କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଟି କହିଛନ୍ତି, ସେ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ତଳିପକା(ଧାନବୁଣା) କାର୍ଯ୍ୟ ସାରିଛନ୍ତି। ଧାନପହ୍ଲା ରୋଇବା ଅବସ୍ଥାକୁ ମଧ୍ୟ ଆସି ଗଲାଣି। କିନ୍ତୁ କେନାଲ ପାଣି ବନ୍ଦ ରହିବା ଏବଂ ଭଲ ବର୍ଷା ମଧ୍ୟ ହେଉ ନ ଥିବା ଯୋଗୁ ସେ ଧାନପହ୍ଲା ରୋଇବା ତ ଦୂରର କଥା, ଜମି ହଳ କରି ପାରି ନାହାନ୍ତି। ଅନ୍ୟବର୍ଷ ତୁଳନାରେ ଖରିଫ ଚାଷକାର୍ଯ୍ୟ ୧୦ରୁ ୧୫ଦିନ ବିଳମ୍ବ ହୋଇଥିବା ସେ କହିଛନ୍ତି। ସେହିପରି ଅତାବିରା ବ୍ଲକ ଖଲିଆପାଲିର ଚାଷୀ ବିଭୀଷଣ ମହାକୁର କହିଛନ୍ତି, କେନାଲ ପାଣି ଛାଡ଼ିବା ବିଳମ୍ବ କରାଗଲେ ଏବଂ ଆଗକୁ ଭଲବର୍ଷା ନ ହେଲେ ଖରିଫ ଚାଷକାର୍ଯ୍ୟ ନିଶ୍ଚିତ ଭାବେ ଯଥେଷ୍ଟ ପ୍ରଭାବିତ ହେବ। ଅନ୍ୟପଟେ ଏଭଳିସ୍ଥଳେ ବନ୍ଦ ପଡ଼ିଥିବା ଉଠାଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯିବା ସହିତ ଯେଉଁ ଗଭୀର ନଳକୂପକୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ନାହିଁ, ସେହି ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯିବା ଜରୁରୀ ହୋଇ ପଡ଼ିଛି ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି।

## ତ୍ରିଦିବସୀୟ ଜିଜ୍ଞାସା ପ୍ରଶିକ୍ଷଣ ଉଦ୍‌ଯାପିତ




ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

ପଦ୍ମପୁର,୩୦।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ସ୍ଥାନୀୟ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଜମଲା ପରିସରରେ ତିନିଦିନ ଧରି ଚାଲିଥିବା ଆକାଂକ୍ଷୀ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଜିଜ୍ଞାସା ପ୍ରଶିକ୍ଷଣ ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ ଶିବିରକୁ ଦ୍ୱିତୀୟ ଦିବସରେ ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକ ପରିଦର୍ଶନରେ ଆସି ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସାଧନକର୍ମୀ ମାନସ ରଞ୍ଜନ ଶତପଥୀ ଓ ମୋହନ ରଣା ପର୍ଯ୍ୟାୟ କ୍ରମେ ସମସ୍ତ ପାଠ୍ୟକ୍ରମ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରିଥିଲେ। ଏହି ଶିବିରରେ ରାଜବୋଡ଼ାସମ୍ବର୍ ଓ ଗାଇସିଲେଟ ବ୍ଲକରୁ ଆସିଥିବା ୫୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ସକ୍ରିୟ ଅଂଶ ଗ୍ରହଣ କରିବା ସହ ଗ୍ରୁପ ଉପସ୍ଥାପନା ଗୁଡ଼ିକ ଚମତ୍କାର ଢ଼ଙ୍ଗରେ ପରିବେଷଣ କରିଥିଲେ।

## କ୍ରିଷ୍ଣା ବିକାଶ ଅନୁଷ୍ଠାନ ସମ୍ବର୍ଦ୍ଧିତ



ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ୱେଲଫେୟାର ଅନୁଷ୍ଠାନର ଅଧକ୍ଷ ସମ୍ବର୍ଦ୍ଧନା ଗ୍ରହଣ କରୁଛନ୍ତି।

ବରଗଡ଼,୩୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ର କ୍ରୀଷ୍ଣା ବିକାଶ ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ୱେଲଫେୟାର ଶିକ୍ଷାନୁଷ୍ଠାନ ସମ୍ବର୍ଦ୍ଧିତ ହୋଇଛି। କଟକସ୍ଥିତ ଶତାବ୍ଦୀ ଭବନ ପରିସରରେ ଦିଲ୍ଲୀର ୱାର୍ଲ୍ଡ ଚେରିଟି ୱେଲଫେୟାର ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏକ ସମାରୋହେରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ଡ. ଡୋଲାମଣି ଶତପଥୀ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ଉକ୍ତ ସମାରୋହରେ ବିଧାୟକ ପ୍ରକାଶ କୁମାର ସେଠୀ ମୁଖ୍ୟ ଅତିଥି, ତାମିଲନାଡୁସ୍ଥିତ ବୈଦିକ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ହରିହର କାନୁନଗୋ ମୁଖ୍ୟବକ୍ତା, ଶିକ୍ଷାବିତ୍ ବିନାୟକ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

## ବନମାଳ ଗଣ୍ଡାପଡ଼ାଯିବା ରାସ୍ତାରେ ଜମି ରହୁଛି ପାଣି

ପାଇକମାଳ,୩୦।୬(ବଡ ଶତପଥୀ)



ବନମାଳ ଗଣ୍ଡାପଡ଼ା ଯିବା ରାସ୍ତାରେ ପାଣି ଜମି ରହୁଛି।

ବରଗଡ ଜିଲା ପାଇକମାଳ ପଞ୍ଚାୟତ ସମିତି ଭେଙ୍ଗରାଜପୁର ଗ୍ରାମପଞ୍ଚାୟତ ବନମାଳ ଗଣ୍ଡାପଡା ରାସ୍ତାରେ ପାଣି ଜମି ରହିଛି। ଏହି ରାସ୍ତା ଉପରେ ପ୍ରାୟ ୧୫୦ ପରିବାର ଯାତାୟାତ ପାଇଁ ନିର୍ଭର କରନ୍ତି। ପଡାକୁ ଯିବା ପାଇଁ ଅନ୍ୟ କୌଣସି ରାସ୍ତା ନାହିଁ। ଫଳରେ ଛାତ୍ରୀଛାତ୍ର ଓ ପଡାବାସୀ ମାନସିକ ଚାପରେ ରହି ଜୀବନ ଯାପନ କରୁଛନ୍ତି। ଗାଁର ଜଣେ ବ୍ୟକ୍ତି ରାସ୍ତାକୁ ଲାଗି ରହିଥିବା ଜମିରେ ଘର ତିଆରି କରୁଛନ୍ତି। ଫଳରେ ଏହି ରାସ୍ତା ଦେଇ ଆସୁଥିବା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ପାଣି ଜମି ରହୁଛି ବୋଲି ପଡାବାସୀ କହିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ମନମୁଖୀ କାର୍ଯ୍ୟ ପାଇଁ ଗଣ୍ଡାପଡାବାସୀ ବିରୋଧ କଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ପାରିନାହିଁ। ବନମାଲ ଗଣ୍ଡାପଡାବାସୀ ଏହାର ସମାଧାନ ପାଇଁ ବରଗଡ ଜିଲାପାଳ, ପାଇକମାଳ ଥାନା, ପାଇକମାଳ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ସମସ୍ୟା ସମାଧାନ କରୁ ନ ଥିବା ଗଣ୍ଡାପଡାବାସୀ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ବିଡିଓ, ତହସିଲଦାର, ପୋଲିସ ପ୍ରଶାସନ ଏହି ସମସ୍ୟାର ସମାଧାନ ନ କଲେ ବନମାଳ ଗଣ୍ଡାପଡାବାସୀ କପୁରଚନ ଛତର, ଯତୀନ୍ଦ୍ର ତାଣ୍ଡି, ସୁଶୀଲ ମହାନନ୍ଦ, ମକାରୁ କୁମ୍ଭାର, ମହିଧର କୁମ୍ଭାର, କାର୍ତ୍ତିକ କୁମ୍ଭାର, ଶିବ କୁମ୍ଭାର, ଫକିର କୁମ୍ଭାର, ରୋହିତ ବାଗ, ରାଜକୁମାର ବାଗ, ନିଶାମଣି ବାଗ, ଆଦିତ୍ୟ ସୁନା, ପୁସ୍ତକ ଲୁହାର, ଭରତ କୁମ୍ଭାର, ଲୋକନାଥ କୁମ୍ଭାର, ଟଙ୍କଧର କୁମ୍ଭାର, ବିଜୟ ବାଗ, ନାଏକ ସରପଞ୍ଚ ଶାନ୍ତି ଲୁହାର ପ୍ରମୁଖ ଗ୍ରାମରେ ଆଲୋଚନା କରି ଆନ୍ଦୋଳନ କରାଯିବା ବୋଲି ଚେତାବନୀ ଦେଇଛନ୍ତି।

## ଏଚିଭର୍ସ ହେଲ୍‌ପିଂ ଫାଉଣ୍ଡେଶନର ବାର୍ଷିକ ଉତ୍ସବ

ବରଗଡ଼,୩୦।୬
(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ରବିବାର ଏଚିଭର୍ସ ହେଲପିଂ ଫାଉଣ୍ଡେଶନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଚି। ଅନୁଷ୍ଠାନର ସଭାପତି ଦିବାକର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମାରୋହରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଦଧିବାମନ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତୀ ଭୋଇ, ଚକରକେନ୍ଦ କଲେଜର ଅଧକ୍ଷ କାର୍ତ୍ତିକେୟ ସାଥୁଆ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମେଘନାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଫାଉଣ୍ଡେଶନର ସମ୍ପାଦକ ଭଗବାନ ପ୍ରଧାନ ପରିଚୟ ପ୍ରଦାନ କରିଥିଲେ। କାମଦେବ ବେହେରାଙ୍କ ତତ୍ତ୍ୱାବଧାନରେ ଦୃଷ୍ଟିହୀନ ଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ରାଜେଶ ବାରିକଙ୍କ ନୃତ୍ୟଦଳ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ର, ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେଶନର ଅନ୍ୟ କର୍ମକର୍ତ୍ତା, ସଦସ୍ୟବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପରିବେଶ ସୁରକ୍ଷା ମଞ୍ଚର ବୈଠକ



ବୈଠକରେ ଉପସ୍ଥିତ ପରିବେଶପ୍ରେମୀବୃନ୍ଦ।

ବରଗଡ଼,୩୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପରିବେଶ ସୁରକ୍ଷା ମଞ୍ଚର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ବୈଠକରେ ସଭାପତି ପ୍ରମୋଦ କୁମାର ଭୋଇ ଅଧକ୍ଷତା କରିଥିଲେ। ପ୍ରକୃତିବନ୍ଧୁ ମୀନକେତନ ପୁରୋହିତ ବିଗତ ବର୍ଷରେ ହୋଇଥିବା ପରିବେଶ ସୁରକ୍ଷା ସମ୍ପର୍କୀତ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ଚଳିତବର୍ଷ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନରେ ପରିବେଶ ସୁରକ୍ଷା, ଚାରାରୋପଣ ସମ୍ପର୍କୀତ କାର୍ଯ୍ୟକ୍ରମ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉପସଭାପତି ପ୍ରକୃତିବନ୍ଧୁ ଭୁବନେଶ୍ୱର ପ୍ରଧାନ, ଡ. ଡୋଲାମଣି ଶତପଥୀ, ବିଭୁତି ଭୂଷଣ ମୁଣ୍ଡ, ଧର୍ମରାଜ ପ୍ରଧାନ, ଶୋଭାଚନ୍ଦ୍ର ପ୍ରଧାନ, ଆଶିର୍ବାଦ ମହାପାତ୍ର, ଜିଲା ବରିଷ୍ଠ ନାଗରିକ ସଂଘର ସଂଗଠନ ସମ୍ପାଦକ କେଦାର ମିଶ୍ର ପ୍ରମୁଖ ପରିବେଶ ସୁରକ୍ଷା ଉପରେ ନିଜ ମତ ରଖିଥିଲେ। ଦିଲୀପ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ ନାଗରିକ ସମ୍ବର୍ଦ୍ଧନା

ବରଗଡ଼,୩୦।୬(ପ୍ରେମାନନ୍ଦ ଖମାରୀ)




ସମ୍ବର୍ଦ୍ଧନା ସମାରୋହରେ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଅନ୍ୟ ଅତିଥିବୃନ୍ଦ।

ବରଗଡରେ ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଭାଜପା କାର୍ଯ୍ୟକର୍ତ୍ତା ଏବଂ କର୍ମୀବୃନ୍ଦ ତାଙ୍କୁ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଭିଡ଼ି ପେଲେସ୍‌କୁ ପାଛୋଟି ନେଇଥିଲେ। ସେଠାରେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମାରୋହରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଭଟଲି ବିଧାୟକ ଇରାଶିଷ୍ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ମହମ୍ମଦ ରଫିକ୍, ଟାଉନ ସଭାପତି ଅକ୍ରୂର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ଜିଲା ଓକିଲ ସଂଘ, ସମଲେଶ୍ୱରୀ ସଂଘ, ଜିଲା ବରିଷ୍ଠ ନାଗରିକ ସଂଘ, ମହିଳା ସମିତି, ଭାରତ କିଷାନ ସଂଘ, ଜିଲା କ୍ରୀଡ଼ା ସଂସଦ, ଭଗବାନ ସାହୁ ସ୍ମୃତି ସମିତି ଆଦି ଅନୁଷ୍ଠାନ ପକ୍ଷରୁ ମନ୍ତ୍ରୀ ପୂଜାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ପାଇକମାଳ ବ୍ଲକ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ସଭା

ପଦ୍ମପୁର/ପାଇକମାଳ,୩୦।୬ (ପ୍ରଦୀପ୍ତ ଦାଶ/ ବଡ ଶତପଥୀ)

ପଦ୍ମପୁର ନିର୍ବାଚନମଣ୍ଡଳୀ କେର୍ମେଲା ବାହାଲଠାରେ ପାଇକମାଳ ବ୍ଲକ ବିଜେଡି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରାଜେନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତରେ ସମ୍ବର୍ଦ୍ଧନା ସଭାରେ ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଉପାଧ୍ୟକ୍ଷ ସଞ୍ଜୀବ ବରିହା, ବରିଷ୍ଠ ବିଜେଡି ନେତା ହୃଦାନନ୍ଦ ବାରିକ, ଡ଼ୋଲାମଣୀ ମାହାର, ଟାଇଲ ଭୋଇ, ଯୁବ ବିଜେଡି ବ୍ଲକ ସଭାପତି ଗୌତମ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ପାକ୍ସ ଅଧ୍ୟକ୍ଷ ବିଜୁ ସାଇଁ ପ୍ରମୁଖ ଯୋଗଦେଇ ନବ ନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହାଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ବିଧାୟିକା ବରିହା ନିଜ ଅଭିଭାଷଣରେ ଦଳୀୟ ସଭାପତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଦେଶକୁ ଦୋହରାଇ କହିଥିଲେ ଯେ ଭାଜପା ସରକାର ଗଠନ କରିଛି, କିନ୍ତୁ ମ୍ୟାଜିକ ନମ୍ବରରୁ ବେଶି ଅଧିକ ସିଟ ନାହିଁ ତେଣୁ ସମସ୍ତେ ଏକତ୍ରିତ ହୋଇ କାମ କରିବା ଉଚିତ। ଆଗାମୀ ଦିନରେ ଅଞ୍ଚଳର ବିକାଶ ପାଇଁ ଲଢେଇ ଜାରି ରହିବ ବୋଲି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଭୋଜରାଜ ସିଂ ବରିହା, ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।



ସଭାରେ ମଞ୍ଚାସୀନ ପଦ୍ମପୁର ବିଧାୟିକା, ଦଳୀୟ କର୍ମୀ।

# ବିପଦ ଡାକୁଛି ମୁକୁଳା ଡ୍ରେନ୍

ବରଗଡ଼,୩୦।୬(ପ୍ରେମାନନ୍ଦ ଖମାରୀ)



ବରଗଡ଼ ସହରରେ ମୁକୁଳା ହୋଇ ପଡ଼ିଥିବା ଡ୍ରେନ୍।

ରାଜ୍ୟ ତଥା ଦେଶର ଅନେକ ସ୍ଥାନରେ କେତେବେଳେ ମୁକୁଳା ଡ୍ରେନ ତ ଆଉ କେବେ ମୁକୁଳା ଗଭୀର ନଳକୂଅ ଯୋଗୁ ଜୀବନହାନୀ ଘଟୁଛି। ଏହାସତ୍ତ୍ୱେ ଏଥିପ୍ରତି ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ଚେତା ପଶି ନ ଥିବା ଅଭିଯୋଗ ହୋଇଛି। ବରଗଡ଼ ସହରର ବିଭିନ୍ନ ସ୍ଥାନରେ ଡ୍ରେନ ମୁକୁଳା ରହିଥିବା ପରିଲକ୍ଷିତ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଏଥିପାଇଁ ଅଘଟଣ ଘଟିବାର ଆଶଙ୍କା ରହିଛି।

ସହରର ବିଭିନ୍ନ ପଡ଼ାରେ ଡ୍ରେନ ଖୋଲାଯାଇଛି। ତେବେ କେତେକ ସ୍ଥାନରେ ଡ୍ରେନ ମୁକୁଳା ରହିଥିବାବେଳେ ଆଉକିଛି ସ୍ଥାନରେ ଡ୍ରେନ ଉପରେ କଂକ୍ରିଟ କରାଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ଡ୍ରେନ ଉପରେ କଂକ୍ରିଟକରଣ କରାଯାଇ ଥିଲେ ସୁଦ୍ଧା ତାକୁ ଖୋଲାଯାଇ ଡ୍ରେନ ପାର୍ଶ୍ୱରେ ରଖାଯାଇଛି। ଆଉ କେତେକ ସ୍ଥାନରେ ସେହି କଂକ୍ରିଟସ୍ତରକୁ ସମ୍ପୂର୍ଣ୍ଣ ଖୋଲି ଦିଆଯାଇ ଅନ୍ୟସ୍ଥାନକୁ ନିଆଯାଇଥିବା ଅଭିଯୋଗ ହୋଇଛି। ଡ୍ରେନରୁ ମଇଳା, ଆବର୍ଜନା କାଢ଼ିବା ପାଇଁ ସେଭଳି କରାଯାଇଥିବା କୁହାଯାଉଛି। କିନ୍ତୁ ଦୀର୍ଘଦିନ ଧରି ସେହି ଡ୍ରେନଗୁଡ଼ିକ ମୁକୁଳା ହୋଇ ପଡ଼ି ରହୁଛି। ଅନ୍ୟପଟେ ସାମାନ୍ୟ ବର୍ଷାରେ ଡ୍ରେନ ତଥା ଡ୍ରେନରେ ମାତ୍ରାଧିକ ପାଣି ଯାଉଥିବା ପରିଲକ୍ଷିତ ହେଉଥିବାବେଳେ ମୁକୁଳା ଡ୍ରେନଗୁଡ଼ିକୁ ଆବଦ୍ଧ କରା ନ ଗଲେ କୌଣସି ମୁହୂର୍ତ୍ତରେ ଲୋକେ ଡ୍ରେନ ଭିତରେ ପଶି ଦୁର୍ଘଟଣାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏଥିପ୍ରତି ଜିଲା ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚିକିତ୍ସିତ ବୃଦ୍ଧା ମୃତ

ରାଉରକେଲା,୩୦।୬(ଦିନେଶ ମିଶ୍ର)

ଲୁହୁଣିପଡ଼ା ଥାନା ଅନ୍ତର୍ଗତ ଝାଙ୍କଝୋରା ଗ୍ରାମରେ ସାପ କାମୁଡାରେ ଚିକିତ୍ସିତ ବୃଦ୍ଧାଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତା ହେଲେ ଆଶାଢି କିଷାନ(୭୦)। ଗତ ୨୭ ତାରିଖ ରାତିରେ ଆଶାଢ଼ି ଶୋଇଥିବାବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ବଣେଇ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ଆରଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି।

### ଶ୍ୟାମ୍ ଅମରଦାସଙ୍କ କୀର୍ତ୍ତନ ଆରମ୍ଭ

ରାଉରକେଲା,୩୦।୬(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଦୁର୍ଗଡ ଭବନ ପରିସରରେ ରାଉରକେଲା ଶ୍ୟାମ ସେବା ସଙ୍ଗଠନ ପକ୍ଷରୁ ଶ୍ୟାମବାବାଙ୍କ ସାମୂହିକ କୀର୍ତ୍ତନ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ପକ୍ଷରୁ ୬୫ ଭୋଗ ବାବାଙ୍କୁ ସମର୍ପଣ କରାଯାଇଥିଲା। ସନ୍ଧ୍ୟାରେ ବାବାଙ୍କ ଆଳତି ପରେ ସଙ୍ଗଠନ ପକ୍ଷରୁ ସାମୂହିକ କୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା। ଭଜନ ଗାୟକ ଦବ୍ୟା ଜ୍ୟୋତି ବାବାଙ୍କ ବହୁ ଲୋକପ୍ରିୟ ଭଜନ ପରିବେଷଣ କରିଥିଲେ। ମହେଶ ମ୍ୟୁଜିକାଲ ଗ୍ରୁପ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରାଯାଇଥିଲା। ଶେଷରେ ଅନୁଷ୍ଠାନ ପକ୍ଷରୁ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶ୍ୟାମ ସେବା ସଙ୍ଗଠନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମରାମତି ହେଲା ରେଳବାଇ ଇନ୍ଦିରା ନଗରରେ ଥିବା ନଳକୂପ

ରାଉରକେଲା, ୩୦।୬(ସଙ୍ଗୀତା ଜେନା)

ୱାର୍ଡ ନମ୍ବର. ୨୨ ରେଳବାଇ କଲୋନୀ ଇନ୍ଦିରା ନଗରରେ ଦୀର୍ଘ ମାସରୁ ଏକ ମାତ୍ର ନିର୍ଭରଶୀଳ ନଳକୂପ ଖରାପ ହୋଇ ରହିଥିଲା। ବାରମ୍ବାର ସ୍ଥାନୀୟ ଲୋକ ଏହାକୁ ମରାମତି କରିବା ପାଇଁ ଦାବି କରୁଥିଲେ ମଧ୍ୟ ଅସ୍ଥାୟୀ ଭାବେ ମରାମତି କରାଯାଉଥିଲା। ଫଳରେ ଲୋକେ ପାନୀୟ ଜଳ ପାଇଁ ହଇରାଣ ହେଉଥିଲେ। ସ୍ଥାନୀୟ ଯୁବକ ବିକାଶ ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ୱାଟକୋ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିଥିଲେ। କର୍ତ୍ତୃପକ୍ଷ ଉକ୍ତ ନଳକୂପରେ ପାଇପ ଓ ଅନ୍ୟାନ୍ୟ ମରାମତି କରାଯାଇଥିଲେ।

### ଯାଞ୍ଚ ବେଳେ ଦୁର୍ଘଟଣା: ପୋଲିସ କର୍ମୀଙ୍କ ହାତ ଭାଙ୍ଗିଲା

ରାଉରକେଲା, ୩୦।୬(ସଙ୍ଗୀତା ଜେନା)

ରାଉରକେଲାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ଜିଲା ପକ୍ଷରୁ କଡା ଯାଞ୍ଚ କରାଯାଉଛି। ଏହିକ୍ରମରେ ଶନିବାର ସନ୍ଧ୍ୟାରେ ଝିରପାଣି ପୋଲିସ ପକ୍ଷରୁ ସ୍ଥାନୀୟ ବ୍ରିଜ ଉପରେ ଯାଞ୍ଚ ସମୟରେ ଏକ ଅଜଣା ସ୍କୁଟି ପୋଲିସ ବ୍ୟାରିକେଡ୍‌କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଯାଞ୍ଚ କରୁଥିବା ଝିରପାଣି ସବ୍ ଇନ୍‌ସପେକ୍ଟର ମନୋହର ପ୍ରଧାନ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତାଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ଏ ନେଇ ସମ୍ପୃକ୍ତ ଥାନାରେ ମାମଲା ରୁଜୁ ହୋଇଛି। ତେବେ ଉକ୍ତ ସ୍କୁଟିର କୌଣସି ପତ୍ତା ମିଳିପାରି ନାହିଁ। ସୂଚନାଯୋଗ୍ୟ, ଡିଆଇଜି ବ୍ରିଜେଶ ରାୟଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ଯାଞ୍ଚ କଡାକଡି କରାଯାଉଛି।

# ସାମାନ୍ୟ ବର୍ଷାରେ ବେହାଲ କଲୋନି, ବସ୍ତି ରାସ୍ତା

- ରାସ୍ତା ପୁନରୁଦ୍ଧାର, ଡ୍ରେନ୍ ସଫା ଦାବି
- ୭ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ: ଆର୍‌ଏମ୍‌ସି

ରାଉରକେଲା,୩୦।୬(ଦିନେଶ ମିଶ୍ର)



ରାଉରକେଲାର ବିଭିନ୍ନ କଲୋନୀ ଓ ବସ୍ତି ଅଞ୍ଚଳର ଡ୍ରେନ୍, ରାସ୍ତାକୁ ପୁନରୁଦ୍ଧାର କରାଯାଇନାହିଁ। ସାମାନ୍ୟ ବର୍ଷା ହେଲେ କଲୋନି ରାସ୍ତାଗୁଡ଼ିକ ପାଣି କାଦୁଅରେ ପଚପଚ ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏଭଳି ଦୃଶ୍ୟ ରାଉରକେଲା ରେଳଷ୍ଟେଶନସ୍ଥିତ ମଛଲି ବସ୍ତି ଓ ପାନପୋଷସ୍ଥିତ ଜାମିଆ କଲୋନି ଅଞ୍ଚଳର ମୁଖ୍ୟ ରାସ୍ତାରେ ଦେଖିବାକୁ ମିଳିଛି। ଜାମିଆ କଲୋନିରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହା ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ.୫ରେ ପଡ଼ିଥାଏ। ଅନ୍ୟ ୱାର୍ଡ ଭଳି ଏହି କଲୋନିର ବାସିନ୍ଦାଙ୍କ ପାଇଁ ଆରଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଡ୍ରେନେଜ୍ ବ୍ୟବସ୍ଥା ସାଙ୍ଗକୁ ରାସ୍ତାଘାଟ ନିର୍ମାଣ ଭଳି ବିଭିନ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ହେଲେ ଉକ୍ତ ବସ୍ତିଟି ଢାଲୁ ଅଞ୍ଚଳରେ ଗଢ଼ି ଉଠିଥିବାରୁ ବର୍ଷା ହେଲେ ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଏହି ବସ୍ତିରେ ପ୍ରତିବର୍ଷ ଆରଏମ୍‌ସି ପକ୍ଷରୁ ରାସ୍ତାଘାଟ ସାଙ୍ଗକୁ କଲୋନି ଭିତରେ ଥିବା ବିଭିନ୍ନ ଡ୍ରେନେଜ୍‌କୁ ସଫେଇ କରାଯାଇଥାଏ। ମାତ୍ର ଚଳିତବର୍ଷ କଲୋନି ଭିତରେ ଥିବା ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ନାଳ ସାଙ୍ଗକୁ ରାସ୍ତାଗୁଡିକ ପୁନଃ ନିର୍ମାଣ କରାଯାଇ ନାହିଁ। କଲୋନିର ମୁଖ୍ୟ ରାସ୍ତାରେ ସ୍ୱେରେଜ ଟାଙ୍କିରୁ ପାଣି ଲିକେଜ୍ ହୋଇଥିବାରୁ ଗତ ୩ ମାସ ପୂର୍ବେ ଏହି ରାସ୍ତାକୁ ଖୋଳା ଯାଇଥିଲା। ହେଲେ ତାହା ସମ୍ପୂର୍ଣ୍ଣ ପୋତା ଯାଇନାହିଁ। ଫଳରେ ବର୍ଷା ହେବାରୁ ରାସ୍ତା କାଦୁଅ ପାଣିରେ ଭାସୁଛି। ସେହିଭଳି କଲୋନିର ବହୁ ରାସ୍ତାରେ ଗର୍ତ୍ତ ଥିବାରୁ ବର୍ଷାଦିନେ ପାଣି ଜମି ମଶା, ମାଛି ବଂଶ ବିସ୍ତାର ଫଳରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏନେଇ କଲୋନିବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବସ୍ତି ଭିତରେ ଥିବା ବହୁ ଡ୍ରେନ୍‌କୁ ଆରଏମ୍‌ସି ସଫା କରି ନ ଥିବାରୁ ସାମାନ୍ୟ ବର୍ଷାହେଲେ ଡ୍ରେନ୍‌ପାଣି ରାସ୍ତା ଉପରେ ଭାସୁଛି। ସେହିଭଳି ରାଉରକେଲା ରେଲୱେ ଷ୍ଟେଶନ ନିକଟରେ ଥିବା ମଛଲି ବସ୍ତିରେ ମଧ ସମାନ ପରିସ୍ଥିତି ରହିଛି। ବର୍ଷାଦିନେ ବହୁ ଲୋକଙ୍କ ଘରେ ଡ୍ରେନେଜ ପାଣି ପଶିଥାଏ। ତେଣୁ ଉକ୍ତ ବସ୍ତିରେ ଥିବା ରାସ୍ତାଗୁଡ଼ିକୁ ପୁନରୁଦ୍ଧାର ସାଙ୍ଗକୁ ଡ୍ରେନେଜ ବ୍ୟବସ୍ଥାକୁ ସଫେଇ କରିବାକୁ ବସ୍ତିବାସୀ ଦାବି କରିଛନ୍ତି। ଏନେଇ ଆରଏମ୍‌ସି କମିଶନର ଆଶୁତୋଷ କୁଳକର୍ଣ୍ଣିଙ୍କୁ ପଚାରିବାରୁ, ବର୍ଷା ଆରମ୍ଭ ହୋଇଯାଇଛି। ତେବେ ଆରଏମ୍‌ସି ପକ୍ଷରୁ ପ୍ରଥମେ ସହରର ଯେଉଁ ତଳି ଅଞ୍ଚଳ ରହିଛି, ସେଠାରେ ଆଗାମୀ ୭ ଦିନ ଭିତରେ ଡ୍ରେନେଜ ବ୍ୟବସ୍ଥା ଓ ରାସ୍ତାକୁ ସମତୁଲ କରି ସମାଧାନ କରିବୁ ବୋଲି ମତ ପ୍ରକାଶ କରିଥିଲେ।

# ଉଦ୍‌ଯାପିତ ହେଲା ମେଡିଫେଷ୍ଟ



ଆଇଜିଏଚ କର୍ମଚାରୀ ନୃତ୍ୟ ପରିବେଷଣ କରୁଛନ୍ତି।

ରାଉରକେଲା,୩୦।୬(ବିପ୍ଳବ ରଞ୍ଜନ ଦାଶ)

ଆରଏସପିର ଆଇଜିଏଚ ହସ୍ପିଟାଲ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କ ମହୋତ୍ସବ ମେଡିଫେଷ୍ଟ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ପ୍ରଦର୍ଶନୀ ସଭାଗୃହରେ ଆୟୋଜିତ ହୋଇଥିଲା। ଏଥିରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଓ ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡ.ବି.କେ ହୋତା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ଭାବେ ଦୀପିକା ମହିଳା ସଂଘତି ଅଧ୍ୟକ୍ଷା ସୀମାଦେବ ଭୌମିକ,କର୍ପୋରେଟ ଅଫିସ ଅଭ୍ୟନ୍ତରୀଣ ଅଡିଟ ବିଭାଗ ଇଡି ମାନସ ବୋଷ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ.ଆର ସୂର୍ଯ୍ୟବଂଶୀ, ମାନବ ସମ୍ବଳ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରିଆ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ଜୟଶ୍ରୀ ହୋତା, ପ୍ରଭାତୀ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଡାକ୍ତର ଓ ଅଧିକାରୀ ସାମିଲ ଥିଲେ। ଏହି ଅବସରରେ ମୁଖ୍ୟଅତିଥି ଡାକ୍ତରଙ୍କ ଅନନ୍ୟ ପ୍ରତିଭା ପ୍ରଦର୍ଶନ କରି ଆଇଜିଏଚ ସ୍ୱାସ୍ଥ୍ୟ ବିଭାଗ ଦଳ ମଧ୍ୟରେ ଥିବା ଅନନ୍ୟ ପ୍ରତିଭାର ଭୂୟଂସୀ ପ୍ରଶଂସା କରିଥିଲେ। ପରେ ଆଇଜିଏଚ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ଶାସ୍ତ୍ରୀୟ ନୃତ୍ୟ ସହିତ ସାକ୍ସୋଫୋନ ବାଦନ ଆଦି ନୃତ୍ୟଗୀତ ପରିବେଷଣ ହୋଇଥିଲା। ଡା. ହୋତାଙ୍କୁ ସ୍ୱାସ୍ଥ୍ୟସେବା ତଥା ସାମାଜିକ ବିକାଶ କ୍ଷେତ୍ରରେ ଥିବା ଅତୁଳନୀୟ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ମହୋତ୍ସବ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡା. ଜୟନ୍ତ ଆଚାର୍ଯ୍ୟ। ଡା. ମୋନାଲିସା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଡେପୁଟି ସିଏମଓ ମହୋତ୍ସବକୁ ସଂଯୋଜନା କରିଥିଲେ।

# ଜଳବାୟୁ ପରିବର୍ତ୍ତନ ଦିଗରେ ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ




ରାଉରକେଲା,୩୦।୬(ବିପ୍ଳବ ରଞ୍ଜନ ଦାଶ)

ମହାରତ୍ନ ରୂପକ ଇସ୍ପାତ ପ୍ରସ୍ତୁତକର୍ତ୍ତା ସେଲ୍, ଲିଡରଶିପ୍ ଗ୍ରୁପ ଅର ଇଣ୍ଡଷ୍ଟ୍ରିଜ ଟ୍ରାଞ୍ଜିସନ (ଲିଡ ଆଇଟି)ର ସଦସ୍ୟତା ହାସଲ କରିଛି। ସେଲ୍ ବିଧିବଦ୍ଧ ସଦସ୍ୟତା ହାସଲ କରିଥିବା ଘୋଷଣା ସ୍ୱିଡେନ ଭିସବିରେ ଆୟୋଜିତ ଆଲମେଡାଲେନରେ ଭାରତ ସହିତ ସହଭାଗିତାରେ ହୋଇଥିଲା। ୨୦୧୯ରେ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କାର୍ଯ୍ୟକ୍ରମରେ ସ୍ୱିଡେନ ଓ ଭାରତ ସରକାରଙ୍କର ଦ୍ୱାରା ଲିଡ-ଆଇଟି ଶୁଭାରମ୍ଭ ହୋଇଥିଲା। ଲିଡ-ଆଇଟି ହେଉଛି ଦେଶ ଓ ବିଶ୍ୱ ପାରଦର୍ଶୀ କମ୍ପାନୀଗୁଡିକର ମିଳିତ ମଞ୍ଚ, ଯାହା ପ୍ୟାରିସ ଚୁକ୍ତିନାମା ଓ ନେଟ ଶୂନ୍ୟ ପରିବର୍ତ୍ତନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ। ଶିଳ୍ପ ଉଦ୍ୟୋଗୀମାନେ ୨୦୫୦ ସୁଦ୍ଧା ନେଟ ଶୂନ୍ୟ କାର୍ବନ ନିର୍ଗମନ ହାସଲ ଲକ୍ଷ୍ୟ ରଖି ନିମ୍ନ ଅଙ୍ଗାରକାମ୍ଳ ପଥରେ ଅଗ୍ରସର ହେବା ବହୁ ଜରୁରୀ ହୋଇପଡିଛି। ତେଣୁ ଲିଡ-ଆଇଟି ସଦସ୍ୟ ଏଥିପ୍ରତି ସଜାଗ ଅଛନ୍ତି। ଲିଡ୍-ଆଇଟିରେ ଏକୀକୃତ ହେବା ସେଲ୍ ପାଇଁ ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ବୈଶ୍ୱିକ ପ୍ରୟାସ ସହ ଯୋଡ଼ିଛି। ଲିଡ୍-ଆଇଟିରେ ଯୋଗ ଦେବା ଦ୍ୱାରା ସେଲ କ୍ଷେତ୍ରୀୟ ଓ ଆନ୍ତଃକ୍ଷେତ୍ରୀୟ ଶିକ୍ଷଣକୁ ପ୍ରବେଶ କରିବ, ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ମୂଲ୍ୟବାନ ଜ୍ଞାନ ହାସଲ କରିବ ଓ ଅଭିନବ ସୁଯୋଗ ପାଇଁ ସହଭାଗିତା ମଧ୍ୟ କରିବ। ଏହି ସହଭାଗିତାକୁ ସୁଦୃଢ଼ କରିବା ପାଇଁ ସ୍ୱିଡେନ ଗସ୍ତରେ ଯାଇ ସେଲ ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ବିଷୟବସ୍ତୁ ଶୀର୍ଷକ ଅଧିବେଶନରେ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠିତ ଅଧିବେଶନରେ ସେ କହିଥିଲେ, ଭାରତରେ ଶିଳ୍ପ ଭିତ୍ତିଭୂମି ବିକାଶ ପ୍ରୟାସ ବ୍ୟାପକ ହେଉଛି। ଭାରତ ଇସ୍ପାତ ଶିଳ୍ପ ନିମନ୍ତେ ଭିତ୍ତିଭୂମି ସଦୃଢ଼ତା ନିମିତ୍ତ ତୃଣମୂଳ ସ୍ତରରେ ଜଳବାୟୁ ପରିବର୍ତ୍ତନର ମହତ୍ତ୍ୱ ଏବଂ ସୁରକ୍ଷା ଉପରେ ହୃଦୟଙ୍ଗମ କରି ବିଶ୍ୱ ହିତରେ ଉପଯୋଗ କରିବା ମଧ୍ୟ ନିହାତି ଆବଶ୍ୟକ। ତେଣୁ ଆମେ ଲିଡ୍-ଆଇଟିକୁ ଏକ ଉତ୍ତମ ମଞ୍ଚ ରୂପେ ବିବେଚନା କରୁ। ଯେଉଁଠାରେ ଉଭୟ ସରକାର ଏବଂ ଶିଳ୍ପଜଗତ ଏକତ୍ର ହୋଇ ଆପୋସ ଧାରଣା ସହଭାଗ କରି ବୈଚାରିକ ଚିନ୍ତାଧାରା ସୃଷ୍ଟି କରିବା ସହ ଜଳବାୟୁ ପରିବର୍ତ୍ତନ ସମସ୍ୟା ସମାଧାନ ନିମିତ ବହୁ ଉପଯୋଗୀ ନବସୃଜନ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ।

### ମଧ୍ୟାହ୍ନଭୋଜନ ଚାଉଳ ଚୋରା ଚାଲାଣ

**ଜବତ ଦାବିକଲେ ଭାଜପା ନେତା**

ରାଉରକେଲା,୩୦।୬(ସଙ୍ଗୀତା ଜେନା)

ରାଉରକେଲା ସ୍ଥିତ ରାଇସ୍ ରିସିଭିଂ ସେଣ୍ଟର(ଆରଆରସି)ରୁ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଆଙ୍ଗନୱାଡି କେନ୍ଦ୍ର ପାଇଁ ଶନିବାର ଏକ ଟ୍ରକରେ ପ୍ରାୟ ୩୪୦ ବୋରା ଚାଉଳ ଯିବାର ଥିଲା। ହେଲେ ଏହା ଠିକଣା ଯାଗାକୁ ନ ଯାଇ ବେଲଡିହି କିମ୍ବା ରାଜଗାଙ୍ଗପୁରରେ ଥିବା ରାଇସ୍ ମିଲ୍‌ରେ ବିକ୍ରି କରିବା ଯୋଜନା କରାଯାଇଥିଲା। ଏ ସମ୍ପର୍କରେ ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତିଅବଗତ ହେବା ପରେ ମାମଲାର ଖୋଳତାଡ କରିଥିଲେ। ସମ୍ପୂର୍ଣ୍ଣ ମାମଲା ପାନପୋଷ ଉପଜିଲାପାଳଙ୍କୁ ଜଣାଇ ଉକ୍ତ ଚାଉଳ ଭର୍ତ୍ତି ଟ୍ରକକୁ ଜବତ କରିବାକୁ ଦାବି କରିଥିଲେ। ଏ ସମ୍ପର୍କରେ ସେନାପତି କହିଛନ୍ତି, ଦିନ ସମୟରେ ଚାଉଳ ଯୋଗାଣ କରା ନ ଯାଇ ରାତିରେ ଯିବା ପଛରେ ରହସ୍ୟ କ'ଣ ରହିଛି। ରାଉରକେଲାର ଜଣେ ଡିଲରଙ୍କ ସମ୍ପୃକ୍ତି ପ୍ରତ୍ୟକ୍ଷ ଭାବେ ଏଥିରେ ରହିଛି। ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ଗନ୍ଧ ବାରି ହୋଇପଡୁଛି। ସୁନ୍ଦରଗଡ଼ ଜିଲାରେ ଲକ୍ଷ ଲକ୍ଷ ଟଙ୍କାର ଚାଉଳ ଅନିୟମିତତା ହେଉଥିବା ବେଳେ ଏହାର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ଜରୁରୀ ବୋଲି ସେନାପତି କହିଛନ୍ତି। ଏ ସମ୍ପର୍କରେ ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କୁ ନଂ. ୯୪୩୭୬୯୨୩୨ରେ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ଉତ୍ତର ମିଳି ନ ଥିଲା।

# ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ




ଜଣେ ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା,୩୦।୬ (ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ରିମ୍ସ ଅଡିଟୋରିୟମ୍ କକ୍ଷରେ ୟୁଥ ମୁଭ୍‌ମେଣ୍ଟ ଫେଡେରେଶନ୍ ଅଫ୍ ଇଣ୍ଡିଆ ଓ ୟୁନିଟେକ୍‌ର ମିଳିତ ଆନୁକୂଲ୍ୟରେ ଚଳିତବର୍ଷ ବିଭିନ୍ନ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଶିଳ୍ପପତି ତଥା ଲେଖକ ଇଞ୍ଜିନିୟର ରାଜେନ୍ଦ୍ର ପ୍ରସାଦ ଗୁପ୍ତା ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଧାବୀ ବିଦ୍ୟାର୍ଥୀଙ୍କୁ ଛାତ୍ର ଜୀବନର ଲକ୍ଷ୍ୟ ଓ ଦେଶପାଇଁ କିଭଳି ଟେକ ରଖିବାକୁ ହେବ ସେନେଇ ପରାମର୍ଶ ଦେଇଥିଲେ। ୟୁନିଟେକ୍‌ର ଚେୟାରମ୍ୟାନ ନରେଶ ଆରିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ମେଧାବୀ ଛାତ୍ରମାନେ ଜଣେ ଜଣେ ଦେଶ ପ୍ରଗତିର ମୁଖ୍ୟ ଆଧାର ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ କମଲ ଅଗ୍ରୱାଲ ଓ ୟୁନିଟେକ୍‌ର ନିର୍ଦ୍ଦେଶକ ହର୍ଷ ଆରିଆ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ୱାଇଏମ୍‌ଏଫ୍‌ଆଇର ଚେୟାରମ୍ୟାନ ଇଞ୍ଜିନିୟର ନଳିନୀ କାନ୍ତ ଧର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ସିବିଏସ୍‌ସି, ଆଇସିଏସି ଓ ଓଡ଼ିଶା ବୋର୍ଡରୁ ଉତ୍ତୀର୍ଣ୍ଣ ହୋଇଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ସାମାଜିକ କର୍ମୀ ସୁବାସ ବାପୁଡିଆଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିକ୍ଷାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ବିଦ୍ୟାର୍ଥୀମାନେ ତାଙ୍କର ସଫଳତା କାହାଣୀ ଓ ଆଗାମୀ ଜୀବନର ଲକ୍ଷ୍ୟ ଉପରେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅମିତାଭ ମିତ୍ର ସଂଯୋଜନା କରିଥିବାବେଳେ ଆଶା ଆରିୟା, ଅନିତା ଅଗ୍ରୱାଲ, ଅକ୍ଷୟ ଧଳ, ଅମର ବର୍ମା, କୁନିଆ ବାରିକ, ଗ୍ରେସୀ ଡାଭିଡ, ପ୍ରିୟଙ୍କା ଠାକୁର, ରଶ୍ମିତା, ମୀରା, ଜୁହି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ୱାଇଏମ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଲିଟିଲ ଚ୍ୟାମ୍ପ ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା,୩୦।୬(ଦିନେଶ ମିଶ୍ର)

ସେକ୍ଟର-୧୪ ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ ପରିସରରେ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଅନ୍ୱେଷା ପକ୍ଷରୁ ପ୍ରତିଷ୍ଠାତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଲିଟିଲ ଚ୍ୟାମ୍ପ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ୨ ଦିନିଆ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କମଲ ଅଗ୍ରୱାଲ ଓ ଅନିତା ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା ସମୟରେ ବିଭିନ୍ନ ଛାତ୍ରୀଛାତ୍ରଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ହିଁ ଏହି ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ ବୋଲି ପ୍ରତିଷ୍ଠାତା ପଣ୍ଡା ମତ ପ୍ରକାଶ କରିଥିଲେ। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲାର ୬୦ଟି ବିଦ୍ୟାଳୟରୁ ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍, ଡିବେଟ୍, ରାଇମ୍ସ, ଫ୍ୟାନ୍ସି ଡ୍ରେସ୍, ହସ୍ତାକ୍ଷର, ମଡେଲିଙ୍ଗ, ନୃତ୍ୟ ଓ ବାଦ୍ୟଯନ୍ତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ମଞ୍ଜୁଶ୍ରୀ ମୁଖାର୍ଜୀ, ସସ୍ମିତା ନାସ୍କର, ପିନାକ୍ଷୀ ବୋଷ, ଦେବେନ୍ଦ୍ର ରଣା, ଇନ୍ଦିରା ପଣ୍ଡା, ଗ୍ରେସୀ ଡେଭିଡ୍, ସୁମିତ ରାଜପୁତ, ପୁଷ୍ପା ମିଶ୍ର, ଅଜୟ ତାଣ୍ଡି, ସୁରଜ ବିନ୍ଧାଣୀ, ପ୍ରିୟଙ୍କା ପାଣି, ଡି.ପୂଜା, ଇନ୍ଦ୍ରନିଲ ସରକାର, ଇ.ଚୈତନ୍ୟ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀଙ୍କ ଦକ୍ଷତାକୁ ମୂଲ୍ୟାଙ୍କନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି କଳ୍ପନା ଶତପଥୀ, ଦିବାକର ଦାଶ, ପ୍ରଶାନ୍ତ ପାତ୍ର, ଚନ୍ଦ୍ରଶେଖର ଶତପଥୀ, ରଶ୍ମିତା ପଣ୍ଡା, ରୋବର୍ଟ ହାଇଫିଲ, ନିବେଦିତା ହଲଦର, ରଞ୍ଜନ ସାହୁ, ଚାରୁଲତା ସାମଲ, ଶେଷଲିନା ସାମଲ, ରବିନ୍ଦ୍ର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅଗଷ୍ଟ ୧୮ରେ ଅନୁଷ୍ଠାନର ୧୧ତମ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଉପସଭାପତି ରଶ୍ମିତା ପଣ୍ଡା ସୂଚନା ଦେଇଛନ୍ତି।




ଅତିଥିଙ୍କ ଗହଣରେ ଲିଟିଲ ଚ୍ୟାମ୍ପ।

### ଟ୍ରେଲର ପଛରୁ ଧକ୍କା ଦେଲା ବାଇକ୍: ଚାଳିକା ଗୁରୁତର

କୁଆଁରମୁଣ୍ଡା,୩୦।୬(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ୧୪୩ ନଂ.ଜାତୀୟ ରାଜପଥର ଲାସେ ନିକଟରେ ରବିବାର ପୂର୍ବାହ୍ନରେ ଛିଡ଼ା ହୋଇଥିବା ଏକ ଟ୍ରେଲର( ଓଡି୧୪ଇ ୧୨୫୬)କୁ ପଛ ପଟୁ ଏକ ବାଇକ୍ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଚାଳିକା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। ସେ ହେଲେ ବୀରମିତ୍ରପୁର ଅଞ୍ଚଳର ଦିପାଳି ସିଂ। ଖବର ଲେଖା ହେବା ସୁଦ୍ଧା (ରାତି ୯ଟା) ବୀରମିତ୍ରପୁର ଥାନାରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଥାନାଧିକାରୀ ବନ୍ଦନା ପାତ୍ର ସୂଚନା ଦେଇଛନ୍ତି।

# ଷ୍ଟେଶନରେ କାମଦେଉନି ଏସ୍କାଲେଟର, ଲିଫ୍ଟ

**ସମସ୍ୟା ଭୋଗୁଛନ୍ତି ଯାତ୍ରୀ**

ରାଉରକେଲା,୩୦।୬
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ରେଳ ଷ୍ଟେଶନରେ ଆନୁଷଙ୍ଗିକ ସମସ୍ୟାର ସମାଧାନ ହେଉନି। ଫଳରେ ଷ୍ଟେଶନକୁ ଆସୁଥିବା ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଷ୍ଟେଶନର ସମୁଦାୟ ୩ଟିଯାକ ପ୍ଲାଟଫର୍ମର ଏସ୍କାଲେଟର ଏବଂ ଲିଫ୍ଟ ଅଚଳ ହୋଇପଡିଛି। ବାଧ୍ୟ ହୋଇ ଯାତ୍ରୀମାନେ ପାହାଚ ଚଢ଼ି ପ୍ଲାଟଫର୍ମକୁ ଯାଉଛନ୍ତି। ବିଶେଷକରି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ମହିଳାମାନେ ଅସୁବିଧା ଭୋଗୁଛନ୍ତି। ଭାରତୀୟ ରେଳ ବିଭାଗର ଦକ୍ଷିଣ-ପୂର୍ବ ରେଳପଥ ଅଧୀନ ରାଉରକେଲା ରେଲୱେ ଷ୍ଟେଶନ ଏକ ପ୍ରମୁଖ ରେଳ ଷ୍ଟେଶନ। ଏହି ଷ୍ଟେଶନରେ ଦୈନିକ ୫୫ଟି ଟ୍ରେନ ଅଟକିଥାଏ। ଦୈନିକ ହଜାର ହଜାର ଯାତ୍ରୀ ଏଠାକୁ ଆସିଥା'ନ୍ତି। ହେଲେ ଷ୍ଟେଶନର ଏଭଳି ସମସ୍ୟାକୁ ନେଇ ଯାତ୍ରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ରାଉରକେଲା ରେଲୱେ ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାଶଙ୍କୁ ପଚାରିବାରୁ, ଷ୍ଟେଶନର ସମୁଦାୟ ୩ଟି ଯାକ ଲିଫ୍ଟ ଅଚଳ ହୋଇଯାଇଛି। ବିଦ୍ୟୁତଜନିତ ସମସ୍ୟା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଖୁବ୍‌ଶୀଘ୍ର ଏହାର ମରାମତି କରାଯିବ ବୋଲି ସେ କହିଛନ୍ତି।



ଅଚଳ ହୋଇ ପଡିଥିବା ଏସ୍କାଲେଟର।

# ରାଉରକେଲାରେ ହ୍ରାସ ପାଉଛି ଦୁଗ୍ଧ ଉତ୍ପାଦନ

ରାଉରକେଲା,୩୦।୬
(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଦୁଗ୍ଧ ଉତ୍ପାଦନର ମାତ୍ରା ହ୍ରାସ ପାଉଥିବା ବେଳେ ଗୋରୁ ସଂଖ୍ୟା ଓ ଗୋ-ଚାଷୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଆଗରୁ ଦୈନିକ ୩୦ ହଜାର ଲିଟରରୁ ଅଧିକ ଦୁଗ୍ଧ ଉତ୍ପାଦିତ ହେଉଥିବା ବେଳେ ବର୍ତ୍ତମାନ ୧୨ ହଜାର ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବା ରାଉରକେଲା ପ୍ରାଣୀଧନ ବିଭାଗ ପକ୍ଷରୁ ଜଣାପଡ଼ିଛି। ସହରରେ ଗୋରୁଙ୍କ ସଂଖ୍ୟା ହ୍ରାସ ପାଇବା ପଛରେ ପ୍ରଶାସନିକ ଉଦାସୀନତା, ବେଆଇନ ଗୋ-ଚାଲାଣ ଓ ମାନବିକତା ଅଭାବ ବୋଲି ସହରର ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ରାଉରକେଲା ହକି ବିଶ୍ୱକପ୍ ପୂର୍ବରୁ ସହରର ବିଭିନ୍ନ ରାଜରାସ୍ତାରୁ ବୁଲା ଗୋରୁଙ୍କୁ ଉଦ୍ଧାର କରାଯାଇ ସେକ୍ଟର-୧୪ସ୍ଥିତ ୩ ଏକର ବିଶିଷ୍ଟ ଜମିରେ ନିର୍ମିତ ନିରୋଧଶାଳା କେନ୍ଦ୍ରରେ ରଖାଗଲା। ମାତ୍ର ବିଡ଼ମ୍ବନାର ବିଷୟ, ହକି ବିଶ୍ୱକପ୍ ପରେ ନିରୋଧଶାଳାରେ ଥଇଥାନ ଗୋରୁ ଉଭାନ ହୋଇଗଲେ। ସେହିଭଳି ପ୍ରତିଦିନ ବିଳମ୍ବିତ ରାତିରେ ଦାଣ୍ଡିଆପାଲି, ଗର୍ଜନ, ଡୁମରନ, ବୀରକେରା, କଲୁଙ୍ଗା, ବେଦବ୍ୟାସ ଏବଂ ଗୁରୁଣ୍ଡିଆ ଆଦି ଅଞ୍ଚଳରୁ ବିଭିନ୍ନ ସ୍ଥାନକୁ ବେଆଇନ ଗୋ-ଚାଲାଣ ହେଉଛି। ହେଲେ ଆଶ୍ଚର୍ଯ୍ୟ କଥା, ଗୋଟିଏ ବର୍ଷ ମଧ୍ୟରେ ଜଣେ ମଧ ଗୋ-ଚାଲାଣକାରୀ ଧରିବାରେ ସଫଳ ହୋଇନି ପୋଲିସ। କେବଳ ଗୋରୁ ଉଦ୍ଧାର କରି ଗାଡ଼ି ଜବତ କରି କାମ ସାରି ଦେଉଛି ପୋଲିସ। ଗୋରୁବୋଝେଇ ଗାଡ଼ି କେଉଁଠୁ ଆସିଲା, କେଉଁ ସ୍ଥାନକୁ ଚାଲାଣ ହେଉଥିଲା ଏସବୁ ବିଷୟ ରହସ୍ୟ ହୋଇ ରହିଯାଉଛି। ଏନେଇ ରାଉରକେଲା ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ କୁମାର ରାୟଙ୍କୁ ପଚାରିବାରୁ, ଗୋସମ୍ପଦଜନିତ ଅନୈତିକ କାର୍ଯ୍ୟକଳାପ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ହେବ। ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଏନେଇ ରାଉରକେଲା ପ୍ରାଣୀଧନ ବିଭାଗୀୟ ଅଧିକାରୀ ପ୍ରସନ୍ନ କୁମାର ମହାରଣାଙ୍କୁ ପଚାରିବାରୁ, ଗୋରୁସଂଖ୍ୟା ହ୍ରାସ ପଛରେ ଏକଦା ପ୍ରଶାସନିକ ଅବହେଳା ଦାୟୀ ନୁହେଁ। ମାନବିକତାର ଅବହଳା ଏଥିପାଇଁ ଦାୟୀ ବୋଲି ସେ କହିଥିଲେ ।

# ଝାଡ଼ୁଆପଡ଼ା ଜଗନ୍ନାଥ ମନ୍ଦିରରେ ଦଶମୂଳ ଔଷଧି ପ୍ରସ୍ତୁତ



ରବିବାର ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ମନ୍ଦିରରେ ଦଶମୂଳ ଔଷଧ ପ୍ରସ୍ତୁତ କରାଯାଇଛି ।



ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ନିମନ୍ତେ ପ୍ରସ୍ତୁତ ହୋଇଥିବା ଦଶମୂଳ ଔଷଧ ।

ସମ୍ବଲପୁର,୩୦।୬(ବି.ଶଙ୍କର)

ଆଷାଢ଼ କୃଷ୍ଣପକ୍ଷ ନବମୀ ତିଥିରେ ସମ୍ବଲପୁର ଝାଡୁଆପଡା ଜଗନ୍ନାଥ ମନ୍ଦିରରେ ପରମ୍ପରା ଓ ରୀତିନୀତି ଅନୁସାରେ ରବିବାର ଅପରାହ୍ଣରେ ଦଶମୂଳ ଔଷଧି ପ୍ରସ୍ତୁତ ହୋଇଛି । ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ଦଶମୂଳ ପ୍ରସ୍ତୁତି ସକାଶେ ଆବଶ୍ୟକ ସମାଗ୍ରୀ ସ୍ୱଚ୍ଛ ପାତ୍ରରେ ଏକତ୍ରିତ କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ସେବାୟତମାନଙ୍କ ଦ୍ୱାରା ଦଶମୂଳ ଔଷଧି ପ୍ରସ୍ତୁତ କରାଯାଇଥିଲା । ଦଶମୂଳ ଔଷଧିରେ କୃଷ୍ଣପର୍ଣ୍ଣି, ଅକରାନ୍ତି, ଲହବାଙ୍କୁଡି, ବେଲ, ଫଣଫଣା, ଗମ୍ଭାରୀ, ପାଟଳୀ, ଅଗିବଥୁ, ଶାଳପର୍ଣ୍ଣି, ଗୋଖର ଗଛର ମୂଳକୁ ସମପରିମାଣରେ ଚୂର୍ଣ୍ଣ କରାଯାଇଥିଲା । ଏହାପରେ ଗାଈ ଘିଅ, ମହୁ, କର୍ପୁର, ଇଲାଚି ଓ ଗୁଡ ମିଶ୍ରଣ ହୋଇଥିଲା । ଏହି ସମସ୍ତ ମିଶ୍ରଣକୁ ଗୋଲାକାର ଭାବେ ଦଶମୂଳ ଔଷଧି ପ୍ରସ୍ତୁତ ହୋଇଥିଲା । ଆଷାଢ଼ କୃଷ୍ଣପକ୍ଷ ଦଶମୀ ତିଥି ତଥା

## ଆଜି ବ୍ରହ୍ମପୁରା ଠାକୁରଙ୍କଠାରେ ଦଶମୂଳ ନୀତି

ସୋମବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଅନ୍ନଭୋଗ ନୀତି ଶେଷ ପରେ ଚତୁର୍ଦ୍ଧା ଠାକୁରଙ୍କୁ ଏହି ଔଷଧ ଅର୍ପଣ କରିବା କାର୍ଯ୍ୟକ୍ରମ ରହିଛି । ନିୟମାନୁସାରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଠାକୁରଙ୍କୁ ଯଥାକ୍ରମେ ୩୫, ୩୨, ୨୩ ଓ ୧୮ଟି ଗୋଲି ଦିଆଯାଇଥାଏ ବୋଲି ପୂଜକ ପଣ୍ଡା କହିଛନ୍ତି । ସୂଚନାଯୋଗ୍ୟ ଯେ, ସ୍ନାନବେଦୀରେ ଠାକୁରଙ୍କୁ ସ୍ନାନ କଲାପରେ ଗଜାନନ ବେଶରେ ଭକ୍ତଙ୍କୁ ତିନି ଠାକୁର ଦର୍ଶନ ଦେଇଥିଲେ । ଏହାପରେ ଅଣସର ଘରକୁ ଯାଇଥାନ୍ତି । ସ୍ନାନ ନୀତି ପରେ ଠାକୁରଙ୍କୁ ଜ୍ୱର ହୋଇଥାଏ । ସେଥିପାଇଁ ବୈଦ୍ୟଙ୍କ ପରାମର୍ଶ କ୍ରମେ ପରମ୍ପରା ଓ ରୀତିନୀତି ସହ ଦଶମୂଳ ଔଷଧ ପ୍ରସ୍ତୁତ ହୋଇଥାଏ । ସମ୍ବଲପୁର ସହର ସ୍ଥିତ ଐତିହାସିକ ବ୍ରହ୍ମପୁରା ଠାକୁରଙ୍କଠାରେ ଦଶମୂଳ ଔଷଧ ଅର୍ପଣ ହେବା ପରେ ସମ୍ବଲପୁର ସମେତ ଗ୍ରାମାଞ୍ଚଳର ଜନସାଧାରଣ ଦଶମୂଳ ପ୍ରସାଦ ପାଇବାକୁ ଆସୁଥିବା ପରମ୍ପରା ରହିଛି । ଭକ୍ତମାନେ ବନୌଷଧିକୁ ପ୍ରସାଦଭାବେ ଗ୍ରହଣ କରି ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ମିଳୁ ଥିବା ବିଶ୍ୱାସ ରହିଛି । ମନ୍ଦିର ସହଯୋଗୀ ସର୍ବେଶ ପୂଜାହାରୀ, ସେବାୟତ ମିନାକ୍ଷୀ ପୂଜାରୀ, ମାଧୁରୀ ମିଶ୍ର, ମମତା ଦାଶ, ଅମ୍ବାଳିକା ପଣ୍ଡା ଔଷଧ ପ୍ରସ୍ତୁତ କରିଥିଲେ ।

# ବଳାତ୍କାର, ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

କୁଚିଣ୍ଡା,୩୦।୬(ବିରଞ୍ଚି ଦର୍ଙ୍କା)

୨୦୧୯ ମସିହାର ଏକ ବଳାତ୍କାର ଏବଂ ହତ୍ୟା ମାମଲାର ବିଚାର କରି କୁଚିଣ୍ଡା ଅତିରିକ୍ତ ଜିଲା ଦୌରାଜଜ ରାଜକିଶୋର ଲେଙ୍କା ଶନିବାର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ୮ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ବଳାତ୍କାର ଓ ହତ୍ୟା ଅଭିଯୁକ୍ତ ଜଣକ ହେଲେ ସମ୍ବଲପୁର ଜିଲା ମହୁଲପାଲି ଥାନା କୁସୁମୀ ପଞ୍ଚାୟତ ଅନ୍ତର୍ଗତ ପଣ୍ଡିଆଡିପା ଗ୍ରାମର ଜଗଦୀଶ ବାଦୀ ।

ସୂଚନା ଅନୁଯାୟୀ,୨୦୧୯ ଜୁଲାଇ ୧୮ତାରିଖ ସନ୍ଧ୍ୟାରେ ମହୁଲପାଲି ଥାନା ପଣ୍ଡିଆଡିପା ଗ୍ରାମର ଜଣେ ଦଳିତ ମହିଳାଙ୍କ ଘରକୁ ମଦ ନେଇ ଉକ୍ତ ଗ୍ରାମର ଦଗଦୀଶ ବାଦୀ(୪୦) ଯାଇଥିଲେ । ଉଭୟେ ମଦ୍ୟପାନ କରିବା ପରେ ମହିଳାଙ୍କୁ ସେ ପ୍ରେମ ନିବେଦନ କରିଥିଲେ । ମାତ୍ର ସେ ଏହାକୁ ବିରୋଧ କରିବାରୁ ଜଗଦୀଶ ତାଙ୍କୁ ବଳପୂର୍ବକ ବଳାତ୍କାର କରିବା ପରେ ଫେରାର ହୋଇଯାଇଥିଲେ । ନିଶାସକ୍ତ ଅବସ୍ଥାରେ ବୃଦ୍ଧା ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖି ପଡୋଶୀମାନେ ତାଙ୍କୁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ । ଚେତା ଫେରିବାରୁ ଘଟଣା ସମ୍ପର୍କରେ ସେ ପୋଲିସ ଆଗରେ ସବୁକଥା କହିଥିଲେ । ମହୁଲପାଲି ଥାନାରେ ଏକ ମାମଲା(ନଂ.୧୦୩/୧୯) ରୁଜୁ କରି ପୋଲିସ ଜଗଦୀଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ପୀଡିତାଙ୍କୁ କୁଚିଣ୍ଡାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା । ଏହି ମାମଲାରେ ୧୫ଜଣଙ୍କ ସାକ୍ଷ୍ୟ ଓ ଜୀବିତ ଅବସ୍ଥାରେ ବୃଦ୍ଧାଙ୍କ ବୟାନ ଆଧାରରେ ଅଦାଲତ ଦୀର୍ଘ ୫ବର୍ଷ ପରେ ରାୟ ଶୁଣାଇଛନ୍ତି । ମାମଲାକୁ ଅତିରିକ୍ତ ସରକାରୀ ଓକିଲ ରବିନ୍ଦ୍ର କୁମାର ନାୟକ ପରିଚାଳନା କରୁଥିଲେ ।

# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ସହ ଅବସର ନେଇଥିବା ରୁଦ୍ରପ୍ରସାଦ ସାହୁ ।

ପଡିଆବାହାଲ,୩୦।୬(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ଝୁଜୁମୁରା ବ୍ଲକ ନୂଆମୁଣ୍ଡା ସରକାରୀ ପ୍ରାଥମିକ ସ୍କୁଲ ଶିକ୍ଷକ ରୁଦ୍ରପ୍ରସାଦ ସାହୁଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ସ୍କୁଲରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ୧୯୯୭ ନଭେମ୍ବର ୨୪ରେ ନାକଟୀଦେଉଳ ବ୍ଲକ କିସିଣ୍ଡା ପ୍ରଥମିକ ବିଦ୍ୟାଳୟରୁ କର୍ମମୟ ଜୀବନ ଆରମ୍ଭ କରିଥିବା ରୁଦ୍ରପ୍ରସାଦ ଝୁଜୁମୁରା ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିଥିଲେ । ନୂଆମୁଣ୍ଡା ସ୍କୁଲ ସଭାପତି ପ୍ରମୋଦ ମିର୍ଦ୍ଧାଙ୍କ ସଭାପତିତ୍ୱ ଓ ଅକ୍ଷୟ କୁମାର ପରିମାଣିକଙ୍କ ପରିଚାଳନାରେ ସିଆରସିସି ଅରୁଣ ସାମଲ ଓ କ୍ଲଷ୍ଟର ସ୍ତରୀୟ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, ଶିକ୍ଷା କମିଟି, ଗ୍ରାମବାସୀଙ୍କ ଉପସ୍ଥିତିରେ ରୁଦ୍ର ପ୍ରସାଦଙ୍କ ଶିକ୍ଷକତାର ସୁଗୁଣର ରୋମାନ୍ଥନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜକୁମାର ମାଝୀ, ମିନା ମିର୍ଦ୍ଧା, ଇନ୍ଦ୍ର ପଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

## ସଂକ୍ଷେପରେ

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ପଡିଆବାହାଲ,୩୦।୬(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ଝୁଜୁମୁରା ବ୍ଲକ ବାହାମ ପଞ୍ଚାୟତର କାର୍ଯ୍ୟରତ ପଞ୍ଚାୟତ ଉନ୍ନୟନ ଅଧିକାରୀ ହୃଷୀକେଶ ବର୍ଗତ୍ତଙ୍କ ଚାକିରୀ କାର୍ଯ୍ୟକାଳ ରବିବାର ସମାପ୍ତ ହୋଇଯାଇଛି । ଏହି ଅବସରରେ ଖଲିଆପାଲି ଆମ୍ବେଦକର ସେବାଶ୍ରମଠାରେ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗରଙ୍କ ସଭାପତିତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବର୍ଗତ୍ତଙ୍କ ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟ ପରାୟଣତା ପାଇଁ ଉପସ୍ଥିତ ସଭ୍ୟମାନେ ପ୍ରଶଂସା କରିଥିଲେ । ପ୍ରତ୍ୟୁତ୍ତରରେ ବର୍ଗତ୍ତି ସରପଞ୍ଚ, ୱାର୍ଡସଭ୍ୟ ତଥା ଅଧିକାରୀମାନଙ୍କ ସହଯୋଗ ମନୋବୃତ୍ତି ହି ତାଙ୍କୁ କାର୍ଯ୍ୟ ସମ୍ପାଦନରେ ଉତ୍ସାହ ପ୍ରଦାନ କରିଥିବା କହିଥିଲେ । ସଭାରେ ୱାର୍ଡସଭ୍ୟାସଭ୍ୟ, ଏଡିଇଓ ଶିବାନୀ ସୁନାନୀ ଓ ପଞ୍ଚାୟତ କର୍ମୀମାନେ ଉପସ୍ଥିତ ଥିଲେ ।

### ସମ୍ବଲପୁର କଚେରୀ ନିକଟରେ ହେବ ଫୁଡ୍ ଷ୍ଟଲ

ସମ୍ବଲପୁର,୩୦।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହରର ରାସ୍ତା ଘାଟରେ ଅବ୍ୟବସ୍ଥିତ ଖାଦ୍ୟ ଠେଲାଗୁଡିକୁ ବ୍ୟବସ୍ଥିତ କରିବାକୁ ସମ୍ବଲପୁର ମହାନଗର ନିଗମ ଯୋଜନା କରୁଛି । ସହରର ବିଭିନ୍ନ ରାସ୍ତାକଡ଼ରେ ଠେଲା ଲଗାଇ ଉଠାଦୋକାନୀମାନେ ବିଭିନ୍ନ ଖାଦ୍ୟପେୟ ବିକ୍ରୀ କରୁଥିବା ଯୋଗୁ ନାନା ରକମର ସମସ୍ୟା ଦେଖିବାକୁ ମିଳୁଛି । ଲୋକଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ଦେଖିବାକୁ ମିଳିଥାଏ । ଅନ୍ୟପକ୍ଷରେ ରାସ୍ତାରେ ଗାଡ଼ି ପାର୍କି ଯୋଗୁ ଟ୍ରାଫିକ ସମସ୍ୟା ଦେଖା ଦେଉଛି । ଆବର୍ଜନା ଏଣେତେଣେ ପଡ଼ି ସ୍ୱଚ୍ଛତା ପ୍ରତି ବିପଦ ସୃଷ୍ଟି ହେଉଛି । ସମସ୍ୟାର ସମାଧାନ ପାଇଁ ମହାନଗର ନିଗମ ପକ୍ଷରୁ ଅଭିନବ ଯୋଜନା କରାଯାଉଛି । ସହରର କେତେକ ସ୍ଥାନ ଚିହ୍ନଟ କରାଯାଇ ସେଠାରେ ଖାଦ୍ୟ ପସରା ରଖିବା ବ୍ୟବସ୍ଥା ଯୋଜନା କରାଯାଉଛି । ସେଠାରେ ଲୋକଙ୍କ ବସିବା ପାଇଁ ସିମେଣ୍ଟ ଚୌକିର ବ୍ୟବସ୍ଥା କରାଯିବ । ଲୋକେ ଖୋଲା ସ୍ଥାନରେ ବସି ଖାଦ୍ୟର ମଜା ନେବେ । ଏଥିରେ ଷ୍ଟ୍ରିଟ୍ ଫୁଡ୍ ଷ୍ଟଲ୍‌ମାନେ ସ୍ଥାନ ପାଇବେ । ଦୋକାନ ସହ ଗ୍ରାହକଙ୍କ ପାଇଁ ଖାଇବା ଠାରୁ ଆରମ୍ଭ କରି ପାର୍କି ବ୍ୟବସ୍ଥା ହେବ । ଗୋଟିଏ ସ୍ଥାନରେ ସବୁ ପ୍ରକାରର ଖାଦ୍ୟ ଦୋକାନ ଉପଲବ୍ଧ ରହିବ । ଫଳରେ ରାସ୍ତା କଡ଼ରେ ଅଧିକ ଭିଡ଼ ଜମିବ ନାହିଁ । ଏନେଇ ସ୍ଥାନ ଚିହ୍ନଟ ସହ ସଂପୃକ୍ତ ସ୍ଥାନରେ ସୁବିଧା ଏବଂ ଅସୁବିଧା ଉପରେ ସମୀକ୍ଷା କରାଯାଉଥିବା ମହାନଗର ନଗମ କମିଶନର ବେଦଭୂଷଣ କହିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ କଚେରୀ ନିକଟ ବିନାଖଣ୍ଡୀ ରାସ୍ତାରେ ଏଭଳି ଖାଦ୍ୟଷ୍ଟଲ ପାଇଁ ଯୋଜନା କରାଯାଉ ଥିବା ନେଇ ସେ ସୂଚନା ଦେଇଛନ୍ତି ।

# ଜଣ୍ଡିସ୍ ସଚେତନତା କାର୍ଯ୍ୟକ୍ରମ




ଜିଏମ୍‌ୟୁ ଏନ୍‌ଏସ୍‌ଏସ୍ ପକ୍ଷରୁ ଜଣ୍ଡିସ୍ ଆକ୍ରାନ୍ତ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଉଛି ।

ସମ୍ବଲପୁର, ୩୦।୬(ପ୍ରମୋଦ ବହିଦାର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ଯୋଜନ(ଏନ୍‌ଏସ୍‌ଏସ୍) ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଜଣ୍ଡିସ୍ ରୋଗର ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଏମ୍‌ୟୁ ପରିସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ରାଣୀ ମିଶ୍ର ଓ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାସଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ଅତୁଲ କୁମାର ପ୍ରଧାନ, ଡା. ନୀନା ଦାସ ଓ ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଜ୍ଞାନ ରଞ୍ଜନ ମହାନ୍ତ, ଆଇଡିପିଏସ୍ ଡାଟା ପ୍ରବନ୍ଧକ ଡା. ସନତ କୁମାର ବେହେରାଙ୍କ ସହିତ ଏନ୍‌ଏସ୍‌ଏର ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଜ୍ଞାନ ରଞ୍ଜନ ମହାନ୍ତି ଏଥିରେ ଉପସ୍ଥିତ ସମସ୍ତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ(ଛାତ୍ରୀଛାତ୍ର)ଙ୍କୁ ଜଣ୍ଡିସ୍ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଅବଗତ କରିଥିଲେ । ସଂଯୋଜକ ଡ. ପ୍ରଧାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଜନସେଚତନେତା ତଥା ଜନସେଚତନା ଦ୍ୱାରା କିପରି ଜଣ୍ଡିସ୍ ରୋଗକୁ ପ୍ରତିହତ କରା ଯାଇପାରିବ ସେ ନେଇ ଆଲୋଚନା କରିଥିଲେ । ଡ. ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ସ୍ୱେଚ୍ଛାସେବୀ ସମ୍ବଲପୁରର ମହାନଗର ଅନ୍ତର୍ଗତ କୁମ୍ଭାରପଡ଼ା, ଦଳେଇପଡ଼ା ଆଦି ସଂକ୍ରମିତ ଅଞ୍ଚଳକୁ ଯାଇ ଲୋକମାନଙ୍କ ମଧ୍ୟରେ ଜଣ୍ଡିସ୍ ରୋଗର କାରଣ, ନିରାକରଣ ତଥା ସ୍ୱଚ୍ଛତାକୁ ନେଇ ସଚେତନତା ଜାଗ୍ରତ କରିଥିଲେ । ସର୍ବଦା ତଟକା, ପରିପରିବା ସହିତ ପାଣିକୁ ଫୁଟାଇ ଥଣ୍ଡା କରିବା, ହେଲୋଜେନ ବଟିକା ପକାଇ ଜଳ ବିଶୋଧନ କରି ବ୍ୟବହାର କରିବାକୁ ପରାମର୍ଶ କରାଇଲେ । ଜିଏମ୍‌ୟୁ ଏନ୍‌ଏସ୍‌ଏସ୍‌ର ଏଭଳି ସଚେତନତା ଅଭିଯାନ ଜନିତ ପଦକ୍ଷେପ ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସିତ ହୋଇଛି ।

## ଜାତୀୟ ରାଜପଥରେ ତ୍ରୁଟିପୂର୍ଣ୍ଣ ବ୍ରିଜ ନିର୍ମାଣକୁ ବିରୋଧ

ସମ୍ବଲପୁର,୩୦।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରୁ କଟକକୁ ଯୋଡୁଥିବା ୫୫ ନମ୍ବର ଜାତୀୟ ରାଜପଥରେ ତ୍ରୁଟିପୂର୍ଣ୍ଣ ବ୍ରିଜ ନିର୍ମାଣକୁ ଝୁଯୋମୁରା ବ୍ଲକର ବିଭିନ୍ନ ପଞ୍ଚାୟତବାସୀ ବିରୋଧ କରିଛନ୍ତି । ରବିବାର ବ୍ଲକର ଝାଙ୍କରପାଲି, ନୂଆଁ ବରଙ୍ଗାମାଳ, ଛାମୁଣ୍ଡା, କଂସର, ବୀରସିଂଗଡ଼ ଏବଂ ଡକରା ପଞ୍ଚାୟତର ସରପଞ୍ଚମାନେ ସ୍ଥାନୀୟ ବାସିନ୍ଦାଙ୍କ ସହ ମିଶି ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରିଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ ମତ ଅନୁସାରେ ବ୍ରିଜ ନିର୍ମାଣ ନକରି ନିଜ ସୁବିଧା ଅନୁସାରେ ନିର୍ମାର କାମ କରାଯାଉଛି । ଏହାଦ୍ୱାରା ସ୍ଥାନୀୟ ଲୋକେ ରାଜପଥ ପାରି ହେବା ପାଇଁ ଅସୁବିଧା ଭୋଗୁଛନ୍ତି । ରାଜପଥରେ ବିଭିନ୍ନ ସ୍ଥାନରେ ରହିଥିବା ତ୍ରୁଟିପୂର୍ଣ୍ଣ ବ୍ରିଜଗୁଡିକୁ ପୁନଃ ନିର୍ମାଣ କରି ରାସ୍ତା ଗୁଡିକୁ ସମତୁଲ କରିବା ପାଇଁ ଅଞ୍ଚଳବାସୀ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପତ୍ର ଦ୍ୱାରା ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟ ଆଗକୁ ତ୍ୱରାନ୍ୱିତ କରି ଶୀଘ୍ର ସାରିବା ପାଇଁ ଲୋକଙ୍କ ପ୍ରତିନିଧି ମଣ୍ଡଳ ସହ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ରଞ୍ଜିତ ବେହେରା, ଅଜୟ ବେହେରା, ପୁରୁଷୋତ୍ତମ ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବାହାମ ପଞ୍ଚାୟତର ମାସିକ ବୈଠକ

ପଡିଆବାହାଲ,୩୦।୬(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ଝୁଜୁମୁରା ପଞ୍ଚାୟତ ସମିତି ଅନ୍ତର୍ଗତ ବାହାମ ପଞ୍ଚାୟତର ମାସିକ ବୈଠକ ଖଲିଆପାଲି ଆମ୍ବେଦକର ସେବାଶ୍ରମଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ସରପଞ୍ଚ ସରସ୍ୱତୀ ଭୁସାଗର ସଭାପତିତ୍ୱ କରିଥିଲେ । ବୈଠକରେ ପିଇଓ ହୃଷୀକେଶ ବରଗତ୍ତୀ, ଏଡିଇଓ ଶିବାନୀ ସୁନାନୀ, ନାଏବ ସରପଞ୍ଚ ଓ ବହୁ ୱାର୍ଡସଭ୍ୟ ଉପସ୍ଥିତ ଥିଲେ । ପଞ୍ଚାୟତର ସମସ୍ତ ଅଚଳ ନଳକୂପ ମରାମତି, ରାସ୍ତାଘାଟର ଜରୁରୀ ମରାମତି ଏବଂ ପଡିଆବାହାଲ ସାପ୍ତାହିକ ହାଟରେ ସାଇକେଲ, ବାଇକ ପାଇଁ ଏକ ପାର୍କିଂସ୍ଥଳୀ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହା ବ୍ୟତୀତ ପୂର୍ବରୁ ଚାଲୁ ରହିଥିବା ଭାଙ୍ଗମୁଣ୍ଡା ଏବଂ ବିଷ୍ଣୁପଡା କଟାର ଉଦ୍ଧାର କାର୍ଯ୍ୟ ଶୀଘ୍ର ସାରିବାକୁ ଓ ପିଏମ ଗୃହ ଯୋଜନାର ଅସମ୍ପୂର୍ଣ୍ଣ କାମ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ପ୍ରସ୍ତାବ ନିଆଯାଇଥିଲା ।

# ଚୋରା କେନ୍ଦୁପତ୍ର ବୋଝେଇ ପିକ୍‌ଅପ ଭ୍ୟାନ ଜବତ

ରେଢାଖୋଲ,୩୦।୬(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡର ବିଭିନ୍ନ ଅଞ୍ଚଳରେ ଏବେ କେନ୍ଦୁପତ୍ର ଚୋରା ବେପାରି ସକ୍ରିୟ ହୋଇଛନ୍ତି । ରବିବାର ଭୋରରୁ ଚାରମାଳ ରେଞ୍ଜ ଖକୋଡପାଳ ଗ୍ରାମ ନିକଟରୁ ଏକ ପିକ୍‌ଅପ ଭ୍ୟାନରେ ଚୋରାଚାଲାଣ ହେଉଥିବା ୨୦୭ବଣ୍ଡଲ କେନ୍ଦୁପତ୍ର ବନବିଭାଗ କର୍ମଚାରୀ ଜବତ କରିଛନ୍ତି । ତେବେ ଚୋରାଚାଲାଣକାରୀ ଫେରାର ହୋଇ ଯାଇଛନ୍ତି । ରବିବାର ଭୋରରେ ପିକ୍‌ଅପ ଭ୍ୟାନ (ନଂ.ଓଆର ୦୨-ବିସି-୨୧୫୬)ଯୋଗେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ନେଇ ଡିଏଫଓ ଅରବିନ୍ଦ ମହାନ୍ତି ସୂଚନା ପାଇ ଚାରମାଳ ରେଞ୍ଜକୁ ଚଢାଉ ନିର୍ଦ୍ଦେଶ ଦେଇଥିଲେ । ଚାରମାଳ ରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ, ଫରେଷ୍ଟର ବିଜୟ ବିଶ୍ୱାଳଙ୍କ ସହ ବନ କର୍ମଚାରୀ ସଦଳବଳ ଚଢାଉ କରି ପିକ୍‌ଅପ ଭ୍ୟାନ ସହ ୨୦୭ ବଣ୍ଡଲ କେନ୍ଦୁପତ୍ର ଜବତ କରିଥିଲେ ।



ଜବତ କେନ୍ଦୁପତ୍ର ବୋଝେଇ ପିକ୍‌ଅପ ଓ ବନ କର୍ମଚାରୀ ।

# ଉତ୍ପାଦନ, ନିର୍ମାଣରେ ଶ୍ରମିକଙ୍କ ପରିଶ୍ରମ ଜଡ଼ିତ

ସମ୍ବଲପୁର,୩୦।୬(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସକାଶେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଲାଇବ୍ରେରି ନିଜସ୍ୱ ପ୍ରେକ୍ଷାଳୟରେ ପ୍ରଥମ ଅଧିବେଶନ ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ଆଲୋଚନା ଆରମ୍ଭ ହୋଇଥିଲା । ଚାଷୀ ନେତା ସରୋଜ ମହାନ୍ତି ପ୍ରଶିକ୍ଷକଭାବେ ଯୋଗଦେଇ ଶ୍ରମର ପ୍ରକାର ଭେଦ ଓ ଆମେ ଉପଭୋଗ କରୁଥିବା ସମସ୍ତ ଜିନିଷରେ ଶ୍ରମିକର ଶ୍ରମ କିପରି ଅନ୍ତର୍ନିହିତ ଅଛି ସେନେଇ ବିଭିନ୍ନ ଉଦାହରଣ ସହ ଛାତ୍ରୀଛାତମାନଙ୍କୁ ବୁଝାଇଥିଲେ । ପ୍ରତ୍ୟେକ ସାମଗ୍ରୀ ଉତ୍ପାଦନ ଓ ନିର୍ମାଣରେ ଶ୍ରମିକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଜଡିତ ଥାଏ । ତେଣୁ ପ୍ରକୃତ ପକ୍ଷେ ଶ୍ରମ ହିଁ ଜୀବନ ବୋଲି ପ୍ରଶିକ୍ଷକ ମହାନ୍ତି କହିଥିଲେ । ଦ୍ୱିତୀୟ ଅଧିବେଶନ ପ୍ରଯୁକ୍ତି ବିଜ୍ଞାନ ପ୍ରସଙ୍ଗରେ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ମୁହଁ, ନଖ ଓ ବାଳର ଯତ୍ନ ଉପରେ ବୁର୍ଲା ଭୀମସାର ଶରୀର ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଶତରୂପା ଦାଶ



ଆୟୋଜିତ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଓ ଛାତ୍ରୀଛାତ୍ରମାନେ ।

## ରାଷ୍ଟ୍ର ନିର୍ମାଣରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ

■ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମୁହଁ, ବାଳ ଓ ନଖର ଯତ୍ନ ନେବା ଜରୁରୀ

ଛାତ୍ରୀଛାତ୍ରମାନଙ୍କୁ ବୁଝାଇ ଥିଲେ । ଡାକ୍ତର ଶତରୂପା ସ୍ୱାସ୍ଥ୍ୟବାନ ଓ ନିରୋଗ ବିଷୟରେ ଝିଅପୁଅମାନେ କିପରି ସହଜରେ ଘରେ ନିଜର ମୁହଁ, ନଖ, ବାଳ ଓ ଚର୍ମର ଉପଯୁକ୍ତ ଯତ୍ନନେଇ ପାରିବେ ସେ ବିଷୟରେ ପିଲାଙ୍କୁ ଅବଗତ କରାଇଥିଲେ । ଏଥିସହ ସୁସ୍ଥ ଓ ସ୍ୱାସ୍ଥ୍ୟବାନ ପାଇଁ ଏ ଦିଗରେ ଅଧିକ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ । ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ଡ. ଗିରିଧାରୀ ହୋତା, ଡ. ନିରୂପମା ବଡ଼ପଣ୍ଡା, ଡାକ୍ତର ଜୟଦେବ ମେହେର, ଅର୍ଜୁନ ରଞ୍ଜନ ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ, ମନୋଜ କୁମାର ଧର, ଗୋଲକ ବିହାରୀ ମିଶ୍ରଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ସଞ୍ଚାଳକ ରାଜେନ୍ଦ୍ର କୁମାର ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରି ଥିବାବେଳେ ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶିବିରରେ ୧୫ଟି ହାଇସ୍କୁଲରୁ ୫୩ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ବରଗଡ଼,୩୦।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ରବିବାର ଜଣେ ଅଜଣା ଲୋକଙ୍କ ଶବ ସତ୍କାର କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୬ ତାରିଖ ଜିଲାର ସୋହେଲା ଥାନା ଅନ୍ତର୍ଗତ କନଗାଁ ଗ୍ରାମ ନିକଟରେ ଜଣେ ଲୋକଙ୍କ ମୃତଦେହ ପଡ଼ିଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖିଥିଲା। ତେବେ ୭୨ ଘଣ୍ଟା ପରେ ମଧ୍ୟ ମୃତକଙ୍କ ପରିଚୟ ମିଳିପାରି ନ ଥିଲା। ଫଳରେ ବ୍ୟବଚ୍ଛେଦ ପରେ ସତ୍କାର ପାଇଁ ପୋଲିସ ସଂକଳ୍ପ ପରିବାରକୁ ଅନୁରୋଧ କରିଥିଲା। ଏହାପରେ ଉକ୍ତ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ମୃତଦେହ ସ୍ଥାନୀୟ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ସତ୍କାର କରିଥିଲେ। ସତ୍କାର ସମୟରେ ସଂକଳ୍ପ ପରିବାର ସମ୍ପାଦକ ଜି. ରମେଶ, ବିକାଶ ଅଗ୍ରୱାଲ, ପ୍ରତ୍ୟୁଷ ଷଡ଼ଙ୍ଗୀ, ଆଲୋକ ସାହୁ, ଲୋକନାଥ ମେହେର, ପୋଲିସ ଏଏସଆଇ ପୁଷ୍ପା ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ଅତାବିରା ଦୁର୍ଗାପୂଜା ପାଇଁ ରାବଣ ବରଣ

ସରଣ୍ଡା,୩୦।୬(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଶାରଦୀୟ ଦୁର୍ଗା ପୂଜା ରାମଲୀଳା ପାଇଁ ଭେଡେନ ବ୍ଲକ ଚିଚିଣ୍ଡାର ସୁଶୀଲ ମେହେରଙ୍କୁ ରାବଣ ଭାବେ ବରଣ କରାଯାଇଛି। ଦୁର୍ଗା ମନ୍ଦିରର ପୂଜକ ଧରଣୀ ମିଶ୍ରଙ୍କ ବେଦଚ୍ଚାରଣରେ ଦୁର୍ଗା ମନ୍ଦିର କମିଟି ସଭାପତି ଦେତାରୀ ପ୍ରଧାନ ସୁଶୀଲ ମେହେରଙ୍କୁ ରାବଣ ଭାବେ ବରଣ କରିଥିଲେ। ବରଣ ସମୟରେ କମିଟିର ସୁରେନ୍ଦ୍ର ସ୍ୱାଇଁ, ଅଶୋକ ପ୍ରଧାନ, ରାଜେଶ ପ୍ରଧାନ, ସ୍ୱାଧୀନ ପ୍ରଧାନ, ବୀରେନ୍ଦ୍ର କର, ସୁଶାନ୍ତ ଅଗ୍ରୱାଲ, ସମିତ ପ୍ରଧାନ, ପପୁନ ପ୍ରଧାନ, କିରଣ ପ୍ରଧାନ, ବିକାଶ ପ୍ରଧାନ, ସନାତନ ବରାଇ ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ସୁଧୀର ମିଶ୍ରଙ୍କ ପରଲୋକ

ସମ୍ବଲପୁର,୩୦।୬ (ଭବାନୀ ଶଙ୍କର ଭୋଇ)



ପୂର୍ତ୍ତ ଏବଂ ନିର୍ମାଣ ବିଭାଗର ଅବସରପ୍ରାପ୍ତ ଅଧିକ୍ଷଣ ଯନ୍ତ୍ରୀ ସୁଧୀର ମିଶ୍ରଙ୍କର ବୁର୍ଲା ସୌରଭ ବିହାର ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା। ବୌଦ୍ଧରେ ଜନ୍ମଗ୍ରହଣ କରିଥିବା ମିଶ୍ର ବୁର୍ଲା ଇଞ୍ଜିନିୟରିଂ କଲେଜରୁ ସିଭିଲ ଇଞ୍ଜିନିୟରରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ମହାନଦୀ ଉପରେ ସୋନପୁର ଏବଂ ବୌଦ୍ଧ ସହରକୁ ଯୋଡୁଥିବା ଦୀର୍ଘସେତୁ ବନ୍ଧ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ମନ୍ମଥ ମିଶ୍ର, ପୁତ୍ରବଧୂ ନନ୍ଦିତା, ସହଧର୍ମିଣୀ ଚନ୍ଦ୍ରକାନ୍ତି ଉପସ୍ଥିତ ଥିଲେ । ବୁର୍ଲାସ୍ଥିତ ବିଷ୍ଣୁମନ୍ଦିର ପଡା ସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଚାରାରୋପଣ ମାଧ୍ୟମରେ ମନ୍ତ୍ରୀଙ୍କ ଜନ୍ମଦିନ ପାଳନ

କୁଚିଣ୍ଡା,୩୦।୬(ବିରଞ୍ଚି ଦର୍ଶୀ)

ରବିବାର ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ୫୫ତମ ଜନ୍ମଦିନ ପାଳିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀର ୫୫ ପଞ୍ଚାୟତରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଭାଜପାର ଜଣେ ଭିନ୍ନକ୍ଷମ କାର୍ଯ୍ୟକର୍ତ୍ତା ସଞ୍ଜୟ କୁମାର ସା ଏହାକୁ ଉଦଘାଟନ କରିଥଲେ। ଏଥିରେ ୩୫ୟୁନିଟ ରକ୍ତଦାନ ସଂଗୃହୀତ ହୋଇଥିଲା। ଶିବିରକୁ ଯୁବମୋର୍ଚ୍ଚାର ପିଙ୍କୁ ପାଣି, ମହେଶ ରାୟ, ଦୀନେଶ ପ୍ରଧାନ, ପ୍ରାଣବନ୍ଧୁ ନାଥ, ଡୋଳାଚାନ୍ଦ କିଷାନ, ଶ୍ରୀକାନ୍ତ ଦ୍ୱିବେଦୀ, ବାବୁଲୁ ଖଣ୍ଡା ପରିଚାଳନା କରିଥିଲେ। ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସଚ୍ଚିଦାନନ୍ଦ ଶର୍ମା, ମଣ୍ଡଳ ସଭାପତି ଦୁଷ୍ମନ୍ତ ନାୟକ, ମହିଳା ମୋର୍ଚ୍ଚାର ଅନୁପମା ନାୟକ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ।

# ଡେଙ୍ଗାଗୁଡ଼ା ଆରଡି ରାସ୍ତା: ଖାଲଖମା, ଜମୁଛି ପାଣି

କୋକସରା,୩୦।୬(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)



ମରାମତି ହୋଇ ନ ଥିବାରୁ ରାସ୍ତାରେ ଖାଲ ହୋଇ ପାଣି ଜମିରହିଛି।

ରାସ୍ତାରେ ବଡବଡ ଖାଲରେ ଭର୍ତ୍ତି ହୋଇଛି। ଅସରାଏ ବର୍ଷା ହେଲେ ଖାଲରେ ଆଣ୍ଠୁଏ ପାଣି ଭର୍ତ୍ତି ହୋଇ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଗାଡି ମୋଟର ଦୂରରେ ଥାଉ, ରାସ୍ତାରେ ଚାଲି ଚାଲି ଯିବା ଅସମ୍ଭବ ହୋଇପଡିଛି। ଏଇଟା କେଉଁ ଦୁର୍ଗମ ଅଞ୍ଚଳର ରାସ୍ତା ନୁହେଁ, କଳାହାଣ୍ଡି ଜିଲା କୋକସରା ବ୍ଲକ ଡେଙ୍ଗାଗୁଡ଼ା ଛକଠାରୁ ବଡ଼କେନ୍ଦୁଗୁଡା ବଜାର ପଡ଼ିଆ ନିକଟସ୍ଥ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରୁଥିବା ବ୍ୟସ୍ତ ବହୁଳ ଆରଡି ରାସ୍ତା। ତଥାପି ବିଭାଗୀୟ ଯନ୍ତ୍ରୀମାନଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି। ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ବଙ୍ଗୋମୁଣ୍ଡା ଡେଙ୍ଗାଗୁଡା ନାମରେ ନାମିତ କରିଥିବା ଏହି ରାସ୍ତାର ଡେଙ୍ଗାଗୁଡା କେନାଲ ଛକଠାରୁ ବଡକେନ୍ଦୁଗୁଡା ବଜାର ପଡ଼ିଆ ପର୍ଯ୍ୟନ୍ତ ୩ କିମି ରାସ୍ତା ଏବେ ବଡବଡ ଖାଲଖମାରେ ଭର୍ତ୍ତି ହୋଇ ପଡିଥିବାରୁ ସେଥିରେ ନିର୍ଭର କରୁଥିବା ଅଞ୍ଚଳର ଜନସାଧାରଣ, ଚାଷୀ, ଛାତ୍ରୀଛାତ୍ର ପ୍ରତ୍ୟହ ବ୍ଲକ, ତହସିଲ, କୃଷି କାର୍ଯ୍ୟାଳୟ, ଆଦର୍ଶ ବିଦ୍ୟାଳୟ ତଥା ଯୁକ୍ତ ଦୁଇ ଓ ଯୁକ୍ତ ତିନି କଲେଜକୁ ଯିବା ଆସିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଳାହାଣ୍ଡି ଜିଲାର ସର୍ବବୃହତ ଶିବ ମନ୍ଦିର ତଥା ପ୍ରାଚୀନ ଶ୍ରୀକାଳେଶ୍ୱର ଶୈବପୀଠକୁ ବିଭିନ୍ନ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଥିବାବେଳେ ଏ ରାସ୍ତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜିଲାର ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାକୁ ମଧ୍ୟ ଏହି ରାସ୍ତା ସଂଯୋଗ କରୁଥିବା ବେଳେ ଶୋଚନୀୟ ଅବସ୍ଥା ଯିଏ ଦେଖିଛି, ସେ ହିଁ ଜାଣିଛି। ଆମପାଣିର ପ୍ରଭୁ ବୁଢାରାଜାଙ୍କ ପ୍ରସିଦ୍ଧ ଦଶରା ସମୟରେ ଏହି ରାସ୍ତା ଦେଇ ଶହଶହ ଗାଡିମୋଟର ଯିବା ଆସିବା କରିଥାଏ। ରାସ୍ତାର ଦୁଇ କଡ଼ରେ ଆଣ୍ଠୁଏ ଖାଲ ହୋଇ ରାସ୍ତା ଜମି ହୁଡ଼ାର ଭ୍ରମ ସୃଷ୍ଟି କରୁଛି । ଦୀର୍ଘ ୬ ବର୍ଷ ତଳେ ଏହି ରାସ୍ତା ନିମ୍ନମାନର ନିର୍ମାଣ ହେବା ଫଳରେ ସାଧାରଣ ଲୋକ ଏହି ରାସ୍ତାରେ ଯିବା ଆସିବା କରିବା ଏବେ ବିପଦଜନକ ହୋଇପଡିଛି। ଗତ ୨୦୧୮ରେ ଜଣେ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାର ୧କୋଟି ୯୧ ଲକ୍ଷ ୫୦ହଜାର ଟଙ୍କା ବ୍ୟୟ ଅଟକଳରେ ରାସ୍ତା କାମ କରିଥିଲେ। ହେଲେ ୫ ବର୍ଷ ମରାମତି ପାଇଁ ବିଭାଗୀୟ ନିୟମ ରହିଥିବା ସତ୍ତ୍ୱେ ନିର୍ମାଣ ପରଠାରୁ ଥରଟିଏ ମଧ୍ୟ ସେ ରାସ୍ତା ମରାମତି କରି ନ ଥିଲେ। ଦୁର୍ନୀତିଗ୍ରସ୍ତ ଠିକାଦାର, ନିର୍ବାଚିତ ପ୍ରତିନିଧି ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାର ଦୁରାବସ୍ଥା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଗୋଚର ହେଉ ନ ଥିବା ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ଗାଁ ଲୋକେ ଅତ୍ୟନ୍ତ କ୍ଷୋଭର ସହ କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେବା ସହ ଏହା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାରୁ ଏହାକୁ ୨ ଲେନ କରି ନୂତନ ଭାବେ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କୁ ପଚାରିବାରୁ ଅର୍ଥ ଆସିବା ପରେ ନୂତନ ଭାବେ ରାସ୍ତା ନିର୍ମାଣ ହେବ ବୋଲି କହିଥିଲେ।

## ୮୦କିଲୋ ଗଞ୍ଜେଇ ଜବତ, ୬ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

ସମ୍ବଲପୁର,୩୦।୬(ପ୍ରମୋଦ ବହିଦାର)

ସମ୍ବଲପୁର ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲାରେ ପ୍ରାୟ ୮୦ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହା ସହିତ ଚାଲାଣରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରାଯାଇଛି। ରବିବାର ଅଇଁଠାପାଲି ଛକରେ ସକାଳ ୭ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ମଧ୍ୟରେ ଅବକାରୀ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ଦିଲୀପ କୁମାର ତାଣ୍ଡିଙ୍କ ନେତୃତ୍ୱରେ ଏସ୍‌ଆଇ ଅଲେଖ ପ୍ରଧାନ ସଦଳବଳେ ନିୟମିତ ପ୍ରକ୍ରିୟାରେ ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ବାହାର ରାଜ୍ୟ ନମ୍ବର ଥିବା ଦୁଇଟି ଗାଡ଼ି ଟାଟା ସଫାରୀ(ଡିଏଲ୍‌-୭-ସିଟି-୪୨୧୧) ଓ ମାରୁତୀ ଡିଜାୟାର(ୟୁପି-୨୦-ଏଭି-୮୯୯୮) କାର ଜାତୀୟ ରାଜପଥ-୫୩ରେ ଆସି ଅଇଁଠାପାଲି ତଳିଛକରେ ସମ୍ବଲପୁର ରାଉରକେଲା ବିଜୁ ଏକ୍ସପ୍ରେସ ରାଜ୍ୟ ରାଜପଥ-୧୦କୁ ଧରିଥିବାକୁ ଯାଉଥିବା ଦେଖିବାକୁ ପାଇ ଅବକାରୀ ବିଭାଗ କର୍ମଚାରୀମାନେ ଉଭୟ ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚ ବେଳେ ଉଭୟ ଗାଡ଼ିରୁ ୨ଟି ଲେଖାଏ ଧଳା ଜରିବସ୍ତାରୁ ୮୦ କେଜି ଗଞ୍ଜେଇକୁ ଜବତ କରାଯାଇଥିଲା। ଉଭୟ ଗାଡ଼ିକୁ ଜବତ କରବା ସହ ସେଥିରେ ଥିବା ୬ଜଣଙ୍କୁ ନେଇ ଅବକାରୀ କାର୍ଯ୍ୟାଳୟ ନିଆଯାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତମାନେ ବୌଦ୍ଧରୁ ଉତ୍ତରପ୍ରଦେଶକୁ ଚୋରାରେ ଗଞ୍ଜେଇ ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଏହାକୁ ନେଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ରାଜ୍ୟ ବିଜନୋର ଜିଲା ଧାମପୁର ଥାନା ସର୍କାରା ଚକ୍ରଜମାଲର ମହମ୍ମଦ ସାଦିକ(୨୬), ସୁରେନ୍ଦର କୁମାର(୪୦) ଅନୀଲ କୁମାର(୫୫), ବିଜନୋର ଜିଲା ଧାମପୁର ଥାନା ନାସିରପୁର ବନୱାରୀର ଅବିନାଶ ଚୌହାନ(୩୮), ନୀରଜ କୁମାର(୩୮) ଓ କାନପୁର ଜିଲା ଛାୱନୀଥାନା ଅନ୍ତର୍ଗତ କାନପୁର ଟେଗୋର ରୋଡ଼ର ଯଶ କୁମାର(୨୨)।

**ବୌଦ୍ଧରୁ ଉତ୍ତରପ୍ରଦେଶ ଚାଲାଣ ହେଉଥିଲା**

## ଆଇଆଇଏମ୍ ୪ର୍ଥ ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ବ୍ୟାଚ୍ ଉଦ୍‌ଘାଟିତ



ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟଶ୍ୱାଲଙ୍କ ସ୍ୱାଗତ ଭାଷଣ ଦେଉଛନ୍ତି।

ସମ୍ବଲପୁର,୩୦।୬(ପ୍ରମୋଦ ବହିଦାର)

ଆଇଆଇଏମ୍ ସମ୍ବଲପୁରରେ ଏକ୍‌ଜିକ୍ୟୁଟିଭ୍ ଏମବିଏ(୨୦୨୪-୨୬) ୪ର୍ଥ ବ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ଏହାସହ ଏକ ଦୁଇଦିନିଆ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଙ୍ଗାପୁର ଓ ଦୁବାଇର ପ୍ରବାସୀ ଭାରତୀୟ(ଏନଆରଆଇ) କର୍ମଜୀବୀ ସାମିଲ ହୋଇଛନ୍ତି। ଦୁଇବର୍ଷିଆ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ଡିଗ୍ରୀ ପ୍ରୋଗ୍ରାମ ମୋଟ ୪୧ ଜଣ ଏକ୍‌ଜିକ୍ୟୁଟିଭ୍‌ଙ୍କୁ ନେଇ ଶୁଭାରମ୍ଭ ହୋଇଛି। ହିଣ୍ଡାଲକୋ, ଟିସିଏସ୍, ଇନଫୋସିସ୍, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ଆମାଜନ, ଆକ୍ସେଞ୍ଚର, ଟାଟା ପାୱାର, ଏନ୍‌ଟିପି, ନୋକିଆ, ମ୍ୟାଗନସ୍ ଓ ଆଇସିଆଇସିଆଇ ଭଳି ବହୁ ବହୁରାଷ୍ଟ୍ରୀୟ କମ୍ପାନୀର ପ୍ରାର୍ଥୀମାନେ ସେଥିରେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଟିପିଡବ୍ଲ୍ୟୁଓଡିଏଲ୍‌ର ସିଇଓ ପ୍ରବୀଣ ବର୍ମା, ମୁଖ୍ୟବକ୍ତା ଭାବେ ହିଣ୍ଡାଲ୍‌କୋର ଯୁଗ୍ମ ସଭାପତି ଦେବାଶିଷ ମଲ୍ଲିକ ଯୋଗଦେଇଥିଲେ।

ପ୍ରାରମ୍ଭରେ ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦଓ ଜୟଶ୍ୱାଲ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରି କହିଥିଲେ ଯେ, ଆଇଆଇଏମ୍ ସମ୍ବଲପୁରରେ ଉଦ୍ୟୋଗୀ ମାନସିକତା ଥିବା ଦାୟିତ୍ୱସମ୍ପନ୍ନ ଲିଡରମାନଙ୍କୁ ପ୍ରୋତ୍ସାହିତ କରିବାରେ ଶ୍ରେଷ୍ଠତା ପ୍ରତିପାଦନ ଆମର ଲକ୍ଷ୍ୟ। ମୁଖ୍ୟ ଅତିଥି ଟିପିଡବ୍ଲ୍ୟୁଓଡିଏଲ୍‌ର ସିଇଓ ବର୍ମା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଶିକ୍ଷା ହେଉଛି ଏକ ନିରନ୍ତର ଚକ୍ର ଯାହା ବୟସ ସୀମା ବାହାରେ ବିସ୍ତାରିତ। ମୁଖ୍ୟବକ୍ତା ହିଣ୍ଡାଲକୋ କମ୍ପ୍ଲେକ୍ସର ଯୁଗ୍ମ ସଭାପତି ମଲ୍ଲିକ ତାଙ୍କ ବକ୍ତବ୍ୟରେ ପୁରାତନ ଜ୍ଞାନକୌଶଳରୁ ପରିବର୍ତ୍ତନ ଓ କୋଇଲା ଅଭାବ ଭଳି ଆହ୍ୱାନ ସତ୍ତ୍ୱେ ଏହାର ମୁକାବିଲା ପାଇଁ କିଭଳି ଅଭିନବତା ଜରିଆରେ ସଶକ୍ତୀକରଣ ଓ ନେତୃତ୍ୱ ସମୃଦ୍ଧିକୁ ପ୍ରୋତ୍ସାହନ ଯୋଗାଇଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଉଦଘାଟନୀ ଉତ୍ସବରେ ଅଧ୍ୟାପକ ଓ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେବଗଡ଼,୩୦।୬(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଅନ୍ତର୍ଗତ ଦଣ୍ଡାସିଂହା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ନାୟକ ରବିବାର ଚାକିରିରୁ ଅବସର ଗ୍ରହଣ କରିଥିବା ବେଳେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା ସମିତି ସ୍ଥାୟୀସ ଭାପତି ଲକ୍ଷ୍ମଣ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଶିକ୍ଷକ ନକୁଳ ଚନ୍ଦ୍ର ମାହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ସଭାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କର ସୁସ୍ଥ ଏବଂ ନିରାମୟ ଜୀବନ କାମନା କରିଥିଲେ। ଶେଷରେ ଶିକ୍ଷାବିତ ବିନୋଦ ବିହାରୀ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଗ୍ରାମବାସୀ ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନାୟକଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ଭାଟସିଂଗ୍ରାମସ୍ଥିତ ତାଙ୍କର ବାସ ଭବନରେ ଛାଡିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଟଙ୍କଧର ନାୟକ, କୈଳାଶ ଚନ୍ଦ୍ର ପ୍ରଧାନ, ଦୁଲନ କୁମାର ସାହୁ, ବିଦ୍ୟାଧର ସାହୁ, ରଞ୍ଜନ ପ୍ରଧାନ, ହୀରାଧର ଦେହୁରୀ ଓ ଶିକ୍ଷା କର୍ମୀ ଚୌଧୁରୀ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼,୩୦।୬(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ଅନ୍ତର୍ଗତ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତନୁଚନ୍ଦ୍ର ସାହୁ ଚାକିରିରୁ ଅବସର ଗ୍ରହଣ କରିଥିବା ବେଳେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରବିବାର ବିଦ୍ୟାଳୟ ପରିସରରେ ମଣ୍ଡଳ କ୍ଲଷ୍ଟରର ସିଆର୍‌ସିସି ପ୍ରଭାତ କୁମାର ପ୍ରଧାନଙ୍କ ସଭାପତିତ୍ୱ ଓ ମିତ୍ରଭାନୁ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ନୂଆଗାଁ ଆବାସିକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯଶୋବନ୍ତ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ନୂଆଗାଁ ଆବାସିକ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଦୀପକ କୁମାର ସାମଲ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କର ସୁସ୍ଥ ଏବଂ ନିରାମୟ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରହଲ୍ଲାଦ ନାୟକ, ବୁଦ୍ଧଦେବ ପ୍ରଧାନ, ଶିକ୍ଷୟିତ୍ରୀ ବିଳାସିନୀ ଗଡନାୟକ, ସୀମାରେଖା ବିଶ୍ୱାଳ, ସୁପ୍ରିୟା ବିଶ୍ୱାଳ ଓ ମେହେଜବିନ ବାନୋ ପ୍ରମୁଖ ସହଯୋଗ କରିଥିଲେ।

## ବାରଣ୍ଡାରେ ଖସି ପଡ଼ିଲେ, ଚାଲିଗଲା ମହିଳାଙ୍କ ଜୀବନ

ଡୁଙ୍ଗୁରିପାଲି, ୩୦।୬(ଦୀନବନ୍ଧୁ ସୁନା )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପିପିଲିପାଲି ଗ୍ରାମରେ ଶନିବାର ରାତିରେ ଘଟିଛି ଏକ ଦୁଃଖଦ ଘଟଣା। ଘରୁ ବାହାରକୁ ଶୌଚ ପାଇଁ ଯାଇଥିବା ବେଳେ ବାରଣ୍ଡାରେ ପଡି ଯିବାରେ ସୁଦାମ ବାଗଙ୍କ ସ୍ତ୍ରୀ ସରସ୍ୱତୀ ବାଗ (୨୫) ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ସ୍ତ୍ରୀଙ୍କ ମୃତ ଖବର ଶୁଣି ସ୍ୱାମୀ ସୁଦାମ ଶନିବାର ରାତିରୁ କୁଆଡେ ଚାଲି ଯାଇଥିବା ତାଙ୍କ ପରିବାର ଲୋକେ ପ୍ରକାଶ କରିଛନ୍ତି। ଡୁଙ୍ଗୁରିପାଲି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସରସ୍ୱତୀ ଓ ତାଙ୍କ ସ୍ୱାମୀ ସୁଦାମ ବାଗଙ୍କ ଘର ବଲାଙ୍ଗୀର ଜିଲା ଆଗଲପୁର ଥାନା ଅମରାମୁଣ୍ଡାରେ। କିଛିବର୍ଷ ହେବ ଉଭୟେ ପିପିଲିପାଲି ଗ୍ରାମରେ ରହୁଥିଲେ। ମୃତ ମହିଳାଙ୍କ ୭ ମାସର ଏକ ଝିଅ ଓ ୪ବର୍ଷର ପୁଅ ଶାଶୁ ଓ ଶଶୁର ପାଖରେ ରହିଛନ୍ତି।

## ବିରାଟ ମହାବିଦ୍ୟାଳୟରେ ଟି-୨୦ ବିଶ୍ୱକପ ବିଜୟ ଉତ୍ସବ

ସମ୍ବଲପୁର,୩୦।୬(ବି.ଶଙ୍କର)

ଭାରତୀୟ କ୍ରିକେଟ ଦଳ ୭ ରନ ବ୍ୟବଧାନରେ ଦକ୍ଷିଣ ଆଫ୍ରିକାକୁ ରୋମାଞ୍ଚକର ଭାବେ ପରାସ୍ତ କରି ଟି-୨୦ ବିଶ୍ୱକପ ବିଜେତା ହୋଇଛି। ଏନେଇ ରବିବାର ଗୋଡଭାଗା ସ୍ଥିତ ବିରାଟ ମହାବିଦ୍ୟାଳୟଠାରେ ଟି-୨୦ ବିଶ୍ୱକପ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର, କର୍ମଚାର, ଅଧିକାରୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଜାତୀୟ ଉଡାଇ ଭାରତମାତାର ଜୟଗାନ କରିଥିଲେ। ବିରାଟ ଶିକ୍ଷାନୁଷ୍ଠାନ ଅଧକ୍ଷ ରାହୁଲ ରାଜ ଏହି ବିଜୟକୁ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ପ୍ରେରଣା ଯୋଗାଇବ । ଉତ୍ସବରେ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ରବିବାର ଗୋଡଭଗା ସ୍ଥିତ ବିରାଟ ମହାବିଦ୍ୟାଳୟଠାରେ ଟି-୨୦ ବିଶ୍ୱକପ ବିଜୟ ଉତ୍ସବ ପାଳନ ଅବସରରେ ଛାତ୍ରୀଛାତ୍ରମାନେ ଜାତୀୟ ପତାକା ଧରି ଖୁସି ମନାଉଛନ୍ତି।

## ଅବସର ପରେ ବି ଶିକ୍ଷାର ଉନ୍ନତି ଚିନ୍ତା କରନ୍ତି ଶିକ୍ଷକ

ସମ୍ବଲପୁର,୩୦।୬(ବି.ଶଙ୍କର)



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକମାନେ।

ସମ୍ବଲପୁର ଜିଲା ଜିଲା ମାନେଶ୍ୱର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସଭାକକ୍ଷରେ ଶିକ୍ଷକ ସମ୍ବର୍ଦ୍ଧନା ସଭା ଓ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ଭୋଇଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ହୋଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତନୁଜା ମହାପାତ୍ର, ଲଜିତା ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ରୋହିତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା, ଶିକ୍ଷକ ଓ ବିଦ୍ୟାଳୟରେ ବିଷୟରେ ଅତିଥିମାନେ ନିଜସ୍ୱ ଉପସ୍ଥାପନ କରିଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ନିଜ କାର୍ଯ୍ୟରୁ ଅବସର ନେଲେ ମଧ୍ୟ ଶିକ୍ଷାଦାନରୁ ବିରତ ହୁଅନ୍ତି ନାହିଁ। ବରଂ ସେମାନେ ସର୍ବଦା ଶିକ୍ଷାର ଉନ୍ନତି ବିଷୟରେ ଚିନ୍ତନ କରିଥାନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସମାରୋହରେ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ଦିଲୀପ ଦେବ, ସୁବାଷ ସାହା ସମେତ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ୭ ଜଣ ଶିକ୍ଷକ ବିଭୁତି ଭୂଷଣ ବଡ଼ପଣ୍ଡା, ସଦାଶିବ ପାଣ୍ଡେ, ମଞ୍ଜୁଳା ମିସ୍ତ୍ରୀ, ଗୀତାଞ୍ଜଳି ନାଏକ, ଦମୟନ୍ତୀ ପଣ୍ଡା, ସୁଜାତା ପାଣି, ପ୍ରାଣବନ୍ଧୁ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମାନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଅବସର ଗ୍ରହଣ କରିଥିବା ସମସ୍ତ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଅବସର ସମ୍ବନ୍ଧିୟ ସୁବିଧା ସୁଯୋଗ ନିମନ୍ତେ ପ୍ରୋଭିଜିନାଲ ପେନସନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସବୀର ହୁସେନ, ସଞ୍ଜୟ ଦେହୁରୀ, ମାନେଶ୍ୱର ଶିକ୍ଷକ ପରିବାରର ଉପଦେଷ୍ଟା ଜୟନ୍ତୀ ପଣ୍ଡା, ଜିଲା ପ୍ରାଥମିକ ସଂଘ ସଭାନେତ୍ରୀ ରଚନା ସିଂ, ଧନକଉଡ଼ ବ୍ଲକ ସଭାପତି ଯୁଧିଷ୍ଠିର ମାଝୀ, ବଳରଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ, ଶିକ୍ଷକ କର୍ମକର୍ତ୍ତା ମନୋଜ ସେଠ, ଧୀରୋଦ ପରିଡା, ବିନାୟକ ପାଣିଗ୍ରାହୀ, ଗୋପାଳ ରୋହିଦାସ, ଦୁର୍ଗା ସିଂ, ଜେନାମଣି ପ୍ରଧାନ, ପ୍ରମୋଦ ତ୍ରିପାଠୀ, ରଞ୍ଜନ ବେହେରା, ରଶ୍ମିତା ବେହେରା, ଗୋପୀନାଥ ପ୍ରଧାନ, ମହେନ୍ଦ୍ର ବାରିକ, ମନୋଜ ନାଏକ, ବିଦ୍ୟୁତ୍ ପାଣ୍ଡେ, ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରି ବିଦାୟୀ କର୍ମଚାରୀମାନଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ । ଶିକ୍ଷକ ଧ୍ରୁବ ଚରଣ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

**ବିଇଓ କାର୍ଯ୍ୟାଳୟରେ ଶିକ୍ଷକ ସମ୍ବର୍ଦ୍ଧନା ସଭା**



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ରବିବାର ଭାଜପାର ନୂତନ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଜୁଏଲ ଓରାମ, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ସମେତ ଅନ୍ୟମାନେ। (ଫଟୋ – ବିକାଶ ନାୟକ)

# ବଲେ ବଲେ ପରେ କୁସୁମାର ୨ ବଙ୍ଗଳା

## ସରକାର ବଦଳିବା ପରେ ଚର୍ଚ୍ଚାରେ ସରକାରୀ ସମ୍ପତ୍ତି

ଯାଜପୁର/ଯାଜପୁର ସଦର,୩୦।୬(ହର୍ଷବର୍ଦ୍ଧନ ବେହେରା/ସମର ବିଜୟ ଶରଣ)









ଯାଜପୁରର କୁସୁମା ପୋଖରୀ ଏବଂ ସେଠାରେ ଥିବା ବିଳାସପୂର୍ଣ୍ଣ ବଙ୍ଗଳା।

ସରକାରୀ ଜମି ଓ ଅର୍ଥରେ ନିର୍ମାଣ ହୋଇଥିବା ବିଭିନ୍ନ କୋଠାଘର ବ୍ୟକ୍ତିଗତ ସମ୍ପତ୍ତି ଭାବେ ବ୍ୟବହାର ହେଉଥିବାର ଅଭିଯୋଗ ଗୋଟିଏ ପରେ ଗୋଟିଏ ସାମ୍ନାକୁ ଆସୁଛି। ସରକାରୀ ସମ୍ପତ୍ତିକୁ କେବଳ କବ୍‌ଜା କରିବା ନୁହେଁ, ତାହାକୁ ବ୍ୟବହାର କରି ଅନେକ ଅନୈତିକ କାର୍ଯ୍ୟ ହେଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ପୂର୍ବତନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ନିର୍ମିତ ବିଳାସପୂର୍ଣ୍ଣ ବଙ୍ଗଳା ଏବଂ ଯାଜପୁର ଜିଲା ଧର୍ମଶାଳା ଭବନ ପରିସରର ବଲେ ବଲେ ଢାବା ପରେ ଯାଜପୁରର କୁସୁମା ପୋଖରୀ ଭିତରେ ତିଆରି ହୋଇଥିବା ୨ ଆକର୍ଷଣୀୟ ବଙ୍ଗଳାକୁ ନେଇ ଏବେ ଆଲୋଚନା ଜୋର ଧରିଛି। ଏହି ବଙ୍ଗଳା ସରକାରୀ ଅର୍ଥରେ ନିର୍ମାଣ ହୋଇଥିବାବେଳେ ତାହା ପ୍ରଭାବଶାଳୀଙ୍କ କବ୍‌ଜାରେ ରହିଛି। ତେଣୁ ସେଠାକୁ ସାଧାରଣ ଲୋକଙ୍କୁ ବାରଣ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି।

ଧାର୍ମିକ ପର୍ଯ୍ୟଟନର ସହର ଯାଜପୁରରେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନ ସୃଷ୍ଟି ଲକ୍ଷ୍ୟରେ କୁସୁମା ପୋଖରୀର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨।୬।୨୦୧୧ରେ ଅନୁମତି ମିଳିଥିଲା। ଏଥିପାଇଁ ପ୍ରାୟ ୨୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାକୁ ୨୦୧୮ ମାର୍ଚ୍ଚ ୨୫ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ୨୦୧୯-୨୦ରେ ଏହି ପୋଖରୀରେ ଫ୍ଲୋଟିଂ ମ୍ୟୁଜିକାଲ ଫାଉଣ୍ଟେନ ପାଇଁ ୬ କୋଟି ୬୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହାପରେ କୁସୁମା ପୋଖରୀ ସୌନ୍ଦର୍ଯ୍ୟରାଣୀ ଭାବେ ବିକଶିତ ହୋଇଥିଲା। ତେବେ ଏହା ଉଦ୍‌ଘାଟନ ହେବାର ପ୍ରାୟ ୧୦ ମାସ ପରେ ସାଧାରଣ ଲୋକଙ୍କ ନିମନ୍ତେ ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ପ୍ରବେଶ ଅନୁମତି ମିଳିଥିଲା। ପର୍ଯ୍ୟଟକଙ୍କ ପାଇଁ କୁସୁମା ଅବସର ବିନୋଦନର ଏକ ମାଧ୍ୟମ ହୋଇଛି। ଏଠାରେ ବୋଟିଂ ବ୍ୟବସ୍ଥା ମଧ୍ୟ କରାଯାଇଛି। କୁସୁମା ଭିତରେ ପ୍ରାୟ ୭୦ ପ୍ରଜାତିର ଫୁଲ ଶୋଭା ପାଉଛି। ହେଲେ ପୋଖରୀ ପାଣିକୁ ଲାଗି ରହିଥିବା ବଙ୍ଗଳାକୁ ବ୍ୟବହାର ପାଇଁ ସାଧାରଣ ଲୋକ ତଥା ପର୍ଯ୍ୟଟକଙ୍କୁ ଅନୁମତି ମିଳୁନାହିଁ। ଏଥିପାଇଁ ପୌରସଂସ୍ଥା ପକ୍ଷରୁ ବିଭିନ୍ନ ଆଳ ଦେଖାଯାଉଥିବା ଅଭିଯୋଗ ହେଉଛି। ତେବେ ଏହା ନିର୍ଦ୍ଦିଷ୍ଟ ଲୋକମାନଙ୍କ ମଉଜ ମଜଲିସର ସ୍ଥାନ ପାଲଟିଥିବାରୁ ତାହାକୁ ସାଧାରଣ ଲୋକଙ୍କଠାରୁ ଦୂରେଇ ରଖାଯାଇଥିବା ଚର୍ଚ୍ଚା ହେଉଛି। ଏହି ବଙ୍ଗଳାରେ ଛୋଟବଡ଼ ଶୀତତାପ ନିୟନ୍ତ୍ରିତ ୩ଟି କୋଠରି ଥିବାବେଳେ ସେଥିରେ ବହୁ ମୂଲ୍ୟବାନ ଆସବାବପତ୍ର ରହିଛି। ଏହାବାଦ ସେଠାରେ ଥିବା ଶିଶୁ ଉଦ୍ୟାନକୁ ଭାଙ୍ଗି ଅନ୍ୟ ଏକ ବିଳାସପୂର୍ଣ୍ଣ ବଙ୍ଗଳା ନିର୍ମାଣ କରାଯାଇଛି। ଏହି ଦୁଇ ବଙ୍ଗଳା ନିର୍ମାଣ ପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଛି। ତେବେ କେଉଁ ଅନୁଦାନ ଓ ଉଦ୍ଦେଶ୍ୟରେ ଏହି ବଙ୍ଗଳା ନିର୍ମାଣ ହୋଇଥିଲା ସେନେଇ ଯାଜପୁର ପୌର ପରିଷଦ କର୍ତ୍ତୃପକ୍ଷ କହି ପାରୁନାହାନ୍ତି। ଏହି ଦୁଇ ବଙ୍ଗଳା କେବେ ସାଧାରଣ ଲୋକଙ୍କ କାମରେ ଆସିଛି ସେନେଇ ମଧ୍ୟ ସମସ୍ତଙ୍କ ପାଟି ଚୁପ୍। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ୨ ବଙ୍ଗଳାକୁ ରଙ୍ଗଶାଳା ଭାବେ ଅଭିହିତ କରାଯାଉଛି। ଏହାବାଦ ଏଠାରେ ବହୁ ଉଚ୍ଚସ୍ତରର ବିଜେଡି ବୈଠକ ଅନୁଷ୍ଠିତ ହେଉଥିଲା ଏବଂ ରାତିରେ ମଧ୍ୟ ଯାତାୟାତ ଚାଲିଥିଲା ବୋଲି ଚର୍ଚ୍ଚା ଜୋର ଧରିଛି। ରାଜ୍ୟରେ ସରକାର ବଦଳିବା ପରେ ବିପୁଳ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବଙ୍ଗଳାରେ କ'ଣ ସବୁ ହେଉଥିଲା ତାହା ଏବେ ସାଧାରଣରେ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, କୁସୁମା ପୋଖରୀ ପରିସରରେ ବଙ୍ଗଳା ନିର୍ମାଣ କେଉଁ ଉଦ୍ଦେଶ୍ୟରେ ହୋଇଥିଲା ତାହା ତାଙ୍କୁ ଜଣାନାହିଁ। କାଗଜପତ୍ର ଦେଖି ସେ ତଥ୍ୟ ପ୍ରଦାନ କରିପାରିବେ।

# ୫ ବର୍ଷରେ ଓଡ଼ିଶାକୁ ଆସିବ ୧ ଲକ୍ଷ କୋଟି ଟଙ୍କାର ନୂଆ ରେଳ ପ୍ରକଳ୍ପ

ଭୁବନେଶ୍ୱର, ୩୦।୬(ଅସମାପିକା ସାହୁ)

ଓଡ଼ିଶାକୁ ୧୦ ବର୍ଷ ତଳେ ମାତ୍ର ୮ଶହ କୋଟି ଟଙ୍କାର ରେଳ ଅନୁଦାନ ମିଳୁଥିଲା। ଓଡ଼ିଶାରେ ରେଳ ସ୍ୱପ୍ନକୁ ବର୍ଷ ବର୍ଷ ଧରି ଗୁରୁତ୍ୱ ଦିଆଯାଉ ନ ଥିଲା। କିନ୍ତୁ ଗତ ୧୦ ବର୍ଷ ଭିତରେ ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଓଡ଼ିଶାକୁ ୩ ବର୍ଷ ହେଲା ପ୍ରତିବର୍ଷ ୧୦ ହଜାର କୋଟି ଟଙ୍କାର ଅନୁଦାନ ମିଳୁଛି। ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଭାଜପାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି। ୨୦୨୪-୨୫ ବର୍ଷରେ ୧୦ ହଜାର ୫୩୬ କୋଟି ଟଙ୍କା ଓଡ଼ିଶାକୁ ମିଳିଛି। ଓଡ଼ିଶାରେ ନୂଆ ରେଳ ଲାଇନ୍ ମଧ୍ୟ ରେକର୍ଡ ଆକାରରେ ୧,୮୪୬ କି.ମି. ତିଆରି ହୋଇଛି। ସମ୍ପୂର୍ଣ୍ଣ ଶ୍ରୀଲଙ୍କାର ରେଳ ନେଟ୍‌ୱର୍କ ହେଉଛି ୧୭ଶହ କି.ମି., ମାତ୍ର ତା'ଠାରୁ ଅଧିକ ଓଡ଼ିଶାରେ ଗତ ୧୦ ବର୍ଷ ଭିତରେ ହୋଇଛି। ପୂର୍ବ ସରକାର ସମୟରେ କାମ ଆଗେଇ ପାରୁ ନ ଥିଲା। ଭାଜପା ସରକାର ଓଡ଼ିଶାରେ ଆସିଲା। ଓଡ଼ିଶାରେ ଏବେ ନୂଆ ରେକର୍ଡ ହେବ। ଆଗାମୀ ୫ ବର୍ଷ ଭିତରେ ଓଡ଼ିଶାକୁ ୧ ଲକ୍ଷ କୋଟି ଟଙ୍କାର ନୂଆ ପ୍ରକଳ୍ପ ଆସିବ ବୋଲି ରେଳମନ୍ତ୍ରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ରଥଯାତ୍ରା ସମୟରେ ଏଥର ୩୧୫ଟି ସ୍ୱତନ୍ତ୍ର ଟ୍ରେନ ଚାଲିବ। ୨୫ ଜିଲାରୁ ସ୍ୱତନ୍ତ୍ର ଟ୍ରେନ ଆସିବ। ୧୦ ବର୍ଷ ତଳେ ମାତ୍ର ୮୯ ଟ୍ରେନ୍ ଚାଲୁଥିଲା। ସେହିଭଳି ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ ମାନୁଫାକଚରିଂ କ୍ଲଷ୍ଟର ହେବ। ସେମି କଣ୍ଡକ୍ଟର ଶିଳ୍ପ ପାଇଁ ମଧ୍ୟ ଟ୍ରେନିଂ ବ୍ୟବସ୍ଥା କରାଯିବ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

# ରାଜ୍ୟର ରେଳ ପ୍ରକଳ୍ପର ସମୀକ୍ଷା କଲେ ଅଶ୍ୱିନୀ

ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଚାଲୁରହିଥିବା ରେଳ ପ୍ରକଳ୍ପଗୁଡିକର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିସ୍ତୃତ ସମୀକ୍ଷା କରିଛନ୍ତି। ରବିବାର ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନଠାରେ ଆୟୋଜିତ ବୈଠକରେ ଜମି ଅଧିଗ୍ରହଣ, ଜଙ୍ଗଲ ସମସ୍ୟା ଏବଂ ଆଇନ ଶୃଙ୍ଖଳା ଆଦିର ସମାଧାନ ଉପରେ ବୈଷ୍ଣବ ଗୁରୁତ୍ୱାରୋପ କରିବା ସହ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍‌ର ଶୀଘ୍ର ସମାପ୍ତି ପାଇଁ ଟନେଲଗୁଡିକର ନିର୍ମାଣ କାର୍ଯ୍ୟ ଉଭୟ ପାର୍ଶ୍ୱରୁ କରାଯିବ ବୋଲି କହିଛନ୍ତି। ପ୍ରାୟ ୭ କି.ମି. ଦୀର୍ଘ ଟନେଲ ସହିତ ଏହି ମାର୍ଗରେ ଜାତୀୟ ରାଜପଥକୁ ସଂଯୋଗ କରିବା ପାଇଁ ପଦକ୍ଷେପ ନିଆଯିବ। ଏହା ବ୍ୟତୀତ ତାଳଚେର-ବିମଳାଗଡ଼ ନୂଆ ରେଳ ଲାଇନରେ ନିର୍ମାଣ କାର୍ଯ୍ୟକୁ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ତାଳଚେର ପାର୍ଶ୍ୱ ଏବଂ ବିମଳାଗଡ଼ ପାର୍ଶ୍ୱରୁ ସମ୍ପାଦନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଏକ ସମୀକ୍ଷା ବୈଠକ କରି ରାଜ୍ୟରେ ଚାଲୁରହିଥିବା ପ୍ରତ୍ୟକ ରେଳ ପ୍ରକଳ୍ପର ଶୀଘ୍ର ସମାପ୍ତ ପାଇଁ ପଦକ୍ଷେପ ନିଆଯିବ। ରେଳପଥ କ୍ଷେତ୍ରରେ ରାଜ୍ୟର ଭିତ୍ତିଭୂମି ବିକାଶ ପାଇଁ ଗତ ବଜେଟରେ ୧୦୫୩୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ତେବେ ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ୧୮୨୬ କି.ମି. ଟ୍ରାକ ରେଳ ଲାଇନ ନିର୍ମାଣ କରାଯାଇଛି। ଗତ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ ୪୫୦ କି.ମି. ରେଳ ଟ୍ରାକ ନିର୍ମାଣ କରିଥିଲା ବେଳେ ଚଳିତ ବର୍ଷ ୫୦୦ କି.ମି. ରେଳ ଲାଇନ ନିର୍ମାଣ ହେବ। ବୈଠକରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା, ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ଏଚ୍. ଏସ୍. ବାଜୱା ଯୋଗଦେଇଥିଲେ।

# ମା' କଟକ ଚଣ୍ଡୀଙ୍କୁ ଦର୍ଶନ କଲେ ବାଚସ୍ପତି ସୁରମା ପାଢ଼ୀ

କଟକ,୩୦।୬(ଶିଳ୍ପା ପ୍ରିୟଦର୍ଶିନୀ)

ବାଚସ୍ପତି ସୁରମା ପାଢ଼ୀ ରବିବାର କଟକ ଗସ୍ତ କରି ମା' କଟକ ଚଣ୍ଡୀଙ୍କୁ ଦର୍ଶନ କରିଛନ୍ତି। ପୂର୍ବାହ୍ନ ୧୧ଟାରେ କଡ଼ା ସୁରକ୍ଷା ବଳୟରେ ସେ ମନ୍ଦିରରେ ପହଞ୍ଚିଥିଲେ। ଏହି ଅବସରରେ ସେ କହିଛନ୍ତି, କଟକର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' କଟକ ଚଣ୍ଡୀ। ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କଟକ ଆସି ପ୍ରଥମଥର ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିଛି। ସମସ୍ତ କାର୍ଯ୍ୟ ଭଲରେ ହେବା ସହ ବିଶ୍ୱର କଲ୍ୟାଣ ପାଇଁ ମା'ଙ୍କୁ ଜଣାଇଛି ବୋଲି ପାଢ଼ୀ କହିଛନ୍ତି। ବାଚସ୍ପତିଙ୍କ ଗସ୍ତ ପାଇଁ ମନ୍ଦିର ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ମୁଖ୍ୟ ପୂଜକ ମନୋଜ ପଣ୍ଡା, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।





କଟକ ଚଣ୍ଡୀ ମନ୍ଦିର ସମ୍ମୁଖରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟମାନେ।

# ଭାଜପାର ୨ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା

## ଯାଜପୁରରେ ନିର୍ବାଚନ ପରବର୍ତ୍ତୀ ହିଂସା

- ଅଟୋଚାଳକଙ୍କୁ ପିଟିଲେ ସଂଗ୍ରାମଙ୍କ ସମର୍ଥକ

ଯାଜପୁର ଟାଉନ,୩୦।୬ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)



ଅଟୋ ଚାଳକ ଶତ୍ରୁଘନ ବେହେରା।

ଯାଜପୁର ଥାନା ଅନ୍ତର୍ଗତ ବୈଦ୍ୟରାଜପୁର ଅଞ୍ଚଳରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ରବିବାର ଜଣେ ଅଟୋ ଚାଳକଙ୍କୁ ମାଡ଼ମାରି ଲହୁଲୁହାଣ କରାଯାଇଛି। ଅଟୋ ଭଡ଼ା ନେବା ଆଳରେ ଚଇନିପୁର ଅଞ୍ଚଳର ଅଟୋ ଚାଳକ ଶତ୍ରୁଘନ ବେହେରାଙ୍କୁ ବୈଦ୍ୟରାଜପୁର ପୋଲ ନିକଟକୁ ଡକାଇ ଆକ୍ରମଣ କରାଯାଇଛି। ଏଥିରେ ଶତ୍ରୁଘନଙ୍କ ମୁଣ୍ଡ ଓ ଗୋଡ଼ରେ ଶକ୍ତ ଆଘାତ ଲାଗିଛି। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କୁ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ରଙ୍କ କେତେଜଣ ସମର୍ଥକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ନିର୍ବାଚନ ଫଳାଫଳକୁ ନେଇ କିଛିଦିନ ତଳେ ଭାଜପା ଜିଲା ସଭାପତି ଗୌତମ ରାୟ ଓ ସଂଗ୍ରାମଙ୍କ ସମର୍ଥକଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏପରି କି ଯାଜପୁର ବ୍ଲକ୍ ଭୁବନେଶ୍ୱରପୁର ପଞ୍ଚାୟତରେ ସଂଗ୍ରାମଙ୍କୁ ଗୌତମଙ୍କ କେତେଜଣ ସମର୍ଥକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ପରେ ଭାଜପାର ୨ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ଏହି ଆକ୍ରମଣ ସଂଗ୍ରାମଙ୍କ ଉପରେ ହୋଇଥିବା ଆକ୍ରମଣର ପ୍ରତିବାଦରେ ହୋଇଛି ବୋଲି ଆକ୍ରମଣକାରୀ ଶତ୍ରୁଘନଙ୍କୁ କହିଛନ୍ତି। ଘଟଣା ସମ୍ପର୍କରେ ସଂଗ୍ରାମ ଓ ଗୌତମଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଶିକ୍ଷାଠାରୁ ବିବାହରେ ଅଧିକ ଖର୍ଚ୍ଚ କରୁଛନ୍ତି ଭାରତୀୟ

ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)



ଭାରତୀୟମାନେ ଖାଦ୍ୟକୁ ବାଦ ଦେଲେ ସବୁଠାରୁ ଅଧିକ ଖର୍ଚ୍ଚ ବିବାହ ଉତ୍ସବରେ ଖର୍ଚ୍ଚ କରନ୍ତି। ଏପରିକି ଭାରତୀୟମାନେ ଶିକ୍ଷା ପାଇଁ ବ୍ୟୟ କରୁଥିବା ଅର୍ଥର ଦୁଇଗୁଣାରୁ ଅଧିକ ବିବାହରେ ଖର୍ଚ୍ଚ କରିଥାନ୍ତି। ଭାରତୀୟ ବିବାହ ଉଦ୍ୟୋଗକୁ ନେଇ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏହି ଉଦ୍ୟୋଗର ଆକାର ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା। ଭାରତରେ ପ୍ରତିବର୍ଷ ୮୦ ଲକ୍ଷରୁ ୧ କୋଟି ବିବାହ ହେଉଥିବାବେଳେ ଚାଇନାରେ ୭୦ରୁ୮୦ ଲକ୍ଷ ଏବଂ ଆମେରିକାରେ ୨୦-୨୫ ଲକ୍ଷ ବିବାହ ହୋଇଥାଏ। ରିପୋର୍ଟରେ ଦର୍ଶାଯାଇଛି, ଭାରତୀୟ ବିବାହ ଶିଳ୍ପ ଆମେରିକାର ଶିଳ୍ପର ଦୁଇଗୁଣ ଅଟେ। ତେବେ ଏହାର ପରିମାଣ ଚାଇନାଠାରୁ କମ୍ ରହିଛି। ଆମେରିକୀୟ ବିବାହ ଶିଳ୍ପ ୭୦ ବିଲିୟନ ଆମେରିକୀୟ ଡଲାର ହୋଇଥିବାବେଳେ ଚାଇନାରେ ବିବାହ ଶିଳ୍ପ ପରିମାଣ ୧୭୦ ବିଲିୟନ ଡଲାର ରହିଛି। ଭାରତୀୟମାନେ ଖାଦ୍ୟପେୟରେ ୬୮୧ ବିଲିୟନ ଡଲାର୍ ଖର୍ଚ୍ଚ କରୁଥିବାବେଳେ ଏହା ପଛକୁ ବିବାହ ଖର୍ଚ୍ଚ ଦ୍ୱିତୀୟ ସ୍ଥାନରେ ରହିଛି। ଏହାର ଆକାର ୧୩୦ ବିଲିୟନ ଆମେରିକୀୟ ଡଲାର ବୋଲି ଆକଳନ କରାଯାଇଛି। ଭାରତରେ ବିବାହ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ହୋଇଥିବାବେଳେ ଅଳଙ୍କାର ଏବଂ ପୋଷାକରେ ଖର୍ଚ୍ଚ ହେଉଥିବାବେଳେ ପରୋକ୍ଷରେ ଇଲେକ୍ଟ୍ରୋନିକ୍ସ ଶିଳ୍ପକୁ ଲାଭ ଦିଏ। ବ୍ୟୟବହୁଳ ବିବାହ ଉତ୍ସବ କମାଇବା ପାଇଁ ଅନେକ ସମୟରେ ଚେଷ୍ଟା କରାଯାଉଥିଲେ ମଧ୍ୟ ବିବାହ ଖର୍ଚ୍ଚ ପରିମାଣ ବୃଦ୍ଧି ପାଉଛି।

ଦେଶରେ ବିବାହ ଶିଳ୍ପ ଆମେରିକାର ତୁଳନାରେ ପ୍ରାୟ ଦୁଇଗୁଣ ଏବଂ ପ୍ରମୁଖ ଉପଭୋକ୍ତା ବର୍ଗରେ ଯଥେଷ୍ଟ ଅବଦାନ ରହିଛି। ଭାରତୀୟ ବିବାହର ବିଭିନ୍ନ ଉତ୍ସବ ଅନେକ ଦିନ ଧରି ଚାଲିଥାଏ ଏବଂ ଅତ୍ୟଧିକ ବ୍ୟୟବହୁଳ ଅଟେ। ଏଥିରେ ସ୍ଥାନ, ଧର୍ମ ଏବଂ ଅର୍ଥନୈତିକ ପୃଷ୍ଠଭୂମି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ଭାରତରେ ବିବାହ ପାଇଁ ଖର୍ଚ୍ଚ ଶିକ୍ଷା ସ୍ନାତକୋତ୍ତର ପର୍ଯ୍ୟନ୍ତ ଦୁଇଗୁଣ ହୋଇଥିବାବେଳେ ଆମେରିକା ଭଳି ଦେଶରେ ଏହି ଖର୍ଚ୍ଚ ଶିକ୍ଷାର ଅଧାରୁ କମ୍ ଅଟେ।

## ଏଏମ୍ଏଫ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୩୦।୬

ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡ (ଏଏମ୍ଏଫ୍) ର ନୂତନ ଉତ୍ପାଦ 'ଆକ୍ସିସ୍ ନିଫ୍ଟି ୫୦୦ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ନୂଆ ଫଣ୍ଡ ଅଫରର ଅନାବରଣ ନିକଟରେ ହୋଇଯାଇଛି। ବିଶେଷ କରି ଏହା ଏକ ଓପନ୍ ଏଣ୍ଡେଡ ଇଣ୍ଡେକ୍ସ ଫଣ୍ଡ ହୋଇଥିଲାବେଳେ ଏହାର ମୂଳ ଲକ୍ଷ୍ୟ ହେଉଛି, ନିଫ୍ଟି ୫୦୦ଟୋଟାଲ ରିଟର୍ନ ଇଣ୍ଡେକ୍ସ (ଟିଆର୍‌ଆଇ)ର ପ୍ରଦର୍ଶନକୁ ଦୋହରାଇବା। ଅପରପକ୍ଷରେ ନ୍ୟାଶନାଲ୍ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ଥିବା ଶ୍ରେଷ୍ଠ ୫୦୦ କମ୍ପାନୀରେ ନିବେଶ କରିବା ଲାଗି ଏହା ନିବେଶକମାନଙ୍କୁ ସୁଯୋଗ ପ୍ରଦାନ କରୁଛି। ଏହାର ନୂଆ ଫଣ୍ଡ ଅଫର ୨୦୨୪ ଜୁଲାଇ ୯ରେ ବନ୍ଦ ହେବ। ଏହି ଫଣ୍ଡକୁ କାର୍ତ୍ତିକ କୁମାର ଓ ସଚିତ ରେଲେକର ପରିଚାଳନା କରିବେ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ତଥା ସିଇଓ ବି ଗୋପକୁମାର କହିଛନ୍ତି, ଆମେ ଆକ୍ସିସ୍ ନିଫ୍ଟି ୫୦୦ଇଣ୍ଡେକ୍ସଫଣ୍ଡକୁଉନ୍ମୋଚନସହବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ।

## ନାଗରିକ ସେବା ପ୍ରଦାନରେ ଏଆଇ ହେବ ଗେମ୍ ଚେଞ୍ଜର୍

ଭୁବନେଶ୍ୱର,୩୦।୬(ଅନୁରାଧା ମହାରଣା)

ଭାରତରେ ନାଗରିକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି(ଏଆଇ) ଏକ ଗେମ୍ ଚେଞ୍ଜର୍ ଭୂମିକା ଗ୍ରହଣ କରିବ। ଏହା ମାନବ ସମାଜ ଉପରେ ଆଶୀର୍ବାଦ ସାବ୍ୟସ୍ତ ହେବ। ସେଲ୍ସଫୋର୍ସ ଇଣ୍ଡିଆର ସିଇଓ ତଥା ଚେୟାରମ୍ୟାନ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଏପରି କହିଛନ୍ତି। ସେ କହିଛନ୍ତି, ସ୍ୱାସ୍ଥ୍ୟସେବା, ଶିକ୍ଷାଠାରୁ ଆରମ୍ଭ କରି ଦକ୍ଷତା ବିକାଶ କ୍ଷେତ୍ରରେ ଏଆଇ ପରିବର୍ତ୍ତନ ଆଣିବାରେ ସକ୍ଷମ ହେବ। ଏହି ଭବିଷ୍ୟତ ଜ୍ଞାନକୌଶଳ ଆଗମନ ଅଧିକ ପରିମାଣରେ ଏବଂ କମ ମୂଲ୍ୟରେ ଜନସେବା ପ୍ରଦାନକାରୀଙ୍କୁ ସକ୍ରିୟ କରିବ, ଯାହାକି ଭାରତ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ। ଏକ ସାକ୍ଷାତକାରରେ ଭଟ୍ଟାଚାର୍ଯ୍ୟ ଟେକ୍ନୋଲୋଜିର ବ୍ୟବହାର ଏବଂ ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ଏଆଇ ଉପରେ 'ଗ୍ଲୋବାଲ କମ୍ପାକ୍ଟ'ର ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି। ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ସେ ନିଶ୍ଚିତ ଯେ ଏଆଇ ସମାଜ ପାଇଁ ଲାଭଦାୟକ ହେବ ମାତ୍ର ଏହାର ଦୁରୁପଯୋଗ ଏହା ଅତ୍ୟନ୍ତ କ୍ଷତିକାରକ ପ୍ରମାଣିତ ହୋଇପାରେ । ଏଥିପାଇଁ ସତର୍କତା ଅବଲମ୍ବନ କରାଯିବା ଉଚିତ। ଅନ୍ୟ ଟୁଲ୍ ପରି ଜଣେ କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟାବାହାର କରିପାରିବେ। ତେବେ ଏହାର ସଦୁପଯୋଗ ଏବଂ ଦୁରୁପଯୋଗ ଏହାର ପରିଣାମ ସ୍ଥିର କରିବ। ଏଥିପାଇଁ ଭୟଭୀତ ହେବା ଉଚିତ୍ ନୁହେଁ ବରଂ ସଚେତନ ହେବା ଆବଶ୍ୟକ ବୋଲି ଭଟ୍ଟାଚାର୍ଯ୍ୟ କହିଛନ୍ତି। ଜଳବାୟୁ ପ୍ରସଙ୍ଗ ପରି ଏଆଇ ମଧ୍ୟ ଦେଶରେ ସୀମିତ ନୁହେଁ। ଏଥିପାଇଁ ବିଶ୍ୱସ୍ତରୀୟ କମ୍ପାକ୍ଟ, ସହମତି ଏବଂ ଅନ୍ତର୍ଜାତୀୟ ଉଦ୍ୟମ ଆବଶ୍ୟକ ହୁଏ। ସେ ଆହୁରି ମଧ୍ୟ କହିଛନ୍ତି, ଭାରତରେ ମାନବ ଶକ୍ତିର ଅଭାବ ନାହିଁ, ପ୍ରତ୍ୟେକଙ୍କୁ ସେମାନଙ୍କର ସର୍ବାଧିକ ସାମର୍ଥ୍ୟକୁ ପହଞ୍ଚାଇବା ପାଇଁ ଆମକୁ ଟେକ୍ନୋଲୋଜିର ଆବଶ୍ୟକତା ରହିଛି।



ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ

## ଆଇସିଆଇସିଆଇ ବ୍ୟାଙ୍କର ନୂତନ ସୁବିଧା

ଭୁବନେଶ୍ୱର,୩୦।୬

ଆଇସିଆଇସିଆଇ ବ୍ୟାଙ୍କର ନୂତନ ସୁବିଧା 'ସ୍ମାର୍ଟ ଲକ୍' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଆଇମୋବାଇଲ୍ ପେ'ରେ ବ୍ୟାଙ୍କର ନୂତନ ସୁବିଧା 'ସ୍ମାର୍ଟ ଲକ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଗ୍ରାହକମାନେ ଫୋନ୍ କିମ୍ବା ଇ-ମେଲ୍ ମାଧ୍ୟମରେ ଗ୍ରାହକ ସେବା ଅଧିକାରୀଙ୍କ ହସ୍ତକ୍ଷେପ ନ ଲୋଡ଼ି ଏହା ଜରିଆରେ ବିଭିନ୍ନ ବ୍ୟାଙ୍କ ସେବାକୁ ଲକ୍ ଓ ଅନଲକ କରିପାରିବେ।

ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର ଡିଜିଟାଲ ଚ୍ୟାନେଲ ଆଣ୍ଡ ପାର୍ଟନରଶିପ୍ ମୁଖ୍ୟ ସିଦ୍ଧାର୍ଥ ମିଶ୍ର କହିଛନ୍ତି, ଗ୍ରାହକଙ୍କ ଆକାଉଣ୍ଟର ସୁରକ୍ଷା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲାବେଳେ ଆକାଉଣ୍ଟର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଗ୍ରାହକଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ 'ସ୍ମାର୍ଟ ଲକ୍' ଆରମ୍ଭ କରିବା ବ୍ୟାଙ୍କର ଆଉ ଏକ ପ୍ରୟାସ। ଏହି ଡୁ-ଇଟ୍-ୟୁରସେଲ୍ଫ (ଡିଆଇୱାଇ) ସୁବିଧା ଗ୍ରାହକଙ୍କୁ ଗୋଟିଏ ସ୍ଥାନରେ ନିଜ ହାତରେ ବ୍ୟାଙ୍କିଙ୍ଗ ସେବା ପାଇଁ ବର୍ଦ୍ଧିତ ସୁରକ୍ଷାର ସୁବିଧା ପ୍ରଦାନ କରିଥାଏ।

ସେହିଭଳି ଏହା ଜରିଆରେ ଗ୍ରାହକମାନେ ଇଣ୍ଟରନେଟ ବ୍ୟାଙ୍କିଙ୍ଗ, ୟୁପିଆଇ, କ୍ରେଡିଟ କାର୍ଡ ଓ ଡେବିଟ କାର୍ଡ ଆଦିକୁ ଗୋଟିଏ କ୍ଲିକରେ ଲକ କିମ୍ବା ଅନଲକ ମଧ୍ୟ କରିପାରିବେ।

ସ୍ମାର୍ଟ ଲକ୍ ହେଉଛି ଭାରତୀୟ ବ୍ୟାଙ୍କିଙ୍ଗି ଶିଳ୍ପରେ ପ୍ରଥମ ଧରଣର ପଦକ୍ଷେପ, ଯାହା ମାଧ୍ୟମରେ ସମ୍ପୂର୍ଣ୍ଣ ଆଇମୋବାଇଲ ପେ'କୁ ଲକ କିମ୍ବା ଅନଲକ କରି ହେବ।

ନିଜ ଖାତା କିମ୍ବା କାର୍ଡରେ ଠକେଇ ସନ୍ଦେହ ଭଳି ମାମଲାରେ ଗ୍ରାହକମାନେ ସ୍ମାର୍ଟ ଲକ୍‌କୁ ବ୍ୟବହାର କରିପାରିବେ। ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ କୌଣସି ସେବାକୁ ବ୍ୟବହାର କରିବାକୁ ଚାହୁ ନ ଥିବା ବେଳେ ମଧ୍ୟ ସେମାନେ ଏହି ସେବା ବ୍ୟବହାର କରିପାରିବେ।

ସ୍ମାର୍ଟଲକ୍ ପ୍ରଚଳନ ବ୍ୟାଙ୍କର ବିଭିନ୍ନ ସୁରକ୍ଷିତ ବ୍ୟାଙ୍କିଙ୍ଗ୍ ପଦକ୍ଷେପର ଏକ ଅଂଶ। ସ୍ମାର୍ଟଲକ ସୁବିଧାକୁ ବ୍ୟବହାର କରିବା ଲାଗି ଆଇମୋବାଇଲ ପେ'ରେ ଲଗଇନ କରନ୍ତୁ। ଏହା ପରେ ହୋମ ସ୍କ୍ରିନର ତଳ ଡାହାଣ କୋଣରେ ଥିବା 'ସ୍ମାର୍ଟ ଲକ୍ ' ଉପରେ କ୍ଲିକ କରନ୍ତୁ। ଯେଉଁ ସେବାକୁ ଲକ୍ କିମ୍ବା ଅନଲକ କରିବାକୁ ଚାହୁଛନ୍ତି, ତାହା ଚୟନ କରନ୍ତୁ।

## ରାଜ୍ୟସ୍ତରୀୟ ଗାଣିତିକ ଉତ୍କର୍ଷ ସମାରୋହ

### ଏସ୍‌ଆଇପି ଆବାକସ୍ ପ୍ରୋଡିଜି-୨୦୨୪

ଭୁବନେଶ୍ୱର,୩୦।୬ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଏସ୍‌ଆଇପି ଆବାକସର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଏସ୍‌ଆଇପି ଆବାକସ୍ ପ୍ରୋଡିଜି-୨୦୨୪'ର ଶୁଭାରମ୍ଭ ରବିବାର ଭୁବନେଶ୍ୱରର ଇଷ୍ଟକୋଷ୍ଟ ରେଲୱେ ଇନଡୋର ଷ୍ଟାଡିୟମ ପରିସରରେ ହୋଇଯାଇଛି। ଏପରିକି ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜିତ ଏସ୍‌ଆଇପି ଆବାକସ୍ ପ୍ରୋଡିଜି-୨୦୨୪ ପ୍ରତିଯୋଗିତାର ଶତାଧିକ ଛାତ୍ରୀଛାତ୍ରଙ୍କୁ ଗଣିତରେ ଏଭଳି ଦକ୍ଷ ହେବା ଦେଖିବା ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଥିଲା।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଇଷ୍ଟକୋଷ୍ଟ ରେଲୱେ ଇନଡୋର ଷ୍ଟାଡିୟମ ପରିସରରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଗାଣିତିକ ଉତ୍କର୍ଷ ସମାରୋହରେ ୧୧୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସେମାନଙ୍କର ଗଣିତ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏପରିକି ଓଡ଼ିଶାର ୬ରୁ ୧୪ ବର୍ଷ ବୟସର ପିଲାମାନେ ଏଥିରେ ଭାଗ ନେଇଥିଲେ। ସେମାନେ ୧୧ମିନିଟ୍ ମଧ୍ୟରେ ପ୍ରାୟ ୩୦୦ ଗଣିତ (ରାଶି) ର ସମାଧାନ କରିଥିଲେ। ଏହି ଅବସରରେ କେ ଟି ଗ୍ଲୋବାଲ ସ୍କୁଲର ଚେୟାରମ୍ୟାନ ଡ. ଅରୁଣ ପ୍ରକାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଏସଆଇପି ଆବାକସ୍ ଇଣ୍ଡିଆ ଏବଂ ଇଣ୍ଟରନ୍ୟାଶନାଲ୍‌ର ଏମଡି ଦୀନେଶ ଭିକ୍ଟର,ଇଷ୍ଟର୍ନ ଇଣ୍ଡିଆର ଆଞ୍ଚଳିକ ମୁଖ୍ୟ ଶୁଭଜିତ ମଲ୍ଲିକ,ବିଜନେସ୍ ହେଡ଼ ସନ୍ଦୀପ ୱାଲ ଏବଂ ଓଡିଶା ମୁଖ୍ୟ ସୁନୀଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏସଆଇପି ଆବାକସ୍ ଇଣ୍ଡିଆ ଆଣ୍ଡ ଇଣ୍ଟରନ୍ୟାଶନାଲ୍‌ର ଏମଡି ଦୀନେଶ ଭିକ୍ଟର କହିଥିଲେ,ଆମର ପିଲାମାନେ କେବଳ ଗାଣିତିକ ସମାଧାନ କରୁନାହାନ୍ତି ବରଂ ମାତ୍ର ୧୧ମିନିଟରେ ୩୦୦ ଗଣିତକୁ ସୁନ୍ଦର ଭାବେ ସମାଧାନ କରୁଛନ୍ତି। ଅପରପକ୍ଷରେ ଏସଆଇପି ଆବାକସ୍ ଓଡ଼ିଶାର ମୁଖ୍ୟ ସୁନୀଲ ନାୟକ କହିଥିଲେ, ଓଡ଼ିଶାରେ ଏଭଳି ପ୍ରତିଯୋଗିତା ଆୟୋଜନ କରି ଆମେ ଖୁବ ଉତ୍ସାହିତ ଅଛୁ।

## ବଜାରରେ କିନୌଚି ଡାର୍କ ଏଡିଶନ ଏସି

ଭୁବନେଶ୍ୱର,୩୦।୬

ଦେଶର ପ୍ରମୁଖ ତଥା ବିଶ୍ୱସ୍ତରୀୟ ଉପକରଣ ବ୍ରାଣ୍ଡ୍ ହାୟର ଆପ୍ଲାଏନ୍ସେସ ଇଣ୍ଡିଆର ନୂତନ ଉତ୍ପାଦ ' ନ୍ୟୁ କିନୌଚି ଡାର୍କ ଏଡିଶନ ଏୟାରକଣ୍ଡିଶନ'ର ଅନାବରଣ (ଶୁଭାରମ୍ଭ) ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ଏୟାର କଣ୍ଡିସନର ୧୦ ମିନିଟରେ କୁଲିଂ, ଫ୍ରଷ୍ଟ ସେଲଫ କ୍ଲିନ ପ୍ରଯୁକ୍ତି, ହେକ୍ସା ଇନଭର୍ଟର ପ୍ରଯୁକ୍ତି, ଇଣ୍ଟେଲି କନଭର୍ଟିବଲ ୭ଇନ୧ ଓ ଅନ୍ୟାନ୍ୟ ଉନ୍ନତ ଜ୍ଞାନକୌଶଳ ସହ ୧.୬ଟନ ଓ ୧.୦ଟନରେ ଉପଲବ୍ଧ।

ଏ ସମ୍ପର୍କରେ ହାୟର ଆପ୍ଲାଏନ୍ସେସ ଇଣ୍ଡିଆର ସଭାପତି ଏନ୍‌ଏସ୍ ସତୀଶ କହିଛନ୍ତି,ଗ୍ରାହକଙ୍କ ବିକାଶମୂଳକ ଆବଶ୍ୟକତାକୁ ପ୍ରାଥମିକତା ଦେବା ଆମର ନୈତିକ ଦାୟିତ୍ୱ ରହିଥିଲାବେଳେ ବର୍ଷ ବର୍ଷ ଧରି ଆମେ ଅଭିନବ ସମାଧାନ ଦ୍ୱାରା ଦୈନନ୍ଦିନ ଜୀବନକୁ ଅଧିକ ସ୍ମାର୍ଟ,ସୁବିଧାଜନକ ଓ ଆରାମଦାୟକ କରିବାକୁ ଚେଷ୍ଟା କରୁଛୁ।

ସେହିଭଳି ଆମେ ଉତ୍ପାଦଗୁଡ଼ିକୁ ଇକୋ ସିଷ୍ଟମ କ୍ୟୁରେଟ କରିବା ଉପରେ ଧ୍ୟାନ ଦେଉଛୁ। ଏପରିକି ଗ୍ରାହକ ଅନୁପ୍ରାଣିତ ଭାବନାକୁ ନେଇ ଉତ୍ପାଦର ପ୍ରସ୍ତୁତି ସହିତ ଅତ୍ୟାଧୁନିକ ସଂସ୍କରଣ, ବଜାର ଉପଯୋଗୀ ପ୍ରିମିୟମ ଉତ୍ପାଦ ପ୍ରସ୍ତୁତ ସହିତ ଗ୍ରାହକଙ୍କ ଆବଶ୍ୟକତା ପୂରଣ ହୋଇପାରିବ। ଉଲ୍ଲେଖଯୋଗ୍ୟ, ବଜାରରେ କିନୌଚି ଡାର୍କ ଏଡିଶନ ଏୟାର କଣ୍ଡିଶନର ମୂଲ୍ୟ ୪୬,୯୯୦ ଟଙ୍କା ରହିଛି। ଶୁଭାରମ୍ଭ ଅଫରର ଏକ ଅଂଶ ଭାବେ ହାୟର ଇଣ୍ଡିଆ ୧୫,୯୯୦ ଟଙ୍କାରେ ୫ବର୍ଷର ୱାରେଣ୍ଟି ପ୍ରଦାନ କରିଥାଏ। ଅପରପକ୍ଷରେ ସ୍ୱଦେଶୀ ଉତ୍ପାଦ ପାଇଁ କମ୍ପାନୀର ପ୍ରତିଶ୍ରୁତି ସ୍ୱରୂପ ହାୟର ଇଣ୍ଡିଆ କ୍ରମାଗତ ଭାବେ ଗ୍ରାହକଙ୍କ ଚାହିଦା ଅନୁଯାୟୀ ଉତ୍ପାଦ ପ୍ରସ୍ତୁତ କରୁଛି। ଏପରିକି ଗ୍ରାହକ କୈନ୍ଦ୍ରିକ ଅଭିନବତାକୁ ଧ୍ୟାନ ଦେଇ ନୂଆ ନୂଆ ଉତ୍ପାଦର ଶୁଭାରମ୍ଭ ମଧ୍ୟ କରୁଛି।

## ରାଜ୍ୟ ଖବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଅଲାଜୁକ ନାଚି ଯାଏ
ଅତି ପୋଡାମୁହାଁ ଗୀତ ଗାଏ ।**

ଲୋକମାନଙ୍କର ବିଶ୍ୱାସ, ବେସରମ ଲୋକ ହିଁ ନାଟ ତାମସାରେ ମାତିଥାଏ। ପରୋକ୍ଷରେ ଯେଉଁମାନଙ୍କ ମୁହଁରେ ଲାଜ ସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅଘଟ କଥା ଘଟାଇ ଦେଖ
ପେଜ ପିଆଠେଇଁ ବାଜଇ ଶଙ୍ଖ ।**

ଗରିବ ଅଭାବୀ ଲୋକଙ୍କ ଉପରେ ସମସ୍ତଙ୍କର ଆଖି। ଅଭାବୀ ଲୋକଙ୍କର ସାମାନ୍ୟତମ ଭୁଲ୍ ପାଇଁ ବି କଥା କୋର୍ଟ କଚେରିକୁ ଯାଇଥାଏ, ନ ହେଲେ ସଭା କିମ୍ବା ନିଶାପ ବସିଥାଏ। ଆଜିର ଦୁନିଆରେ ଏହା ହିଁ ରୀତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କୂଅରେ ଗଲା ଦାଦା, ପୁତୁରାଙ୍କ ଜୀବନ

ଜଟଣୀ,୩୦।୬(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ଗୋରା ଧର୍ମସାଗର ଅଞ୍ଚଳରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଏକ ପରିତ୍ୟକ୍ତ କୂଅରେ ପୁତୁରା ପଡ଼ିଯାଇଥିବା ବେଳେ ତାଙ୍କୁ ଉଦ୍ଧାର କରିବା ପାଇଁ ଦାଦା ଡେଇଁପଡ଼ିଥିଲେ। ତେବେ ଉଭୟଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ ଗୋରା ଧର୍ମସାଗର ଅଞ୍ଚଳର ନିଖିଳ ନାୟକ(୧୮) ଏବଂ ତାଙ୍କ ଦାଦା ଦୁଲାରାମ ନାୟକ (୫୦)। ସୂଚନା ମୁତାବକ, ଅପରାହ୍ନରେ ନିଖିଳ କୌଣସି କାରଣବଶତଃ କୂଅରେ ପଡ଼ିଯାଇଥିଲେ। ପୁତୁରାଙ୍କୁ ଉଦ୍ଧାର କରିବାକୁ ଯାଇ ଦାଦା ଦୁଲାରାମ କୂଅ ଭିତରକୁ ଡେଇଁପଡ଼ିଥିଲେ। ଫଳରେ ଉଭୟ କୂଅରୁ ବାହାରିପାରି ନ ଥିଲେ। ଖବରପାଇ ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୨/୨୪) ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ମାଣବସା ଗୁରୁବାର ପାଇଁ ଶିଳ୍ପୀ କୋଣାର୍କରୁ ଗାଁକୁ ଯାଉଥିଲେ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

- ଦଶହରା ପର୍ବ ଥିଲା ଜାତୀୟ ପର୍ବ
- ଶିଳ୍ପୀ ଅସୁସ୍ଥ ହେଲେ କୋଣାର୍କ ରାଜକୋଷରୁ ଖର୍ଚ୍ଚ ହେଉଥିଲା



ରୂପକାର ଶିଳ୍ପୀ ପଞ୍ଚାନନ ମହାପାତ୍ରଙ୍କ ଦ୍ୱାରା ଅଙ୍କିତ ଚିତ୍ର।

କୋଣାର୍କରେ ମନ୍ଦିର ନିର୍ମାଣ ସମୟରେ ସମସ୍ତ ବିଧିବିଧାନ ପାଳିତ ହେଉଥିଲା। ସମସ୍ତଙ୍କର ମିଳିତ ସହଯୋଗରେ, ସହମତିରେ ହୋଇଥିବାର ବର୍ଣ୍ଣନା ମିଳୁଛି। ତେଣୁ ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ଦ୍ୱାରା ଶିଳ୍ପୀମାନେ ଅତ୍ୟାଚାରିତ ହେଉଥିଲେ ବୋଲି ଯେଉଁ ବର୍ଣ୍ଣନା କେତେଜଣ ଦେଇଛନ୍ତି, ତା'ର ଆଧାର କିଛି ନାହିଁ। ମନଗଢ଼ା କାହାଣୀ।

କୋଣାର୍କଠାରେ ପ୍ରତିବର୍ଷ 'ସୁନିଆ' ପାଳିତ ହେଉଥିଲା। ଏହା ଆମର ରାଜାନୁଗତ ଜାତୀୟ ଉତ୍ସବ ଥିଲା। ଯେଉଁବର୍ଷ ଗଜପତି ସୁନିଆଁ ସମୟରେ କୋଣାର୍କ ଆସିପାରୁ ନ ଥିଲେ, ସେ ବର୍ଷ ସୂତ୍ରଧର ଅର୍ଥାତ୍ ସଦାଶିବ ସାମନ୍ତରାୟ ମହାପାତ୍ର ଓରଫ ଶିବେଇ ସାନ୍ତରାଙ୍କୁ ତାଙ୍କ ଶିବିରରେ ସମସ୍ତେ ଭେଟନ୍ତି। ଗଜପତିଙ୍କ ନୂଆ ବର୍ଷ ଆରମ୍ଭର ଶୁଭେଚ୍ଛା ଜଣାନ୍ତି। ଏହା କେବଳ ଗଜପତିଙ୍କର ନୂଆବର୍ଷ ନ ଥିଲା। ସମଗ୍ର ସାମ୍ରାଜ୍ୟର ନୂଆବର୍ଷ ଥିଲା। କାରଣ ଆମର ନୂଆ 'ଅଙ୍କ' ଠିକ୍ ଶକାବ୍ଦ, ଯୁଗାବ୍ଦ ପରି ସେହିଦିନଠାରୁ ପ୍ରଚଳିତ ହେଉଥିଲା।

ଆମେ ଜାଣିଛେ ଷଷ୍ଠ ଶତାବ୍ଦୀରୁ କଳିଙ୍ଗ ସାମ୍ରାଜ୍ୟରେ 'ଗୁପ୍ତାବ୍ଦ' ବ୍ୟବହାର ହେଉଥିଲା। ଯାହା ତମ୍ବା ପଟାଗୁଡ଼ିକରେ ଦେଖାଯାଏ। ଖ୍ରୀ.ପୂ. ୩୨୦ରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ (୧)ଙ୍କ ଦ୍ୱାରା ଏହା ପ୍ରଚଳିତ ହୋଇଥିଲା। ଏହାପରେ ଅଧିକ ବ୍ୟବହୃତ ହୋଇଥିବାର ଦେଖାଯାଏ 'ଗାଙ୍ଗେୟ ବତ୍ସର'। ଏହା 'ଗଙ୍ଗାବ୍ଦ' ନାମରେ ପୋଥିରେ ଦରଜ ହୋଇଅଛି। ୬୨୬ ମସିହା ହେଉଛି ଏହାର ଆରମ୍ଭ କାଳ।

ରାଜା ଯଯାତିକେଶରୀ 'ସୁନିଆଁ' ଅବସରରେ ଓଡ଼ିଶାରେ 'ସନ'ର ପ୍ରଚଳନ କରିଥିଲେ। ପୋଥିରେ ଏହା 'ସ୍ନ' ବୋଲି ଲେଖାଯାଇଛି। ୫୯୩ ମସିହାରେ ଏହା ପ୍ରଚଳିତ ହୋଇଥିଲା। ଏହିପରି ଭୌମାବ୍ଦ, ସମ୍ବତ୍ସର ଉତ୍କଳାବ୍ଦ ମଧ୍ୟ ପ୍ରଚଳିତ ଥିଲା। ଆମେ ବୁଝିବା ପାଇଁ 'ଅଙ୍କ' ଶବ୍ଦରେ କାଳ ଗଣନା ପ୍ରସଙ୍ଗ ଉଲ୍ଲେଖ କରୁଥିଲେ ମଧ୍ୟ ଗଜପତି ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ ସୁନିଆଁଠାରୁ ଗାଙ୍ଗେୟ ବତ୍ସର ବା ଗଙ୍ଗାବ୍ଦ ହିଁ ପ୍ରଚଳିତ ହେଉଥିଲା। ସେହିଦିନ ଗଜପତିଙ୍କୁ ଯେଉଁ ଭେଟି ଦେବା କଥା, ତାହା ସୂତ୍ରଧରଙ୍କୁ ତାଙ୍କ ଶିବିରରେ ସମସ୍ତେ ଦିଅନ୍ତି। ସେ ମଧ୍ୟ ସମସ୍ତ ଭେଟି କୋଣାର୍କ କୋଷାଗାରରେ ଦାଖଲ କରୁଥିଲେ।

ସେହିପରି ଓଡ଼ିଶାର ଆଉ ଗୋଟିଏ ଜାତୀୟ ପର୍ବ ହେଲା 'ଦଶହରା'। ଏହିଦିନ ବିଶ୍ୱକର୍ମାମାନଙ୍କର ହତିଆର ପୂଜା ହୁଏ। ଚାଷୀଙ୍କର ଚାଷ ସରଞ୍ଜାମ ଏବଂ କ୍ଷତ୍ରୀୟମାନଙ୍କର ଅସ୍ତ୍ରପୂଜା ହୁଏ। ମନ୍ଦିର ନିର୍ମାଣ ଆରମ୍ଭଠାରୁ ପ୍ରତିବର୍ଷ ଦଶହରା ପର୍ବ ଧୂମଧାମରେ ପାଳିତ ହେଉଥିଲା। ସେଥିପାଇଁ ପିଠା ପ୍ରସ୍ତୁତ ହେଉଥିଲା। ଭଣ୍ଡାରରୁ ସୂତ୍ରଧର ପିଠା ପ୍ରସ୍ତୁତି ପାଇଁ ଦ୍ରବ୍ୟ ଦେବାକୁ ଆଦେଶ ଦେଉଥିଲେ। ଗୋଟିଏ ଗୋଟିଏ ଶିବିରକୁ ମିଶିରି ଦୁଇମାଣିକା, ଘିଅ ଚାରିଘଡ଼ି, ବିରି ୧୪ ନଉତି, ମାଟିପାତ୍ର ୧୪ଟି ଯୋଗାଇ ଦିଆଯାଇଥିଲା। ନୂଆ ଧୋତି ବି ଦିଆଯାଉଥିଲା।

ଦଶହରା ପରେ ପରେ ମୁଖ୍ୟ ମନ୍ଦିର ଚାରିପଟେ ଗଡ଼ାଣିଆ ମଞ୍ଚ ତିଆରି ହୋଇଥିଲା ସୂଚୀକାମ ପାଇଁ। ଗୋଲରାଗଡ଼ର ଦାମ ସମର୍ଥା ଏଥିପାଇଁ ସମସ୍ତ ଦଉଡ଼ି ଯୋଗାଇଥିଲେ। ମଞ୍ଚ ତିଆରି ପରେ ନିଧି ମହାରଣା ହଠାତ୍ ଅସୁସ୍ଥ ହୋଇପଡ଼ିଲେ। ପୋଥି ବର୍ଣ୍ଣନାରୁ ଜଣାଯାଉଛି ଯାହାର ବି ଦେହ-ପା ଖରାପ ହେଉ, ସେମାନଙ୍କ ଚିକିତ୍ସା ଖର୍ଚ୍ଚ ଏବଂ ଯିବା-ଆସିବା ବ୍ୟବସ୍ଥା ରାଜକୋଷରୁ ହିଁ କରାଯାଉଥିଲା। ନିଧି ମହାରଣାଙ୍କ ଗାଁ ଥିଲା ଛଇତନାର ଇକୋଡ଼ା। ଶଗଡ଼ରେ ତାଙ୍କୁ ଗାଁକୁ ପଠାଯାଇଥିଲା ଚିକିତ୍ସା ସହିତ ବିଶ୍ରାମ ନେବା ପାଇଁ।

ଏସବୁ ଆମେ ଆଲୋଚନା କରିବାର ଅର୍ଥ ମନ୍ଦିର ନିର୍ମାଣବେଳେ ଯାନି-ଯାତ୍ରା, ପୁଣ୍ୟ-ପର୍ବ ପ୍ରଭୃତି ପାଳନରେ ବାରଣ ନ ଥିଲା। ଶିଳ୍ପୀ ଅସୁସ୍ଥ ହେଲେ ଆନୁଷଙ୍ଗିକ ପଦକ୍ଷେପ ନେବାରେ ବିଳମ୍ବ ନ ଥିଲା। ଗତପତିଙ୍କ ଉଦାର ଭାବନା ଏବଂ ନିଯୁକ୍ତ ରାଜକର୍ମଚାରୀଙ୍କ ସହଯୋଗ ମାନସିକତା ନ ଥିଲେ ବର୍ଷ ବର୍ଷ ଧରି ମନ୍ଦିର ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ଚାଲିପାରି ନ ଥାନ୍ତା। ନ ହେଲେ 'ଅଲୁଗୁମ୍' (ସତ୍ୟବାଦୀ)ର ବିଶି ନାୟକଙ୍କଠାରୁ ତିନିଶହ ତାଳପତ୍ର ଚଟେଇ କିଣାଯାଇ ନ ଥାନ୍ତା। ଶିବିରରେ ଶିଳ୍ପୀମାନେ ଚଟେଇରେ ବସି ଭୋଜନ କରୁଥିଲେ। ପ୍ରତ୍ୟେକ ଦିଗକୁ ସଜାଗ ଦୃଷ୍ଟି ଦିଆଯାଇଥିଲା। ଓଡ଼ିଶାରେ 'ମାଣବସା' ଓ 'ମାଣଉଜୁଆଁ' ଏକ ଗଣପର୍ବ। ମାଣବସାବେଳେ ଯେଉଁ ଶିଳ୍ପୀ ଗାଁକୁ ଯାଆନ୍ତି, ଉଜୁଆଁ ପୂର୍ବରୁ ଫେରିଆସି କାମରେ ଯୋଗ ଦିଅନ୍ତି। ନିର୍ମାଣର ଏକାଦଶ ବର୍ଷରେ ମାର୍ଗଶୀର ମାସ ଶେଷ ଗୁରୁବାର 'ଉଜୁଆଁ' ପାଇଁ ୧୦୩ଜଣ ଶିଳ୍ପୀ ଯେଝା ଗାଁକୁ ଯାଇଥିଲେ। ଏହାକୁ କ'ଣ ଆମେ ଶିଳ୍ପୀଙ୍କୁ ଅତ୍ୟାଚାର କରାଯାଉଥିଲା ବୋଲି ଲେଖିପାରିବା! ଏଥିରେ କେବଳ ଶିଳ୍ପୀ ସାମିଲ ନ ଥିଲେ। ପଥୁରିଆ, ପାଇଟିଆଳ, ଅନୁରଥ ପଥୁରିଆ, ପଥର କଟାଳି, ପଥର ସୁଆଁସିଆ, ପଥୁରିଆଣି ସମସ୍ତେ ସାମିଲ ଥିଲେ। ଶିଳ୍ପୀ ଯେଉଁ ଯେଉଁ ସୁବିଧା ପାଉଥିଲେ, ଅନ୍ୟମାନେ ସେହିପରି ସୁବିଧା ସୁଯୋଗ ପାଉଥିଲେ। କାହାରି ମନ ଊଣା ନ ହେଉ, ହୀନମନ୍ୟତା ସୃଷ୍ଟି ନ ହେଉ। ଆତ୍ମସମ୍ମାନର ସହିତ ସମସ୍ତେ କାର୍ଯ୍ୟ କରି ନ ଥିଲେ ବିଶ୍ୱର ବିସ୍ମୟଟିଏ ଓଡ଼ିଆ ଜାତି ସୃଷ୍ଟି କରିପାରି ନ ଥାନ୍ତା।

# ଡାକ୍ତରୀ ଜୀବନ


ଡା. ନିତ୍ୟାନନ୍ଦ ସ୍ୱାଇଁ

''ହିପୋକ୍ରେଟିସ୍ ଆଧୁନିକ ଚିକିତ୍ସା ପଦ୍ଧତିର ଜନକ ରୂପେ ସମ୍ମାନିତ। ଚିକିତ୍ସକମାନଙ୍କୁ ଦାର୍ଶନିକ ଗୋଷ୍ଠୀ ସହ ତୁଳନା କରି ସେମାନଙ୍କୁ ଈଶ୍ୱରଙ୍କର ପ୍ରତିଭୂ ଭାବରେ ଅଭିହିତ କରିଯାଇଥିଲେ ହିପୋକ୍ରେଟିସ୍। ସେ କହିଥିଲେ, 'ମୁଁ ଜଣେ ଚିକିତ୍ସକ। ରୋଗୀର ସର୍ବବିଧ ମଙ୍ଗଳ କରିବା ହିଁ ମୋର ପରମ କର୍ତ୍ତବ୍ୟ ବୋଲି ମୁଁ ମନେକରେ। ରୋଗୀର ସଂସ୍ପର୍ଶରେ ଆସିବାମାତ୍ରେ ମୋ'ଠାରେ ସୃଷ୍ଟି ହୋଇପଡ଼େ ସଦ୍ଭାବନାର ଏକ ଜୁଆର। କୁତ୍ସିତ ଭାବନା, ଅନ୍ୟାୟ ଆଚରଣ, ଅନିଷ୍ଟକର ଚିନ୍ତା ଇତ୍ୟାଦି ମୋ ମନରୁ ଅପସରିଯାଏ।''




ଆଜି ହେଉଛି 'ଜାତୀୟ ଡାକ୍ତର ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା



ମଣିଷ ସୃଷ୍ଟିର ଇତିହାସ ଯେତେ ପୁରୁଣା, ହୁଏତ ସେତିକି ପୁରୁଣା ରୋଗୀ ଆଉ ଚିକିତ୍ସକଙ୍କ ମଧ୍ୟରେ ସମ୍ପର୍କ। ତେଣୁ ମୁନିଋଷି, ଦାର୍ଶନିକ, ରାଜା ମହାରାଜା, ଏପରିକି ଚିକିତ୍ସକମାନେ ମଧ୍ୟ ରୋଗୀ ଏବଂ ଚିକିତ୍ସକଙ୍କ ପାରସ୍ପରିକ ସମ୍ବନ୍ଧକୁ ନେଇ ବିଶେଷ ଆଲୋକପାତ କରିଯାଇଛନ୍ତି; ଏହାର ସୀମା ସରହଦକୁ ନିର୍ଦ୍ଧାରଣ କରି ଦେଇଛନ୍ତି। ଚିକିତ୍ସକ ଗୋଷ୍ଠୀଙ୍କୁ ଏକ ବିଶିଷ୍ଟ ସମ୍ପ୍ରଦାୟର ବିଶେଷଜ୍ଞ ରୂପେ ସମାଜ ସ୍ୱୀକୃତି ଦେଇଛି। ସେମାନେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର। ତେଣୁ ସେମାନଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବୃତ୍ତିଧାରୀ ବ୍ୟକ୍ତିମାନଙ୍କ ପାଇଁ ଏତେ ଅଙ୍କୁଶ, ନିୟମକାନୁନ, ଆଚରଣବିଧି, ଶପଥ, ଅନୁଶାସନ ଇତ୍ୟାଦିର ଶାସ୍ତ୍ରୀୟ ମାନ୍ୟତା ନାହିଁ।

ହିପୋକ୍ରେଟିସ୍ ଆଧୁନିକ ଚିକିତ୍ସା ପଦ୍ଧତିର ଜନକ ରୂପେ ସମ୍ମାନିତ। ଚିକିତ୍ସକମାନଙ୍କୁ ଦାର୍ଶନିକ ଗୋଷ୍ଠୀ ସହ ତୁଳନା କରି ସେମାନଙ୍କୁ ଈଶ୍ୱରଙ୍କର ପ୍ରତିଭୂ ଭାବରେ ଅଭିହିତ କରିଯାଇଥିଲେ ହିପୋକ୍ରେଟିସ୍। ସେ କହିଥିଲେ, 'ମୁଁ ଜଣେ ଚିକିତ୍ସକ। ରୋଗୀର ସର୍ବବିଧ ମଙ୍ଗଳ କରିବା ହିଁ ମୋର ପରମ କର୍ତ୍ତବ୍ୟ ବୋଲି ମୁଁ ମନେକରେ। ରୋଗୀର ସଂସ୍ପର୍ଶରେ ଆସିବାମାତ୍ରେ ମୋ'ଠାରେ ସୃଷ୍ଟି ହୋଇପଡ଼େ ସଦ୍ଭାବନାର ଏକ ଜୁଆର। କୁତ୍ସିତ ଭାବନା, ଅନ୍ୟାୟ ଆଚରଣ, ଅନିଷ୍ଟକର ଚିନ୍ତା ଇତ୍ୟାଦି ମୋ ମନରୁ ଅପସରିଯାଏ।

କଥିତ ଅଛି ଯେ, ରାଜା ନବମ ଚାର୍ଲସ୍ ତାଙ୍କୁ ଟିକିଏ ଅଧିକ ଆନ୍ତରିକତାର ସହ ଚିକିତ୍ସା କରିବା ପାଇଁ ନିଜ ଚିକିତ୍ସକ ଆମ୍ବୋଏସ୍ ପାରେଙ୍କୁ ଅନୁରୋଧ କଲେ। କୌଣସି ସଙ୍କୋଚ ନ କରି ଡାକ୍ତର ପାରେ ତାଙ୍କୁ ଉତ୍ତର ଦେଇଥିଲେ ଯେ, 'ମଣିମା, ରାଜା ଆଉ ରଙ୍କ ଉଭୟଙ୍କୁ ମୁଁ ସମାନ ଯତ୍ନ ଓ ଆନ୍ତରିକତାର ସହ ଚିକିତ୍ସା କରିଥାଏ।'

ଆପଣମାନେ ଜର୍ମାନୀ ଜନ୍ମିତ ଡା. ଆଲ୍‌ବର୍ଟ ସ୍ୱେଇଜରଙ୍କ ନାଁ ଶୁଣିଥିବେ। ସେ ଥିଲେ ଜଣେ ମାନବବାଦୀ ଡାକ୍ତର। ୧୯୫୨ ମସିହାରେ ଶାନ୍ତି ପାଇଁ ସେ ନୋବେଲ ପୁରସ୍କାର ପାଇଥିଲେ। ତାଙ୍କୁ ୩୦ ବର୍ଷ ହେଲା ବେଳକୁ ସେ ଥିଲେ ଷ୍ଟ୍ରାସବର୍ଗ ବିଶ୍ୱବିଦ୍ୟାଳୟର ଦର୍ଶନ ଏବଂ ଧର୍ମବିଜ୍ଞାନର ପ୍ରଫେସର। ମାତ୍ର ହଠାତ୍ ସେ ତାହା ଛାଡ଼ିଦେଇ ସେହି ବିଶ୍ୱବିଦ୍ୟାଳୟରେ ଡାକ୍ତରୀ ପଢ଼ିବା ପାଇଁ ନାଁ ଲେଖାଇଲେ। ଡାକ୍ତର ହୋଇ ସାରି ଆମୃତ୍ୟୁ ଆଫ୍ରିକାର ଦୁଃସ୍ଥ ବ୍ୟକ୍ତିମାନଙ୍କର ଚିକିତ୍ସାରେ ମନପ୍ରାଣ ଢାଳି ଦେଇଥିଲେ।

ସେ ଯାହାହେଉ, ଚିକିତ୍ସକମାନଙ୍କର ଜୀବନ ବଡ଼ ଚାପଗ୍ରସ୍ତ ଜୀବନ। ମାନସିକ ଚାପର ତୀବ୍ରତା ଜଣାପଡ଼େ ଶରୀର ଭିତରେ କାର୍ଟିସଲ ନାମକ ହରମୋନ କ୍ଷରଣରୁ। ଜଣେ ସାଧାରଣ ତଥା ସ୍ୱାଭାବିକ ଚାପଗ୍ରସ୍ତ ବ୍ୟକ୍ତିର ରକ୍ତରେ କର୍ଟିସଲ୍‌ର ମାତ୍ରା ୧୧୦ ମିଲିଲିଟର ପିଛା ୧୦ରୁ ୨୦ ମାଇକ୍ରୋଗ୍ରାମ ଭିତରେ। ଅଥଚ ଜଣେ ସର୍ଜନ ଓ ଆନାଏସ୍‌ଥେଟିଷ୍ଟଙ୍କଠାରେ ଏହି ମାତ୍ରା ୧୦ରୁ ୧୫ ଗୁଣ ବୃଦ୍ଧି ପାଇ ଦିନେ ଦିନେ ୧୫୦ ମାଇକ୍ରୋଗ୍ରାମ୍‌କୁ ଅତିକ୍ରମ କରିଯାଏ। କର୍ଟିସଲ୍‌ର ଏହି ମାତ୍ରା ବୃଦ୍ଧିର ପ୍ରଭାବ ସେମାନଙ୍କ ପ୍ରତି ଆଦୌ ଅନୁକୂଳ ହୋଇ ନ ଥାଏ। ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ ଅନ୍ୟମାନଙ୍କ ତୁଳନାରେ ଭାରତୀୟ ଡାକ୍ତରମାନେ ୧୦ ବର୍ଷ ଆଗରୁ ମୃତ୍ୟୁବରଣ କରିଥାଆନ୍ତି।

ଡାକ୍ତରମାନେ ଆମରି ଭଳି ସାଧାରଣ ମଣିଷ। ସେମାନେ ମଧ୍ୟ ଆମ ଭଳି ସୁଖ, ଦୁଃଖ, ଶୋକ, ବିଷାଦ, ମାନସିକ ଚାପର ଶିକାର ହୋଇଥାଆନ୍ତି। ସେମାନଙ୍କର ମଧ୍ୟ ରହିଥାଏ ପାରିବାରିକ ସମସ୍ୟା, ସ୍ୱାମୀ-ସ୍ତ୍ରୀ, ସନ୍ତାନ ଏବଂ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା। ସେମାନେ ମଧ୍ୟ ପରିବାର ସହ ସୁଖକର ଜୀବନ ବିତାଇବାକୁ ଚାହିଁଥାଆନ୍ତି। ହେଲେ ଏଥିପାଇଁ ସେମାନେ ପର୍ଯ୍ୟାପ୍ତ ସମୟ ଦେଇପାରନ୍ତି ନାହିଁ। କାରଣ ସେମାନଙ୍କୁ ସର୍ବଦା ଚାପଗ୍ରସ୍ତ ହୋଇ ରହିବାକୁ ପଡ଼ିଥାଏ। ରୋଗୀଙ୍କ ଚିନ୍ତାରେ କଟାଇବାକୁପଡ଼େ ନିଦ୍ରାହୀନ ରାତି। ସର୍ବଦା ରହିବା ପାଇଁ ପଡ଼େ ଉତ୍କଣ୍ଠିତ ଏବଂ ଉଦ୍‌ବିଗ୍ନ। ଅତ୍ୟଧିକ ମାନସିକ ଚାପର କୁପ୍ରଭାବ ସେମାନଙ୍କୁ ଭୋଗିବାକୁ ପଡ଼େ ହୃଦ୍‌ରୋଗ, ଷ୍ଟ୍ରୋକ୍, ଉଚ୍ଚ ରକ୍ତଚାପ, ଡାଇବେଟିସ୍ ଏପରି କି କ୍ୟାନ୍‌ସର ମଧ୍ୟ। ଅନେକେ ବୃଥାଟାରେ ରୋଗୀଙ୍କର ଆତ୍ମୀୟମାନଙ୍କ କ୍ରୋଧ ତଥା ହିଂସାତ୍ମକ ଆଚରଣର ଶରବ୍ୟ ହୋଇପଡ଼ନ୍ତି।

ଆମେ କ'ଣ କେବେ ସଚେତନ ଯେ, ଆମକୁ ଚିକିତ୍ସା କରିବା କାରଣରୁ ହିଁ ଡାକ୍ତରମାନେ ମାରାତ୍ମକ ଭୂତାଣୁ ସଂକ୍ରମିତ ହୋଇପଡ଼ିବା ପାଇଁ ବାଧ୍ୟ ହୋଇଥାଆନ୍ତି ବୋଲି? କୋଭିଡ୍ ମହାମାରୀ ସମୟରେ କୋଭିଡ୍ ରୋଗୀଙ୍କ ଚିକିତ୍ସାରେ ନିୟୋଜିତ ଡାକ୍ତରମାନଙ୍କ ମଧ୍ୟରୁ ଅନେକ ମୃତ୍ୟୁମୁଖରେ ପଡ଼ିଥିବା ବିଷୟ ଆପଣଙ୍କର ହୁଏତ ମନେଥାଇପାରେ। ପ୍ରସବ ବେଦନା ଯୋଗୁ ଗର୍ଭସ୍ଥ ସନ୍ତାନ ଭୂମିଷ୍ଠ ନ ହେବା ପର୍ଯ୍ୟନ୍ତ ଯେ ପ୍ରସୂତିଙ୍କ ଉପରେ ବାରମ୍ବାର ନିଘା ରଖିବାକୁ ହୁଏ। ଏହା କ'ଣ ସେହି ପ୍ରସୂତିମାନଙ୍କର ଆତ୍ମୀୟଙ୍କୁ ଜଣା? ମସ୍ତିଷ୍କରେ ଅପରେଶନ କରୁଥିବା ସର୍ଜନମାନେ ଯେ ଖାଇବା ଶୋଇବାକୁ ଜଳାଞ୍ଜଳି ଦେଇ ୮-୧୦ ଘଣ୍ଟା ଅପରେଶନରେ ରତ ରହିଥାଆନ୍ତି, ଏ ବିଷୟରେ ଆମ ଭିତରୁ କେତେଜଣ ଅବା ସେମାନଙ୍କ ପ୍ରତି ସମବ୍ୟଥି? ଯେଉଁ ରୋଗୀର ଘାଆ ଗନ୍ଧରେ ତା'ର ନିକଟତମ ଆତ୍ମୀୟଙ୍କର ବି ଅଇ ଉଠେ, ସେହି ଗନ୍ଧକୁ ତ ପୁଣି ସମ୍ଭାଳିବା ପାଇଁ ପଡ଼ିଥାଏ ଡାକ୍ତରମାନଙ୍କୁ। ପଚାଶଢ଼ା ପୋକ ସାଲୁବାଲୁ ଶବକୁ ତ ପୁଣି ଡାକ୍ତରମାନଙ୍କୁ ବ୍ୟବଚ୍ଛେଦ କରିବା ପାଇଁ ପଡ଼ିଥାଏ। ଏହିପରି ଆହୁରି କେତେ ଦୃଷ୍ଟାନ୍ତ ରହିଛି।

ସୁତରାଂ ବନ୍ଧୁଗଣ! ଦୟାକରି ଡାକ୍ତରମାନଙ୍କର ସମସ୍ୟା ପ୍ରତି ସହାନୁଭୂତିଶୀଳ ହୁଅନ୍ତୁ। ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତୁ। ଏପରି କରିବା ଦ୍ୱାରା ସେମାନଙ୍କ ପ୍ରତି ଆପଣଙ୍କର ଅନୁକମ୍ପା ନୁହେଁ, ଏହା ଆପଣଙ୍କର ଅନ୍ୟତମ ସାମାଜିକ କର୍ତ୍ତବ୍ୟ।

ସମାଜରେ ଚିକିତ୍ସକମାନଙ୍କ ଅମୂଲ୍ୟ ଅବଦାନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ଭାରତରେ ପ୍ରତିବର୍ଷ ଜୁଲାଇ ୧ ତାରିଖରେ ପାଳିତ ହୋଇଥାଏ ଜାତୀୟ ଡାକ୍ତର ଦିବସ (ନ୍ୟାଶନାଲ ଡକ୍ଟର୍ସ ଡେ)। ୧୮୮୨ ମସିହାରେ ଏହି ତାରିଖରେ ଭୂମିଷ୍ଠ ହୋଇଥିଲେ ଓ ୧୯୬୨ ମସିହାରେ ସମାନ ତାରିଖରେ ଦିବଂଗତ ହୋଇଥିଲେ ବିଖ୍ୟାତ ଚିକିତ୍ସକ ଡା. ବିଧାନ ଚନ୍ଦ୍ର ରାୟ। ଇଂଲଣ୍ଡରେ ସେ ପ୍ରାପ୍ତ ହୋଇଥିଲେ ଏମ୍‌ଆରସିପି ଏବଂ ଏଫ୍‌ଆରସିପି ଡିଗ୍ରୀ। ୧୯୪୮ରୁ ୧୯୬୨ ମସିହା (ମୃତ୍ୟୁ ପର୍ଯ୍ୟନ୍ତ) ପର୍ଯ୍ୟନ୍ତ ସେ ରହିଆସିଥିଲେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ। ସେ ମଧ୍ୟ ଥିଲେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ। ୧୯୬୧ରେ ତାଙ୍କୁ ସମ୍ମାନଜନକ ଭାରତରତ୍ନରେ ଭୂଷିତ କରାଯାଇଥିଲା। ରୋଗ ଚିହ୍ନିବାରେ ସେ ଥିଲେ ଜଣେ କିମ୍ବଦନ୍ତୀ। ରୋଗ ଚିହ୍ନିବାରେ ତାଙ୍କଠାରେ ଏକ ଷଷ୍ଠ ଇନ୍ଦ୍ରିୟ ସକ୍ରିୟ ଥିଲା ବୋଲି ଡାକ୍ତରମାନେ ବିଶ୍ୱାସ କରୁଥିଲେ। କାନାଡ଼ିଆନ୍ ଡାକ୍ତର ସାର୍ ଉଇଲିୟମ ଓସ୍‌ଲର କହିଥିଲେ, 'ଡାକ୍ତର ହେଉଛନ୍ତି ଦୁଇ କିସମର- ଉତ୍ତମ ଡାକ୍ତର ବା ଗୁଡ୍ ଡକ୍ଟରସ୍ ଏବଂ ମହାନ୍ ଡାକ୍ତର ବା ଗ୍ରେଟ୍ ଡକ୍ଟରସ୍।

ଏହା ହିଁ ଡାକ୍ତରଙ୍କ ଜୀବନ। ତିଳ ତିଳ ହୋଇ କ୍ଷୟ ପାଇ ଚାଲିଥିବା ଜୀବନ! ତଥାପି ଜର୍ମାନୀ ଚିକିତ୍ସକ ପାରାସେଲସସ ଡାକ୍ତରମାନଙ୍କୁ ପରାମର୍ଶ ଦେଇ କହିଛନ୍ତି, 'ହେ ଡାକ୍ତର ବନ୍ଧୁଗଣ! ରୋଗୀମାନେ ହିଁ ତୁମର ପାଠ୍ୟ ପୁସ୍ତକ, ରୋଗୀମାନଙ୍କର ଶଯ୍ୟା ହିଁ ତୁମର ପଠନାଗାର ଏବଂ ତୁମେ ଆଜୀବନ ପଠନପ୍ରାର୍ଥୀ।

- ଅଭୀପ୍ସା, ସେକ୍ଟର-୬, ପ୍ଲଟ୍ ନଂ.-୧୧୩୧, ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

## ଜାଣିରଖନ୍ତୁ



►ଆପଣଙ୍କ ବୟସ ଯଦି ଅଧିକ ଆଉ ଆପଣ ହୃଦ୍‌ରୋଗ, କ୍ୟାନ୍‌ସର ଭଳି ମାରାତ୍ମକ ରୋଗରେ ପୀଡ଼ିତ, ତେବେ ସଠିକ୍ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

► ମେଦବହୁଳତା ପରି ସମସ୍ୟା ସହ ଜଡିତ ଥିଲେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଓଜନ କେତେକ ରହୁଛି ତାହା ମାପି ନିଅନ୍ତୁ। ଓଜନକୁ ସନ୍ତୁଳିତ ରଖିବା ପାଇଁ ଯୋଗ, ପ୍ରାଣାୟାମକୁ ଆପଣେଇ ପାରନ୍ତି।

►ଚିନ୍ତାଠାରୁ ଯେତେ ନିଜକୁ ଦୂରେଇ ରଖିବେ ତାହା ସେତେ ଭଲ। କାରଣ ଏହା ପରୋକ୍ଷରେ ଅନେକ ରୋଗକୁ ଆମନ୍ତ୍ରଣ କରିଥାଏ। ତେଣୁ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ।

►ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆମେ କେତେକ ରୋଗର ଶୀକାର ହେବାର ଆଶଙ୍କା ରହିଛି। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

►ରାତିରେ ଖାଇବା ସମୟରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ସବୁବେଳେ ହାଲୁକା ଏବଂ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।

►କୌଣସି ରୋଗର ଲକ୍ଷଣ ଜାଣିବା ପରେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ଏହା ଗୁରୁତର ଆକାର ଧାରଣ କରିବା ପୂର୍ବରୁ ଚିକିତ୍ସିତ ହୁଅନ୍ତୁ।

## ସ୍ୱାସ୍ଥ୍ୟୋପକାରୀ କିସ୍‌ମିସ୍



କିସ୍‌ମିସ୍ ଏପରି ଏକ ଜିନିଷ, ଯାହାର ଅନେକ ଉପକାରୀ ଗୁଣ ରହିଛି। ପ୍ରତିଦିନ କିସ୍‌ମିସ୍ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ବର୍ତ୍ତମାନ ମେଦ ବହୁଳତା ସମସ୍ୟା ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ତେବେ ଓଜନକୁ ସନ୍ତୁଳିତ ରଖିବାରେ କେତେକାଂଶରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷଭାବରେ ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। କାରଣ ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ରକ୍ତରେ ଶର୍କରା ବା ସୁଗାର ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି। କିସମିସ୍ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରିଥାଏ। ତା'ସହ ଆଖି ତଳେ କଳା ଦାଗ ହେବାରୁ ମଧ୍ୟ ରକ୍ଷା କରେ। କିସ୍‌ମିସ୍ ଖାଇବା ଦ୍ୱାରା ରକ୍ତରେ ଲୋହିତ ରକ୍ତକଣିକା ସୃଷ୍ଟି ହୁଏ। ଆମ ଶରୀରରେ କ୍ୟାଲସିୟମ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ। ଏ କ୍ଷେତ୍ରରେ କିସ୍‌ମିସ୍‌ର ମଧ୍ୟ ଭୂମିକା ରହିଛି। ବିଶେଷଜ୍ଞଙ୍କ ମତାନୁସାରେ, ପାଣିରେ ବତୁରି ରହିଥିବା କିସ୍‌ମିସ୍‌କୁ ପ୍ରତିଦିନ ଖାଇଲେ ଏହା ଶରୀରରେ କ୍ୟାଲ୍‌ସିୟମ୍ ସୃଷ୍ଟି କରେ। କେବଳ ସେତିକି ନୁହେଁ, ଯଦି ଆପଣଙ୍କର ଆଣ୍ଠୁ, ଗଣ୍ଠିଜନିତ ସମସ୍ୟା ରହିଛି ତେବେ ଏହାକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

## ଏଭଳି ଅଭ୍ୟାସ ଥିଲେ...



କ୍ଲାନ୍ତ ମନକୁ ହାଲୁକା କରିବା ପାଇଁ ଅନେକେ ଚା' କିମ୍ବା କଫି ପିଇଥାଆନ୍ତି। ହେଲେ ଯଦି ଆପଣ ଅଧିକ ସମୟ ଚା' ପିଉଛନ୍ତି, ତେବେ ଏପରି ଅଭ୍ୟାସଠାରୁ ନିଜକୁ ଯଥାସମ୍ଭବ ଦୂରେଇ ରଖନ୍ତୁ। ଏଭଳି ମତବ୍ୟକ୍ତ କରିଛନ୍ତି ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏକ ସଦ୍ୟତମ ସର୍ଭେରୁ ସେମାନେ ଏହା ଜାଣିବାକୁ ପାଇଥିଲେ। ଅଧିକ ଚା' ପିଇବା ଦ୍ୱାରା ତାହାର କେଉଁ ପ୍ରକାର ଖରାପ ପ୍ରଭାବ ଶରୀର ଉପରେ ପଡ଼େ, ସେ ନେଇ ସେମାନେ ଏକ ସର୍ଭେ କରିଥିଲେ। ଅତ୍ୟଧିକ ଚା' ପିଉଥିଲେ ଏହାଦ୍ୱାରା ଦାନ୍ତ ଉପରେ ହଳଦିଆ ରଙ୍ଗର ଏକ ଆସ୍ତରଣ ପଡ଼ିଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହା ସୁନିଦ୍ରା ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ଚା'ରେ ଏଭଳି ତତ୍ତ୍ୱ ରହିଛି, ଯାହା ପେଟରେ ଅମ୍ଳ ବା ଏସିଡିଟିର ମାତ୍ରାକୁ ବଢ଼ାଇଦିଏ। ଏହାର ପ୍ରଭାବ ହାର୍ଟ ଏବଂ ମସ୍ତିଷ୍କ ପଡିବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ଯଦି ଏଭଳି ଅଭ୍ୟାସ ରହିଛି ତେବେ ତାହାକୁ ନିୟନ୍ତ୍ରଣରେ ରଖିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

# କିପରି ଜାଣିବେ କିଡ୍‌ନୀର ଅକ୍ଷମତା



କିଡ୍‌ନୀ ଏପରି ଏକ ଅଙ୍ଗ, ଯାହାର କାର୍ଯ୍ୟ ଅକ୍ଷମତା ଅନେକ ଡେରିରେ ଧରାପଡ଼େ। ଅଙ୍ଗଟି ପ୍ରାୟ ୮୦-୯୦ ପ୍ରତିଶତ ଅକ୍ଷମ ନ ହୋଇପଡ଼ିବାର ପୂର୍ବ ପର୍ଯ୍ୟନ୍ତ ରୋଗୀକୁ ସେ ସମ୍ପର୍କରେ କିଛି ଜଣାପଡ଼େନି। ପୁଣି ଅନେକ କ୍ଷେତ୍ରରେ ଗୋଟିଏ କିଡ୍‌ନୀ କାର୍ଯ୍ୟରହିତ ହୋଇ ପଡ଼ିଥିଲେ ମଧ୍ୟ ଅନ୍ୟ କିଡ୍‌ନୀଟି ସନ୍ତୋଷଜନକ ଭାବରେ କାର୍ଯ୍ୟ କରି ଚାଲିଥିବାରୁ କିଡ୍‌ନୀ ଅସୁସ୍ଥତା ବିଷୟରେ କୌଣସି ସୂଚନା ମିଳି ନ ଥାଏ। ଦୁଇଟିଯାକ କିଡ୍‌ନୀ ସୁସ୍ଥ ଭାବରେ କାମ କରି ଚାଲିଥିବାବେଳେ ବିଭିନ୍ନ କାରଣବଶତଃ ଏହା ହଠାତ୍ ଅକାମୀ ହୋଇପଡ଼େ। ଏପରି ଅବସ୍ଥାକୁ କୁହାଯାଏ 'ଆକ୍ୟୁଟ ରେନାଲ ଫେଲ୍ୟୁଓର୍' ବା ଏଆର୍‌ଏଫ୍। କିଡ୍‌ନୀ ମଧ୍ୟ ଦେଇ ଯଥେଷ୍ଟ ରକ୍ତ ପ୍ରଭାବିତ ହୋଇ ନ ପାରିବା ଯୋଗୁ ଏହାର ଅକ୍ଷମତା ଉପୁଜେ। ତରଳ ଝାଡ଼ା ବାନ୍ତି ଯୋଗୁ ଡିହାଇଡ୍ରେସନ୍ ହେବା, ଶରୀରରୁ ଅଧିକ ରକ୍ତକ୍ଷୟ ଘଟିବା, ଚର୍ମର ବେଶି ଅଂଶ ପୋଡ଼ିଯିବା, ସଂକ୍ରମଣ ବଢ଼ି ସେପ୍ଟିସିମିଆ ହେବା, ଅଂଶୁଘାତ ହେବା, ବିଷାକ୍ତ ସାପ କାମୁଡ଼ିବା, ବିଷ ଖାଇବା ଇତ୍ୟାଦି କାରଣରୁ ଆକ୍ୟୁଟ୍ କିଡ୍‌ନୀ ଅକ୍ଷମତା ପ୍ରକାଶପାଏ। ପରିସ୍ରାର ପରିମାଣ କମିଯିବା, ଅଇ ଉଠିବା, ବାନ୍ତି ହେବା, ଭୋକ ମରିଯିବା, ଦୁର୍ବଳତା ଅନୁଭବ କରିବା, ନିଦୁଳିଆ ଲାଗିବା, ଶ୍ୱାସକ୍ରିୟାରେ କଷ୍ଟ ହେବା, ପାଦ ଫୁଲିବା ଆଦି ଏହାର କେତୋଟି ସାଧାରଣ ଲକ୍ଷଣ। ଅନ୍ୟପକ୍ଷରେ ରକ୍ତଚାପ ବଢ଼ି ଦୀର୍ଘଦିନ ଧରି ଅନିୟନ୍ତ୍ରିତ ଅବସ୍ଥାରେ ରହିଲେ, ଡାଇବେଟିସ୍ ନିୟନ୍ତ୍ରଣରେ ନ ଥିଲେ ଯନ୍ତ୍ରଣା କମେଇବା ପାଇଁ ମୁଠା ମୁଠା ପେନ୍‌କିଲର୍ ଔଷଧ ଖାଇଲେ ପୁରୁଷମାନଙ୍କଠାରେ ଏହାର ପ୍ରଭାବ ପଡ଼େ। ଏପରି ଅବସ୍ଥାକୁ କୁହାଯାଏ ଦୀର୍ଘକାଳୀନ କିଡ୍‌ନୀ ଅକ୍ଷମତା 'କ୍ରନିକ୍ ରେନାଲ୍ ଫେଲ୍ୟୁଓର୍' ବା ସିଆର୍‌ଏଫ୍।

## ସ୍ୱାସ୍ଥ୍ୟ ସୂଚନା

➤ନିଜକୁ ଅବସାଦଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।



➤ ଠିକ୍ ସମୟ ବ୍ୟବଧାନରେ ନିଜର ବ୍ଲଡ ପ୍ରେସର୍‌କୁ ଚେକ୍ କରନ୍ତୁ। ତା' ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ।

➤ପ୍ରତିଦିନ ସକାଳ ଜଳଖିଆରେ ଗୋଟେ କିମ୍ବା ଦୁଇଟି ଟମାଟୋ ସାମିଲ୍ କରନ୍ତୁ। ଏହା ଶରୀରରେ ଚର୍ବି ଅଂଶ କମାଇଥାଏ।

➤ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ। ଏହା ସୁପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ।

➤ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇରୁ ତିନି ମିନିଟ୍ ଯାଏଁ ଭଲଭାବେ ଘଷନ୍ତୁ।

➤ଜଣେ ବ୍ୟକ୍ତି ଯଦି କୌଣସି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି, ତେବେ ତାଙ୍କ ପାଖରେ ସେ ରୋଗ ବିଷୟରେ ଆଲୋଚନା କରନ୍ତୁ ନାହିଁ। ଏହାର ନକାରାତ୍ମକ ପ୍ରଭାବ ତାଙ୍କ ମାନସିକତା ଉପରେ ପଡିଥାଏ।

# ବାତ ବ୍ୟାଧିର ଉପଚାର


ଡା. ଆଶିଷ ବାନାର୍ଜୀ

ମାନବ ଶରୀର ତ୍ରିଦୋଷ (ବାତ, ପିତ୍ତ, କଫ)ର ବିକୃତି କାରଣରୁ ବ୍ୟାଧି ଉତ୍ପନ୍ନ ହୁଏ। ବାତ ବିକୃତି କାରଣରୁ ପକ୍ଷାଘାତ (ପାରାଲିସିସ୍), ଆମବାତ (ରୁମାଟଏଡ୍ ଆର୍ଥ୍ରାଇଟିସ୍), ଆଣ୍ଠୁଗଣ୍ଠିବାତ (ଜଏଣ୍ଟପେନ୍), ଅପସ୍ମାର (ଇପିଲେପ୍‌ସି), କଟିଗ୍ରହ (ଲୁମ୍ବାର ସ୍ପଣ୍ଡିଲିସିସ୍), ଗ୍ରୀବାଗ୍ରହ (ସର୍‌ଭାଇକାଲ ସ୍ପଣ୍ଡିଲିସିସ୍), ଗୃଧ୍ରସୀ (ସାଇଟିକା), ହନୁଗ୍ରହ (ଫେସିଆଲ୍ ପାରାଲିସିସ୍) ଆଦି ରୋଗ ହେବାର ଦେଖାଯାଇଥାଏ। ବାତ ବ୍ୟାଧି ରୋଗୀ କାର୍ଯ୍ୟକ୍ଷମ ହେବା କାରଣରୁ ତାଙ୍କୁ ସେବାର ଆବଶ୍ୟକତା ରହିଥାଏ। ଯଦି ଉତ୍ତମ ସେବା ଶୁଶ୍ରୂଷା ନ ମିଳେ, ତେବେ ସେ ଆରୋଗ୍ୟ ହେବା କଷ୍ଟକର ହୋଇପଡ଼େ। ଏଥିପାଇଁ ଉତ୍ତମ ଚରିତ୍ରସମ୍ପନ୍ନ, ରାଗ ଦ୍ୱେଷ ରହିତ ସୁଖ ଭାବାପନ୍ନ ପରିଚାରିକା, ସେବିକା ବା ପରିବାର ସଦସ୍ୟ ଆନ୍ତରିକତା ଭାବସମ୍ପନ୍ନ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସେବା କଲେ ରୋଗୀ ଶୀଘ୍ର ଆରୋଗ୍ୟ ହୋଇପାରିବ।

ଏହି ରୋଗଗୁଡ଼ିକରେ ରୋଗୀକୁ ପ୍ରଥମେ ସ୍ନେହନ, ସ୍ୱେଦନ ଓ ବିରେଚନ ଦେଇ ସଂଶୋଧନ ଚିକିତ୍ସା ବା ଡେଟେକ୍ସିକେସନ୍ କରିବା ଉଚିତ୍। ବାତ ଦୋଷକୁ ସାମ୍ୟାବସ୍ଥାରେ ଆଣିବା ପାଇଁ ରୋଗ ଅନୁଯାୟୀ ବାତନାଶକ ତୈଳରେ ଅଭ୍ୟଙ୍ଗ/ ମାଲିସ୍ କରିବା ଉଚିତ୍। ଏହି ତୈଳକୁ ଏକ ଷ୍ଟିଲ୍ ପାତ୍ରରେ ନିଆଁରେ ଉଷୁମ କରି ମାଲିସ୍ କଲେ ଆଶୁ ଫଳ ମିଳେ। ତତ୍ ସଙ୍ଗେ ସଙ୍ଗେ ଆକ୍ରାନ୍ତ ଅଙ୍ଗକୁ ସ୍ୱେଦନ ବା ବାମ୍ଫ ଦିଆଯାଏ। ରୋଗୀକୁ ତୈଳାଭ୍ୟଙ୍ଗ ପରେ ଗୋଟିଏ ଖଟ ବା ଟେବୁଲ ଉପରେ ଶୁଆଇ ବା ବସାଇ ଦିଆଯାଏ। ତା'ପରେ ଏକ ମୁଖ ଘୋଡ଼ଣୀ ଥିବା ହାଣ୍ଡି ବା ବଡ଼ ପ୍ରେସରକୁକୁର୍‌ରେ ବାତନାଶକ ଦ୍ରବ୍ୟ ବଳା, ରାସ୍ନା, ଶାଳପର୍ଣ୍ଣି, ପୃଷ୍ଣପର୍ଣ୍ଣି, ବୃହତୀ, କଣ୍ଟକାରୀ, ଗୋକ୍ଷୁରା, ବିଲ୍ୱ, ଶୈନାକ (ଅଗ୍ନିମନ୍ଥ), ପାଟଳି, ଗମ୍ଭାରୀ ଇତ୍ୟାଦି ଦ୍ରବ୍ୟକୁ ଦରକୁଟା କରି ୪ଗୁଣ ପାଣିରେ ସିଝା ଯାଇଥାଏ। ତା' ପରେ ସେହି ବାମ୍ଫକୁ ଏକ ପାଇପ୍ ସାହାଯ୍ୟରେ ଆଣି ପୂର୍ବରୁ ତୈଳାଭ୍ୟଙ୍ଗ ହୋଇଥିବା ଆକ୍ରାନ୍ତ ସ୍ଥାନରେ ଛଡ଼ାଯାଏ। ବର୍ତ୍ତମାନ ପଞ୍ଚକର୍ମ ଚିକିତ୍ସା କେନ୍ଦ୍ରରେ ଏହା ସହଜରେ ଉପଲବ୍ଧ ହେଉଅଛି। ଏଥିସହ ରୋଗୀର ବଳାବଳକୁ ଦେଖି ପ୍ରତି ତିନି ଦିନରେ ଥରେ ବିରେଚନା ପାଇଁ ଔଷଧ ବା ଏନିମା ଦିଆଯାଏ। ରୋଗୀକୁ ଦୈନିକ ଉଷୁମ ଜଳରେ ସ୍ନାନ କରାଯାଇଥାଏ।

- ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୩୭୪୮୫






**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦକ୍ଷିଣ ଆଫ୍ରିକାକୁ ଭାରତର ଫଲୋଅନ୍

**ମହିଳା ଟେଷ୍ଟ**

ଚେନ୍ନାଇ,୩୦।୬(ପି.ଟି.)

ଚେନ୍ନାଇରେ ଅନୁଷ୍ଠିତ ଏକମାତ୍ର ମହିଳା ଟେଷ୍ଟରେ ଦକ୍ଷିଣ ଆଫ୍ରିକାକୁ ଫଲୋଅନ୍ ଡାକରା ଦେଇଛି ଭାରତ। ସ୍ନେହ ରାଣା ୮ ଉଇକେଟ ନେବାରୁ ଦକ୍ଷିଣ ଆଫ୍ରିକା ୨୬୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ତୃତୀୟ ଦିନର ଷ୍ଟମ୍ପ ପ୍ରତ୍ୟାହାର ସୁଦ୍ଧା ଦକ୍ଷିଣ ଆଫ୍ରିକା ୨ ଉଇକେଟରେ ୨୩୨ ରନ୍ କରିଛି। ଭାରତ ପ୍ରଥମେ ବ୍ୟାଟିଂ କରି ୬୦୩ /୬ରେ ଇନିଂସ ଘୋଷଣା କରିଥିଲା। ଶେଫାଳି ବର୍ମା ୨୦୫, ସ୍ମୃତି ମନ୍ଧାନା ୧୪୯, ଜେମିମା ରୋଡ୍ରିଗୁଏଜ ୫୫, ହରମନ୍‌ପ୍ରୀତ୍ କୌର ୬୯ ଓ ରିଚା ଘୋଷ ୮୬ ରନ୍ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୨୬୬ ରନ୍‌ରେ ଅଲଆଉଟ ହୋଇଥିଲା।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୨୩୬/୪ରୁ ଖେଳ ଆରମ୍ଭକରି ଦକ୍ଷିଣ ଆଫ୍ରିକା ଆଉ ମାତ୍ର ୩୦ ରନ୍ ଯୋଡ଼ି ୬ ଉଇକେଟ ହରାଇଥିଲା। ପୂର୍ବଦିନ ୬୯ ରନ୍‌ରେ ଅପରାଜିତ ଥିବା ମାରିଜେନ୍ କାପ୍ ବ୍ୟକ୍ତିଗତ ସ୍କୋରରେ ମାତ୍ର ୫ ରନ୍ ଯୋଡ଼ିଥିଲେ। ଭାରତ ପକ୍ଷରୁ ସ୍ନେହ ରାଣା ୮ ଉଇକେଟ ନେଇ ଦକ୍ଷିଣ ଆଫ୍ରିକାର ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିଲେ।

ଫଲୋଅନ୍ ପରେ ଦକ୍ଷିଣ ଆଫ୍ରିକା ମାତ୍ର ୧୬ ରନ୍‌ରେ ଓପନର ଆନେକେ ବୋଷ୍ଟଙ୍କ ଉଇକେଟ ହରାଇଥିଲା। ତେବେ ଲୌରା ଓଲ୍ଭାର୍ଡ୍ଟ (୯୩*) ଓ ସୁନ୍ ଲୁସ୍ (୧୦୯) ଦ୍ୱିତୀୟ ଉଇକେଟରେ ୧୯୦ ରନ୍ ଯୋଡ଼ିଥିଲେ। ୨୦୩ ବଲ୍ ଖେଳି ୧୮ ଚୌକା ସହ ୧୦୯ ରନ୍ କରିଥିଲେ ଲୁସ୍। ହରମନ୍‌ପ୍ରୀତ୍ କୌରଙ୍କ ବଲ୍‌ରେ ସେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ୯୩ ରନ୍‌ରେ ବ୍ୟାଟିଂ କରୁଥିବା ଲୌରା ଓଲ୍ଭାର୍ଡ୍ଟ ୨୫୨ ବଲ୍ ଖେଳି ୧୨ ଚୌକା ମାରିଛନ୍ତି। ଭାରତ ପକ୍ଷରୁ ଦୀପ୍ତି ଶର୍ମା ଓ ହରମନ୍‌ପ୍ରୀତ କୌର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ଉଇକେଟ ନେବାପରେ ଉଲ୍ଲସିତ ସ୍ନେହ ରାଣା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୧୧୫.୧ ଓଭରରେ ୬୦୩/୬।

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୮୪.୩ ଓଭରରେ ୨୬୬/୧୦ (ମାରିଜେନ୍ କାପ୍-୭୪, ସୁନ୍ ଲୁସ୍-୬୫, ଆନେକେ ବଷ୍ଟ-୩୯, ନାଡିନ୍ ଡି କ୍ଲର୍କ-୩୯, ସ୍ନେହ ରାଣା-୮/୭୭, ଦୀପ୍ତି ଶର୍ମା-୨/୪୭)।

ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ୮୫ ଓଭରରେ ୨୩୨/୨ (ଲୌରା ଓଲ୍ଭାର୍ଡ୍ଟ-୯୩*, ସୁନ୍ ଲୁସ୍-୧୦୯, ମାରିଜେନ୍ କାପ୍-୧୫*, ଦୀପ୍ତି ଶର୍ମା-୧/୫୬, ହରମନପ୍ରୀତ୍ କୌର-୧/୨୪)।

# ରସେଲଙ୍କୁ ଅଷ୍ଟ୍ରିଆନ୍ ଗ୍ରାଁ ପ୍ରି ଟାଇଟଲ


ଟ୍ରଫି ସହ ମର୍ସିଡିଜର ଜର୍ଜ ରସେଲ।

ସ୍ପିଲବର୍ଗ (ଅଷ୍ଟ୍ରିଆ), ୩୦।୬

ମର୍ସିଡିଜର ଜର୍ଜ ରସେଲ ଅଷ୍ଟ୍ରିଆନ ଫର୍ମୁଲା-୧ ଗ୍ରାଁପ୍ରି ମୋଟର ରେସ୍‌ଜିତିଛନ୍ତି। ଅଗ୍ରଣୀ ଲାଭ କରିବା ଲାଗି ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ ଓ ମ୍ୟାକଲରେନର ଲାଣ୍ଡୋ ନୋରିସଙ୍କ ମଧ୍ୟରେ ପ୍ରତିଯୋଗିତା ବେଳେ ସଂଘର୍ଷ ଘଟିବା ହେଉଛି ରେସ୍‌ର ଏକ ପ୍ରମୁଖ ଘଟଣା। ଭର୍ଷ୍ଟାପେନ୍‌ଙ୍କୁ ନୋରିସ ଅତିକ୍ରମ କରିବାକୁ ଉଦ୍ୟମ କରୁଥିବା ବେଳେ ରେଡ୍‌ବୁଲ ଡ୍ରାଇଭର ଜଣକ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ନୋରିସ ରେସ୍‌ରୁ ରିଟାୟର୍ଡ ନେବାକୁ ବାଧ୍ୟ ହୋଇଥିଲେ। ଫଳରେ ଭର୍ଷ୍ଟାପେନଙ୍କୁ ୧୦ ସେକେଣ୍ଡ ପେନାଲ୍ଟି ହୋଇଥିଲା। ବହୁ ଲାପ୍‌ରେ ଉଭୟଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହାର ବିବାଦୀୟ ପରିସମାପ୍ତି ଘଟିଥିଲା। ଦୁହେଁ ପରସ୍ପରକୁ ଦୋଷାରୋପ କରିଥିଲେ। ୨୦୨୨ରେ ବ୍ରାଜିଲିଆନ ଗ୍ରାଁ ପ୍ରି ପରେ ରସେଲ ମର୍ସିଡିଜ ପାଇଁ ପ୍ରଥମ ବିଜୟ ଆଣି ଦେଇଛନ୍ତି। ଫାଇନାଲ ଲାପ୍‌ରେ ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରିଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ରସେଲ। ତେବେ ସେ ଅଗ୍ରଣୀ ବଜାୟ ରଖିବାରେ ସମର୍ଥ ହୋଇଥିଲେ। ଫେରାରିର କାର୍ଲୋସ ସେଞ୍ଜ ମର୍ସିଡିଜର ଲୁଇସ ହାମିଲଟନଙ୍କଠାରୁ ଆଗରେ ଫାଇନାଲ ପୋଡିୟମ ପୋଜିଶନ ହାସଲ କରିଥିଲେ। ୫ ସେକେଣ୍ଡ ପେନାଲ୍ଟି ସତ୍ତ୍ୱେ ୭ଥର ଚାମ୍ପିୟନ ତାଙ୍କ ପ୍ରଥମ ଷ୍ଟପ୍ ପାଇଁ ପିଟ୍ ଏଣ୍ଟ୍ରିରେ ହ୍ୱାଇଟ୍ ଲାଇନ ଅତିକ୍ରମ କରିପାରିଥିଲେ। ପେନାଲ୍ଟି ସତ୍ତ୍ୱେ ଭର୍ଷ୍ଟାପେନ୍ ଲାଇନ୍ କ୍ରସ କରି ୫ମ ସ୍ଥାନରେ ରହିଥିଲେ, କାରଣର ହାସ୍‌ର ନିକୋ ହକେନବର୍ଗ ତାଙ୍କଠାରୁ ୧୬.୮ ସେକେଣ୍ଡ ପଛରେ ରହିଥିଲେ। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ଯଥାକ୍ରମେ ୭ମରୁ ୧୦ ସ୍ଥାନ ରଖିଥିବା ଡ୍ରାଇଭରମାନେ ହେଲେ ସର୍ଗିଓ ପେରେଜ (ରେଡ୍‌ବୁଲ୍), କେଭିନ ମାଗ୍ନସେନ (ହାସ୍), ଡାନିଏଲ ରିକାର୍ଡୋ (ଆର୍‌ବି), ପିଏରେ ଗାସ୍‌ଲି (ଅଲ୍‌ପାଇନ୍)।

**ରାଜ୍ୟ ସ୍କୁଲ୍ସ ଓପନ ଚେସ୍**

# ଭିନିତ ଚାମ୍ପିୟନ

**ଭୁବନେଶ୍ୱର, ୩୦।୬ (ବିଜୟ ରଣା):** ବିଜେଇଏମ୍ ସ୍କୁଲ-୧ ଏବଂ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ପ୍ରତିଯୋଗିତାରେ ବିଜେଇଏମ୍ ସ୍କୁଲ-୧ ର ଭିନିତ ନାୟକ ୫ ପଏଣ୍ଟ ସହ ଚାମ୍ପିୟନ ହୋଇଛି। ୫ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଆପିଜେ ସ୍କୁଲର ପ୍ରାଂଶୁ ଦାଶ ୪.୫ ପଏଣ୍ଟ ସହ ରନର ଅପ୍ ହୋଇଥିଲେ। ଏହାଛଡ଼ା ଅନ୍ୟ ବୟସ ବର୍ଗରେ ପ୍ରତିଯୋଗିତାମାନ ଆୟୋଜନ କରି କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଜେଇଏମ୍ ସ୍କୁଲ-୧ର ପ୍ରିନ୍ସିପାଲ ମିସ୍ ସନ୍ଧ୍ୟା ଜେନା ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ବିଜେଇଏମ୍ ସ୍କୁଲ-୧ର ଏଚ୍‌ଓଡି ସରୋଜ କୁମାର ସାହୁ, ସ୍କୁଲର ପିଇଟି ରୀନା ଶତପଥୀ ଓ ରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ପେରୁକୁ ହରାଇଲା ଆର୍ଜେଣ୍ଟିନା

ମାୟାମି ଗାର୍ଡେନ୍ସ,୩୦।୬(ଏପି)

ଲୌଟାରୋ ମାର୍ଟିନେଜଙ୍କ ଡବଲ ଗୋଲ୍ ସହାୟତାରେ ଆର୍ଜେଣ୍ଟିନା ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ପେରୁକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି। ଇଞ୍ଜୁରୀ ଯୋଗୁ ଏହି ମ୍ୟାଚରେ ଲିଓନେଲ ମେସି ଖେଳି ନ ଥିଲେ। ଆଞ୍ଜେଲ ଡିମାରିଆଙ୍କଠାରୁ ଏକ ସୁନ୍ଦର ପାସ୍ ପାଇ ଖେଳର ୪୭ତମ ମିନିଟ୍‌ରେ ମାର୍ଟିନେଜ ତାଙ୍କର ପ୍ରଥମ ଗୋଲ୍ ସ୍କୋର କରିଥିଲେ। ମାର୍ଟିନେଜ ତାଙ୍କର ଦ୍ୱିତୀୟ ଗୋଲ୍‌ଟିକୁ ଖେଳର ୮୬ତମ ମିନିଟ୍‌ରେ ସ୍କୋର କରିଥିଲେ। ଏଥିସହ ସେ ବର୍ତ୍ତମାନ ବ୍ୟକ୍ତିଗତ ୪ ଗୋଲ୍ ସହ ଦଳର ଅଗ୍ରଣୀ ସ୍କୋରର ହୋଇପାରିଛନ୍ତି। ମଙ୍ଗଳବାର ଚିଲି ବିପକ୍ଷ ୧-୦ ଗୋଲ ବିଜୟ ମ୍ୟାଚରେ ମେସିଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଏହି ମ୍ୟାଚ ଜିତି ଆର୍ଜେଣ୍ଟିନା କ୍ୱାର୍ଟରଫାଇନାଲରେ ସ୍ଥାନ ପକ୍କା କରିଥିଲା। ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ ହୋଇଥିବା ଆର୍ଜେଣ୍ଟିନା କୋଚ୍ ଲିଓନେଲ ସ୍କାଲୋନି ମଧ୍ୟ ମ୍ୟାଚ ବେଳେ ଅନୁପସ୍ଥିତ ଥିଲେ। ତାଙ୍କ ସ୍ଥାନରେ ସହକାରୀ କୋଚ୍ ୱାଲ୍ଟର ସାମୁଏଲ ଉପସ୍ଥିତ ଥିଲେ। ଆର୍ଜେଣ୍ଟିନା ଏହାର ଷ୍ଟାର୍ଟିଂ ଲାଇନ୍ ଅପ୍‌ରେ ୯ଟି ପରିବର୍ତ୍ତନ କରିଥିଲେ। ଦଳ ଏହାକୁ ମିଶାଇ କ୍ରମାଗତ ତୃତୀୟ ମ୍ୟାଚରେ ବଲ୍‌କୁ ଅଧିକାଂଶ ସମୟ (୭୪%) ନିଜ ଅକ୍ତିଆରରେ ରଖିପାରିଥିଲା। ଏହାଛଡ଼ା କ୍ରମାଗତ ତୃତୀୟ ମ୍ୟାଚରେ ପ୍ରଥମାର୍ଦ୍ଧ ଖେଳରେ ଗୋଲ୍ ସ୍କୋର କରିପାରି ନ ଥିଲା। ମାୟାମି ଡଲ୍‌ଫିନ୍ସ ହାର୍ଡ ରକ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ ବେଳେ ଷ୍ଟାଡିୟମରେ ପ୍ରାୟ ୬୪,୦୦୦ ଖେଳପ୍ରେମୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଆର୍ଜେଣ୍ଟିନା ସମର୍ଥକ ରହିଥିଲେ। ଫ୍ଲୋରିଡାର ଓର୍ଲାଣ୍ଡୋଠାରେ କାନାଡା ଓ ଚିଲି ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍ 'ଏ'ର ଅନ୍ୟ ଏକ ମ୍ୟାଚ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ଫଳରେ କାନାଡା ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି।


ଗୋଲ୍ କରିବାକୁ ପ୍ରୟାସ କରୁଛନ୍ତି ଆର୍ଜେଣ୍ଟିନାର ଲୌଟାରୋ ମାର୍ଟିନେଜ।

**Classified Everyday 0674-2580101, 2549949**


REAL ESTATE
**SALE**

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। **9178660666.** D-268

କଟକ- ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar ଏବଂ Sum-2 ହସ୍ପିଟାଲଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-75970

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9348871859, 9937787418.** D-620

ଭୁବନେଶ୍ୱର **KEC** ନିକଟ ଗୁଡ଼ିଆପୋଖରି ଛକରୁ **1.5 K.M.** ମଧ୍ୟରେ **1380sqft.** ଘରବାରି, **Boundary, 30' road, Electricpoll** ଥାଇ **North facing plot** ତୁରନ୍ତ ବିକ୍ରି ହେବ। **Direct owner- 9078726651.** D-75968

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3 BHK furnished Apt for rent (2 Balconies, Drawing cum Dining, 1400 sqft. area). Rent: Rs. 20,000 Per month. location Kendriya Vihar, near CV Raman Global Univ. Only for Families. Contact- 9439339285, 9910763256. D-599

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**




Fully relaxed body massage trained therapist. Central SPA. 9556483961. D-75757

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75754

Kerala body Massage best Therapist Bhubaneswar. 9337672475. D-614

PILES Clinic, BBSR, ଅର୍ଶ, ମଳକଷ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75339

Monalisa massage Club: All types Body massage with hiprofile smart lady rooms service available. 9708545108. D-621

**AFFIDAVIT**

I Sadananda Pradhan alias Bal (52), S/o- Late Bharat Pradhan, Vill/P.O.- Kurigan (Charibatia), P.S.- Dhamnagar, Dist.- Bhadrak. My actual name is Sadananda Bal, S/o- Daitari Bal as per Aadhaar Card. But in my LIC Policy bearing No.- 587166001 my name is mentioned Sadananda Pradhan, S/o- Late Bharat Pradhan. by this affidavit (No- 766) I declare that Sadananda Pradhan, S/o- Late Bharat Pradhan and Sadananda Bal, S/o- Daitari Bal same and one person. D-619

**ମନେ ପଡ଼ନ୍ତି**

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



**ଦୀଲିପ କୁମାର ଦାଶ**
ମେନ୍‌ରୋଡ୍, ମୁଜାଗଡ଼, ଭଞ୍ଜନଗର
ଆବିର୍ଭାବ- ୦୫।୦୩।୧୯୬୨
ତିରୋଧାନ- ୨୧।୦୬।୨୦୨୪
ଜଣେ ଆମୟିକ, କର୍ମତତ୍ପର ତଥା ପ୍ରଶଂସିତ ଶିକ୍ଷକ ଭାବେ ବ୍ଲକର ଗର୍ବ ଗୌରବ ଭାବେ ଯଶସ୍ୱୀ କିର୍ତ୍ତୀ ଅର୍ଜନ କରିଛ। ଆଜି ପବିତ୍ର ଏକାଦଶାହରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ ମହାନ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ।
ଧ-୬୨୨

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ପୂର୍ଣ୍ଣଚନ୍ଦ୍ର ରଥ**
ନୂଆ ମାର୍କେଟ, ଯାଜପୁରରୋଡ୍, ଯାଜପୁର
ଆବିର୍ଭାବ - ୨୯/୦୮/୧୯୩୯
ତିରୋଧାନ - ୨୮/୦୬/୨୦୧୯
ଆପଣଙ୍କ ଦିଗ୍‌ଦର୍ଶନ, ଆଦର୍ଶ, ଉପଦେଶ, ଆଶୀର୍ବାଦ, ଭଲପାଇବା ସବୁ ସମୟରେ ଆମର ପଥପ୍ରଦର୍ଶନ କରୁଥିବ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ
ଧ-୬୨୩

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁଲାଇ ୧/୨୦୨୪ Bhubaneswar, Monday, July 1/ 2024

# ଭାରତୀୟ ଦଳକୁ ପ୍ରଶଂସାର ସୁଅ



ବିସିସିଆଇ ସଭାପତି ରୋଜର ବିନି ଓ ସମ୍ପାଦକ ଜୟ ଶାହାଙ୍କ ସହ ଭାରତୀୟ କ୍ରିକେଟ ଦଳ।

ନୂଆଦିଲ୍ଲୀ,୩୦।୬(ପି.ଟି.)

ଭାରତ ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇଥିବା ବେଳେ ଦଳର ରୋହିତ ଶର୍ମାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ଏକାଧିକ ପୂର୍ବତନ ଭାରତୀୟ କ୍ରିକେଟର। ୧୭ ବର୍ଷ ପରେ ଟି ୨୦ ବିଶ୍ୱକପ୍ ତଥା ୧୧ ବର୍ଷ ପରେ ଏକ ଆଇସିସି ଟ୍ରଫି ଜିତିଥିବା ଭାରତୀୟ ଦଳକୁ ପ୍ରଶଂସା କରିଛନ୍ତି ମହେନ୍ଦ୍ର ସିଂ ଧୋନୀ, ସଚିନ୍ ତେନ୍ଦୁଲକର ଓ ସୁନୀଲ ଗାଭାସ୍କର। ବାର୍ବାଡୋସର କେନସିଙ୍ଗଟନ୍ ଓଭାଲରେ ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୭ ଉଇକେଟରେ ପରାସ୍ତ କରି ଇତିହାସ ରଚିଥିଲା ଭାରତ।

ଭାରତର ବିଜୟରେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଖୁସି ଜାହିର କରିଛନ୍ତି। ୧୭ ବର୍ଷ ତଳେ ଭାରତକୁ ପ୍ରଥମ ଟି୨୦ ବିଶ୍ୱକପ୍ ଜିତାଇଥିବା ଧୋନୀ ଚାପ ସମୟରେ ଧୈର୍ଯ୍ୟ ଦେଖାଇଥିବା ଭାରତୀୟ ଦଳକୁ ବଧେଇ ଜଣାଇଛନ୍ତି। ବିଶ୍ୱ ଚାମ୍ପିୟନ ୨୦୨୪, ଏହି ମ୍ୟାଚ୍ ମୋର ହୃଦ୍‌ସ୍ପନ୍ଦନ ବଢ଼ାଇ ଦେଇଥିଲା। ତେବେ ସମସ୍ତ ଖେଳାଳିଙ୍କ ଆତ୍ମବିଶ୍ୱାସ କାରଣରୁ ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଆସନ୍ତା ମାସରେ ଧୋନୀ ୪୩ ବର୍ଷ ବୟସରେ ପଦାର୍ପଣ କରୁଥିବା ବେଳେ ଭାରତୀୟ ଦଳ ପକ୍ଷରୁ ଏହା ତାଙ୍କ ପାଇଁ ଆଗୁଆ ଜନ୍ମଦିନ ଭେଟି ବୋଲି ସେ ଉଲ୍ଲେଖ କରିଥିଲେ।

ଭାରତୀୟ କ୍ରିକେଟ୍‌ର କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ମଧ୍ୟ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇଛନ୍ତି। ଏହା ଭାରତୀୟ କ୍ରିକେଟ ଦଳ ପାଇଁ ଚତୁର୍ଥ ଷ୍ଟାର। ପୂର୍ବରୁ ଆମେ ୧୯୮୩, ୨୦୧୧ ଦିନିକିଆ ବିଶ୍ୱକପ୍ ବିଜୟୀ ହୋଇଥିବା ବେଳେ ୨୦୦୭ରେ ଟି୨୦ ବିଶ୍ୱକପ୍ ଜିତିଥିଲେ। ୨୦୨୪ରେ ଆମେ ଆମର ଚତୁର୍ଥ ଷ୍ଟାର ଜିତିଥିବା ବେଳେ ଏହା ଦେଶର ଯୁବପିଢ଼ିଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇବ। ସେହିପରି ୱେଷ୍ଟଇଣ୍ଡିଜ୍‌ରେ ଏହି ବିଜୟ ସହ ଭାରତର ଯାତ୍ରା ଏକ ଫୁଲ୍ ସର୍କଲରେ ପହଞ୍ଚିଛି ବୋଲି ସେ କହିଥିଲେ। ୨୦୦୭ ଦିନିକିଆ ବିଶ୍ୱକପରେ ଆମେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବା ବେଳେ ସମାନ ୱେଷ୍ଟଇଣ୍ଡିଜ୍ ମାଟିରେ ଟ୍ରଫି ଜିତିବା ଆମ ସ୍ୱପ୍ନ ପୂରଣ କରିଛି। ସେହିପରି ପୂର୍ବତନ ସାଥୀ ଖେଳାଳି ତଥା ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ପାଇଁ ସେ ଖୁସି ଥିବା କହିଛନ୍ତି ତେନ୍ଦୁଲକର। ଦୁର୍ଭାଗ୍ୟଜନକ ଭାବେ ରାହୁଲ ୨୦୧୧ ବିଶ୍ୱକପ ଦଳର ସଦସ୍ୟ ନ ଥିଲେ। ତେବେ କୋଚ୍ ଭାବରେ ରାହୁଲଙ୍କ ଉପଲବ୍ଧି ବେଶ୍ ସ୍ମରଣୀୟ। ଏହା ବ୍ୟତୀତ ରୋହିତ ଶର୍ମାଙ୍କ କ୍ୟାପ୍‌ଟେନ୍‌ଶିପ୍, ଯଶପ୍ରୀତ ବୁମ୍‌ରାଙ୍କ ବୋଲିଂ ଚାପ ସ୍ଥିତିରେ ବିରାଟ କୋହଲିଙ୍କ ବ୍ୟାଟିଂକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ଦ୍ରାବିଡଙ୍କ ବ୍ୟତୀତ ବ୍ୟାଟିଂ କୋଚ୍ ବିକ୍ରମ ରାଠୋଡ ଓ ପାରସ୍ ମାହାମ୍ବ୍ରେ ମଧ୍ୟ ୧୯୯୬ରେ ଡେବ୍ୟୁ କରିଥିଲେ। କ୍ଲାସ୍ ଅଫ ୯୬ ନେତୃତ୍ୱରେ ଭାରତୀୟ ଦଳର ପ୍ରଦର୍ଶନ ସର୍ବଦା ମନେରହିବ।

ସେହିପରି ଲିଟିଲ ମାଷ୍ଟର ଭାବେ ପରିଚିତ ସୁନୀଲ ଗାଭାସ୍କର ମଧ୍ୟ ଭାରତୀୟ ଦଳକୁ ପ୍ରଶଂସା କରିଛନ୍ତି। ଦୀର୍ଘଦିନର ବ୍ୟବଧାନ ପରେ ଭାରତୀୟ ଦଳର ଏହା ଏକ ଚମତ୍କାର ବିଜୟ ବୋଲି ସେ କହିଥିଲେ। ପୂର୍ବରୁ ଭାରତୀୟ ଦଳ ଭଲ ପ୍ରଦର୍ଶନ କରି ୯୦ ରନ୍‌ରେ ପହଞ୍ଚୁଥିଲା। ଅର୍ଥାତ୍ ବିଭିନ୍ନ ଆଇସିସି ଟୁର୍ନାମେଣ୍ଟର ସେମିଫାଇନାଲ ଓ ଫାଇନାଲରେ ଦଳ ଚମତ୍କାର ପ୍ରଦର୍ଶନ କରୁଥିଲା। ତେବେ କିଛି ବର୍ଷ ମଧ୍ୟରେ ପ୍ରଥମଥରି ଦଳ ଏକ ସେଞ୍ଚୁରି ମାରିଛି ବୋଲି କହିଥିଲେ ଗାଭାସ୍କର।

ଏହା ବ୍ୟତୀତ ଭାରତୀୟ ଦଳର ପୂର୍ବତନ ଖେଳାଳି ଭିଭିଏସ୍ ଲକ୍ଷ୍ମଣ, ଅନିଲ କୁମ୍ବଲେ, ସୌରଭ ଗାଙ୍ଗୁଲି ଓ ଗୌତମ ଗମ୍ଭୀର ମଧ୍ୟ ପ୍ରଶଂସାରେ ଶତମୁଖ ହୋଇଉଠିଥିଲେ। ଚଳିତ ଟୁର୍ନାମେଣ୍ଟର ଶ୍ରେଷ୍ଠ ଦଳ ଅପରାଜେୟ ଭାବରେ ବିଶ୍ୱକପ ଟ୍ରଫି ହାସଲ କରିଛି। ଭାରତୀୟ ଦଳକୁ ଶୁଭେଚ୍ଛା ବୋଲି ନ୍ୟାଶନାଲ କ୍ରିକେଟ ଏକାଡେମୀ ମୁଖ୍ୟ ଲକ୍ଷ୍ମଣ ଏକ୍ସରେ ପୋଷ୍ଟ କରିଥିଲେ। ବିଶ୍ୱକପର ବ୍ରାଣ୍ଡ ଆମ୍ବାସାଡର ରହିଥିବା ଯୁବରାଜ ସିଂ ସମସ୍ତ ଭାରତୀୟ ଖେଳାଳିଙ୍କୁ ଟ୍ୟାଗ୍ କରି ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସେହିପରି ଭାରତର ବିଶ୍ୱକପ୍ ହିରୋ ତଥା ଆଗାମୀ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଅକ୍ଷର ପଟେଲ ଓ ଶିବମ ଦୁବେଙ୍କୁ ପ୍ରଶଂସା କରିଥିଲେ। ଏହାସହିତ ଚାପ ମୁହୂର୍ତ୍ତରେ ସୂର୍ଯ୍ୟକୁମାର ଯାଦବ ଏକ ଚମତ୍କାର କ୍ୟାଚ୍ ନେଇଥିବା ଗମ୍ଭୀର ଉଲ୍ଲେଖ କରିଥିଲେ।

# କୋହଲି, ରୋହିତଙ୍କ ପରେ ଜାଡେଜା

ବ୍ରିଜ୍‌ଟାଉନ୍,୩୦।୬(ପି.ଟି.)




ଭାରତ ଟି୨୦ ବିଶ୍ୱକପ୍‌ରେ ଚାମ୍ପିୟନ ହେବା ପରେ ବରିଷ୍ଠ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଅନ୍ତର୍ଜାତୀୟ ଟି୨୦ରୁ ସନ୍ୟାସ ନେଇଛନ୍ତି। ପୂର୍ବରୁ ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମା ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇଥିବା ବେଳେ ଉଭୟଙ୍କ ସହ ଯୋଡି ହୋଇ ଯାଇଛନ୍ତି ଜାଡେଜା। ବିଶ୍ୱକପ୍ ଫାଇନାଲରେ ପ୍ଲେୟର ଅଫ୍ ଦ ମ୍ୟାଚ ପୁରସ୍କାର ଗ୍ରହଣ କରିବା ପୂର୍ବରୁ ବିରାଟ ଅବସର ନେଇଥିଲେ। ଅନ୍ୟପକ୍ଷରେ ମ୍ୟାଚ୍ ପରବର୍ତ୍ତୀ ଖବରଦାତା ସମ୍ମିଳନୀରେ ରୋହିତ ନିଜ ଅବସର ସମ୍ପର୍କରେ ଘୋଷଣା କରିଥିଲେ। ତେବେ ଉଭୟ ରୋହିତ ଓ କୋହଲିଙ୍କ ଭଳି ସେ ମଧ୍ୟ ଦିନିକିଆ ଓ ଟେଷ୍ଟ ଖେଳିବା ଜାରି ରଖିବେ ବୋଲି ଜାଡେଜା ଘୋଷଣା କରିଛନ୍ତି।

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫିଲ୍ଡର ଜାଡେଜା ରବିବାର ଅବସର ନେଇ ଘୋଷଣା କରିଛନ୍ତି। ଏକ ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ଜରିଆରେ ସେ ଏଭଳି କହିଛନ୍ତି। ବିଶ୍ୱକପ୍ ଟ୍ରଫି ସହ ନିଜର ଏକ ଫଟୋ ଶେୟାର କରି ଜାଡେଜା ଲେଖିଥିଲେ ଭାରତ ପାଇଁ ଖେଳିବା ମୋ ପାଇଁ ସର୍ବଦା ଗର୍ବର ବିଷୟ। ଦେଶ ପାଇଁ ସର୍ବଦା ମୁଁ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥାଏ। ଟି୨୦ରୁ ଅବସର ନେଉଥିବା ବେଳେ ଅନ୍ୟ ଫର୍ମାଟରେ ଏଭଳି ପ୍ରଦର୍ଶନ ଦୋହରାଇବାକୁ ଚେଷ୍ଟା କରିବି ବୋଲି ଲେଖିଥିଲେ ଜାଡେଜା। ବିଶ୍ୱକପ୍ ଜିତିବା ମୋ ପାଇଁ ସର୍ବଦା ସ୍ୱପ୍ନ ଥିଲା, ଯାହା ଏବେ ବାସ୍ତବତାର ରୂପ ନେଇଛି। ସମସ୍ତଙ୍କ ସମର୍ଥନ ପାଇଁ ଧନ୍ୟବାଦ। ଭାରତ ପାଇଁ ଜାଡେଜା ୨୦୦୯ରେ ଶ୍ରୀଲଙ୍କା ବିପକ୍ଷରେ ପଦାର୍ପଣ କରିଥିଲେ। ଭାରତ ପାଇଁ ୭୪ଟି ଟି୨୦ ଅନ୍ତର୍ଜାତୀୟରେ ସେ ପ୍ରତିନିଧିତ୍ୱ ମଧ୍ୟ କରିଛନ୍ତି। ଏହା ମଧ୍ୟରେ ୫୧୫ ରନ୍ ସ୍କୋର କରିଥିବା ବେଳେ ୫୪ ଉଇକେଟ ନେଇଛନ୍ତି। ଭାରତର ଏହି ଷ୍ଟାର ଅଲରାଉଣ୍ଡର ଚଳିତ ବିଶ୍ୱକପ୍‌ରେ ସବୁ ମ୍ୟାଚ୍ ଖେଳିଥିଲେ ମଧ୍ୟ ଫର୍ମରେ ନ ଥିଲେ।






# କୋହଲି, ରୋହିତଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୦।୬(ପି.ଟି.)

ଟି୨୦ ବିଶ୍ୱକପରେ ଚାମ୍ପିୟନ ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା, ପ୍ଲେୟର ଅଫ୍ ଦ ଫାଇନାଲ ବିରାଟ କୋହଲି ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ସହ ଫୋନରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭାରତୀୟ ଦଳର ବିଜୟ ପରେ ପ୍ରଥମେ ଏକ ଭିଡିଓ ମେସେଜ ଜରିଆରେ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ। ପରେ ଫୋନ୍ କରିବା ସହ କଥା ମଧ୍ୟ ହୋଇଥିଲେ। ପ୍ରଧାନମନ୍ତ୍ରୀ ନିଜ ଏକ୍ସ ଆକାଉଣ୍ଟରେ ଏହି ୩ ଜଣଙ୍କ ଫଟୋ ଛାଡିବା ସହ କଥା ହୋଇଥିବା ଜଣାଇଥିଲେ।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହେଉଛନ୍ତି ବିରାଟ କୋହଲି।

# ଭାରତ-ଦକ୍ଷିଣ ଆଫ୍ରିକା ଫାଇନାଲ ଦେଖିଲେ ୫.୩ କୋଟି

**ନୂଆଦିଲ୍ଲୀ, ୩୦।୬ (ପି.ଟି.):** ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶନିବାର ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌କୁ ଓଟିଟି ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ଡିଜ୍‌ନି+ହଟ୍‌ଷ୍ଟାର ଜରିଆରେ ପ୍ରାୟ ୫.୩ କୋଟି ଦର୍ଶକ ଉପଭୋଗ କରିଛନ୍ତି। ତେବେ ଏହା ଗତବର୍ଷର ଅନ୍ତର୍ଜାତୀୟ ଦିନିକିଆ ଫାଇନାଲ ମ୍ୟାଚ୍‌ର ଦର୍ଶକ ରେକର୍ଡକୁ ଭଙ୍ଗ କରିପାରିନାହିଁ। ୨୦୨୩ ନଭେମ୍ବର ୨୦ରେ ଅଷ୍ଟ୍ରେଲିଆ ବିପକ୍ଷ ୫୦ ଓଭର ଫର୍ମାଟ୍ ଫାଇନାଲରେ ଭାରତ ପରାଜିତ ହୋଇଥିଲେ ମଧ୍ୟ ମ୍ୟାଚ୍‌କୁ ୫.୯ କୋଟି ଲୋକ ଦେଖିଥିଲେ। ଇଣ୍ଡଷ୍ଟ୍ରିର ଏକ୍ସପର୍ଟମାନଙ୍କ କହିବା ଅନୁସାରେ, କୌଣସି ଏକ କ୍ରିକେଟ ମ୍ୟାଚ ପାଇଁ ଏହା ଏକ ରେକର୍ଡ।

# ଜର୍ମାନୀ କ୍ୱାର୍ଟର ଫାଇନାଲରେ

ଡର୍ଟମୁଣ୍ଡ, ୩୦।୬(ଏପି)

**ୟୁରୋ କପ୍ ଫୁଟ୍‌ବଲ**

ଡେନ୍‌ମାର୍କବିପକ୍ଷରେ ୨-୦ଗୋଲ୍‌ରେ ବିଜୟ ହାସଲ କରି ଜର୍ମାନୀ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ୨୦୨୪ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଘଡ଼ଘଡ଼ି ସହ ବର୍ଷା ଯୋଗୁ ମ୍ୟାଚ ୨୪ ମିନିଟ ବନ୍ଦ ରଖାଯାଇଥିଲା। ଆୟୋଜକ ଦେଶ ଆଉ ଦୁଇଟି ମ୍ୟାଚ ଜିତିପାରିଲେ ରାଜଧାନୀରେ ଜୁଲାଇ ୨୪ରେ ଖେଳାଯିବାକୁଥିବା ଫାଇନାଲକୁ ଉନ୍ନୀତ ହୋଇପାରିବ। ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟ ରହିବା ପରେ ଜର୍ମାନୀ ଦୁଇଟି ଯାକ ଗୋଲ୍ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲା। କାଇ ହାଭେର୍ଜ ଏକ ପେନାଲ୍‌ଟି ଜରିଆରେ ୫୩ତମ ମିନିଟ୍‌ରେ ପ୍ରଥମ ଗୋଲ୍ ସ୍କୋର କରିଥିବା ବେଳେ ଦ୍ୱିତୀୟ ଗୋଲ୍‌ଟିକୁ ଜମାଲ ମୁସିଆଲା ୬୮ତମ ମିନିଟ୍‌ରେ ସ୍କୋର କରିଥିଲେ। ଟୁର୍ନାମେଣ୍ଟରେ ମୁସିଆଲାଙ୍କର ଏହା ହେଉଛି ତୃତୀୟ ଗୋଲ୍। ଏଥିସହିତ ଚଳିତ ପ୍ରତିଯୋଗିତାରେ ଏ ପର୍ଯ୍ୟନ୍ତ ସର୍ବାଧିକ ୩ ଗୋଲ୍ ସ୍କୋର କରିଥିବା ଜର୍ଜିଆର ଜର୍ଜେସ ମାକାଉଟେଜଙ୍କ ସମକକ୍ଷ ହୋଇପାରିଛନ୍ତି। ୨୦୧୬ ପରଠାରୁ ଏକ ପ୍ରମୁଖ ଟୁର୍ନାମେଣ୍ଟର ନକଆଉଟରେ ଜର୍ମାନୀର ଏହା ହେଉଛି ପ୍ରଥମ ବିଜୟ। ପୂର୍ବରୁ ଦଳ ପଛକୁ ପଛ ଦୁଇଟି ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ୨୦୨୧ରେ ଗତ ୟୁରୋ କପ୍‌ରେ ଦଳ ପ୍ରି-କ୍ୱାର୍ଟରରେ ଇଂଲଣ୍ଡଠାରୁ ପରାଜିତ ହୋଇଥିଲା। ଜର୍ମାନୀ ଏହାର ପରବର୍ତ୍ତୀ ମ୍ୟାଚ ସ୍ପେନ୍ ଅବା ଜର୍ଜିଆ ବିପକ୍ଷରେ ଖେଳିବ।

## ଇଟାଲୀ ବିଦା

ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସୁଇଜରଲାଣ୍ଡଠାରୁ ୨-୦ ଗୋଲ୍‌ରେ ହାରି ଗତଥରର ଚାମ୍ପିୟନ ଇଟାଲୀ ପ୍ରତିଯୋଗିତାରୁ ବିଦାୟ ନେଇଛି। ବିଜୟୀ ଦଳ ପକ୍ଷରୁ ଖେଳର ପ୍ରଥମାର୍ଦ୍ଧରେ ରେମୋ ଫ୍ରିଉଲର ୩୭ତମ ମିନିଟ୍‌ରେ ଏବଂ ରୁବେନ ଭର୍ଗାସ ୪୬ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ଅଲିମ୍ପିକ୍ସର ଅଭ୍ୟୁତ୍ଥାନ

ଆଧୁନିକ ଅଲିମ୍ପିକ୍ସ ସମସ୍ତଙ୍କ ନିକଟରେ ପରିଚିତ। ପ୍ରାଚୀନ ଗ୍ରୀସ୍‌ରୁ ଏହାର ଉତ୍ପତ୍ତି ହୋଇଥିବା ବେଳେ ଆନୁଷ୍ଠାନିକ ଭାବରେ ୧୮୯୬ରେ ଏହାକୁ ଆରମ୍ଭ କରାଯାଇଥିଲା। ୬ ଏପ୍ରିଲ ୧୮୯୬ରୁ ୧୫ ଏପ୍ରିଲ ଯାଏ ୯ ଦିନ ବ୍ୟାପୀ ଏହି କ୍ରୀଡା ମହାକୁମ୍ଭ ଆୟୋଜିତ ହୋଇଥିଲା। ପ୍ରଥମ ଥର ଅନୁଷ୍ଠିତ ଅଲିମ୍ପିକ୍ସରେ ୯ କ୍ରୀଡାକୁ ସାମିଲ କରାଯାଇଥିବା ବେଳେ ୪୩ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଆଥ୍‌ଲେଟିକ୍ସ, ସାଇକ୍ଲିଂ, ଫେନ୍ସିଂ, ଜିମ୍ନାଷ୍ଟିକ୍ସ, ଶୁଟିଂ, ସନ୍ତରଣ, ଟେନିସ୍, ଭାରୋତ୍ତୋଳନ ଓ ରେସ୍‌ଲିଂ ପରି ଇଭେଣ୍ଟ ପ୍ରଥମ ସଂସ୍କରଣର ଅଂଶ ରହିଥିଲା। ପ୍ରଥମ ଥର ଅଲିମ୍ପିକ୍ସରେ କେବଳ ୟୁରୋପୀୟ ରାଷ୍ଟ୍ର ତଥା ସେଠାରେ ବସବାସ କରୁଥିବା ଅନ୍ୟ ରାଷ୍ଟ୍ରର ବ୍ୟକ୍ତି ଓ ଆମେରିକାକୁ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିଥିଲା। ଏହି ଇଭେଣ୍ଟରେ ମୋଟ ୨୪୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଇଭେଣ୍ଟରେ ପ୍ରଥମ ସ୍ଥାନରେ ରହୁଥିବା ପ୍ରତିଯୋଗୀଙ୍କୁ ରୌପ୍ୟ ଓ ଦ୍ୱିତୀୟ ସ୍ଥାନରେ ରହୁଥିବା ବ୍ୟକ୍ତିଙ୍କୁ ତାମ୍ର ପଦକ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍(ଆଇଓସି) ପକ୍ଷରୁ ଏହାକୁ ସ୍ୱର୍ଣ୍ଣ, ରୌପ୍ୟ ଓ ତୃତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନର ବ୍ୟବସ୍ଥା କରାଯାଇଥିଲା। ୧୮୯୬ର ପ୍ରତିଯୋଗିତାର ୬୫ ପ୍ରତିଶତ ଆଥ୍‌ଲେଟ ଗ୍ରୀସର ରହିଥିଲେ। ପ୍ରଥମ ଥରରେ ଅଂଶଗ୍ରହଣ କରିଥିବା ୧୪ ରାଷ୍ଟ୍ର ମଧ୍ୟରୁ ୧୦ଟି ରାଷ୍ଟ୍ର ପଦକ ହାସଲ କରିଥିଲେ। ଆମେରିକା ସର୍ବାଧିକ ୧୧ଟି ସ୍ୱର୍ଣ୍ଣ ବିଜୟୀ ହୋଇଥିବା ବେଳେ ଗ୍ରୀସ୍ ସର୍ବାଧିକ ୪୭ ପଦକ କରାୟତ୍ତ କରିଥିଲା। ଗ୍ରୀସ୍‌ର ସ୍ପିରିଡନ୍ ଲୁଇସ୍ ଯିଏକି ପେସାରେ ଜଣେ ଜଳ ବାହକ ଥିଲେ ପ୍ରଥମ ମାରାଥନ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ସେହିପରି ଜର୍ମାନୀର ରେସ୍‌ଲର ତଥା ଜିମ୍ନାଷ୍ଟ କାର୍ଲ ସୁମାନ୍ ଏକାକୀ ୪ଟି ପଦକ ଜିତିଥିଲେ।

ସମୁଦାୟ ୭ଟି ଭେନ୍ୟୁରେ ପ୍ରଥମ ଅଲିମ୍ପିକ୍ସ ଅନୁଷ୍ଠିତ ହୋଇଥିଲା। ଐତିହାସିକ ପାନାଥିନାଇକୋ ଷ୍ଟାଡିୟମରେ ଆଥ୍‌ଲେଟିକ୍ସ, ଜିମ୍ନାଷ୍ଟିକ୍ସ, ଭାରୋତ୍ତୋଳନ ଓ ରେସ୍‌ଲିଂ ଇଭେଣ୍ଟ ଗୁଡିକ ଆୟୋଜିତ ହୋଇଥିଲା। ଏହି ଷ୍ଟାଡିୟମର ଦର୍ଶକ କ୍ଷମତା ୮୦ ହଜାର ରହିଥିବା ବେଳେ ଏହା ଗ୍ରୀସ୍‌ର ସବୁଠାରୁ ବୃହତ୍ ଷ୍ଟାଡିୟମ ଥିଲା। ୬ ଏପ୍ରିଲ ୧୮୯୬ରେ ପାନାଥିନାଇକୋ ଷ୍ଟାଡିୟମରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଗ୍ରୀସ୍‌ର ତତ୍କାଳୀନ ରାଜା ଜର୍ଜ-୧ ଓ ତାଙ୍କ ପତ୍ନୀ ଓଲ୍‌ଗା ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ୯ଟି ବ୍ୟାଣ୍ଡ ଓ ୧୫୦ ଗାୟକ ସଙ୍ଗୀତ ପରିବେଷଣ କରିଥିଲେ। ତେବେ ପ୍ରଥମ ଅଲିମ୍ପିକ୍ସରେ ଅଳ୍ପ କିଛି ଆଥ୍‌ଲେଟ ଅଂଶଗ୍ରହଣ କରିଥିବାରୁ ଏଥିରେ ହୋଇଥିବା ବିଶ୍ୱରେକର୍ଡକୁ ରେକର୍ଡବୁକ୍‌ରେ ସ୍ଥାନ ମିଳି ନ ଥିଲା। ଅଣ ୟୁରୋପୀୟ ରାଷ୍ଟ୍ର ଭାବେ ଆମେରିକାକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିବା ବେଳେ ଅଷ୍ଟ୍ରେଲିଆ ମଧ୍ୟ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲା। ଅଷ୍ଟ୍ରେଲିଆରେ ବ୍ରିଟିଶ ଉପ ନିବେଶବାଦ ରହିଥିବା କାରଣରୁ ଏହାକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା।




**ପ୍ୟାରିସ୍ ଅଲିମ୍ପିକ୍ସ**




**ଆଉ ୨୫ ଦିନ**

# ସାଇନା ସାଲୋନିକାଙ୍କୁ ରୌପ୍ୟ


ଭାରତୀୟ ମହିଳା ଚେସ୍ ଦଳ।

ଭୁବନେଶ୍ୱର,୩୦।୬
(ସରୋଜ ଜେନା)

**ବିଶ୍ୱ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପ୍**

ଉଗାଣ୍ଡାରେ ଅନୁଷ୍ଠିତ ବିଶ୍ୱ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପରେ ଭାରତୀୟ ଖେଳାଳି ମାନେ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଓଡ଼ିଆ ଖେଳାଳି ସାଇନା ସାଲୋନିକା ରୌପ୍ୟ ପଦକ ହାସଲ କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ସାଇନା ଅନ୍ତିମ ରାଉଣ୍ଡରେ ଆକାଙ୍କ୍ଷା ହଗାୱନେଙ୍କ ସହ ମ୍ୟାଚ୍ ଡ୍ର ରଖିଥିଲେ। ଉଭୟ ଖେଳାଳି ସମାନ ୬.୫ ପଏଣ୍ଟ ଲେଖାଏ ପାଇଥିଲେ ମଧ୍ୟ ଆକାଙ୍କ୍ଷା ସ୍ୱର୍ଣ୍ଣ ଓ ସାଇନା ରୌପ୍ୟ ପଦକ ହାସଲ କରିଥିଲେ। ଭାରତର ଅନ୍ୟ ଦୁଇ ଖେଳାଳି ମୋକ୍ଷଦା ମହାଜନ ୧୭ ଓ କିସ୍ ବିଶ୍ୱ ବିଦ୍ୟାଳୟର ଜୁନୁ ବିରୁଆ ୧୮ ତମ ସ୍ଥାନ ହାସଲ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରୀ ରହିଥିବା ସାଇନାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି। କିଟ୍‌ର ଶେଖର ଚନ୍ଦ୍ର ସାହୁ ଭାରତୀୟ ଦଳ ସହ ମୁଖ୍ୟ କୋଚ୍ ଭାବରେ ଯାତ୍ରା କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ